# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୩/୨୦୧୮ (୧୬ ପୃଷ୍ଠା + ମନ୍‌ମିଜାଜ) Sambalpur, Thursday, December 13/ 2018 ★★

୧୪ଶ ଭାଗ ୩୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




**ରଜନୀକାନ୍ତଙ୍କୁ ୬୮**

ସୁପରଷ୍ଟାର ରଜନୀକାନ୍ତ ବୁଧବାର ୬୮ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଲକ୍ଷ୍ନୌରେ ତାଙ୍କ ଅଭିନୀତ 'ଥାଲାଇଭର-୧୬୫' ଚଳଚ୍ଚିତ୍ରର ପ୍ରଥମ ଶୁଟିଂ ଶେଷ ହୋଇଛି।

**୦୨** **୧୩**

**ଆର୍‌ବିଆଇ ଗଭର୍ନର ଭାବେ ଶକ୍ତିକାନ୍ତଙ୍କ ଦାୟିତ୍ୱ ଗ୍ରହଣ**

ଭାରତୀୟ ରିଜର୍ଭ ବ୍ୟାଙ୍କର ୨୫ତମ ଗଭର୍ନର ଭାବେ ଅବସର ପ୍ରାପ୍ତ ଆଇଏଏସ୍ ଅଧିକାରୀ ଶକ୍ତିକାନ୍ତ ଦାସ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି।






ନର୍ସିଂ ଟ୍ରେନିଂ ପାଇଁ ମୋ ଝିଅକୁ ମିଳିଲା ବାର୍ଷିକ ୧୦ ହଜାର ଟଙ୍କାର ଶିକ୍ଷା ସହାୟତା। ଏଥିପାଇଁ ଆମ ମୁଖ୍ୟମନ୍ତ୍ରୀଙ୍କୁ ଆନ୍ତରିକ ଧନ୍ୟବାଦ।
- ଜୀବନକୃଷ୍ଣ ପାତ୍ର, ବାଲେଶ୍ୱର ଜିଲ୍ଲା

୧.୭୪ ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଇଲେ ୮୮ କୋଟିରୁ ଅଧିକ ଟଙ୍କାର ଶିକ୍ଷା ସହାୟତା

ସୂଚନା ଓ ଲୋକସମ୍ପର୍କ ବିଭାଗ ଓଡ଼ିଶା ସରକାର



ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ
ସବୁଦିନେ ନିର୍ମାଣ ଶ୍ରମିକଙ୍କ ସାଥିରେ

@CMO_Odisha CMO.Odisha @Naveen_Odisha 15001/13/0493/1819 DADLS-218



୩ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଦୌଡ଼: ଝୁଲାଇ ରଖିଲେ ରାହୁଲ ....୨......




# କମିଲା ବସ୍ ଭଡ଼ା

■ କିଲୋମିଟର ପିଛା ୨ ଓ ୪ ପଇସା

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଡିଜେଲ ଓ ପେଟ୍ରୋଲ ମୂଲ୍ୟ ଲଗାତର ହ୍ରାସ ପାଇ ଚାଲିଛି । ଏଥିଯୋଗୁ ଗତ ୧୫ ଦିନ ମଧ୍ୟରେ ଦୁଇଥର ବସ୍ ଭଡା ହ୍ରାସ ପାଇଲାଣି। ତୈଳ ଦର କମିବା ଯୋଗୁ ନଭେମ୍ବର ୨୮ରେ ବସ ଭଡା ହ୍ରାସ ପାଇଥିବା ବେଳେ ବୁଧବାର ପୁଣି ୨ରୁ ୪ ପଇସା ହ୍ରାସ ପାଇଛି। ଲିଟର ପିଛା ୧୦ଟଙ୍କାରୁ ଊର୍ଦ୍ଧ୍ୱ କମିଲାଣି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ବସ୍ ଭଡ଼ା କିଲୋମିଟର ପିଛା ୨ ଓ ୪ ପଇସା ହ୍ରାସ କରିଛନ୍ତି। ଏ ନେଇ ବୁଧବାର ରାଜ୍ୟ ପରିବହନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତଦନୁଯାୟୀ ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ହ୍ରାସ ପାଇଥିବା ବେଳେ ଡିଲକ୍ସ ଓ ଏସି ଡିଲକ୍ସ ବସ୍ କିଲୋମିଟରକୁ ୪ ପଇସା ହ୍ରାସ ପାଇଛି। ☞ପୃଷ୍ଠା-୪

## ଶ୍ରୀକାନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସିର ତତ୍ପରତା

■ ଏଆଇସିସି ନେବ ନିଷ୍ପତ୍ତି : ହେମାନନ୍ଦ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ସଦ୍ୟ ଘୋଷିତ ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ଫଳାଫଳ କଂଗ୍ରେସ ପାଇଁ ଖୁସି ଖବର ଆଣିଛି। ୩ ପ୍ରମୁଖ ରାଜ୍ୟରେ ସବୁ ବର୍ଗର ନେତାଙ୍କ ସମନ୍ୱୟ ଦଳ ପାଇଁ ବିଜୟ ଆଣିଛି। ହେଲେ ପ୍ରଦେଶ କଂଗ୍ରେସ କମିଟି କିମ୍ବା ଏହାର ନେତୃମଣ୍ଡଳୀ ଏଥିରୁ କୌଣସି ଶିକ୍ଷା ଗ୍ରହଣ କରି ନ ଥିବା ସମୀକ୍ଷକମାନେ ମତ ରଖିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଦଳରେ ନିଜ ଏକନାୟକତ୍ୱ ପ୍ରତିଷ୍ଠା କରିବା ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ବାହାର କରିବା ଉଦ୍ୟମରେ ଆଉ ପାଦେ ଆଗେଇଛନ୍ତି। ପିସିସି ଶୃଙ୍ଖଳା କମିଟି ବୈଠକରେ ଶ୍ରୀକାନ୍ତଙ୍କ ବିରୋଧରେ ☞ପୃଷ୍ଠା-୪


NECC NATIONAL EGG CO-ORDINATION COMMITTEE 12.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 73 | 123 | 133 |
| CTC | 73 | 123 | 133 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers




କଳିଙ୍ଗ ଷ୍ଟାଡିୟମରେ ବୁଧବାର ହକି ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲ ମ୍ୟାଚରେ ଫ୍ରାନ୍ସକୁ ୩-୦ ଗୋଲରେ ପରାସ୍ତ କରିବା ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଖେଳାଳି।

# ସେମିଫାଇନାଲରେ ଇଂଲଣ୍ଡ, ଅଷ୍ଟ୍ରେଲିଆ

ହକି ବିଶ୍ୱକପ୍

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ୨ଟି କ୍ୱାର୍ଟର ଫାଇନାଲ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରଥମ କ୍ୱାର୍ଟରରେ ଇଂଲଣ୍ଡ ଅଲିମ୍ପିକ୍ସ ଚାମ୍ପିୟନ ତଥା ଗତଥରର ବ୍ରୋଞ୍ଜ ପଦକ ବିଜେତା ଆର୍ଜେଣ୍ଟିନାକୁ ୩-୨ ଏବଂ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ୩-୦ ଗୋଲରେ ଫ୍ରାନ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଜର୍ମାନୀ-ବେଲଜିୟମ ଓ ଭାରତ-ନେଦରଲାଣ୍ଡସ ମଧ୍ୟରେ ଅବଶିଷ୍ଟ ୨ଟି କ୍ୱାର୍ଟର ଫାଇନାଲ ଖେଳାଯିବ। ଇଂଲଣ୍ଡ ୧୫ତାରିଖରେ ହେବାକୁଥିବ ପ୍ରଥମ ସେମିଫାଇନାଲରେ ଜର୍ମାନୀ-ବେଲଜିୟମ ମ୍ୟାଚର ବିଜେତାକୁ ଭେଟିବ। ସେହିପରି ଭାରତ-ନେଦରଲାଣ୍ଡସ ମ୍ୟାଚର ବିଜେତା ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ସେମିଫାଇନାଲରେ ମୁକାବିଲା କରିବ। ଗତ ୨ ସଂସ୍କରଣରେ ଚାମ୍ପିୟନ ହୋଇଥିବାରୁ ଅଷ୍ଟ୍ରେଲିଆ ଏଥର ହ୍ୟାଟ୍ରିକ ଟାଇଟଲ ଲକ୍ଷ୍ୟରେ ରହିଛି। ଆର୍ଜେଣ୍ଟିନା ଗତ ବିଶ୍ୱକପର ସେମିଫାଇନାଲରେ ଅଷ୍ଟ୍ରେଲିଆଠାରୁ ୧-୫ ଗୋଲରେ ହାରି ଯାଇଥିଲେ ହେଁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଇଂଲଣ୍ଡକୁ ହରାଇ ବ୍ରୋଞ୍ଜ ପଦକ ପାଇଥିଲା। ମାତ୍ର ଦଳ ଏଥର ସେହି ପ୍ରଦର୍ଶନ ବଜାୟ ରଖି ପାରିନାହିଁ। ରକ୍ଷଣଭାଗରେ ଦୁର୍ବଳତା ଦଳପାଇଁ ମହଙ୍ଗା ପଡ଼ିଛି। କ୍ୱାର୍ଟର ଫାଇନାଲରେ ପରାଜୟ ସହ ବିଦାୟ ନେଇଛି ବିଶ୍ୱର ଏହି ୨ ନମ୍ବର ଦଳ। ଫ୍ରାନ୍ସର ଅଭିଯାନ ମଧ୍ୟ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି।

(ସବିଶେଷ ରିପୋର୍ଟ ଖେଳ ପୃଷ୍ଠାରେ)

# ଏବେଠୁ ବିଦ୍ୟୁତ୍ ସଙ୍କଟ



■ ଖରାଦିନେ ହେବ ଅସମ୍ଭାଳ

■ ଗାଁରୁ ସହର ଅଘୋଷିତ ବିଦ୍ୟୁତ୍ କାଟ

■ ୨ ବର୍ଷରେ ୧୦ ଲକ୍ଷ ଗ୍ରାହକ

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ରାଜ୍ୟରେ ଭୟଙ୍କର ବିଦ୍ୟୁତ୍ ସଙ୍କଟ ଦେଖାଦେଲାଣି। ଶୀତଦିନେ ମଧ୍ୟ ସ୍ଥିତି ସଙ୍ଗିନ। କେବଳ ଭୁବନେଶ୍ୱର ଓ କଟକ ଭଳି କେତୋଟି ହାତଗଣତି ବଡ ସହରକୁ ବାଦ୍ ଦେଲେ ଗାଁରୁ ସହର ପର୍ଯ୍ୟନ୍ତ ସବୁଠି ଜୋରଦାର ବିଦ୍ୟୁତ୍‌କାଟ ଆରମ୍ଭ ହୋଇଛି। ବୋଝକୁ ହାଲୁକା କରିବା ପାଇଁ ବିଦ୍ୟୁତ୍ ବଣ୍ଟନ କମ୍ପାନୀ ୱେସ୍‌କୋ, ସାଉଥ୍‌କୋ, ନେସ୍‌କୋ ଏବଂ ସେସୁ ନିଜ ନିଜ ଅଧୀନରେ ଆସୁଥିବା ଜିଲାଗୁଡିକରେ ଦୈନିକ ୨ରୁ ୪ ଘଣ୍ଟା ବିଦ୍ୟୁତ୍ କାଟ୍ କରୁଛନ୍ତି। ବିଦ୍ୟୁତ୍ କାଟ୍ କରିବାକୁ ବଣ୍ଟନ କମ୍ପାନୀଗୁଡ଼ିକୁ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବଣ୍ଟନ କମ୍ପାନୀଗୁଡିକ ସକାଳ ୫ଟାରୁ ୧୧ଟା ଏବଂ ପୁଣି ଅପରାହ୍ଣ ୫ଟା ଯାଏ ବିଦ୍ୟୁତ କାଟ କରୁଛନ୍ତି। ଏ ନେଇ ସମସ୍ତ ବିଦ୍ୟୁତ୍ ସର୍କଲକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଅଞ୍ଚଳରେ କୌଣସି ପ୍ରତିବାଦ ହେଉନାହିଁ ଅର୍ଥାତ ଆଦିବାସୀ ବହୁଳ କିମ୍ବା ଗ୍ରାମାଞ୍ଚଳରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ଚାଲିଛି। ଏହାକୁ ନେଇ କେତେକ ସ୍ଥାନରେ ଜନ ଅସନ୍ତୋଷ ମଧ୍ୟ ଦାନା ବାନ୍ଧିଲାଣି। ଶୀତଦିନେ ସ୍ଥିତି ସଙ୍ଗିନ ହୋଇଥିବା ବେଳେ ଖରାଦିନେ ଆହୁରି ଦୟନୀୟ ହେବା ଆଶଙ୍କା ସୃଷ୍ଟି ହୋଇଛି।

ବିଦ୍ୟୁତ୍ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଏବେ ରାଜ୍ୟରେ ଦୈନିକ ପିକ୍ ଆୱାର(ସନ୍ଧ୍ୟା ୬ରୁ ରାତି ୧୦ ଯାଏ)ରେ ୪୦୦୦ ମେଗାୱାଟ ବିଦ୍ୟୁତ୍ ଶକ୍ତିର ଆବଶ୍ୟକତା ରହିଛି। ତେବେ ରାଜ୍ୟରେ ଜଳ ବିଦ୍ୟୁତ୍, ତାପଜ ଏବଂ ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ (ଆଇପିପି)ରୁ ବୁଧବାର ସନ୍ଧ୍ୟା ସୁଦ୍ଧା ୨୫୪୦ ମେଗାୱାଟ ଶକ୍ତି ଉତ୍ପାଦନ ହୋଇଛି। ସେଥିରୁ ଜଳ ଭଣ୍ଡାରଗୁଡିକରୁ ୬୧୧ ମେଗାୱାଟ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଥିବାବେଳେ ☞ପୃଷ୍ଠା-୪

# ୪୦ ହଜାର କଳାକାର ପାଇବେ ଭତ୍ତା

■ ୧୫ରୁ ମିଳିବ ମାସିକ ୧୨୦୦ ଟଙ୍କା

■ ମଧୁବାବୁ ପେନ୍‌ସନ ଯୋଜନାରେ ୫ ଲକ୍ଷ ନୂଆ ହିତାଧିକାରୀ ସାମିଲ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଆସନ୍ତା ୧୫ ତାରିଖରୁ ରାଜ୍ୟରେ ୫ ଲକ୍ଷ ନୂଆ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ କରାଯିବ। ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ମାଧ୍ୟମରେ ୪୦ ହଜାର କଳାକାରଙ୍କୁ ମାସିକ ୧୨୦୦ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚିବାଳୟରେ ପୀଠା (ପିପୁଲ୍ସ ଏମ୍‌ପାୱାରମେଣ୍ଟ-ଏନେବ୍ଲିଂ ଟ୍ରାନ୍ସପରେନ୍ସି ଆଣ୍ଡ ଆକାଉଣ୍ଟେବିଲିଟି) ଯୋଜନାର କାର୍ଯ୍ୟକାରିତା ସମ୍ପର୍କିତ ବୈଠକ ପରେ ଏହି ସୂଚନା ଦେଇଛନ୍ତି। ରାଜ୍ୟର ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ମଧୁବାବୁ ପେନ୍‌ସନ୍ ଯୋଜନାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୀଠା ଯୋଜନା ଦ୍ୱାରା ସ୍ଥାନୀୟ ପ୍ରଶାସନ ସଶକ୍ତ ହେବା ସହିତ ଉତ୍ତରଦାୟୀ ହେବ। ସରକାରଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସ୍ୱଚ୍ଛତା ବୃଦ୍ଧି ପାଇବ।

ମଧୁବାବୁ ପେନ୍‌ସନ୍ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା। ଏଥିରେ ବର୍ତ୍ତମାନ ୪୩ ଲକ୍ଷ ହିତାଧିକାରୀ ଉପକୃତ ହେଉଛନ୍ତି। ଉପରୋକ୍ତ ପେନ୍‌ସନ୍ ଯୋଜନା ଓ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ହିତାଧିକାରୀଙ୍କୁ ପ୍ରତ୍ୟେକ ମାସ ୧୫ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ୟାମ୍ପଗୁଡିକ ☞ପୃଷ୍ଠା-୪

■ ହରିଦାସପୁରଠାରେ ଗଚ୍ଛିତ ଚୋରା ଲୁହାପଥର ମାମଲା

# ଭିଜିଲାନ୍ସର କ୍ଲିନ୍‌ଚିଟ୍, ବିକ୍ରି ଉଦ୍ୟମ

■ ବର୍ଷକ ତଳୁ ହୋଇ ସାରିଛି ଶୁଣାଣି

■ ପରିବହନ ବେଳେ ଜଣାପଡ଼ିଲା ଘଟଣା

ଯାଜପୁର ଅଫିସ,୧୨।୧୨

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରରେ ଜବତ ହୋଇ ଗଚ୍ଛିତ ଥିବା ପ୍ରାୟ ୨୫ହଜାର ମେଟ୍ରିକ ଟନ ଚୋରା ଲୁହାପଥରକୁ ବୁଧବାର ସ୍ଥାନାନ୍ତରଣ କରିବାକୁ ଉଦ୍ୟମ ହୋଇଥିଲା। ସେଠାରେ ସ୍ଥାନୀୟ ଲୋକେ ପହଞ୍ଚି ବିରୋଧ କରିବାରୁ ସ୍ଥାନାନ୍ତରଣ ପ୍ରକ୍ରିୟା ବନ୍ଦ ହୋଇଥିବା ଜଣାପଡ଼ିଛି। ଭିଜିଲାନ୍ସ ବିଭାଗର କ୍ଲିନଚିଟ ଓ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ପାଇବା ପରେ ଯାଜଦାନି କମ୍ପାନୀ ଏହି ଲୁହାପଥର ନିଜ ଅକ୍ତିଆରକୁ ନେଇଛି। ୭ବର୍ଷ ପରେ ଉକ୍ତ ଲୁହାପଥର ୧୦/୧୧ଟି ଟ୍ରକ ଯୋଗେ ଅନ୍ୟତ୍ର ପରିବହନ ହେଉଥିବା ଜଣାପଡିବା ପରେ ମାମଲାର ପର୍ଦ୍ଦାଫାଶ ହୋଇଛି। ତେବେ ବର୍ଷକ ତଳେ ଭିଜିଲାନ୍ସ କ୍ଲିନ୍‌ଚିଟ୍ ଦେଇସାରିଥିବା ଏବେ ଜଣାପଡିଛି। ସେତେବେଳେ ଶାହ କମିଶନଙ୍କ ଚଢାଉ ଭୟରେ ହରିଦାସପୁରରେ ଲୁଚାଯାଇଥିବା ଏହି କୋଟି କୋଟି ଟଙ୍କାର ଲୁହାପଥର ମାମଲା କିପରି ସମାଧାନ ହେଲା, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଥିରେ ସମ୍ପୃକ୍ତ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଘଷ୍ଟି ଘୋଡ଼ାଇବାକୁ ଯୋଜନାବଦ୍ଧ ଷଡଯନ୍ତ୍ର ହୋଇଥିବା କୁହାଯାଉଛି।

ପୂର୍ବରୁ ଯଖପୁରା ଓ ମାନପୁର ରେଲୱେ ସାଇଡିଂରୁ ଟ୍ରେନ ଯୋଗେ କୋଟି କୋଟି ଟଙ୍କାର ଲୁହାପଥର ଚୋରା ଚାଲାଣ କରାଯାଉଥିଲା। ଏପରିକି ଯୋଡା ଅଞ୍ଚଳରୁ ମଧ୍ୟ ଲୁହାପଥର ପାରାଦୀପ ପୋର୍ଟ ଯୋଗେ ଦେଶ ବାହାରକୁ ଚୋରା ଚାଲାଣ ହେଉଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶାହା କମିଶନଙ୍କ ଚଢାଉ ଭୟରେ ସେତେବେଳେ ମାଫିଆମାନେ କୋଟିକୋଟି ଟଙ୍କାର ☞ପୃଷ୍ଠା-୪



ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

# ବରଗଡ଼ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବରଗଡ଼ ଅଫିସ,୧୨।୧୨

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୧୯ ଜାନୁୟାରୀ ୧୧ ତାରିଖରୁ ଆରମ୍ଭ ହେବ । ଏହା ୧୧ଦିନ ବ୍ୟାପୀ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିପାଇଁ ବୁଧବାର ସନ୍ଧ୍ୟାରେ ପାରମ୍ପରିକ ରୀତିନୀତିରେ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଛି । ଏହି ଅବସରରେ ସନ୍ଧ୍ୟା ପ୍ରାୟ ୫ଟା ୪୫ମିନିଟ୍‌ରେ ସ୍ଥାନୀୟ ତଳିପଡ଼ାସ୍ଥିତ ମାଁ ସମଲେଇ ମନ୍ଦିରରେ ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ହକି ବିଶ୍ୱକପ୍ ଫଳାଫଳ**

ODISHA HOCKEY MEN'S WORLD CUP BHUBANESWAR 2018

ବୁଧବାର
ପ୍ରଥମ ମ୍ୟାଚ
ଇଂଲଣ୍ଡ- ୩
ଆର୍ଜେଣ୍ଟିନା-୨
ଦ୍ୱିତୀୟ ମ୍ୟାଚ
ଅଷ୍ଟ୍ରେଲିଆ-୩
ଫ୍ରାନ୍ସ-୦


OPSC - AEE (Civ)
80+ Selections in 2015
350+ Vacancy Expected!!
60 DAYS REGULAR CLASSROOM COACHING
@ BHUBANESWAR
Batch Date: 17th Dec 2018
5000/- Early Bird Offer Closes 15th Dec 18
ACE Engineering Academy
9861566244
0674-2540340
www.aceenggacademy.com



**ଆଜିର ସମ୍ପାଦକୀୟ**

ମ୍ୟାଗଟ୍ ସଂକ୍ରମଣ


**ଆଜିର ମନ୍ତବ୍ୟ**

" ଆରବିଆଇର ସ୍ୱାୟତ୍ତତା, ବିଶ୍ୱସନୀୟତା ଓ ଅଖଣ୍ଡତାକୁ ବଜାୟ ରଖାଯିବ ।
– ଶକ୍ତିକାନ୍ତ ଦାସ, ରିଜର୍ଭ ବ୍ୟାଙ୍କ ଗଭର୍ନର

**କିଛି ତଥ୍ୟ**

ଦେଶ ମଧ୍ୟରେ ଥିବା ଡାକଘରଗୁଡିକରେ ସରକାର ୧୩,୩୫୦ରୁ ଅଧିକ ଆଧାର କେନ୍ଦ୍ର ସ୍ଥାପନ କରିଛନ୍ତି।
– ଇଲେକଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ


CBSE Exam Mate ପୃଷ୍ଠା -୧୧



"ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ କେନ୍ଦ୍ରର ଏନ୍‌ଡିଏ ସରକାର ଭୁଲି ଯାଇଛନ୍ତି। ଏଥିପାଇଁ ୩ ହିନ୍ଦୀ ଭାଷୀ ରାଜ୍ୟରେ ଭାଜପାର ପରାଜୟ ହୋଇଛି। ଏହା ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଡିଏ ପାଇଁ ସତର୍କଘଣ୍ଟି ସଦୃଶ।"
-ଆନ୍ନା ହାଜାରେ, ବିଶିଷ୍ଟ ସାମାଜିକ କର୍ମୀ




ପ୍ରୟାଣର ଦ୍ୱିତୀୟ ବାର୍ଷିକୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ସ୍ମୃତିରେ
ଇଚ୍ଛାବର୍ତ୍ତୀ ରଥ
୧୯୨୯-୨୦୧୬
ଆବିର୍ଭାବ : ୧୫.୦୪.୧୯୨୯ ତିରୋଧାନ : ୦୫.୧୨.୨୦୧୬
ତା. ୧୩.୧୨.୨୦୧୮, ଗୁରୁବାର
ପ୍ରାର୍ଥନା ଓ ସ୍ମୃତିଚାରଣ କାର୍ଯ୍ୟକ୍ରମ
ସ୍ଥାନ: ଡ୍ରିମ୍‌ସ ପରିସର, ଟାଙ୍ଗୀ, କଟକ
ସମୟ : ପୂର୍ବାହ୍ନ ଘ ୧୦.୩୦
ଡ୍ରିମ୍‌ସ ଓ ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ


**ସଂକ୍ଷେପରେ**

## ଇସ୍ତଫା ଦେଲେ ଶିବରାଜ



**ଭୋପାଳ,୧୨।୧୨(ପି.ଟି.):** ମଧ୍ୟପ୍ରଦେଶରେ ଭାଜପାର ପରାଜୟ ପରେ ବୁଧବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଶିବରାଜ ସିଂ ଚୌହାନ। ସେ ରାଜ୍ୟପାଳ ଆନନ୍ଦିବେନ ପଟେଲଙ୍କୁ ଭେଟି ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଏହାସହ ରାଜ୍ୟରେ ସରକାର ଗଠନ ପାଇଁ ଭାଜପା ଦାବି ଜଣାଇବ ନାହିଁ ବୋଲି ଶିବରାଜ ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ବେଳେ କୃଷିଋଣ ଛାଡ଼ ନେଇ ଘୋଷଣା କରିଥିଲେ। କଂଗ୍ରେସ ତା'ର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରୁ ବୋଲି ଶିବରାଜ କହିଛନ୍ତି। ପ୍ରକାଶ ଯେ, ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପାକୁ ୧୦୯ ଆସନ ମିଳିଥିବାବେଳେ ୧୧୪ ଆସନରେ ସଫଳତା ହାସଲ କରି କଂଗ୍ରେସ ସରକାର ଗଠନ କରିବାକୁ ଯାଉଛି। ଏଠାରେ ବିଏସ୍‌ପିକୁ ୨, ଏସ୍‌ପିକୁ ୧ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ୪ ଆସନରେ ସଫଳତା ମିଳିଛି।

## କଂଗ୍ରେସକୁ ଏସ୍‌ପି, ବିଏସ୍‌ପିର ସମର୍ଥନ

**ନୂଆଦିଲ୍ଲୀ,୧୨।୧୨(ପି.ଟି.):** ମଧ୍ୟପ୍ରଦେଶରେ କଂଗ୍ରେସକୁ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସମର୍ଥନ ଘୋଷଣା କରିଛନ୍ତି। ବିଏସ୍‌ପି ସୁପ୍ରିମୋ ମାୟାବତୀ ବୁଧବାର କହିଛନ୍ତି, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ସରକାର ଗଠନ ପାଇଁ ତାଙ୍କ ଦଳ ସମର୍ଥନ କରିବ। ଭାଜପାକୁ କ୍ଷମତାରୁ ଦୂରେଇ ରଖିବା ପାଇଁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେହିପରି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ମଧ୍ୟପ୍ରଦେଶରେ ତାଙ୍କ ଦଳ କଂଗ୍ରେସକୁ ସମର୍ଥନ କରିବ। ପ୍ରକାଶ ଯେ, ମଧ୍ୟପ୍ରଦେଶରେ ଏସ୍‌ପି ଗୋଟିଏ ଆସନ ପାଇଥିବାବେଳେ ବିଏସ୍‌ପି ୨ ଆସନରେ ସଫଳତା ପାଇଛି। ରାଜସ୍ଥାନରେ ବିଏସ୍‌ପି ୬ ଆସନ ଦଖଲ କରିବାରେ ସକ୍ଷମ ହୋଇଛି।

## ଖ୍ରୀଷ୍ଟମାସ୍ ମାର୍କେଟରେ ଆକ୍ରମଣ: ୨ ନିହତ

**ପ୍ୟାରିସ,୧୨।୧୨(ପି.ଟି.):** ଫ୍ରାନ୍ସର ଷ୍ଟ୍ରାସବର୍ଗ ସହରସ୍ଥିତ ଏକ ଖ୍ରୀଷ୍ଟମାସ ମାର୍କେଟରେ ମଙ୍ଗଳବାର ରାତିରେ ଆତଙ୍କବାଦୀ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣକାରୀ ଚେରିଫ ସି 'ଆଲ୍ଲା ହୋ ଆକବର' କହି ଗୁଳିବର୍ଷଣ କରିଥିଲେ। ସୁରକ୍ଷା କର୍ମୀଙ୍କ ଗୁଳିରେ ଆହତ ଚେରିଫ ଘଟଣାସ୍ଥଳରୁ ଖସି ପଳାଇଯାଇଛନ୍ତି।

ଇତିହାସର ଆଇନାରେ

## ଡିସେମ୍ବର ୧୩ର ପ୍ରମୁଖ ଘଟଣା

୨୦୦୧ ଡିସେମ୍ବର ୧୩ରେ ଭାରତର ପାର୍ଲାମେଣ୍ଟ ଭବନ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୫ ଆତଙ୍କବାଦୀ ଏକ କାର୍ ଯୋଗେ ପାର୍ଲାମେଣ୍ଟ ପରିସର ଭିତରକୁ ଆସି ଗୁଳିମାଡ଼ କରିଥିଲେ। ଏଥିରେ ଆତଙ୍କବାଦୀଙ୍କ ସମେତ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା।

୨୦୦୩ ଡିସେମ୍ବର ୧୩ରେ ଇରାକ୍‌ର ତିକ୍ରିତ୍ ନିକଟ ଅଦ୍-ଦ୍ୱର ସହରରେ ଆମେରିକା ସେନା ପକ୍ଷରୁ ରେଡ୍ ଡନ୍ ଅପରେଶନ ହୋଇଥିଲା। ୧୯୮୪ର ସାମରିକ ଚଳଚ୍ଚିତ୍ର ରେଡ୍ ଡନ୍ ନାମିତ ଏହି ଅପରେଶନ ଦ୍ୱାରା ଇରାକ୍‌ର ଏକଛତ୍ରବାଦୀ ଶାସକ ସଦାମ ହୁଶେନଙ୍କୁ ବନ୍ଦୀ କରାଯାଇଥିଲା।

■ ଏମ୍‌ପି, ଛତିଶଗଡ଼, ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଦୌଡ଼

# ଝୁଲାଇ ରଖିଲେ ରାହୁଲ



ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ କମଲନାଥ



ଅଶୋକ ଗେହଲଟ୍ ଓ ସଚିନ ପାଇଲଟ

**ଭୋପାଳ/ରାୟପୁର/ ଜୟପୁର,୧୨।୧୨**

ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ କଂଗ୍ରେସର ବିଜୟ ୨୦୧୯ ସାଧାରଣ ନିର୍ବାଚନରେ ଦଳ ପାଇଁ ମଞ୍ଚ ପ୍ରସ୍ତୁତ କରିଛି। ହେଲେ ଏହି ୩ ହିନ୍ଦୀ ଭାଷୀ ରାଜ୍ୟରେ କିଏ ମୁଖ୍ୟମନ୍ତ୍ରୀ ହେବେ ତାହା ଅଦ୍ୟାବଧି ସ୍ଥିର ହୋଇପାରିନାହିଁ। ଏହି ରାଜ୍ୟଗୁଡ଼ିକର ରାଜଧାନୀରେ ବୁଧବାର ହାଇକମାଣ୍ଡଙ୍କ ଦ୍ୱାରା ନିଯୁକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ କଂଗ୍ରେସର ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଛି। ତେବେ କାହା ହାତରେ ରାଜ୍ୟର ଶାସନ କ୍ଷମତା ରହିବ ସେହି ନିଷ୍ପତ୍ତି ଦଳର ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଉପରେ ଛାଡ଼ି ଦିଆଯାଇଛି। ଏବେ ରାହୁଲଙ୍କ ନିଷ୍ପତ୍ତି ଉପରେ ସମସ୍ତଙ୍କ ନଜର ରହିଛି।

ନିର୍ବାଚନ ହୋଇଥିବା ୫ ରାଜ୍ୟ ମଧ୍ୟରୁ ୩ଟିରେ କଂଗ୍ରେସର ସଫଳତା ଦଳୀୟ କର୍ମୀ ଓ ନେତାଙ୍କ ଉତ୍ସାହ ବଢ଼ାଇଦେଇଛି। ମାତ୍ର କେଉଁ ରାଜ୍ୟରେ କିଏ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିବେ ତାକୁ ନେଇ କିଛି ସ୍ଥିର ହୋଇପାରିନାହିଁ। ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ବୁଧବାର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏ.କେ. ଆଣ୍ଟୋନିଙ୍କ ଉପସ୍ଥିତିରେ କଂଗ୍ରେସ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ପିସିସି ସଭାପତି କମଲନାଥ ଓ ବରିଷ୍ଠ ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନାମ ଉଠିଥିଲା। ହେଲେ ନାଁକୁ ନେଇ କିଛି ସହମତି ହୋଇପାରି ନ ଥିଲା। ତେଣୁ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ସର୍ବସମ୍ମତ ପ୍ରସ୍ତାବ ଗ୍ରହଣ କରାଯାଇଛି। ପରେ କମଲନାଥ ରାଜ୍ୟପାଳ ଆନନ୍ଦିବେନ୍ ପଟେଲଙ୍କୁ ରାଜଭବନରେ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଛନ୍ତି। ଛତିଶଗଡ଼ ରାଜଧାନୀ ରାୟପୁରରେ ପର୍ଯ୍ୟବେକ୍ଷକ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଉପସ୍ଥିତିରେ ଏବଂ ରାଜସ୍ଥାନର ରାଜଧାନୀ ଜୟପୁରରେ ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳଙ୍କ ଉପସ୍ଥିତିରେ ଅନୁରୂପ ଭାବେ କଂଗ୍ରେସ ବିଧାୟକ ଦଳ ବୈଠକ ହୋଇଥିଲା। ଦୁଇ ବୈଠକରେ କୌଣସି ନିଷ୍ପତ୍ତି ନିଆଯାଇ ପାରିନାହିଁ। ଛତିଶଗଡ଼ରେ ମୁଖ୍ୟମନ୍ତ୍ରୀ ଦୌଡ଼ରେ ପିସିସି ସଭାପତି ଭୂପେଶ ବାଘେଲ, ରାଜପରିବାରର ଟି.ଏସ୍. ସିଂଦେଓ ଓ ରାଜ୍ୟରୁ କଂଗ୍ରେସର ଜଣେ ମାତ୍ର ଏମ୍‌ପି ତାମ୍ରଧ୍ୱଜ ସାହୁ ଅଛନ୍ତି। ସେହିପରି ରାଜସ୍ଥାନରେ ପିସିସି ସଭାପତି ସଚିନ ପାଇଲଟ ଓ କଂଗ୍ରେସ ସାଧାରଣ ସମ୍ପାଦକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ମୁଖ୍ୟମନ୍ତ୍ରୀ ହେବା ପାଇଁ ଆଶାୟୀ ଅଛନ୍ତି। ୩ ରାଜ୍ୟର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାହୁଲଙ୍କୁ ବୈଠକ ସମ୍ପର୍କରେ ଅବଗତ କରାଇଛନ୍ତି। ରାହୁଲ ଛତିଶଗଡ଼ର ନବନିର୍ବାଚିତ ଦଳୀୟ ବିଧାୟକମାନଙ୍କୁ ମୁଖ୍ୟମନ୍ତ୍ରୀ ଚୟନ କରିବାକୁ ଛାଡ଼ିଦେଇଥିବାବେଳେ ରାଜସ୍ଥାନ ଓ ଏମ୍‌ପି ପାଇଁ ନିଜେ ନିଷ୍ପତ୍ତି ନେବେ। ଏଥିପାଇଁ ସଚିନ ଓ ଗେହଲଟ୍ ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇବା ପରେ ବୁଧବାର ରାତିରେ ବିମାନରେ ନୂଆଦିଲ୍ଲୀ ଯାଇଛନ୍ତି। ସିନ୍ଧିଆ ଓ କମଲନାଥ ଗୁରୁବାର ନୂଆଦିଲ୍ଲୀ ଯାଇ ରାହୁଲଙ୍କୁ ଭେଟିବେ। ମଧ୍ୟପ୍ରଦେଶରେ କମଲନାଥ, ରାଜସ୍ଥାନରେ ଗେହଲଟ୍ ଓ ଛତିଶଗଡ଼ରେ ବାଘେଲଙ୍କ ମୁଣ୍ଡରେ ହାତୀ ସୁନା କଳସ ଢାଳିପାରେ ବୋଲି ସୂତ୍ରରୁ ଜଣାପଡ଼ିଛି।



"ଭାଜପାର ନକାରାତ୍ମକ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରି ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କଂଗ୍ରେସକୁ ସରକାର ଗଠନ ପାଇଁ ସୁଯୋଗ ଦେଇଛନ୍ତି।"
-ସୋନିଆ ଗାନ୍ଧୀ, ଉପା ଅଧ୍ୟକ୍ଷା

## ଆଜି ଶପଥ ନେବେ କେସିଆର୍



**ହାଇଦ୍ରାବାଦ,୧୨।୧୨(ପି.ଟି.):**ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ବୁଧବାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଛନ୍ତି। ହାଇଦ୍ରାବାଦସ୍ଥିତ ଟିଆର୍‌ଏସ୍ ମୁଖ୍ୟାଳୟ ତେଲେଙ୍ଗାନା ଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ସର୍ବସମ୍ମତିକ୍ରମେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ୧୧୯ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଟିଆର୍‌ଏସ୍ ୮୮ ଆସନ ଦଖଲ କରି ସରକାର ଗଢ଼ିବାକୁ ଯାଉଛି। ରାଜଭବନରେ ଗୁରୁବାର ଅପରାହ୍ନ ୧ଟା ୩୦ରେ ରାଜ୍ୟପାଳ ଇଏସ୍‌ଏଲ୍ ନରସିଂହା କେସିଆର୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥପାଠ କରାଇବେ।

## ପରିବର୍ତ୍ତନର ଆରମ୍ଭ: ପାୱାର



**ମୁମ୍ବାଇ,୧୨।୧୨(ପି.ଟି.):** ୩ ହିନ୍ଦୀ ଭାଷୀ ରାଜ୍ୟର ଜନାଦେଶରୁ ପରିବର୍ତ୍ତନର ଆରମ୍ଭ ହୋଇଛି ବୋଲି ଜାତୀୟବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଭାଜପାକୁ ଟାର୍ଗେଟ କରିଛନ୍ତି। ବୁଧବାର ୭୮ ବର୍ଷରେ ପଦାର୍ପଣ କରିଥିବା ଏହି ବର୍ଷୀୟାନ ରାଜନେତା କହିଛନ୍ତି, ଭାଜପା ନେତୃତ୍ୱାଧୀନ ସରକାରର ନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି। ଭାଜପା ରାମମନ୍ଦିର ନିର୍ମାଣ ନାମରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ନଷ୍ଟ କରୁଛି। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭଳି ବ୍ୟବହାର ଦେଖାଉ ନାହାନ୍ତି। ସଦ୍ୟ ଜନାଦେଶ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ନେତୃତ୍ୱର ଗ୍ରହଣୀୟତାକୁ ପ୍ରମାଣିତ କରିଛି।

## ମିଜୋରାମର ୩୬ ବିଧାୟକ କୋଟିପତି

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**

ADR Association for Democratic Reforms

ମିଜୋରାମର ନବନିର୍ବାଚିତ ୪୦ ବିଧାୟକଙ୍କ ମଧ୍ୟରୁ ୩୬ ଜଣ କୋଟିପତି। ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୪.୮୪ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ୨୦୧୩ରେ ବିଧାୟକମାନଙ୍କ ହାରାହାରି ସମ୍ପତ୍ତି ପରିମାଣ ୩.୧୦ କୋଟି ଟଙ୍କା ଥିଲା। ନୂଆ ବିଧାନସଭାରେ ଜଣେ ହେଲେ ବିଧାୟିକା ନାହାନ୍ତି। ଆସୋସିଏଶନ୍ ଫର ଡେମୋକ୍ରାଟିକ୍ ରିଫର୍ମସ୍(ଏଡିଆର୍) ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ମିଜୋ ନ୍ୟାଶନାଲ୍ ଫ୍ରଣ୍ଟର ୨୬ ବିଧାୟକଙ୍କ ମଧ୍ୟରୁ ସର୍ବାଧିକ ୨୨ ଜଣ କୋଟିପତି ଥିବାବେଳେ କଂଗ୍ରେସରୁ ୫ ଜଣ, ୮ ସ୍ୱାଧୀନ ଏବଂ ଜଣେ ଭାଜପା ବିଧାୟକ କୋଟିପତି। ଏମାନେ ସମସ୍ତେ ନିଜର ସମ୍ପତ୍ତି ପରିମାଣ ୧ କୋଟି ଟଙ୍କାରୁ ଅଧିକ ବୋଲି ଘୋଷଣା କରିଛନ୍ତି। ୯ ବିଧାୟକ ସେମାନଙ୍କ ସମ୍ପତ୍ତି ୫ କୋଟିରୁ ଅଧିକ ଦର୍ଶାଇଥିବା ବେଳେ ୨ ଜଣ ସେମାନଙ୍କ ସମ୍ପତ୍ତି ୧୦ରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ବୋଲି ଦର୍ଶାଇଛନ୍ତି। ଏଡିଆର୍ ରିପୋର୍ଟ ଅନୁଯାୟୀ ୨୬ ଏମ୍‌ଏନ୍‌ଏଫ ବିଧାୟକଙ୍କ ହାରାହାରି ସମ୍ପତ୍ତି ପରିମାଣ ୪.୯୭ କୋଟି ହୋଇଥିବାବେଳେ ୫ କଂଗ୍ରେସ ବିଧାୟକଙ୍କ ହାରାହାରି ସମ୍ପତ୍ତି ୫.୧୩ କୋଟି ଏବଂ ୮ ସ୍ୱାଧୀନ ବିଧାୟକଙ୍କ ହାରାହାରି ସମ୍ପତ୍ତି ୪.୩୯ କୋଟି ଏବଂ ଏକମାତ୍ର ବିଜେପି ବିଧାୟକଙ୍କ ସମ୍ପତ୍ତି ୩.୩୧ କୋଟି ଟଙ୍କା। ଏମ୍‌ଏନ୍‌ଏଫର ଦୁଇ ଜଣ ବିଧାୟକଙ୍କ ନାଁରେ ମାମଲା ରହିଥିବା ସେମାନେ ଘୋଷଣାନାମାରେ ଦର୍ଶାଇଛନ୍ତି। ୧୦ ବିଧାୟକଙ୍କ ଶିକ୍ଷାଗତ ଯୋଗ୍ୟତା ୫ମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ହୋଇଥିଲାବେଳେ ୨୯ ବିଧାୟକ ସ୍ନାତକ କିମ୍ବା ସ୍ନାତକୋତ୍ତର ଶିକ୍ଷାଲାଭ କରିଛନ୍ତି।

## ବିରୋଧୀଙ୍କ ହଟ୍ଟଗୋଳରୁ ଲୋକ ସଭା ମୁଲତବୀ

**ନୂଆଦିଲ୍ଲୀ,୧୨।୧୨(ପି.ଟି.)**



ରାଫାଲ ଦୁର୍ନୀତି, ରାମ ମନ୍ଦିର ନିର୍ମାଣ ଏବଂ କାବେରୀ ଜଳ ବିବାଦ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳର ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବାରୁ ବୁଧବାର ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ମଧ୍ୟାହ୍ନ ବିରତି ପରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି କଂଗ୍ରେସ, ଶିବସେନା, ଟିଡିପି ଏବଂ ଏଆଇଏଡିଏମ୍‌କେ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଚାଲିଆସି ପ୍ଲାକାର୍ଡ ଦେଖାଇ ବିଭିନ୍ନ ଦାବି ଉପରେ ନାରାବାଜି କରିଥିଲେ। ଏହା ପୂର୍ବରୁ ପ୍ରଶ୍ନୋତ୍ତର କାଳରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଫାଲ ଯୁଦ୍ଧଜାହାଜ ଚୁକ୍ତିନାମାରେ ହୋଇଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା କରାଇବା ଲାଗି କଂଗ୍ରେସ ସଦସ୍ୟମାନେ ଦାବି କରିଥିବାବେଳେ ଅଯୋଧ୍ୟାରେ ତୁରନ୍ତ ରାମମନ୍ଦିର ନିର୍ମାଣ ଲାଗି ଶିବସେନା ଦାବି ଉପସ୍ଥାପନ କରିଥିଲା। ତାମିଲନାଡୁ କୃଷକଙ୍କୁ କାବେରୀ ନଦୀ ଜଳ ପ୍ରଦାନରେ ନ୍ୟାୟ ଦାବି କରି ଏଆଇଏଡିଏମ୍‌କେ ସଦସ୍ୟ ହଟ୍ଟଗୋଳ କରିଥିଲେ। ସେହିପରି ଟିଡିପି ସଦସ୍ୟ ବିଶାଖାପାଟଣାରେ ରେଳପଥ ଜୋନ୍ ଦାବି କରିଥିଲେ। ସେମାନଙ୍କୁ ଶାନ୍ତ ହେବା ଲାଗି ଅନୁରୋଧ କରି ବାଚସ୍ପତି ସୁମିତ୍ରା ମହାଜନ ବିଫଳ ହେବା ପରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟ ସଭାରେ ବୁଧବାର ହଟ୍ଟଗୋଳ ମଧ୍ୟରେ ଅଟିଜ୍‌ମ ଏବଂ ଭିନ୍ନକ୍ଷମ କଲ୍ୟାଣ (ସଂଶୋଧନ) ବିଲ୍, ୨୦୧୮ ଗୃହୀତ ହୋଇଥିଲା। ଗୃହର ଅନ୍ୟ ସମସ୍ତ କାର୍ଯ୍ୟକ୍ରମକୁ ବନ୍ଦ କରି ରାଫେଲ୍ ଦୁର୍ନୀତି ଅଭିଯୋଗ ଉପରେ ଆଲୋଚନା କରିବା ଲାଗି କଂଗ୍ରେସ ନୋଟିସ ଆଣିଥିଲା ଏବଂ ଏହାର ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ ଦାବି କରିଥିଲା। ରାଜ୍ୟ ସଭାରେ କଂଗ୍ରେସର ଉପନେତା ଆନନ୍ଦ ଶର୍ମା ଏହି ନୋଟିସ ଆଣିଥିଲେ।

**ଫୁର୍‌ସତ**



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।
**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୪.୨ |
| ଚାନ୍ଦବାଲି | ୨୮.୨ | ୧୬.୦ |
| କଟକ | ୨୮.୬ | ୧୫.୦ |
| ପାରାଦ୍ୱୀପ | ୨୯.୧ | ୧୭.୬ |
| ଭୁବନେଶ୍ୱର | ୩୦.୭ | ୧୬.୮ |
| ଗୋପାଳପୁର | ୩୦.୦ | ୧୮.୯ |
| ପୁରୀ | ୨୯.୬ | ୧୮.୬ |
| ଅନୁଗୋଳ | ୨୯.୧ | ୧୨.୬ |
| ବାରିପଦା | ୨୭.୨ | ୧୪.୪ |
| ଝାରସୁଗୁଡ଼ା | ୨୮.୦ | ୧୪.୯ |
| କେନ୍ଦୁଝର | ୨୬.୫ | ୧୧.୮ |
| ସମ୍ବଲପୁର | ୨୯.୪ | ୧୫.୭ |
| ସୁନ୍ଦରଗଡ଼ | --- | ୧୦.୦ |
| ହୀରାକୁଦ | ୨୮.୫ | ୧୬.୩ |
| ତାଳଚେର | ୨୯.୬ | ୧୪.୩ |
| ଭବାନୀପାଟଣା | --- | ୧୬.୦ |
| ବଲାଙ୍ଗୀର | ୨୯.୦ | ୧୬.୮ |
| କୋରାପୁଟ | ୨୮.୦ | ୧୪.୪ |
| ଫୁଲବାଣୀ | ୨୮.୦ | ୧୪.୮ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୩୧.୫ | ୧୮.୫ |
| ସୋନପୁର | ୨୯.୪ | ୧୭.୨ |
| ଦାରିଙ୍ଗିବାଡ଼ି | ୨୩.୦ | ୧୦.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ରଜନୀକାନ୍ତଙ୍କୁ ୬୮



**ଚେନ୍ନାଇ,୧୨।୧୨(ପି.ଟି.):** ସୁପରଷ୍ଟାର ରଜନୀକାନ୍ତ ବୁଧବାର ୬୮ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଚେନ୍ନାଇରେ କେକ୍ କଟାଯାଇଛି। ଚଳିତବର୍ଷ 'ଗାଜା'ର ଭୟାବହ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିଥିବା ଜନସାଧାରଣଙ୍କ ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଏହି କେକ୍ କଟା ପର୍ବ ନିରାଡମ୍ବର ଭାବେ ପାଳନ କରାଯାଇଛି। ରଜନୀକାନ୍ତ ଅପ୍‌କମିଙ୍ଗ୍ 'ଥାଲାଇଭର-୧୬୫' ବ୍ଲକ୍‌ବଷ୍ଟର ମୁଭିଜ୍‌ର ଶୁଟିଂ ପାଇଁ ଶୁକ୍ରବାର ୟୁପିର ଲକ୍ଷ୍ନୌରେ ପହଞ୍ଚିଥିବାବେଳେ ପୁଡୁଚେରି ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ଟ୍ୱିଟର ଜରିଆରେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। 'ମାର୍ଟିନ ଆଇଡଲ' ଭାବେ ପରିଚିତ ରଜିନୀକାନ୍ତ ବିଭିନ୍ନ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ଉତ୍କୃଷ୍ଟ ଅଭିନୟ କରି ଇତିହାସ ସୃଷ୍ଟି କରିଛନ୍ତି ବୋଲି ସେ ତାଙ୍କ ଟ୍ୱିଟର ପେଜ୍‌ରେ ଉଲ୍ଲେଖ କରିଛନ୍ତି। ଜନ୍ମଦିବସର ଶୁଭ ଅବସରରେ ଲକ୍ଷ୍ନୌରେ ତାଙ୍କ ଅଭିନୀତ ଥାଲାଇଭର-୧୬୫ ଚଳଚ୍ଚିତ୍ରର ସୁଟିଂ ମଧ୍ୟ ଆରମ୍ଭ ହୋଇଛି। କାର୍ତ୍ତିକ ସୁବାରାଜଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ରଜିନୀକାନ୍ତଙ୍କ ସହ ନୱାଜଉଦ୍ଦିନ ସିଦ୍ଦିକି, ସିମରନ ବାଗା, ତ୍ରିଶା କ୍ରୀଷ୍ଣନ, ବବି ସିମ୍‌ହା, ସନଥ ରେଡ୍ଡି, ଗୁରୁ ସୋମାସୁନ୍ଦରମ୍ ଏବଂ ମେଘା ଆକାଶ ବିଭିନ୍ନ ଭୂମିକାରେ ବଡ଼ପରଦାରେ ଦେଖା ଦେବେ। ଡିଏମ୍‌କେ ସୁପ୍ରିମୋ ଏମ୍ କେ ଷ୍ଟାଲିନ, ତାମିଲନାଡୁ ରାଜ୍ୟ ଭାଜପା ଓ କଂଗ୍ରେସ ଅଧ୍ୟକ୍ଷ, ମେଗାଷ୍ଟାର ଅମିତାଭ ବଚ୍ଚନ, ଅକ୍ଷୟ କୁମାର, ମାଲାୟାଲମ ଷ୍ଟାର୍ ମୋହନଲାଲ ଟ୍ୱିଟରରେ ରଜନୀକାନ୍ତଙ୍କୁ ଜନ୍ମଦିବସର ବଧାଇ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର କାମନା କରିଛନ୍ତି।



ମନୁଷ୍ୟ ହୁଏତ ଉଚ୍ଚ ଶିଖରକୁ ଉଠିଯିବ, କିନ୍ତୁ ସେଠାରେ ସେ ବହୁ କାଳ ପର୍ଯ୍ୟନ୍ତ ନରହିପାରେ।

- ଜର୍ଜ ବର୍ଣ୍ଣାଡ ଶ




# ବର୍ଷୀୟାନ ହାସ୍ୟ ଅଭିନେତା ନିତ୍ୟାନନ୍ଦଙ୍କ ପରଲୋକ

**ପୁରୀ ଅଫିସ,୧୨।୧୨:** ମଞ୍ଚ ନାଟକ, ଯାତ୍ରା ଏବଂ ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ହାସ୍ୟ ଅଭିନେତା ନିତ୍ୟାନନ୍ଦ ଦାସଙ୍କର ବୁଧବାର ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ହୋଇଛି। ତାଙ୍କୁ ୮୩ବର୍ଷ ହୋଇଥିଲା। ଗତ କିଛି ଦିନ ସେ ହୃଦ୍‌ରୋଗରେ ପୀଡ଼ିତ ଥିଲେ। ୧୯୫୭ରୁ ୧୯୯୦ ପର୍ଯ୍ୟନ୍ତ କଳାଜଗତ ସହିତ ନିତ୍ୟାନନ୍ଦ ଜଡ଼ିତ ଥିଲେ। ୯୦ଦଶକରେ ସ୍ୱାସ୍ଥ୍ୟର ଅବନତି ଯୋଗୁ ସେ କଳା ଜଗତରୁ ଦୂରେଇ ଯାଇଥିଲେ। ଯୁବାବସ୍ଥାରେ ଅନ୍ନପୂର୍ଣ୍ଣା ଥିଏଟର 'ଏ' ଗ୍ରୁପରେ ଯୋଗଦାନ କରିଥିଲେ। 'ବାଲୁଅ ଝିଅ' ନାଟକରେ ଜଣେ ହାସ୍ୟ ଅଭିନେତା ଭାବେ ସେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୬ ମସିହାରେ ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲେ। ସେ ଓଡ଼ିଆ ଚଳଚ୍ଚିତ୍ର ପୂନର୍ମିଳନ, କୃଷ୍ଣସୁଦାମା, ଜନ୍ମଦାତା, ତ୍ରିନାଥ ମେଳା ପ୍ରଭୃତିରେ ଅଭିନୟ କରି କଳାଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ।

# ୧୦ ସହରରେ ଆରମ୍ଭ ହେବ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର ଯୋଜନା

**କଟକ ଅଫିସ,୧୨।୧୨:** ଭୁବନେଶ୍ୱର ଓ କଟକରେ ଷ୍ଟୁଡେଣ୍ଟ ଟ୍ରାଫିକ୍ ଭଲ୍ୟୁଣ୍ଟିୟର ବ୍ୟବସ୍ଥାର ସଫଳତା ପରେ ଖୁବ୍‌ଶୀଘ୍ର ରାଜ୍ୟର ଅନ୍ୟ ୧୦ଟି ସହରରେ ଏହି ଯୋଜନା ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ପୂର୍ବରୁ ସମ୍ବଲପୁର, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର ସହରରେ ଏହି ଯୋଜନା ଲାଗୁ କରାଯିବ ବୋଲି ସ୍ଥିର ହୋଇଥିବାବେଳେ ଏଥିରେ ନୂତନ ଭାବେ ଅନୁଗୋଳ, ଢେଙ୍କାନାଳ, କୋରାପୁଟ, ପୁରୀ, କେନ୍ଦୁଝର ଏବଂ ଖୋର୍ଦ୍ଧା ସହରକୁ ଅର୍ନ୍ତଭୁକ୍ତ କରାଯାଇଛି। ଗୃହ ବିଭାଗ ପକ୍ଷରୁ ସ୍ୱୀକୃତି ମିଳିଥିବାବେଳେ ସମ୍ପୃକ୍ତ ଜିଲାର ଏସ୍‌ପିମାନଙ୍କୁ ଏନେଇ ସୂଚନା ଦିଆଯାଇଛି ବୋଲି ବୁଧବାର କ୍ରାଇମବ୍ରାଞ୍ଚର ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି।

ଉପାଧ୍ୟାୟ କହିଛନ୍ତି ଯେ, ସଡକ ଦୁର୍ଘଟଣା ରୋକିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ କାର୍ଯ୍ୟ କରୁଥିବା ଛାତ୍ରୀଛାତ୍ରଙ୍କୁ ସ୍ୱତନ୍ତ୍ର ପୋଷାକ ଦିଆଯାଉଥିବାବେଳେ ଏବେ ସେମାନଙ୍କୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଛି। ଅନ୍ୟପକ୍ଷରେ କମିଶନରେଟ ପୋଲିସରେ ଚଳିତମାସରୁ ଆରମ୍ଭ ହୋଇଥିବା ଇ-ଚାଲାଣ ବ୍ୟବସ୍ଥା ରାଜ୍ୟର ସମସ୍ତ ସହରରେ ଆରମ୍ଭ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଓଡିଶା ପୋଲିସ ପକ୍ଷରୁ ପରିବହନ ବିଭାଗକୁ ଅବଗତ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ୫୦ଟି ଇ-ଚାଲାଣ ମେଶିନ ଦେବାକୁ କୁହାଯାଇଛି। ସେହିପରି ନିଶା ସେବନ କରି ଗାଡି ଚଳାଉଥିବା ଚାଳକଙ୍କୁ ଧରିବା ପାଇଁ ପରିବହନ ବିଭାଗକୁ ୧୦୦ଟି ବ୍ରେଥାଲାଇଜର ଯୋଗାଇ ଦେବାକୁ କୁହାଯାଇଛି। ଦ୍ରୁତ ଗାଡି ଚାଳନା ଯୋଗୁ ସଡକ ଦୁର୍ଘଟଣାରେ ଅଧିକାଂଶ ଚାଳକଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ରୋକିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଦୁର୍ଘଟଣା ପ୍ରବଣ ଜାତୀୟ ରାଜପଥକୁ ଚିହ୍ନଟ କରି ସେଠାରେ ସ୍ପିଡ୍ ଡିଟେକ୍ଟର କ୍ୟାମେରା ଲଗାଇବାକୁ ଯୋଜନା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ଏହି କ୍ୟାମେରା ଲଗାଯିବ ଓ ପରବର୍ତ୍ତୀ ସମୟରେ ଅନ୍ୟ ସ୍ଥାନରେ ଏହି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ ବୋଲି ଏଡିଜି ଉପାଧ୍ୟାୟ କହିଛନ୍ତି।

## ମହାନଦୀ ପାଣି କମ୍ପାନୀକୁ ଦେବା ମାମଲା

# ସରକାରଙ୍କ ସତ୍ୟପାଠରୁ ବାହାରିଲା ସତ

**କଟକ ଅଫିସ, ୧୨।୧୨**

ମହାନଦୀ ପାଣିକୁ କମ୍ପାନୀଗୁଡ଼ିକ ହାତକୁ ଟେକି ଦିଆଯାଇଛି। ପାନୀୟ ଜଳ କିମ୍ବା କୃଷି କାର୍ଯ୍ୟରେ ଏହାକୁ ବିନିଯୋଗ କରା ନ ଯାଇ ଶିଳ୍ପାନୁଷ୍ଠାନକୁ ଦିଆଯିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏଥିରେ ସରକାରଙ୍କ ପକ୍ଷରୁ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରୁ ଅନେକ ସତ୍ୟ ଏବେ ସାମ୍ନାକୁ ଆସିଛି। ଉକ୍ତ ସତ୍ୟପାଠରେ ଓଡ଼ିଶା ଜଳ ଆବଣ୍ଟନ ନୀତି-୨୦୦୭କୁ କାର୍ଯ୍ୟକାରୀ କରାଯାଇ ନ ଥିବା ସରକାର ସ୍ୱୀକାର କରିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣିବେଳେ ରାଜ୍ୟ ଜଳସମ୍ପଦ ବିଭାଗର କଟକ ପୂର୍ବାଞ୍ଚଳ-୧ ଅଧୀକ୍ଷଣ ଯନ୍ତ୍ରୀ ବାଲେଶ୍ୱରନାଥ ସାହୁଙ୍କ ଦ୍ୱାରା ଦାଖଲ ୧୫ ପୃଷ୍ଠା ବିଶିଷ୍ଟ ସତ୍ୟପାଠର ପାରା-୧୦ରେ ଏହା ଉଲ୍ଲେଖ ରହିଛି।

କେନ୍ଦ୍ରୀୟ ସଂଶୋଧିତ ଜଳ ଆବଣ୍ଟନ ନୀତି-୨୦୧୨ ଆଧାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୟନ ହୋଇଥିବା ଓଡ଼ିଶା ଜଳ ଆବଣ୍ଟନ ନୀତି-୨୦୦୭ ଅନୁଯାୟୀ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ କରାଯାଇ ନାହିଁ। ବିଭାଗୀୟ ପତ୍ର ସଂଖ୍ୟା ୨୪୫୬୮ (୧୯୯୩ ସେପ୍ଟେମ୍ବର ୧୩ ତାରିଖ)କୁ ଆଧାରକରି ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୦ଟି ବିଭାଗକୁ ନେଇ ଗଠିତ କମିଟିର ନିଷ୍ପତ୍ତିକ୍ରମେ ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ଜଳଧାରଣ କ୍ଷମତା ପ୍ରତିବର୍ଷ ହ୍ରାସ ଘଟୁଛି। ଜିନ୍ଦଲ, ବେଦାନ୍ତ, ଷ୍ଟେରଲାଇଟ୍, ଆରତି ଷ୍ଟିଲ ଭଳି ଶିଳ୍ପସଂସ୍ଥାକୁ ରାଜ୍ୟ ଜଳ ସମ୍ପଦ ବିଭାଗ ମହାନଦୀ ଜଳ ଯୋଗାଇ ଦେବା ଯୋଗୁ ପ୍ରତ୍ୟେକ କେନାଲରେ ଜଳପ୍ରବାହ ବନ୍ଦ ହୋଇଯିବା ଅଭିଯୋଗକୁ ସତ୍ୟପାଠରେ ଏଡ଼ାଇ ଦିଆଯାଇଛି। ସେହିପରି ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଯେଉଁ ୧୪୫ଟି ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦିଆଯାଉଛି

### କାର୍ଯ୍ୟକାରୀ ହୋଇନି ଓଡ଼ିଶା ଜଳ ଆବଣ୍ଟନ ନୀତି

ସେଥିମଧ୍ୟରୁ ୧୦ଟି ସ୍ପଞ୍ଜ ଆଇରନ ୟୁନିଟ୍ ବେଆଇନ ରହିଛି। ଏ ନେଇ ୨୦୧୦ ଜୁଲାଇ ୧୯ ବିଧାନସଭା ବୈଠକରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ପ୍ରଶ୍ନ ଉପରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଥିଲେ ମଧ୍ୟ କାହିଁକି ପଦକ୍ଷେପ ନିଆଯାଉ ନାହିଁ ବୋଲି ହୋଇଥିବା ଅଭିଯୋଗକୁ କିନ୍ତୁ ସତ୍ୟପାଠରେ ଅଗ୍ରାହ୍ୟ କରାଯାଇ ନାହିଁ।

ସୂଚନାଥାଉକି, ଜଗତ୍‌ସିଂହପୁର ଅଞ୍ଚଳର ସାମାଜିକ କର୍ମୀ ତଥା ମହାନଦୀ ବଞ୍ଚାଅ ଆନ୍ଦୋଳନର ଅନ୍ୟତମ ସଦସ୍ୟ ଗୌରାଙ୍ଗ ଚରଣ ହୋତାଙ୍କ ପକ୍ଷରୁ ୨୦୧୧ରେ ମହାନଦୀ ଜଳ ଶିଳ୍ପାନୁଷ୍ଠାନକୁ ଦେବାକୁ ନେଇ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ହୋତାଙ୍କ ପକ୍ଷରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ମାମଲା ପରିଚାଳନା କରୁଛନ୍ତି। ମୁଖ୍ୟତଃ ବେଆଇନ ଭାବେ ମହାନଦୀ ପାଣିକୁ ଶିଳ୍ପାନୁଷ୍ଠାନକୁ ଦିଆଯିବା ଯୋଗୁ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନରେ ବାଧକ ହେଉଛି। କଟକ ସହରବାସୀଙ୍କ ପାଇଁ ପାନୀୟଜଳ ସମସ୍ୟା ଉତ୍କଟ ହେଉଥିବା ପିଟିଶନରେ ଉଲ୍ଲେଖ ରହିଛି। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ୨୦୧୧ ଜୁଲାଇ ୨୬ରେ ଜବାବ ଦାଖଲ ଲାଗି ସରକାରଙ୍କୁ ନୋଟିସ ଜାରି କରିଥିଲେ। ମାମଲାର ଦୁଇ ପ୍ରତିପକ୍ଷ ରାଜ୍ୟ ଜଳ ସମ୍ପଦ ସଚିବ ଏବଂ ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ପକ୍ଷରୁ ଜବାବ ଦାଖଲ ନ ହେବାରୁ ହାଇକୋର୍ଟ ଗତ ମାସ ୨୬ରେ ସତ୍ୟପାଠ ଦାଖଲ କର ନଚେତ ବିଭାଗୀୟ ସଚିବ ବ୍ୟକ୍ତିଗତ ହାଜର ହେବେ ବୋଲି ଆଦେଶ ଦେଇଥିଲେ। ଗତ ସୋମବାର ଶୁଣାଣିବେଳେ ପ୍ରଥମେ ସତ୍ୟପାଠ ଦାଖଲ ସହ ଉକ୍ତଦିନ ଅପରାହ୍ନ ୨ଟାରେ ସଚିବଙ୍କୁ ହାଜିରା ଲାଗି ନିର୍ଦ୍ଦେଶ ହୋଇଥିଲା। ଶେଷରେ ସଚିବ ପ୍ରଦୀପ ଜେନା ଖଣ୍ଡପୀଠରେ ଉପସ୍ଥିତ ହେବାକୁ ବାଧ୍ୟ ହୋଇଥିଲେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:** ମନୋଜ ମହାନ୍ତି (ସମ୍ବଲପୁର-୭୦୦୮୫୦୬୮୧୦)
**ସମ୍ବଲପୁର/ବୌଦ୍ଧ/ଦେବଗଡ଼:** ଶ୍ରଦ୍ଧାଂଶୁ ମହାପାତ୍ର (୭୦୦୮୯୨୧୭୯୧), **ବରଗଡ଼/ବଲାଙ୍ଗୀର/ସୋନପୁର:** ନରୋତ୍ତମ ଜେନା (୯୩୪୮୨୦୯୫୩୪), **କଳାହାଣ୍ଡି/ନୂଆପଡ଼ା:** ଶୁଭ୍ରାନ୍ତ ସ୍ୱାଇଁ (୮୪୮୦୨୨୯୬୦୫),
**ସୁନ୍ଦରଗଡ଼/ରାଉରକେଲା/ଝାରସୁଗୁଡ଼ା:** ଶ୍ରୀକାନ୍ତ ମହାନ୍ତି (୯୦୪୦୭୧୬୫୮୬)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

DSPL-286

ଓଡ଼ିଶା ସରକାର

ODISHA HOCKEY MEN'S WORLD CUP BHUBANESWAR 2018



ମାନ୍ୟବର ଗ୍ରାମ୍ୟ ଉନ୍ନୟନ, ସଂସଦୀୟ ବ୍ୟାପାର ଏବଂ ସରକାରୀ ଉଦ୍ୟୋଗ ମନ୍ତ୍ରୀ

**ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖଙ୍କ ଦ୍ୱାରା ରାୟଗଡ଼ା ଜିଲ୍ଲାରେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ।**

**୧୩ ଡ଼ିସେମ୍ବର ୨୦୧୮, ଗୁରୁବାର**

**ଶୁଭ ଉଦ୍‌ଘାଟନ**

ପୂର୍ବାହ୍ନ ୧୦.୦୦ : ୨ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ତାଡମା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ

ପୂର୍ବାହ୍ନ ୧୦.୩୦ : ବିଜୁ ସେତୁ ଯୋଜନାରେ ୪ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟରେ ପୂର୍ତ୍ତ ରାସ୍ତା - ହଳୁଆ ରାସ୍ତାର ଝଞ୍ଜାବତୀ ନଦୀ ଉପରେ ନିର୍ମିତ ହାଇଲେଭଲ୍ ସେତୁ

ମଧ୍ୟାହ୍ନ ୧.୪୫ : ୧ କୋଟି ୪୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଜଗନ୍ନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ଅପରାହ୍ନ ୨.୩୦ : ୬୭ ଲକ୍ଷ ୪୯ ହଜାର ଟଙ୍କା ବ୍ୟୟରେ ନବ ନିର୍ମିତ ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନ କାର୍ଯ୍ୟାଳୟ

ଅପରାହ୍ନ ୪.୩୦ : ବିଜୁ ସେତୁ ଯୋଜନାରେ ୭ କୋଟି ଟଙ୍କା ବ୍ୟୟରେ ଖଇରା-ଝୁମ୍ପାପୁର-ଫୁଲପୁଟି ରାସ୍ତାରେ ସାନ ନଈ ଉପରେ ନିର୍ମିତ ହାଇଲେଭଲ୍ ସେତୁ

ସନ୍ଧ୍ୟା ୫.୩୦ : ଗୁଣୁପୁରଠାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନବ ନିର୍ମିତ ମିନି ଷ୍ଟାଡ଼ିୟମ

**ଭିତ୍ତିପ୍ରସ୍ତର ସ୍ଥାପନ**

ପୂର୍ବାହ୍ନ ୧୧.୩୦ : ବିଜୁ ସେତୁ ଯୋଜନାରେ ୧୧ କୋଟି ୫୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହାଟଶେଷଖାଲ୍-ଖଲିମିସିଗୁଡ଼ା ରାସ୍ତାରେ ନାଗାବଳୀ ନଦୀ ଉପରେ ହାଇଲେଭଲ୍ ସେତୁ ନିର୍ମାଣ।



**ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ।**

ଗ୍ରାମ୍ୟ ଉନ୍ନୟନ ବିଭାଗ

25001/13/0003/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅମିତେଶ୍
ପରିବାରବର୍ଗ


ବବୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

business

## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65235

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-65228

ଭୁବନେଶ୍ୱର ସୁନ୍ଦରପଦା Xavier University backsideରେ investment ପ୍ଲଟ ମିଳୁଅଛି। 8338932027. D-64386

Immediate sale 1815 sqft 30" road gharabari boundary residential plot at mouza bhaula near dhauli temple contact: 9861995518. D-63210

ସୁନ୍ଦରପଦା Hitech ପାଖରେ 100' and 50' Revenue Road ଥାଇ 2ଟି ଘରବାରି ବାଉଣ୍ଡାରି ପ୍ଲଟ ବିକ୍ରିହେବ। (sqft. 600/-) 9777236619.D-64400

1575 single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877.D-64397

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65401

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

**Infocity-2 and NH-5 ପାଖରେ 10,00,000/-ରେ ପ୍ଲଟ ବିକ୍ରିହେବ। 9938770157, 7008818182.** D-64399

Road demarcation complete at BDA town planning scheme, plots are available for sale. 9437536638. D-65244

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65301

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## BUSINESS

ଅଗରବତୀ ଉଦ୍ୟୋଗ+ ଶ୍ରମିକ ବିଦ୍ୟାଳୟ କରନ୍ତୁ। Invest- 1,20,000, ଆୟ- 50-70,000/- ଭୁବନେଶ୍ୱର। 9776690559, 9937673117. D-65245

## Birthday Wish



**Koushik Koustav Das**
Plot No.- 21/4,
Achary Vihar, BBSR

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାପା, ମାମା, ଦାଦା, ଖୁଡୀ, ବଡବାପା, ବଡବୋଉ, ଅଜା, ଆଈ, ମାମୁ, ମାଈଁ, ବନ୍ଧୁ ଓ ପରିବାରବର୍ଗ। ଧ-୯୯୭୯

## 28th Birthday Wish



(Puja)
**Satabdee Das**
Kesura, BBSR

ତୋର ୨୮ତମ ଶୁଭ ଜନ୍ମଦିନରେ ଆମେ ସପରିବାର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ନୀରୋଗ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛୁ। ଶୁଭେଚ୍ଛା ସହ: ବୋଉ, ମାମୁ, ମାଈଁ, ଜଗା ଭାଇ, ଭାଉଜ, ଧନ, ରାଜା ଭାଇ, ଗୁଡୁ, ଗୁଞ୍ଜୀ, ଦିପୁ, ଶରତ ଓ ଅନ୍ୟମାନଙ୍କ ତରଫରୁ ଅଶେଷ ଆଶୀର୍ବାଦ। ଧ-୯୯୭୩


# ସୀମାନ୍ତରେ ଗୁଳି ବିନିମୟ: ମାଓବାଦୀ ନିହତ, ୩ ଗିରଫ

ମାଲକାନଗିରି, ୧୨।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ବିଜାପୁର ଜିଲାରେ ବୁଧବାର ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଜଣେ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ୩ ଜଣଙ୍କୁ ଗିରଫ କରିଛି। ବିଜାପୁର ଜିଲା ପାଶାଗୁଡା ଥାନା ଅନ୍ତର୍ଗତ ଜଙ୍ଗଲରେ ଡି.ଆର.ଜି. ଏବଂ ୧୬୮ ସିଆରପିଏଫ ବାଟାଲିୟନ ପକ୍ଷରୁ ବୁଧବାର ମିଳିତ କୋମ୍ବିଂ ଅପରେଶନ କରାଯାଇଥିଲା। ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବାବେଳେ ପାଇ ସୁରକ୍ଷା କର୍ମୀମାନେ ସେଠାକୁ ଯାଇଥିଲେ। ପୋଲିସ ଆସୁଥିବା ଜାଣିପାରି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ପୋଲିସ ଗୁଳିରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ଅନେକ ମାଓବାଦୀ ଘଟଣାସ୍ଥଳରୁ ଖସି ଯାଇଛନ୍ତି।

# ନାମ ନେଲି

୫ ରାଜ୍ୟର ବିଧାନସଭା ଫଳାଫଳ ଦିନର ଘଟଣା। ନିର୍ଦ୍ଧାରିତ ସମୟ ପୂର୍ବରୁ ଖଟିରେ ଭିଡ ଜମିଯାଇଥାଏ। ନ' ଟାଳା ପଛପଟେ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସରଗରମ ଆଲୋଚନା ଚାଲିଥାଏ। ୫ ରାଜ୍ୟରୁ ୩ ରାଜ୍ୟର ଫଳାଫଳ ନେଇ ସମସ୍ତଙ୍କ ମଧ୍ୟରେ ଉତ୍ସୁକତା ରହିଥାଏ। ଛତିଶଗଡ ଫଳାଫଳକୁ ଉପଲକ୍ଷ୍ୟ କରି ଦାସ ବାବୁ କହିଲେ, ସେଠାରେ ଚାଉଳ ବାବା ରାଜୁତି କରୁଥିଲେ। ଏଠି ବି ୨୦୦୮ରୁ ଚାଉଳ ଦିଆଯାଉଛି। ବାବା ସେଠାରୁ ପ୍ରଥମେ ବିଦା ହେଲେ, ଏବେ ଓଡ଼ିଶାରେ ତା'ର ପୁନରାବୃତ୍ତି ହେବ। ଏକଥା ରାଉତ ବାବୁଙ୍କୁ ଭଲ ଲାଗିଲା ନାହିଁ। ପ୍ରାୟ ଦି ଢୋକ ଚା' ଏକାବେଳେ ପିଇ କହିଲେ, ସେଠା କଥା ଅଲଗା। ଦେଶୀ ମାଲ ଗାଁ ଗଣ୍ଡାରେ ଲୋକେ ପିଇଲେ, ଚାଷୀଙ୍କୁ ଅଣଦେଖା କରାଗଲା। ତେଣୁ ଚାଉଳ ବାବା ଚିତ୍‌ପଟାଙ୍ଗ୍ ମାରିଲେ। ରାଉତ ବାବୁଙ୍କ ଏକଥା ଦାସବାବୁଙ୍କ ଦେହରେ ଗଲା ନାହିଁ। ସାମାନ୍ୟ ରାଗି କହିଲେ, ଚାଲୁଣି କହୁଛି ଛୁଞ୍ଚିକୁ । ଦେଶୀ ନ ହେଲେ ତ ଏଠି ବିଦେଶୀ ମାଲ ବନ୍ୟା। ଚାଷୀଙ୍କ ଅବସ୍ଥା କ'ଣ ତାହା ପାରାଦୀପ ମାନ୍ୟବରଙ୍କ କଥାରୁ ଜଣାପଡୁଛି। ତେଣୁ ଏଥର ପରିବର୍ତ୍ତନ। ଏକଥା ଶୁଣି ଅନ୍ୟ ଖଟି ମେମ୍ବରମାନେ ମଜା ନେଉଥାନ୍ତି। ଅନୁସନ୍ଧାନରୁ ଜଣାପଡିଲା, ସେ ଦିନ ଖଟିରେ ପରଷା ଯାଇଥିବା ଚା' ଫୁଲ ଦଳର ଜନୈକ ସମର୍ଥକଙ୍କ ପକ୍ଷରୁ ଅଗ୍ରିମ କରାଯାଇଥିଲା। ଫଳାଫଳ ଦଳର ପ୍ରତିକୂଳ ହେବାରୁ ଟଙ୍କା ଦେଲା ପରେ କୁଆଡେ କହିଥିଲେ, ଅତି ଉତ୍ସାହରୁ ନାମ ନେଲି।

## ଖଟିରେ ଖଟିରେ...

# କେବେ ଯିବ କେଜାଣି

ଏଇ କେଇଦିନ ହେଲା ଲୋକଙ୍କୁ ପୂରା ହକି ମାନିଆ ଘାରିଛି। ଯୁଆଡେ ଗଲେ ଶୁଣିବାକୁ ମିଳୁଛି ଭାଇ ଖଣ୍ଡେ ଦିଏ ହେ, ଆଜି ନ ହେଲେ ନାହିଁ କାଲି ପାଇଁ ତ ଗୋଟେ ଦିଅ, ହକି ନ ହେଲା ନାହିଁ ଗୋଟେ 'ଫେଷ୍ଟ' ଉତ୍ସବର ପାସ୍ ଆଣିଦିଅ। ଖଣ୍ଡେ ପାସ୍ ପାଇଁ ଲୋକେ ଏଭଳି କହିହେଉଛନ୍ତି। ଆମ ରାଇଜ ସରକାରୀ ମୁଖ୍ୟାଳୟ ଭିତର ଚା ଖଟିରେ ହକି ଟିକଟ ପାଇଁ ଜଣେ ବ୍ୟକ୍ତି ମଧ୍ୟ ଏଭଳି କାକୁତିମିନତି ହେଉଥାଆନ୍ତି। ସେ ଜଣଙ୍କୁ କହୁଥାଆନ୍ତି, ଭାଇ ପ୍ଲିଜ୍ ଆଜି ପାଇଁ ଖଣ୍ଡେ ଦିଅ ହେ। ତୁମେ ପରା ଦକ୍ଷିଣୀ ମାନ୍ୟବରଙ୍କ ସୁରକ୍ଷା ଦାୟିତ୍ୱରେ ରହିଛ, ଖଣ୍ଡେ ଟିକଟ ଦେଇପାରିବନି। ସୁରକ୍ଷା ଯୋଗାଉଥିବା ଭାଇ ଜଣକ କିନ୍ତୁ ନାଚାର। ଏଣେ ନିଜ ପରିଚିତ ଭାଇଙ୍କ ପାଇଁ ଟିକଟ ଖଣ୍ଡେ ଯୋଗାଡ କରିପାରୁ ନ ଥାଆନ୍ତି କି କଥାକୁ ସହଜରେ ସହି ବି ପାରୁ ନ ଥାଆନ୍ତି। ସେଇଠୁ ବ୍ୟକ୍ତି ଜଣକ କହିଲେ, ଇରେ ଭାଇ ତୁମ ବାବୁ ଚାହିଁଲେ ପରା ପୁଳାଏ ଟିକଟ ଦେଇଦେବେ। ସେଇଠୁ ସୁରକ୍ଷା ଯୋଗାଉଥିବା ଭାଇ କହିଲେ, ଆରେ ଭାଇ ତାଙ୍କ ଘରେ ପରା ପୁଳେ ଲୋକ। କାହାକୁ ମୁଁ ଦେଇପାରୁନି, ତୁ ଯାଇ ନ ଥିବୁ ଏମିତି ବହୁ ଲୋକ ଅଛନ୍ତି, ଆସିକି ମୁଣ୍ଡ ଖାଇବେ। କେବେ ଏ ହକି ଯିବ କେଜାଣି।

## ପ୍ରଥମ ପୃଷ୍ଠାରୁ...

# ୪୦ ହଜାର ...

ଆୟୋଜନରେ ପଞ୍ଚାୟତିରାଜ ଅନୁଷ୍ଠାନର ପ୍ରତିନିଧି ଏବଂ ସ୍ୱେଚ୍ଛାସେବୀମାନଙ୍କ ସହାୟତା ନିଆଯିବ। କାର୍ଯ୍ୟକ୍ରମ ଆୟୋଜନର ଯଥେଷ୍ଟ ପୂର୍ବରୁ ଯୋଜନାର କାର୍ଯ୍ୟକାରିତାରେ ଗୁଣାତ୍ମକ ଦିଗକୁ ଅଗ୍ରାଧିକାର ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମ ଜରିଆରେ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ, ଉନ୍ନୟନ କମିଶନର ଅସିତ୍ ତ୍ରିପାଠୀ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ। ସେହିପରି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବିଭିନ୍ନ ଜିଲାର ଜିଲାପାଳ ଓ ବିଡିଓମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଭିଜିଲାନ୍ସର କ୍ଲିନ୍‌ଚିଟ୍, ...


ହରିଦାସପୁରରେ ଗଚ୍ଛିତ ଥିବା ଲୁହାପଥର।

ଲୁହାପଥର ବିଭିନ୍ନ ସ୍ଥାନରେ ଲୁଚାଇ ରଖିଥିଲେ। ୨୦୧୧ ମେ ୧୦ରେ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ହରିଦାସପୁରରେ ଲୁକ୍କାୟିତ ଭାବେ ଲୁହାପଥର ଗଚ୍ଛିତ ଥିବା ନେଇ ତତ୍କାଳୀନ ଭିଜିଲାନ୍ସ ଡିଜି ଅନୁପ କୁମାର ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୧।୫।୨୦୧୧ରେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରରେ ସେ ସମୟର ପରିବହନ ମୂଲ୍ୟକୁ ମିଶାଇ ପ୍ରାୟ ୫୦କୋଟି ଟଙ୍କାର ଚୋରା ଲୁହାପଥର ଜବତ କରାଯାଇଥିଲା। ଖଣି ବିଭାଗର ଦେବଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ୫ଟି ସ୍ୱତନ୍ତ୍ର ଦଳ କଳିଙ୍ଗ ଟ୍ରାନ୍ସପୋର୍ଟ, ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ହରିଦାସପୁର ପ୍ଲଟ, ପାରାଦୀପ ପୋର୍ଟ, ଯୋଡା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ, ୟାଜଦାନି କମ୍ପାନୀ ପ୍ରଭୃତି ଉପରେ ଚଢାଉ କରିଥିଲେ। ଯେଉଁ ଘଟଣାର ଆଜି ପର୍ଯ୍ୟନ୍ତ ପର୍ଦ୍ଦାଫାଶ ହୋଇ ପାରି ନ ଥିଲା। ହେଲେ ୨୦୧୭ରୁ ଭିଜିଲାନ୍ସ ଏହି ମାମଲାରେ କ୍ଲିନଚିଟ ଦେଇଥିଲା। ବିକ୍ରି କରିବାକୁ ସତେବେଳେ ଗ୍ରାହକ ମିଳି ନ ଥିବାରୁ ୟାଜଦାନି ଏବେ ସେହି ଗଚ୍ଛିତ ଲୁହାପଥରକୁ ବିକ୍ରି କରିବାକୁ ଉଦ୍ୟମ ଆରମ୍ଭ କରିଛି।

ଅନ୍ୟପକ୍ଷରେ ଏହା ଏକ ମହାଦୁର୍ନୀତି ବୋଲି ଅଭିଯୋଗ ହୋଇଛି। ଏଥିରେ ତତ୍କାଳୀନ ଲୋଡିଂ ଅନ୍‌ଲୋଡିଂ କଣ୍ଟ୍ରାକ୍ଟର, ରେଲୱେ ସାଇଡିଂ ଅଧିକାରୀ, ରାଜନେତା, କେତେଜଣ ଖଣି ଅଧିକାରୀ ସାମିଲ ଥିବାରୁ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହୋଇଥିବା କୁହାଯାଉଛି। ଅନୁରୂପ ଭାବେ ଯଖପୁରା ରେଲୱେ ସାଇଡିଂ ନିକଟରେ ଜବତ ହୋଇଥିବା ଉତ୍କୃଷ୍ଟମାନର ଲୁହାପଥର ଏବେ ତଦନ୍ତାଧୀନ ରହିଛି। ନିକଟରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଲୁହାପଥର ନମୁନା ସଂଗ୍ରହ କରି ଖଣି ବିଭାଗ ପୁଣି ପରୀକ୍ଷା ପାଇଁ ପଠାଇଛି। ଏହିସବୁ ଘଟଣାରେ ସମ୍ପୃକ୍ତ ଥିବା ଅନେକ ପ୍ରଭାବଶାଳୀଙ୍କୁ ଦୋଷମୁକ୍ତ କରିବାକୁ ସରକାର ଏହିଭଳି ଚକ୍ରାନ୍ତ ଚଳାଇଥିବା ଏବେ ଚର୍ଚ୍ଚା ଜୋର ଧରିଛି। ଏ ସଂକ୍ରାନ୍ତରେ ଜିଲା ଖଣି ଅଧିକାରୀ ଅସିତ କୁମାର ବେହେରା କହିଛନ୍ତି, ଭିଜିଲାନ୍ସର କ୍ଲିନଚିଟ ପରେ ହରିଦାଶପୁରରେ ଗଚ୍ଛିତ ଲୁହାପଥରକୁ ୟାଜଦାନିକୁ ହସ୍ତାନ୍ତର କରାଯାଇଛି। ସେହି ଅନୁସାରେ ୟାଜଦାନି କମ୍ପାନୀ ପକ୍ଷରୁ ଲୁହାପଥର ବିକ୍ରି ହେଉଥିବା ଅନୁମାନ କରାଯାଉଛି।

# ଶ୍ରୀକାନ୍ତଙ୍କ ବିରୋଧରେ ...

କାର୍ଯ୍ୟାନୁଷ୍ଠାନ ନେଇ ନିଷ୍ପତ୍ତି ହୋଇଥିବା ସୂତ୍ରରୁ ପ୍ରକାଶ। ଶ୍ରୀକାନ୍ତ ଏଆଇସିସି ସଭ୍ୟ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ପିସିସି ନିଷ୍ପତ୍ତି ସମ୍ପର୍କରେ ହାଇକମାଣ୍ଡଙ୍କୁ ଜଣାଯିବ ବୋଲି କୁହାଯାଇଛି।

କଂଗ୍ରେସ ଭବନରେ ବୁଧବାର ବସିଥିବା ଶୃଙ୍ଖଳା କମିଟି ବୈଠକ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସେ କହିଛନ୍ତି ଯେ, ଶ୍ରୀକାନ୍ତଙ୍କ କାର୍ଯ୍ୟକଳାପ ନେଇ ବୈଠକରେ ଆଲୋଚନା କରାଯାଇଛି। ସମସ୍ତ ସଭ୍ୟମାନେ ନିଜ ନିଜ ମତ ରଖିଛନ୍ତି। ପିସିସି ପକ୍ଷରୁ ଏ ନେଇ ଏଆଇସିସିକୁ ଅବଗତ କରାଯିବ। ଶ୍ରୀକାନ୍ତ ବାବୁ ଏଆଇସିସି ମେମ୍ବର ହୋଇଥିବାରୁ ଏଆଇସିସି ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ହେମାନନ୍ଦ କହିଛନ୍ତି। ଭିତିରି ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ବୈଠକରେ ପୂର୍ବସ୍ଥିରୀକୃତ ନିଷ୍ପତ୍ତିକୁ କେବଳ ପାଳନ କରାଯାଇଥିଲା। ତାଙ୍କ ବିରୋଧରେ ଶୃଙ୍ଖଳା କମିଟି ବୈଠକ ବସୁଥିବାରୁ ଶ୍ରୀକାନ୍ତ ମଧ ଗଣମାଧ୍ୟମକୁ ମତାମତ ଦେଇଛନ୍ତି। ସେ କହିଛନ୍ତି ଯେ, ଜୀବନରେ କେବେ ଖଣି ଚୋରି କରିନାହିଁ। ବ୍ୟବସାୟ ପାଇଁ ଅଭ୍ୟାସଗତ ଭାବେ ଲାଞ୍ଚ ଦେଇ ହାଇକୋର୍ଟଙ୍କ ଦ୍ୱାରା ଭର୍ତ୍ସିତ ହୋଇ ନାହିଁ । ବିଶୃଙ୍ଖଳା କ'ଣ କରିଛି, ଜାଣିନାହିଁ। ଏଆଇସିସି ଯଦି ତାଙ୍କୁ କିଛି ପଚାରେ, ସେ ତାହାର ଯୁକ୍ତିଯୁକ୍ତ ଉତ୍ତର ଦେବେ ବୋଲି ଶ୍ରୀକାନ୍ତ କହିଛନ୍ତି। କେଉଁ କଂଗ୍ରେସ ନେତାଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଖଣି ଚୋର କହି ଆକ୍ଷେପ କରିଛନ୍ତି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିରୋଧୀ ଦଳ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି, ବିଧାୟକ ପ୍ରଫୁଲ୍ଲ ମାଝି, ଯୋଗେଶ ସିଂ ଏବଂ ପୂର୍ବତନ ଏମ୍‌ପି ଅନନ୍ତ ସେଠୀଙ୍କ ବିରୋଧରେ ପିସିସି ପକ୍ଷରୁ ଶୃଙ୍ଖଳା କମିଟି ବସିଥିଲା। ସେମାନଙ୍କ ଦ୍ୱାରା କରାଯାଇଥିବା ଦଳ ବିରୋଧୀ କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏଆଇସିସିକୁ କୁହାଯାଇଥିଲା। ହେଲେ ଏଯାବତ୍ କୌଣସ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଓଲଟି ତାରା, ପ୍ରଫୁଲ୍ଲଙ୍କୁ ମୁଖପାତ୍ର ଓ ଅନନ୍ତ ସେଠୀଙ୍କୁ ଉପସଭାପତି କରାଯାଇଛି। ତେଣୁ ଏଆଇସିସି କ'ଣ ନିଷ୍ପତ୍ତି ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିବ।

# କମିଲା ବସ୍ ...

ଏହି ହ୍ରାସ ଫଳରେ ସାଧାରଣ ବସ୍ ଭଡା କିଲୋମିଟର ପିଛା ୭୦ ପଇସାରୁ ୬୮ ପଇସା ହୋଇଥିବା ବେଳେ ଏକ୍ସପ୍ରେସ ୭୩ରୁ ୭୧, ଡିଲକ୍ସ ବସ କିଲୋମିଟର ପିଛା ୧ଟଙ୍କା ୧ପଇସାରୁ ୯୭ ପଇସା ଏବଂ ଏସି ଡିଲକ୍ସ ବସ କିଲୋମିଟର ପିଛା ୧ ଟଙ୍କା ୨୩ ପଇସାରୁ ୧ଟଙ୍କା ୧୯ ପଇସାକୁ କମିଛି।

ଗତ କିଛିଦିନ ହେବ ଡିଜେଲ ଓ ପେଟ୍ରୋଲ ଦର ଲଗାତର ହ୍ରାସ ପାଇ ଚାଲିଥିବାରୁ ବସ ଭଡା ମଧ ହ୍ରାସ ପାଉଛି। ତେବେ ତୈଳ ଦର ବୃଦ୍ଧି ଯୋଗୁ ଚଳିତ ବର୍ଷ ସେପ୍ଟେମ୍ବର ୧୫ ଯାଏ ୫ ଥର ବସ୍ ଭଡା ବୃଦ୍ଧି ହୋଇଥିଲା। ୨୦୧୮ ଜାନୁୟାରୀ ୩ରେ ୧ ଓ ୨ ପଇସା ବଢିଥିଲା। ସେହି ମାସ ୩୦ ତାରିଖରେ ପୁଣି ୨ ଓ ୪ ପଇସା ବୃଦ୍ଧି ପାଇଥିଲା। ସେହିପରି ଏପ୍ରିଲ ୪ରେ ୧ରୁ ୨ ପଇସା, ମେ ୨୮ରେ କିଲୋମିଟର ପିଛା ୨ ଓ ୪ ପଇସା ଏବଂ ସେପ୍ଟେମ୍ବର ୧୫ରେ ପୁଣି ଭଡ଼ା ବୃଦ୍ଧି ପାଇଥିଲା। ଏହାଛଡା ୨୦୧୭ ଅକ୍ଟୋବର ୨୮ରେ ରାଜ୍ୟ ସରକାର ଘରୋଇ ବସ୍ ଭଡ଼ା ବୃଦ୍ଧି କରିଥିଲେ। ବସ୍ ଚଳାଇବା ପାଇଁ ଥିବା ୧୨ଟି ପାରାମିଟର ଆଧାରରେ ଏହି ଭଡା ବୃଦ୍ଧି ହୋଇଥିଲା। ସାଧାରଣ ଓ ଏକ୍ସପ୍ରେସ ବସ୍ ଭଡା କିଲୋମିଟର ପିଛା ୪ ପଇସା ବୃଦ୍ଧି କରାଯାଇଥିବା ବେଳେ ଡିଲକ୍ସ ବସ କିଲୋମିଟର ପିଛା ୫ ପଇସା ଓ ଏସି ଡିଲକ୍ସ ବସ କିଲୋମିଟର ପିଛା ୬ ପଇସା ହିସାବରେ ବଢିଥିଲା। ସ୍ୱୟଂକ୍ରିୟ ବ୍ୟବସ୍ଥା ଅନୁଯାୟୀ ପେଟ୍ରୋଲ କିମ୍ବା ଡିଜେଲ ଲିଟର ପିଛା ୨ ଟଙ୍କା ବୃଦ୍ଧି କିମ୍ବା ହ୍ରାସ ହେଲେ କିଲୋମିଟର ପିଛା ୧ ଓ ୨ ପଇସା ବଢିବ କିମ୍ବା କମିବ। ଏହି ଆଧାରରେ ବସ୍ ଭଡା ହ୍ରାସ ଓ ବୃଦ୍ଧି କରାଯାଉଛି। ତେବେ ଗତ ୧୫ ଦିନ ମଧ୍ୟରେ ୨ ଥର ବସ୍ ଭଡା କିଲୋମିଟର ପିଛା ୪ ଓ ୮ ପଇସା ହ୍ରାସ ପାଇଛି।

# ଏବେଠୁ ବିଦ୍ୟୁତ୍...

ତାପଜ ବିଦ୍ୟୁତ କେନ୍ଦ୍ରଗୁଡିକରୁ ୬୮୪ ଏବଂ ଆଇପିପିଗୁଡିକରୁ ୧୧୪୭ ମେଗାୱାଟ ଶକ୍ତି ଉତ୍ପାଦନ ହୋଇଛି। ସେହିପରି ବୁଧବାର ସନ୍ଧ୍ୟାରେ ରାଜ୍ୟର ବିଦ୍ୟୁତ୍ ଚାହିଦା ଥିଲା ୩୬୯୨ ମେଗାୱାଟ। ବିଦ୍ୟୁତ୍ ଅଭାବ ମେଣ୍ଟାଇବାକୁ ସେଣ୍ଟ୍ରାଲ ପୁଲ୍‌ରୁ ୧୧୫୦ ମେଗାୱାଟ ବିଦ୍ୟୁତ୍ କ୍ରୟ କରାଯାଇଛି।

ରାଜ୍ୟରେ ୬୭ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା କାର୍ଯ୍ୟକାରୀ ହେବା ପରଠାରୁ ଗତ ଦୁଇ ବର୍ଷ ମଧ୍ୟରେ ଏହି ସଂଖ୍ୟା ୭୭ ଲକ୍ଷକୁ ବୃଦ୍ଧି ପାଇଛି। ଆସନ୍ତା ୨ ବର୍ଷ ମଧ୍ୟରେ ଉପଭୋକ୍ତା ସଂଖ୍ୟା ୮୦ ଲକ୍ଷକୁ ଟପିଯିବା ସହିତ ରାଜ୍ୟରେ ୧୫୦୦ ମେଗାୱାଟ ଅତିରିକ୍ତ ବିଦ୍ୟୁତ୍ ଚାହିଦା ଆବଶ୍ୟକ ହେବ ବୋଲି ଅନୁମାନ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବର୍ଷର ଅଧିକାଂଶ ସମୟରେ ଗରମ ଅନୁଭୂତ ହେଉଛି। ଏସି ଏବଂ ଅନ୍ୟାନ୍ୟ ବିଦ୍ୟୁତ୍ ଉପକରଣର ବ୍ୟବହାର ବଢି ଚାଲିଛି। ଅନ୍ୟପକ୍ଷରେ ରାଜ୍ୟରେ ଉପଭୋକ୍ତା ସଂଖ୍ୟା ଯେଉଁ ହାରରେ ବଢି ଚାଲିଛି ବିଦ୍ୟୁତ୍ ଉତ୍ପାଦନ ମଧ ସେହି ଅନୁପାତରେ ବଢୁ ନାହିଁ। ଏଭଳି ସ୍ଥିତିରେ ରାଜ୍ୟ ସରକାର ବିଦ୍ୟୁତ୍ ଚାହିଦାକୁ ଭରଣା କରିବା ପାଇଁ ଉତ୍ପାଦନ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଗ୍ରୀଡ୍‌କୋ ୨୦୨୦-୨୧ ବେଳକୁ ରାଜ୍ୟରେ ୫୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କରିବାକୁ ଯୋଜନା କରିଛି। ରାଜ୍ୟ ସରକାର ୨୦୦୦ରୁ ୨୦୧୪ ମଧ୍ୟରେ ୩୦ଟି ଆଇପିପି ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ସେଥିରୁ ୨୦ଟି ଏ ପର୍ଯ୍ୟନ୍ତ ଉତ୍ପାଦନ ଆରମ୍ଭ କରି ନାହାନ୍ତି। ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ କହିଛନ୍ତି ଯେ ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଆଗାମୀ ଦିନରେ ବହୁତ ବଢିଯିବ। ବିଦ୍ୟୁତ୍ ସଙ୍କଟ ସୃଷ୍ଟି ହେବାର ଆଶଙ୍କା ନାହିଁ ।

# ବରଗଡ଼ ଧନୁଯାତ୍ରା...

ପୂଜାର୍ଚ୍ଚନା କରାଯାଇଥିଲା । ପୂଜାର୍ଚ୍ଚନା ପରେ ସନ୍ଧ୍ୟା ପ୍ରାୟ ୬ଟାରେ ଏକ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀ ଅଭିମୁଖେ ବାହାରିଥିଲା । ସାଂସ୍କୃତିକ ଶୋଭାଯାତ୍ରା ହାଟପଦାସ୍ଥିତ ସଞ୍ଚାର ମଣ୍ଡଳୀଙ୍କୁ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପହଞ୍ଚିବା ପରେ ସେଠାରେ ବିଧିମତେ ପୂଜାର୍ଚ୍ଚନା ହୋଇଥିଲା ଏବଂ ଆସନ୍ତା ୭୦ତମ ଧନୁଯାତ୍ରା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ଓ ଇନ୍ଦ୍ରଧ୍ୱଜ ସ୍ଥାପନ କରାଯାଇଥିଲା। ଏହି ସମୟରେ ଧନୁଯାତ୍ରା ମହୋତ୍ସବ ସମିତି ସଭାପତି ତଥା ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ, ଅତିରିକ୍ତ ଏସ୍‌ପି ଯଶୋବନ୍ତ ସେନାପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ଶିବ ଶଙ୍କର ଦାଶ ପୂଜାର୍ଚ୍ଚନା କରିଥିଲେ । ଧନୁଯାତ୍ରା ମହୋତ୍ସବର କଂସ ଅଭିନେତା ଭୁବନେଶ୍ୱର ପ୍ରଧାନଙ୍କ ସମେତ ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥି, ଅତିରିକ୍ତ ଜିଲାପାଳ ତପିରାମ ମାଝି, ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଡିଆର୍‌ଡିଏ ପିଡି କୃତିବାସ ରାଉତ, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।


# ମନେ ପଡ଼ନ୍ତି

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ହିମାଂଶୁବାଳା ପଟ୍ଟନାଏକ**
ଆବିର୍ଭାବ: ଫେବୃୟାରୀ ୧୯୪୮
ତିରୋଧାନ: ୦୩।୧୨।୨୦୧୮

ଗତ ୦୩।୧୨।୨୦୧୮ସୋମବାର ଦିନ ୧.୦୫ ମିନିଟ ସମୟରେ ଇହଧାମ ତ୍ୟାଗ କଲେ। ଆଜିର ଏହି ଏକାଦଶାହରେ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଯେଉଁଠି ଥାଅ ଭଲରେ ଥାଅ। ହତଭାଗ୍ୟ ସ୍ୱାମୀ- ମହେଶ୍ୱର ପଟ୍ଟନାଏକ, ପରିବାରବର୍ଗ- ବନଶ୍ରୀ, ସତ୍ୟ, ଗୁନି, ଝୁନି, ମୁନା, ଟିକି, ଦୀପା, ଖୁସି। ଧ-୧୪୫୫୮

## ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା କନକପ୍ରଭା ତ୍ରିପାଠୀ**
ସ୍ୱର୍ଗତ ବ୍ୟୋମକେଶ ତ୍ରିପାଠୀଙ୍କ ଧର୍ମପତ୍ନୀ
ଆବିର୍ଭାବ: ୧୦।୦୫।୧୯୩୮
ତିରୋଧାନ: ୨୪।୧୧।୨୦୧୭

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତୁଣୀ- ନାତୁଣୀଜ୍ୱାଇଁ, ଅଣନାତି, ଅଣନାତୁଣୀ, ଶୁଭଚିନ୍ତକ, ବନ୍ଧୁ ଓ ତ୍ରିପାଠୀ ପରିବାରବର୍ଗ। ଧ-୬୩୭୪୨

## ଷଷ୍ଠ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭାସ୍କର ସେଠୀ**
୧୫୩ ରତ୍ନାକରବାଗ,
ଟଙ୍କପାଣି ରୋଡ, ଭୁବନେଶ୍ୱର
ଆବିର୍ଭାବ: ୨୨।୧୨।୫୩
ତିରୋଧାନ: ୧୮।୧୨।୧୨

ଆଜିର ଏହି ଦିବସରେ ଆପଣଙ୍କୁ ଆମର ବିନମ୍ର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଶୋକସନ୍ତପ୍ତ: ପରିବାରବର୍ଗ। ଧ-୫୮୦୨୧

## ସପ୍ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସଞ୍ଜୀବନୀ ପଟ୍ଟନାୟକ**

ନିତୁ ଚାହୁଁ ଚାହୁଁ ଆଜକୁ ସାତ ବର୍ଷ ହେଲା ତୁ ଆମ ସମସ୍ତଙ୍କୁ ଛାଡି ଚାଲିଗଲୁ। ଆଜି ବି ପ୍ରତି ମୁହୂର୍ତ୍ତରେ ତୋର ସ୍ମୃତି ମନେପଡେ। ତୁ ଯେଉଁଠି ବି ଅଛୁ ଭଲରେ ଥା। ଶୋକସନ୍ତପ୍ତ ପଟ୍ଟନାୟକ ଓ ସାମଲ ପରିବାରବର୍ଗ, ଚାନ୍ଦବାଲି। ଧ-୯୯୭୫


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନୂତନ ଉତ୍ସାହ ଓ ଉଦ୍ଦୀପନାର ସହ ଯାତ୍ରା, ବନ୍ଧୁମିଳନଜନିତ ଦିନଟି ଉପଭୋଗ୍ୟ ରହିବ। ଚନ୍ଦ୍ର ଓ କେତୁ ସମ୍ବନ୍ଧରୁ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ସନ୍ତୋଷଜନକ ରହିନପାରେ। ସାମୟିକ ଦ୍ୱନ୍ଦ୍ୱ ଓ ତର୍କବିତର୍କ କ୍ଷେତ୍ରରେ ମନବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ। ଯାତ୍ରା, ବାଣିଜ୍ୟ କ୍ଷେତ୍ରରେ ସତର୍କତା ରକ୍ଷା କରିବା ଭଲ ହେବ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ପ୍ରାୟତଃ ସୁଧୁରି ଯିବାରେ ଲାଗିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କଠାରୁ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ପାରସ୍ପରିକ ମନର ଅମେଳ ରହିବା କାରଣରୁ ଘରୋଇ କଳହକୁ ନେଇ ମନ ସାମୟିକ ବିଷାଦଗ୍ରସ୍ତ ହୋଇପାରେ।

**ମିଥୁନ** ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ଓ ଆର୍ଥିକ ଅଭିବୃଦ୍ଧି ମାନସିକ ସ୍ତରକୁ ପ୍ରଫୁଲ୍ଲିତ ରଖିବ। ମନେ ମନେ ଭାବୁଥିବେ ଗୋଟିଏ କଥା କିନ୍ତୁ କଲାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ସହକର୍ମୀଙ୍କ ସହଯୋଗରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବାର ଆଶା କରାଯାଇପାରେ। ମେସିନାରି ଜିନିଷ ତଥା ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**କର୍କଟ** କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବନ୍ଧୁମାନଙ୍କ ଗହଣରେ ପ୍ରତ୍ୟୁଷ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ଆଲୋଚନା ପରିସରରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ପାଇବେ।

**ସିଂହ** ବନ୍ଧୁମିଳନ ଓ ନୂତନ କର୍ମାରମ୍ଭ ପାଇଁ ଦିନଟି ପ୍ରଶସ୍ତ ରହିବ। ଦୀର୍ଘଦିନରୁ ସ୍ଥଗିତ ରହିଯାଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନେଇ ଚିନ୍ତା ପ୍ରକଟ କରିପାରନ୍ତି।

**କନ୍ୟା** ଅପୂରଣୀୟ ଆଶା ପୂରଣ କ୍ଷେତ୍ରରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବାର ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ନିଜର ଜମା ଟଙ୍କା ପାଇବାରେ ବିଳମ୍ବ ଜନିତ ଅର୍ଥାଭାବ କୌଣସି କାମ କରିବାରେ ପଛେଇଯିବେ।

**ତୁଳା** ବିଭିନ୍ନ କାମରେ ଅନୁପ୍ରବେଶ କରି ସଫଳତା ହାସଲ କରିବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ ହେବ। ସାଧାରଣ ତର୍କବିତର୍କଜନିତ ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ବୃଦ୍ଧି ପାଇବ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ ପାଇଁ ପ୍ରଯତ୍ନ କରିପାରନ୍ତି।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଅନାବଶ୍ୟକ କଥାର ପୁନରାବୃତ୍ତିରୁ ଦୂରେଇ ରହିବା ଭଲ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବାଧ ହୋଇପାରନ୍ତି। କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ନୂତନ କର୍ମାରମ୍ଭ, ବନ୍ଧୁ ସମ୍ପର୍କ, ବାଣିଜ୍ୟ, ବ୍ୟବସାୟ ପ୍ରଭୃତିରେ ସଫଳତା ହାସଲ କରିପାରିବେ।

**ଧନୁ** ମତଭେଦ କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ ଅଶାନ୍ତି ଦେଖାଦେଇପାରେ। ଅଫିସ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ନିର୍ମାଣ, ସଭାସମିତି ତଥା ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବା ସାଙ୍ଗକୁ ଆଶା କରିଥିବା ଖବର ପାଇ ସାମୟିକ ଖୁସୀ ହୋଇଯିବେ।

**ମକର** ଧୀରେ ଧୀରେ ଆପଣଙ୍କ ଆଶା ଓ କଳ୍ପନା ବାସ୍ତବତାରେ ପରିଣତ ହେବା ସକାଶେ ଅନୁକୂଳ ସ୍ଥିତି ସୃଷ୍ଟି ହୋଇଯିବ। ଯେକୌଣସି ପରିସ୍ଥିତି ହେଉନା କାହିଁକି, ଆପଣ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅଫିସ କାମରେ ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଚେଷ୍ଟିତ ହେବେ। ଯାତ୍ରା, ମାଙ୍ଗଳିକ କାମ ଓ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** କୌଣସି ଆତ୍ମୀୟଙ୍କ ନକାରାତ୍ମକ ଚିନ୍ତାଧାରା ମନକୁ ସାମୟିକ ବିବ୍ରତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ନିକଟ ସମ୍ପର୍କୀୟଙ୍କ ସହାୟତାରେ ଆଧ୍ୟାତ୍ମିକ ଭାବନା ଓ କାର୍ଯ୍ୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବା ଅନୁମେୟ।

**ମୀନ** କୌଣସି ବନ୍ଧୁଙ୍କ ଆସିବାର ବିଳମ୍ବତାକୁ ଲକ୍ଷ୍ୟକରି ବିଚଳିତବୋଧ କରିପାରନ୍ତି। ଜମା ଭଲ ପଡୁ ନ ଥିବା ପାଖ ପଡୋଶୀଙ୍କ ଟିପ୍ପଣୀ ମନରେ ଦୁଶ୍ଚିନ୍ତା ସୃଷ୍ଟି କରିବ। ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା ଫଳରେ ମନରେ ଭାବାନ୍ତର ସୃଷ୍ଟି ହେବ।

ଆଜି ମାର୍ଗଶିର ଶୁକ୍ଳପକ୍ଷର ପ୍ରାବରଣ/ଓଢ଼ଣଷଷ୍ଠୀ ଗୁରୁବାର(ଶ୍ରୀମନ୍ଦିରରେ ଘୋଡ଼ଲାଗି ବେଶ ଆରମ୍ଭ )(ଶ୍ରୀଜୀଉମାନେ ବାର ଅନୁସାରେ ବିଭିନ୍ନ ରଙ୍ଗର ଘୋଡ଼ ଲାଗିହେବେ), ଆଜି ମାଣବସା ଗୁରୁବାର ତୃତୀୟପାଳି, ଶରଣ, ଡିସେମ୍ବର ୧୩ ତାରିଖ, ରାଶି ନକ୍ଷତ୍ର-ଧନିଷ୍ଠା/କୁମ୍ଭ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୯ମି. ଗତେ ଘ.୧୧।୪୦ମି. ମଧ୍ୟେ, ଘ.୧।୦୧ମି. ଗତେ ଘ.୨।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୭।୩୭ମି. ମଧ୍ୟେ ଘ.୧୧।୪୦ମି. ଗତେ, ଘ.୧।୦୧ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ.୧।୦୨ମି. ଗତେ ଘ.୨।୨୩ମି. ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୩/୨୦୧୮



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ବଜ୍ରକାପ୍ତା ଜବତ, ଚୋରା ଚାଲାଣ ଚାଲିଛି

**ଶିକ୍ଷକଙ୍କ ସମେତ ୭ ଗିରଫ**

ମାଲକାନଗିରି,୧୨।୧୨ (ଡି.ଏନ୍.ଏ.): ମାଲକାନଗିରି ଜିଲା ବନ ବିଭାଗ ବୁଧବାର ଏକ ବଜ୍ରକାପ୍ତା ଜବତ କରିଛି। ଏହି ଘଟଣାରେ ଜଣେ ଶିକ୍ଷକଙ୍କ ସମେତ ୭ଜଣଙ୍କୁ ବନ ବିଭାଗ ଅଟକ ରଖି ତଦନ୍ତ ଚଳାଇଛି। ସେମାନେ ହେଲେ ଏମ୍.ଭି.- ୪୭ ଗ୍ରାମର ଗୋକୁଳାନନ୍ଦ ମିସ୍ତ୍ରି, ଦୁଗାଲି ଗ୍ରାମର କମଳଲୋଚନ ମାଡ଼ି, ଲୁଲେର ଗ୍ରାମର ପିତମ ହରିଜନ, ସିନ୍ଧିଗୁଡା ଗ୍ରାମର ହରିବନ୍ଧୁ କମାରି, ସିନ୍ଧାବେଡା ଗ୍ରାମର ସମନ୍ଧ ପୂଜାରୀ, ପୁରୁଣାଗୁଡା ଗ୍ରାମର ଘାସିରାମ ପୂଜାରି ଏବଂ ଏମ୍.ଭି.-୧୦ ଗ୍ରାମର ପଙ୍କଜ ସରକାର। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମାଲକାନଗିରି ଡିଏଫ୍ଓ ପ୍ରଦୀପ ଦେବୀଦାସ ମିରାଶେ କହିଛନ୍ତି, ମାଲକାନଗିରି ଜିଲାରେ ଆଦିବାସୀଙ୍କୁ ପ୍ରଭାବିତ କରି କେତେକ ବାହାର ରାଜ୍ୟର ବ୍ୟବସାୟୀ ଜଙ୍ଗଲରୁ ବଜ୍ରକାପ୍ତା ଧରି ବିକ୍ରି କରୁଛନ୍ତି। ଏନେଇ ବିଶେଷ ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଗତ ରାତିରେ ୪ଟି ଟିମ୍‌ରେ ବିଭକ୍ତ ହୋଇ ବିଭିନ୍ନ ଅଞ୍ଚଳରେ ଜଗି ରହିଥିଲେ। ଭିମାରାଇଁଣି ଗ୍ରାମରେ ବିକ୍ରେତା ଏବଂ କ୍ରେତା ଏକଜୁଟ ହେବାର ସମ୍ଭାବନା ଥିବାରୁ ବିଭାଗର ଜଣେ କର୍ମଚାରୀ ସେଠାରେ କ୍ରେତା ହିସାବରେ ପହଞ୍ଚିଥିଲେ। ବଜ୍ରକପ୍ତାକୁ ଚୋରା ଚାଲାଣକାରୀମାନେ ୮ ଲକ୍ଷ ଟଙ୍କାରେ କିଣିବେ। କ୍ରେତା ଭାବେ କର୍ମଚାରୀ ମାନେ ଫୋନ୍‌ରେ ବିକ୍ରେତା ଏବଂ କ୍ରେତାଙ୍କ ସହ ଯୋଗାଯୋଗ କରି ଅଧିକ ଅର୍ଥ ଦେବୁ ବୋଲି ସୂଚନା ଦେଇଥିଲେ। ଫଳରେ ବିକ୍ରେତା ଏବଂ ଅନ୍ୟ କ୍ରେତାମାନେ ଘଟଣା ସ୍ଥଳରେ ପହଞ୍ଚିବା ପରେ ପୂର୍ବରୁ ଜଗି ରହିଥିବା ବନ କର୍ମଚାରୀମାନେ ଅଭିଯୁକ୍ତମାନଙ୍କୁ କାବୁ କରି ନେଇଥିଲେ। ବଜ୍ରକପ୍ତା ସହ ସେମାନଙ୍କୁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇ ଥିଲା। ଏଥିରେ ୭ଜଣ ସମ୍ପୃକ୍ତ ଅଛନ୍ତି। ଏମାନଙ୍କ ମଧ୍ୟରେ ମାଥିଲି ଅଞ୍ଚଳର ଜଣେ ଶିକ୍ଷକ ଥିବା ଜଣାପଡିଛି।

### ଜାନୁୟାରୀ ୫ରୁ ଉଦ୍ୟାନ କୃଷି ପ୍ରଦର୍ଶନୀ

ରାଉରକେଲା ଅଫିସ,୧୨। ୧୨: ଆରଏସ୍‌ପି ପକ୍ଷରୁ ଆସନ୍ତା ଜାନୁୟାରି ୫ ଓ ୬ତାରିଖ ୨ଦିନ ଧରି ସେକ୍ଟର-୮ ଜୁବୁଲି ପାର୍କଠାରେ ଉଦ୍ୟାନ କୃଷି ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାକୁ ଆଗ୍ରହୀମାନେ ନାମ ପଞ୍ଜୀକରଣ କରି ପାରିବେ। ଏନେଇ ଆବେଦନର ଶେଷ ତାରିଖ ଡିସେମ୍ବର ୧୫ ପର୍ଯ୍ୟନ୍ତ ରଖାଯାଇଛି। ଦର୍ଶକମାନେ ଏହି ପ୍ରଦର୍ଶନୀକୁ ଅପରାହ୍ନ ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦେଖି ପାରିବେ। ସେହିପରି ଜାନୁଆରୀ ୬ତାରିଖ ସକାଳ ୮ରୁ ରାତି ୮ ପର୍ଯ୍ୟନ୍ତ ଖୋଲା ରହିବ। ପ୍ରଦର୍ଶନୀରେ ବିଭିନ୍ନ ବର୍ଗର ଫଳ, ଫୁଲ ଓ ପନିପରିବା ନିମନ୍ତେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ।

# ସଂସ୍କୃତି ବିଭାଗ-ଓଏଫ୍‌ଡିସି ଟଣାଓଟରା

**ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର**
- ୬ ମାସ ହେବ ଶେଷ ହେଲାଣି ଆବେଦନ
- ଗଠନ ହୋଇପାରୁନି ଚୟନ କମିଟି

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଡିସେମ୍ବର ପ୍ରାୟ ଅଧା ହେଲାଣି, କିନ୍ତୁ ହୋଇପାରିଲାନି ୨୦୧୭ର ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପ୍ରଦାନ ଉତ୍ସବ। ଉତ୍ସବ ତ ଦୂରର କଥା, ଚଳଚ୍ଚିତ୍ର ଚୟନ ପାଇଁ କମିଟି ମଧ୍ୟ ଗଠନ ହୋଇପାରିନାହିଁ। ପ୍ରତିବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପୁରସ୍କାର ଉତ୍ସବ ଆୟୋଜନ କରୁଥିବା ବେଳେ ଏଥର ଉତ୍ସବ କିଏ କରିବ, ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଏଥର ଫିଲ୍ମ ଓ ଟେଲି ପୁରସ୍କାର ଉତ୍ସବ ଆୟୋଜନ କରିବା ନେଇ ଚର୍ଚ୍ଚା ଚାଲିଛି। କିଛିବର୍ଷ ହେବ ନଭେମ୍ବର କିମ୍ବା ଡିସେମ୍ବରରେ ଏହି ଉତ୍ସବ ଆୟୋଜନ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ୬ମାସ ତଳୁ ପ୍ରଯୋଜକମାନେ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପାଇଁ ଆବେଦନ କରିଛନ୍ତି। ହେଲେ ଏବେ ଯେଉଁଭଳି ସ୍ଥିତି ରହିଛି, ଆସନ୍ତାବର୍ଷକୁ ଦୁଇବର୍ଷର ପୁରସ୍କାର ଦିଆଯିବ ବୋଲି କୁହାଯାଉଛି।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ ଯୋଜନା ସହ ଚଳଚ୍ଚିତ୍ର ନୀତି ଆଣିବାକୁ ସ୍ଥିର କରିଛନ୍ତି। ଗତ ନଭେମ୍ବର ୧୧ରୁ ୧୫ ତାରିଖ ମଧ୍ୟରେ ହୋଇଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ଏଥିପାଇଁ ସ୍ୱତନ୍ତ୍ର ଅଧିବେଶନ କରାଯାଇ ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ମାନସମନ୍ଥନ କରାଯାଇଥିଲା। କିନ୍ତୁ ବାସ୍ତବରେ ଚଳଚ୍ଚିତ୍ର ଶିଳ୍ପ କାହା ଅଧୀନରେ ରହିବ, ତାହାକୁ ନେଇ ଟଣାଓଟରା ଚାଲିଥିବା ବେଳେ ଏଥିରେ ଫସିଯାଇଛି ବାର୍ଷିକ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର। ୧୯୬୮ରୁ ସଂସ୍କୃତି ବିଭାଗ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ପ୍ରଦାନ କରିଆସୁଛି। ଏହାବ୍ୟତୀତ ୨୦୧୧ରୁ ରାଜ୍ୟ ଟେଲି ପୁରସ୍କାର ଉତ୍ସବ ମଧ୍ୟ ଆୟୋଜନ କରୁଛି। ହେଲେ ଚଳତବର୍ଷ ଏହି ପୁରସ୍କାର ଉତ୍ସବ ଆୟୋଜନ କରିବାକୁ ଅଣ୍ଟାଭିଡ଼ିଛି ଓଏଫ୍‌ଡିସି। ଓଏଫ୍‌ଡିସି ପକ୍ଷରୁ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ମଧ୍ୟ ଲେଖାଯାଇଛି। କିନ୍ତୁ ଏ ଯାଏ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏ ନେଇ କୌଣସି ସ୍ପଷ୍ଟୋକ୍ତି ଆସି ନ ଥିବାରୁ ପୁରସ୍କାର ଉତ୍ସବ ଆୟୋଜନ ନେଇ ନିଷ୍ପତ୍ତି ହୋଇପାରୁନାହିଁ।

## ଓଏଫ୍‌ଡିସିକୁ ବିରୋଧ

ଫିଲ୍ମ ଇଣ୍ଡଷ୍ଟ୍ରି ଶିଳ୍ପ ବିଭାଗ ଅଧୀନରେ ରହୁଥିବାରୁ ଗତ କିଛିବର୍ଷ ହେବ ଚଳଚ୍ଚିତ୍ର ପୁରସ୍କାର ଓଏଫ୍‌ଡିସି ପ୍ରଦାନ କରିବାକୁ ଦାବି ହେଉଛି। ସଂସ୍କୃତି ବିଭାଗ ଜୁରୀ କମିଟି ଚୟନରେ ଅନିୟମିତତା ଏବଂ ପୁରସ୍କାର ପ୍ରଦାନରେ ପାତରଅନ୍ତର କରୁଥିବା ଗତ ଦୁଇବର୍ଷ ହେବ ଅଭିଯୋଗ ହେଉଥିବାରୁ ଓଏଫ୍‌ଡିସି ସପକ୍ଷରେ ଅନେକ ଯୁକ୍ତି ବାଢ଼ିଛନ୍ତି। ହେଲେ ନିୟମ ମୁତାବକ ଫିଲ୍ମର ପ୍ରମୋଶନ ଦାୟିତ୍ୱ ଶିଳ୍ପ ବିଭାଗର ହୋଇଥିବାବେଳେ ପ୍ରୋତ୍ସାହନ ଦାୟିତ୍ୱ ସଂସ୍କୃତି ବିଭାଗର ବୋଲି ଦାବି କରିଛି ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ। ଓଏଫ୍‌ଡିସି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଫିଲ୍ମ ସହ ଜଡ଼ିତ ରହୁଥିବାରୁ ସେମାନେ କିଭଳି ପୁରସ୍କାର ଦେବେ ବୋଲି ଯୁକ୍ତି ବାଢ଼ିଛି ଆସୋସିଏଶନ। ପ୍ରଯୋଜକ ଓ ନିର୍ମାତାଙ୍କ ସହ ନିଗମର ସିଧାସଳଖ ସମ୍ପର୍କ ରହୁଥିବାରୁ ପୁରସ୍କାର ପ୍ରୋତ୍ସାହନ କେବେ ଶିଳ୍ପ ବିଭାଗ ଦେଇପାରିବନାହିଁ ବୋଲି କୁହାଯାଇଛି। ସିନେକ୍ରିଟିକ୍ ଆସୋସିଏଶନ ସମ୍ପାଦକ ଦିଲୀପ ହାଲି କହିଛନ୍ତି, ଓଏଫ୍‌ଡିସି ଚଳଚ୍ଚିତ୍ର ପୁରସ୍କାର ଦେବା ଏକ ଅବାସ୍ତବ ପରିକଳ୍ପନା। ଓଏଫ୍‌ଡିସି ନିଜ ପ୍ରସଙ୍ଗରୁ ଓହରିଯିବା ଉଚିତ। ଚଳଚ୍ଚିତ୍ର ଚୟନ ପ୍ରକ୍ରିୟାରେ ଗତ ଦୁଇବର୍ଷ ହେବ ଯେଉଁ ଅନିୟମିତତା ହେଉଛି, ସଂସ୍କୃତି ବିଭାଗ ଠିକ୍ ମାର୍ଗରେ ଗଲେ କୌଣସି ସମସ୍ୟା ହେବନି।

ଏ ସମ୍ପର୍କରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କୁହନ୍ତି, ଆମେ ବିଚାରବିମର୍ଶ କରୁଛୁ। ପୁରସ୍କାର ଉତ୍ସବ କେବେ ହେବ, ସେ ନେଇ ନିର୍ଦ୍ଦିଷ୍ଟ ଭାବେ କୌଣସି ନିଷ୍ପତ୍ତି ହୋଇନି। ତଥାପି ନିକଟ ଭବିଷ୍ୟତରେ ହେବ ବୋଲି ସେ କହିଛନ୍ତି। ଓଏଫ୍‌ଡିସି ଅଧ୍ୟକ୍ଷ କୁନା ତ୍ରିପାଠୀ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଉତ୍ତର ଆସିନି। ମୁଁ ବ୍ୟକ୍ତିଗତ ଭାବେ ଯାଇ କଥା ହେବି। ବେଳେବେଳେ ଉତ୍ସବ ଆୟୋଜନରେ ଏଭଳି ବିଳମ୍ବ ହୁଏ। ଚଳିତବର୍ଷ ସଂସ୍କୃତି ବିଭାଗ ଆୟୋଜନ କରିବାରେ ଆମର କୌଣସି ଆପତ୍ତି ନାହିଁ।

# ଘରୁ ଟେକି ନେଇ ୪ ବର୍ଷର ଶିଶୁକନ୍ୟାକୁ ହତ୍ୟା

ଲାଞ୍ଜିଗଡ଼,୧୨।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ବନ୍ଧପାରି ପଞ୍ଚାୟତ ବାଲିସରା ଗାଁରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ହତ୍ୟା କରାଯାଇଛି । ଗାଁର ସାନ୍ଧୁ ମାଝିଙ୍କ ୪ବର୍ଷର ଝିଅ ଇନ୍ଦୁକୁ ମଙ୍ଗଳବାର ରାତିରେ କେହି ଦୁର୍ବୃତ୍ତ ଘରୁ ଉଠାଇ ନେଇ ଗାଁ ମୁଣ୍ଡ ରାସ୍ତା କଡ଼ରେ ହତ୍ୟା କରିଛନ୍ତି । ଏହି ଘଟଣାର ପୂର୍ବଦିନ ସାନ୍ଧୁଙ୍କ ବଡ଼ଶଳା ମାଟିଖଳା ଗାଁର ଖିରସା ମାଝିଙ୍କ ସ୍ତ୍ରୀ ତିଳ ଆତ୍ମହତ୍ୟା କରିଥିଲେ। ଖବର ପାଇ ସାନ୍ଧୁ ଓ ସ୍ତ୍ରୀ ମାତି ତାଙ୍କ ଘରକୁ ଯାଇଥିଲେ। ସେଠାରେ ରାତି ହୋଇଯିବାରୁ ସେମାନେ ଫେରି ପାରି ନ ଥିଲେ। ଘରେ ସାନପୁଅ କୃଷ୍ଣ ଓ ୪ ବର୍ଷର ଝିଅ ଇନ୍ଦୁ ଥିଲେ । ସନ୍ଧ୍ୟା ସୁଦ୍ଧା ମା'ବାପା ନ ଫେରିବାରୁ ଭଉଣୀ ଭାଇ ଖାଇ ଶୋଇଯାଇଥିଲେ। ରାତିରେ କୃଷ୍ଣଙ୍କ ନିଦ ଭାଙ୍ଗି ଥିଲା, ହେଲେ ସେତେବେଳକୁ ପାଖରେ ଇନ୍ଦୁ ନ ଥିଲେ। ପଡ଼ିଶାଙ୍କ ସହ କୃଷ୍ଣ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଭଉଣୀକୁ ପାଇ ନ ଥିଲେ । ସକାଳୁ ଗାଁ ମୁଣ୍ଡ ରାସ୍ତା କଡ଼ରେ ଇନ୍ଦୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଖବର ମିଳିଥିଲା । ମା'ବାପା ଆସିବା ପରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ବିଶ୍ୱନାଥପୁର ପୋଲିସ ତଦନ୍ତ ଆରମ୍ଭ କରିଛି। ଭବାନୀପାଟଣା ଓ ରାୟଗଡାର ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଚଳାଇଛି। ଘର ବାଡିପଟ ଦେଇ କେହି ଦୁର୍ବୃତ୍ତ ଘରେ ପଶି ଇନ୍ଦୁକୁ ଉଠାଇ ନେଇଥିବା ସ୍ପଷ୍ଟ ହୋଇଥିଲେ ହେଁ ହତ୍ୟାର କାରଣ ସମ୍ପର୍କରେ କୌଣସି ସୁରାକ ମିଳି ନାହିଁ । ପ୍ରାଥମିକ ତଦନ୍ତରୁ ଏହା ଗୁଣିଗାରେଡି କିମ୍ବା ପୂର୍ବଶତ୍ରୁତା ଯୋଗୁ ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରିଛି। ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ମନୋଜ କୁମାର ମହନ୍ତ ଓ କେସିଙ୍ଗା ଏସ୍‌ଡିପିଓ ଗୁପ୍ତେଶ୍ୱର ଭୋଇ ପ୍ରମୁଖ ପରିଦର୍ଶନ କରିଛନ୍ତି । ପୋଲିସ ମୃତଦେହ ଜବତ ସହ ବ୍ୟବଚ୍ଛେଦ କରାଇବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

# ବିଜେଡିରେ ସାମିଲ ହେଲେ ଏଏପି ନେତା, କର୍ମୀ



ମୁଖ୍ୟମନ୍ତ୍ରୀଙ୍କ ଗହଣରେ ବିଜେଡିରେ ସାମିଲ ହୋଇଥିବା ଏଏପି ନେତା ଓ କର୍ମୀମାନେ।

ଭୁବନେଶ୍ୱର,୧୨।୧୨(ବ୍ୟୁରୋ)

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ରାଜ୍ୟ ସାଧାରଣ ସମ୍ପାଦକ ନନ୍ଦଲାଲ ସିଂହ, ମୁଖପାତ୍ର ଭରଦ୍ୱାଜ ମିଶ୍ର, ଯୁବ ସଭାପତି ସୁବ୍ରତ ଛାଟୋଇ, ଛାତ୍ର ସଭାପତି ଜ୍ୟୋତି ରଞ୍ଜନ ମହାନ୍ତି ଏବଂ ବଲାଙ୍ଗୀର ଜିଲା ସଂଯୋଜକ ଅଜୟ ଦାସ ବୁଧବାର ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଦଳୀୟ କାର୍ଯ୍ୟାଳୟରେ ସେମାନେ ସାମିଲ ହୋଇଛନ୍ତି। ଏମାନଙ୍କ ସହ ରାଜ୍ୟର ପ୍ରାୟ ୨୦୦ରୁ ଅଧିକ କର୍ମୀ ମଧ୍ୟ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଛନ୍ତି। ଦଳୀୟ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ଓ ମେୟର ଅନନ୍ତ ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୦୧୯ରେ ଲଗାତର ୫ମ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପ୍ରାଥମିକତା ହେବ ବୋଲି ଭରଦ୍ୱାଜ ମିଶ୍ର କହିଛନ୍ତି।

# ଏସ୍‌ଡିଜେଏମ୍ କୋର୍ଟରେ ସାକ୍ଷ୍ୟଗ୍ରହଣ ଆରମ୍ଭ

**ଟେଣ୍ଡର ଫିକ୍ସିଂ, ଦାଦାବଟି ମାମଲା**

**କଟକ ଅଫିସ, ୧୨।୧୨:** ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀଙ୍କ ଦ୍ୱାରା ଟେଣ୍ଡର ଫିକ୍ସିଂ ଓ ଦାଦାବଟି ମାମଲାରେ ଏସ୍‌ଡିଜେଏମ୍ କୋର୍ଟରେ ବୁଧବାରଠାରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଛି। ଚାଉଳିଆଗଞ୍ଜ ଥାନାରେ ୨୦୧୬ ଏପ୍ରିଲ ୫ରେ ଏ ନେଇ ମାମଲା ରୁଜୁ ହୋଇଥିଲା। ସରୋଜ ଦେହୁରି ନାମକ ଠିକାଦାରଙ୍କୁ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀ ଭାରତ ଭୂଷଣ ସ୍ୱାଇଁ, ଶିବ ଗୋଛି ଓ ଭଗବାନ ସାହୁ ପ୍ରମୁଖ ଯୋବ୍ରାସ୍ଥିତ ବ୍ୟାରେଜ ଡିଭିଜନ ଅଫିସରେ ଟେଣ୍ଡର ନ ପକାଇବା ପାଇଁ ଧମକ ଦେଇଥିଲେ। ଏପରିକି ଅଫିସ ଭିତରେ ଠିକାଦାର ଦେହୁରିଙ୍କୁ ବନ୍ଧୁକ ଦେଖାଇ ବିନା ବଟିରେ ଟେଣ୍ଡର ପଡ଼ିପାରିବ ନାହିଁ ବୋଲି ଧମକ ଦେଇଥିଲେ। ପରବର୍ତ୍ତୀ ସମୟରେ ଦେହୁରିଙ୍କୁ ଟେଣ୍ଡର ବାତିଲ କରିବା ପାଇଁ ଫୋନରେ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଠିକାଦାର ଦେହୁରି ଓ ଧଳସାମନ୍ତ ଭ୍ରାତାଙ୍କ ସହଯୋଗୀଙ୍କ ମଧ୍ୟରେ ହୋଇଥିବା ଟେଲିଫୋନ ବାର୍ତ୍ତାଳାପ ରେକର୍ଡକୁ ପୋଲିସ ଜବତ କରିଥିଲା। ପୋଲିସ ପକ୍ଷରୁ ଏ ନେଇ ୨୯୪, ୩୮୭, ୫୦୬ ଆଇପିସି ଓ ଆର୍ମସ୍ ଆକ୍ଟ ୨୫/୨୭ ଅନୁଯାୟୀ ଚାର୍ଜସିଟ ଦାଖଲ କରାଯାଇଥିଲା। ବୁଧବାର ଅଭିଯୋଗକାରୀ ସରୋଜ ଦେହୁରି କୋର୍ଟରେ ଉପସ୍ଥିତ ରହି ସାକ୍ଷ୍ୟପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ଆଡଭୋକେଟ ବିଶ୍ୱଜିତ ବରାଳ ମାମଲା ପରିଚାଳନା କରୁଛନ୍ତି।

# କଂଗ୍ରେସ କ୍ଷମତାକୁ ଆସିଲେ କୃଷିଋଣ ଛାଡ଼



ଖବରଦାତା ସମ୍ମିଳନୀରେ ନିରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ।

- ଉତ୍ସାହିତ ହୋଇ କଂଗ୍ରେସ ଏମିତି କହୁଛି: ବିଜେଡି
- କୃଷ୍ଣ ଓ ଶ୍ରୀକାନ୍ତଙ୍କ ପ୍ରଶ୍ନର ଉତ୍ତର ଦିଅନ୍ତୁ: ଭାଜପା
- ପୁରୁଣା ରୋଗ ଛାଡିବାକୁ ଔଷଧ ଖାଉଛୁ: ନିରଞ୍ଜନ

ଭୁବନେଶ୍ୱର, ୧୨।୧୨(ବ୍ୟୁରୋ)

ଆଗାମୀ ଦିନରେ କଂଗ୍ରେସ ଚାଷୀ ଓ ଯୁବକମାନଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବ। ମଧ୍ୟପ୍ରଦେଶ, ଛତିଶଗଡ ଏବଂ ରାଜସ୍ଥାନରେ କଂଗ୍ରେସ ସରକାର କରିବାକୁ ଯାଉଛି। ଏହି ୩ ରାଜ୍ୟରେ କଂଗ୍ରେସ ଚାଷୀ ସମସ୍ୟାକୁ ମୁଖ୍ୟ ପ୍ରସଙ୍ଗ କରି ସଫଳତା ପାଇଛି। ତେଣୁ ଓଡିଶା ନେତାମାନେ ଚାଷୀ ସମସ୍ୟାକୁ ଅଗ୍ରାଧିକାର ଦେବା ଆରମ୍ଭ କରିଛନ୍ତି। ଏଠି କଂଗ୍ରେସ ସରକାରକୁ ଆସିଲେ କୃଷି ଋଣ ଛାଡ କରିବ, ବାର୍ଦ୍ଧକ୍ୟ ଭତ୍ତା ୩ଶହ ଟଙ୍କାରୁ ୧ହଜାର ଟଙ୍କାକୁ ବଢ଼ିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାଢେ ୪ବର୍ଷ ତଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କଲେନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ କେବଳ ବିଜ୍ଞାପନ ଜରିଆରେ ପ୍ରତିଶ୍ରୁତି ଦେଇ ରହିଯାଇଛନ୍ତି, ତାକୁ ପାଳନ କରି ନାହାନ୍ତି। ଛତିଶଗଡ, ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଭାଜପା ଅବସ୍ଥା ହେବା ଭଳି ଏଠାରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବ। ଚାଷୀ ଓ ଚାଷର ସମସ୍ୟାକୁ ନେଇ ସମ୍ବେଦନହୀନ ସରକାର ଆଗାମୀ ନିର୍ବାଚନରେ ପରାଜୟର ସ୍ୱାଦ ଚାଖିବା ନିଶ୍ଚିତ। ଓଡିଶାରେ ଚାଷୀ ସମସ୍ୟା କିଛି କମ୍ ନୁହେଁ ବୋଲି ନିରଞ୍ଜନ କହିଛନ୍ତି।

କଂଗ୍ରେସ ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ରାହୁଲ ଗାନ୍ଧୀ କଂଗ୍ରେସ ପାର୍ଟିର ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେବାର ବର୍ଷେ ପୂରିଛି। ୫ ରାଜ୍ୟର ନିର୍ବାଚନ ଫଳାଫଳ ଆସିଛି। ସେହିସବୁ ରାଜ୍ୟରେ ଫଳାଫଳ ଭଲ ହୋଇଛି। ଏଥିରୁ ସ୍ପଷ୍ଟ ହୋଇଛି ଯେଉଁସବୁ ରାଜ୍ୟରେ କଂଗ୍ରେସ ସଙ୍ଗଠିତ ହୋଇଛି ସେଠାରେ ଦଳର ଶୃଙ୍ଖଳାକୁ ଲୋକେ ସମର୍ଥନ କରିଛନ୍ତି। ଓଡିଶାରେ ମଧ୍ୟ ଆମେ ଶୃଙ୍ଖଳିତ ଓ ସଙ୍ଗଠିତ ଅଛୁ। ପୁରୁଣା ରୋଗ ଛାଡିବା ପାଇଁ ଔଷଧ ଖାଉଛୁ ବୋଲି ନିରଞ୍ଜନ କହିଛନ୍ତି। ଓଡିଶାରେ ଚାଷୀ ସମସ୍ୟା ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ରାଜ୍ୟରେ ସ୍ୱାମୀନାଥନ କମିଟି ରିପୋର୍ଟକୁ ଗ୍ରହଣ କରିଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ କଂଗ୍ରେସ ସରକାର ଗଢ଼ିଲେ କୃଷି ଋଣ ଛାଡ କରିବ। ପୂର୍ବରୁ ମଧ୍ୟ କେନ୍ଦ୍ରରେ ସରକାର ଥିବାବେଳେ କୃଷିଋଣ ଛାଡ କରାଯାଇଥିଲା। ଏଠାକାର ଚାଷୀମାନେ ଗୁରୁତର ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ବାରମ୍ବାର ଚାଷୀ ଆତ୍ମହତ୍ୟା ଭଳି ଘଟଣା ଘଟୁଛି। ରାଜ୍ୟରେ ସରକାର ଏପରି ଅବସ୍ଥା ସୃଷ୍ଟି କରୁଛନ୍ତି ଯେ, ନିଜ ଦୁଃଖ ଜଣାଇବା ପାଇଁ ରାଜଧାନୀ ଆସୁଥିବା ଚାଷୀଙ୍କୁ ବାଟରେ ପୋଲିସ ଲଗାଇ ରୋକି ଦିଆଯାଉଛି। କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ ଚାଷୀଙ୍କୁ ସୌରଚାଳିତ ପମ୍ପସେଟ୍ ପ୍ରଦାନ କରାଯିବ। ସେମାନଙ୍କୁ ୫ବର୍ଷ ପାଇଁ ଲଗାତାର ଭାବେ ଆର୍ଥିକ ସହାୟତା ଦିଆଯିବ। ରାଜ୍ୟରେ କଂଗ୍ରେସ ଭାଜପା ସହିତ ନୁହେଁ ସିଧାସଳଖ ବିଜେଡି ସହ ଲଢେଇ ହେବ ବୋଲି ନିରଞ୍ଜନ କହିଛନ୍ତି।

ନିରଞ୍ଜନଙ୍କ ମନ୍ତବ୍ୟ ଉପରେ ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି , କଂଗ୍ରେସ ଉତ୍ସାହିତ ଅଛି ଆମେ ଜାଣୁ। ହେଲେ ରାଜ୍ୟରେ ଚାଷୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବହୁ ଯୋଜନା କରିଛନ୍ତି। ଚାଷୀମାନଙ୍କ ସମସ୍ୟା ପ୍ରତି ସରକାର ସର୍ବଦା ସଚେତନ ଅଛନ୍ତି। ଚାଷୀଙ୍କ ସମସ୍ୟା ଯାହା ରହିଛି ତାହା ଦୂର କରିବା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି ସମୀର କହିଛନ୍ତି।

ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି, ଲୋକେ ସେମାନଙ୍କୁ ବିଶ୍ୱାସ କରିବେ ନାହିଁ। ରାଜ୍ୟବାସୀ ବିଜେଡିର ବିକଳ୍ପ ଭାବେ ଭାଜପାକୁ ଗ୍ରହଣ କରିଛନ୍ତି। କଂଗ୍ରେସ ପ୍ରଥମେ ନିଜ ଘର ସଜାଡୁ। କୃଷ୍ଣ ସଗରିଆ କେଉଁ କାରଣରୁ ବିଧାୟକ ପଦ ଛାଡିଲେ ନିରଞ୍ଜନ ବାବୁ ପ୍ରଥମେ ତା'ର ଉତ୍ତର ଦିଅନ୍ତୁ। କୃଷ୍ଣ ଓ ଶ୍ରୀକାନ୍ତ ଜେନା ଉଠାଇଥିବା ପ୍ରଶ୍ନ ତାଙ୍କ ଦଳର ଆଭ୍ୟନ୍ତରଣ ପ୍ରସଙ୍ଗ ହୋଇପାରେ, ହେଲେ ଏହା ରାଜ୍ୟ ସ୍ୱାର୍ଥ ସହ ଜଡିତ ତେଣୁ ନିରଞ୍ଜନ ବାବୁ ଲୋକଙ୍କ ସାମ୍ନାରେ ଏହାର ଉତ୍ତର ରଖନ୍ତୁ ବୋଲି ସମୀର କହିଛନ୍ତି।



ବିଶେଷତଃ ଜଣେ ଯେତେବେଳେ ତା'ର କଥା କହିବା ବେଳେ ଅସଂଯତ ହୋଇ ଏଣୁ ତେଣୁ ଗପିଯାଏ- ଯାହା ନ କହିବା ଉଚିତ ସେସବୁ କହିପକାଏ- ସେତେବେଳେ ତାହା ଖୁବ୍ ଭୟଙ୍କର ମାନସିକ ଦୁର୍ବଳତାର ସୂଚକ ହୋଇଥାଏ। -ଶ୍ରୀମା

# ମ୍ୟାଗଟ୍ ସଂକ୍ରମଣ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ପିପୁଲ ଫର୍ ଆନିମଲ୍ସ, ମହୀଶୂର ଶାଖାର କର୍ମୀମାନେ ଏକ ଘୋଡ଼ା ଉଦ୍ଧାର କରିଥିଲେ, ଯାହାର ମୁଣ୍ଡକୁ ପରଜୀବୀ (ପାରାସାଇଟ୍)ମାନଙ୍କ ଦ୍ୱାରା ଅଧା ଖିଆଯାଇ ସାରିଥିଲା। ମୁଁ ତା'ର ପୂର୍ବ ଓ ପର ଅବସ୍ଥାର ଛବି ଏଥିରେ ପ୍ରଦାନ କରୁଛି। ଏହା ଏକ ସଫଳତାର କାହାଣୀ, ମାତ୍ର ଅନେକ ପ୍ରାଣୀଙ୍କ ଦେହରେ ପରଜୀବୀ ପୂରା ଭିତରକୁ ପ୍ରବେଶ କରିସାରିଥିବାରୁ ସେମାନଙ୍କ ବଞ୍ଚିବା ଅସମ୍ଭବ ହୋଇପଡୁଛି। ଏଭଳି ରୋଗ ସଂକ୍ରମଣ ହେଲେ ମଣିଷଙ୍କଠାରୁ ପ୍ରାଣୀମାନେ ବେଶି କଷ୍ଟ ପାଇଥାନ୍ତି, କାରଣ ସେମାନଙ୍କ ପାଖରେ କିଛି ବିକଳ୍ପ ନ ଥାଏ। ସେମାନଙ୍କର ଚିକିତ୍ସା କରିବା ପାଇଁ ଡାକ୍ତର ନ ଥାନ୍ତି। ରୋଗଗ୍ରସ୍ତ ହୋଇପଡ଼ିଲେ ଅଧିକାଂଶ ମାଲିକ ଏପରି ପ୍ରାଣୀମାନଙ୍କୁ ପରିତ୍ୟାଗ କରିଥାନ୍ତି।

ରାସ୍ତାରେ ବୁଲୁଥିବା ପରିତ୍ୟକ୍ତ ପ୍ରାଣୀମାନଙ୍କ ପାଇଁ ତିନୋଟି ମାରକ ରହିଛି- ଡିସ୍‌ଟେମ୍ପର (ଭୂତାଣୁଜନିତ ସଂକ୍ରାମକ ରୋଗ), ପାର୍ଭୋ (ପାର୍ଭୋଭାଇରସ୍ ଦ୍ୱାରା ହେଉଥିବା ରୋଗ) ଏବଂ ମ୍ୟାଗଟ୍ (ମାଛିଙ୍କ ଲାର୍ଭା ଯାହା ପଚନଶୀଳ ଜୈବିକ ବସ୍ତୁରେ ଦେଖିବାକୁ ମିଳେ)। ଆପଣ କେବେ କୁକୁର ପିଠିରେ ଗାତ ହୋଇଯାଇଥିବା, ଗାଈର ତଳିପେଟରେ ଗାତ ହୋଇଯାଇଥିବା ବା ଗଧର ବେକରେ ଚାଟି ଚାଟି ଘାଆ ହୋଇଯାଇଥିବା ଦେଖିଛନ୍ତି କି? ଏହା ସବୁ ମ୍ୟାଗଟ୍ ଯୋଗୁ ହୋଇଥାଏ। ଦିଲ୍ଲୀସ୍ଥିତ ମୋର ପ୍ରାଣୀ ଆଶ୍ରୟସ୍ଥଳରେ ଏପରି ଅନେକ ରୋଗଗ୍ରସ୍ତ ପ୍ରାଣୀ ଆଶ୍ରୟ ନେଇଛନ୍ତି। ଆମେ ପୋଷା ପ୍ରାଣୀମାନଙ୍କୁ ଏପରି ଅବସ୍ଥାରେ ପହଞ୍ଚିବା ପାଇଁ ଛାଡ଼ିଦେବା ଅତ୍ୟନ୍ତ ଦୁଃଖର ବିଷୟ। କଳ୍ପନା କରନ୍ତୁ ଆପଣଙ୍କ ନିଜ ଦେହରେ ଯଦି ଗୋଟିଏ ଛୋଟିଆ ଘାଆ ଉପରେ ମାଛିମାନେ ତାଙ୍କ ଲାର୍ଭା (ଶୂକ)କୁ ନେଇ ବସିବେ ଓ ଭିତରୁ ଭିତରୁ କଣା କରି ମାଂସ ଖାଇଚାଲିବେ ଏବଂ ଆପଣଙ୍କ ଦେହରୁ ପଚା ଗନ୍ଧ ବାହାରୁଥିବା ଯୋଗୁ ଲୋକମାନେ ଆପଣଙ୍କ ଉପରେ ଟେକାପଥର ପକାଇବେ, ଦୂର ଦୂର ମାର ମାର କରିବେ, ତେବେ ଅବସ୍ଥା କ'ଣ ହେବ?

ମୋ ଆଶ୍ରୟସ୍ଥଳକୁ ଅଣାଯାଇଥିବା ଏକ ଘୋଡ଼ାର ମୁଣ୍ଡରେ ମୁଠି ଆକାରର କଣା ହୋଇଯାଇଥିଲା ଏବଂ ତା' ମସ୍ତିଷ୍କ ବାହାରକୁ ଦେଖାଯାଉଥିଲା। ଆମେ ତାକୁ ଏକ ପରିତ୍ୟକ୍ତ କୋଠାରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲୁ। ମାଛିମାନେ ତା' କାନ ପାଖରେ ହୋଇଥିବା ଏକ ଘାଆରେ ଅଣ୍ଡା ଦେବା ପରେ ମ୍ୟାଗଟ୍‌ମାନେ ତାକୁ ଖାଇଚାଲିଲେ। ଆମେ ତାକୁ ଉଦ୍ଧାର କରି ଦିଲ୍ଲୀସ୍ଥିତ ଆଶ୍ରୟଗୃହକୁ ଆଣିଲୁ ଓ ତା'ର ନାଁ ଦେଲୁ ବାଳି। ସେଠାରେ ତାକୁ ଭଲ କରିବା ପାଇଁ ତିନିମାସ ଲାଗିଲା।

ବୁଲା ପଶୁଙ୍କଠାରେ ଏ ମାଛି ଓ ମ୍ୟାଗଟ୍‌ଜନିତ ରୋଗ ଅତି ସାଧାରଣ କଥା। ତେବେ ମାଛିମାନେ ପ୍ରାଣୀଙ୍କ ଦେହରେ କାହିଁକି ଅଣ୍ଡା ଦିଅନ୍ତି ଓ ତା'ପରେ କ'ଣ ହୁଏ? ପ୍ରାଣୀଙ୍କ ଦେହରେ ଯଦି କୌଣସି ଖୋଲା ଘାଆ ଥାଏ, ସେ ଘାଆର ଯଦି କୌଣସି ଚିକିତ୍ସା କରା ନ ଯାଏ, ତେବେ ତା' ପ୍ରତି ମାଛିମାନେ ଆକର୍ଷିତ ହୁଅନ୍ତି। କେବଳ କୁକୁର ନୁହେଁ, ବିରାଡ଼ି, ଗୋରୁ, ଘୋଡ଼ା, ମେଣ୍ଢା ଓ ଛେଳିମାନଙ୍କ କ୍ଷେତ୍ରରେ ଏପରି ହୋଇପାରେ। ପାଗ ଆର୍ଦ୍ର ଓ ଉଷୁମ ଥିଲେ ସେହି ଘାଆ ଭିତରେ ମାଛିମାନେ ଦେଇଥିବା ଅଣ୍ଡା ଫୁଟି ଚାରିଘଣ୍ଟା ଭିତରେ ସେଥିରୁ ଲାର୍ଭା ବାହାରେ। ଲାର୍ଭାଗୁଡ଼ିକ ଭିତରେ ଭିତରେ କଣା କରି ମାଂସ ଖାଇବାକୁ ଆରମ୍ଭ କରିଦିଅନ୍ତି। ଅପରିଚ୍ଛନ୍ନ, ଦୁର୍ବଳ ଓ ରୋଗଣା ପ୍ରାଣୀମାନେ ବେଶି ଏହାର ଶିକାର ହୁଅନ୍ତି। ଖୋଲା ଘାଆ ବା ମଳମୂତ୍ରରେ ଭିଜିଥିବା ଆର୍ଦ୍ର ଚର୍ମ ମାଛିମାନେ ଅଣ୍ଡା ଦେବାର ପ୍ରକୃଷ୍ଟ ସ୍ଥାନ।

ତେବେ କେବଳ ବୁଲା ପଶୁମାନେ ଏହାର ଶିକାର ହୁଅନ୍ତି ନାହିଁ। ଅନେକ ପୋଷା ପ୍ରାଣୀ ବି ହୁଅନ୍ତି। ସେମାନଙ୍କ ମାଲିକମାନେ ସେମାନଙ୍କୁ ବର୍ଷ ସାରା ସବୁ ଋତୁରେ ବାହାରେ ବାନ୍ଧି ରଖନ୍ତି, ସେମାନଙ୍କ ଲୋମକୁ କେବେ ବ୍ରଶ୍ କରନ୍ତି ନାହିଁ କିମ୍ବା ଉତ୍ତମ ଖାଦ୍ୟ ଖାଇବାକୁ ଦିଅନ୍ତି ନାହିଁ। ସବୁବେଳେ ବନ୍ଧା ହୋଇ ରହିବା ଯୋଗୁ ବିରକ୍ତିରେ ଏହି ପ୍ରାଣୀମାନେ ନିଜ ଦେହକୁ ଘଷନ୍ତି କିମ୍ବା କାମୁଡ଼ନ୍ତି କିମ୍ବା ଚେନ୍ ଘଷି ହୋଇ ତାଙ୍କ ବେକରେ ଘାଆ ହୋଇଯାଏ। ଫଳରେ ମାଛିମାନେ ସେଥିରେ ଅଣ୍ଡା ଦେବାକୁ ସୁଯୋଗ ପାଆନ୍ତି। କେବଳ ସେମାନେ ଗନ୍ଧେଇବା ପରେ ହିଁ ମାଲିକମାନେ ଘରକୁ ଆଣନ୍ତି। କେତେକ ସେମାନଙ୍କୁ ଚିକିତ୍ସା କରାଇବାକୁ ଚାହାନ୍ତି। ଆଉ କେତେକ ନିଜ ପୋଷା ପଶୁକୁ ଚିକିତ୍ସା ପାଇଁ ଆଣି ଧାଡ଼ିରେ ଛିଡ଼ା ହୁଅନ୍ତି ଓ ମଉକା ଦେଖି ତାକୁ ସବୁଦିନ ପାଇଁ ପରିତ୍ୟାଗ କରି ଚାଲିଯାଆନ୍ତି।

ଆପଣ ଏକ ମ୍ୟାଗଟ୍-ସଂକ୍ରମିତ ଘାଆକୁ କିପରି ଚିହ୍ନିବେ ଓ ଚିକିତ୍ସା କରିବେ? ଏହି ଘାଆ ସହଜରେ ଚିହ୍ନିହୁଏ। ପ୍ରାଣୀଙ୍କ ଦେହରେ ହୋଇଥିବା କୌଣସି ପଚା ଘାଆକୁ ଦେଖନ୍ତୁ। ସେଥିରୁ ଦୁର୍ଗନ୍ଧ ବାହାରୁଥିବ। ଭଲ କରି ନିରୀକ୍ଷଣ କଲେ ଦେଖିପାରିବେ, ଧଳା ଧଳା ମ୍ୟାଗଟ୍ ସେହି ଘାଆ ଭିତରେ ଚାଲୁଛନ୍ତି। କୁକୁରମାନଙ୍କର ଗୋଡ଼ ନଖ ଓ ପଞ୍ଝା ତଳେ, ଲାଞ୍ଜ ତଳେ ଏବଂ ମୁଣ୍ଡରେ ସାଧାରଣତଃ ମ୍ୟାଗଟ୍ ହୋଇଥାଏ। ଯଦି ଦେଖିବେ କୌଣସି ପ୍ରାଣୀ ଚାରିପଟେ ମାଛିମାନେ ଗୁଣୁଗୁଣୁ ଶବ୍ଦ କରି ଉଡୁଛନ୍ତି, ତେବେ ସେ ପ୍ରାଣୀ ଦେହରେ କେଉଁଠି ଘାଆ ଅଛି କି ନାହିଁ ଦେଖନ୍ତୁ। ସେଥିରେ ମାଛିମାନେ ଅଣ୍ଡା ଦେଇଥିବେ। ସେହିସବୁ ଅଣ୍ଡା ଫୁଟି ଲାର୍ଭା ବାହାରିବା ପୂର୍ବରୁ ତା'ର ଚିକିତ୍ସା କରାନ୍ତୁ।

ଏହାର ଚିକିତ୍ସା ମଧ୍ୟ ସହଜ। କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ପାଇଁ ୧ରୁ ୩ ମାସ ପର୍ଯ୍ୟନ୍ତ ସମୟ ଲାଗିଯାଇପାରେ। ତାହା ମ୍ୟାଗଟ୍‌ମାନେ କେତେ ଗଭୀରକୁ ଯାଇଛନ୍ତି, ତା' ଉପରେ ନିର୍ଭର କରେ। ଚିକିତ୍ସକ ପ୍ରଥମେ ଘାଆ ଉପରେ କିଛି କ୍ଲୋରୋଫର୍ମ ପ୍ରୟୋଗ କରେ ଏବଂ କିଛି ସମୟ ଅପେକ୍ଷା କରି ମ୍ୟାଗଟ୍‌ଗୁଡ଼ାକୁ ଗୋଟିକ ପରେ ଗୋଟିଏ କାଢ଼େ। ଆମ ଆଶ୍ରୟଗୃହରେ ମ୍ୟାଗଟ୍ ସଂକ୍ରମଣ ଘଟଣା ବହୁତ ହେଉଥିବାରୁ ଆମେ କ୍ଲୋରୋଫର୍ମ ସହ ସମାନ ପରିମାଣର ଟର୍ପେଣ୍ଟାଇନ୍ ବ୍ୟବହାର କରି ମ୍ୟାଗଟ୍‌ଗୁଡ଼ାକୁ ମାରିପକାଉ। କୁକୁର ପରି ଛୋଟ ପ୍ରାଣୀଙ୍କ ଦେହରୁ ମ୍ୟାଗଟ୍ କାଢ଼ିବା ପୂର୍ବରୁ ଚିକିତ୍ସକ ପ୍ରଥମେ ଘାଆକୁ ଆଣ୍ଟିସେପ୍ଟିକ୍ ଦେଇ ସଫା କରେ। ତା'ପରେ ସେ ଲରେକ୍ସିନ୍ ବା ମାଗୋସାଇଡ୍ ମଲମ ଲଗାଏ, ଯାହା ମ୍ୟାଗଟ୍‌ମାନଙ୍କୁ ମାରିବା ପାଇଁ ଉଦ୍ଦିଷ୍ଟ। ଘାଆ ସଫା କରି ମଲମ ଲଗାଇବା ପରେ ଡାକ୍ତର ଘାଆ ଉପରେ କଟନ ଗଜ୍ କନା ଗୁଡ଼ାଇ ବ୍ୟାଣ୍ଡେଜ୍ କରିଦିଅନ୍ତି। ସେ ଏପରି ବ୍ୟାଣ୍ଡେଜ୍ କରନ୍ତି, ଯେପରି ଭିତରକୁ ପବନ ପ୍ରବେଶ କରିପାରିବ ନାହିଁ। ଫଳରେ ମ୍ୟାଗଟ୍‌ମାନେ ଭିତରେ ଅମ୍ଳଜାନ ବିନା ଅଣନିଃଶ୍ୱାସୀ ହୋଇ ମରିଯାନ୍ତି। ସଂକ୍ରମଣ ଅତି ସାଙ୍ଘାତିକ ହୋଇଥିଲେ ଚିକିତ୍ସକ ଦିନକୁ ଥରେ ବା ଦୁଇଥର ବ୍ୟାଣ୍ଡେଜ ବଦଳାନ୍ତି ଏବଂ ପ୍ରତିଥର ନୂଆ ବ୍ୟାଣ୍ଡେଜ୍ କରିବା ପୂର୍ବରୁ ଘାଆରୁ ମ୍ୟାଗଟ୍‌ମାନଙ୍କୁ କାଢ଼ନ୍ତି।

ସହାୟକ ପଦ୍ଧତି ହିସାବରେ ଘାଆ ଶୀଘ୍ର ଭଲ କରିବାରେ ଜିଙ୍କୋଲାକ୍ ସାହାଯ୍ୟ କରିପାରେ। ସଲ୍‌ଫରଯୁକ୍ତ ଆଣ୍ଟିବାୟୋଟିକ୍ସ ବା ଆମୋକ୍ସିଲିନ୍, ଯାହା ପେଶୀ ସୁସ୍ଥକାରକ ଭାବେ କାମ କରେ, ଚିକିତ୍ସକ ତାହା ପ୍ରୟୋଗ କରନ୍ତି। ଥରେ ସୁସ୍ଥ ହେବାର ପ୍ରକ୍ରିୟା ଆରମ୍ଭ ହୋଇଗଲେ ଶୀଘ୍ର ଭଲ ହେବା ପାଇଁ ଆମେ ହସ୍ପିଟାଲରେ ସାଧାରଣତଃ ବେଟାଡିନ୍ ଓ ଫ୍ୟୁରାସିନ୍ ମଲମ ଲଗାଇଥାଉ।

ବାଳି ହେଉଛି ଅତି କମ୍ ସଂଖ୍ୟକ ଭାଗ୍ୟଶାଳୀଙ୍କ ଭିତରେ ଅନ୍ୟତମ ଯିଏ ଆରୋଗ୍ୟ ଲାଭ କରିପାରିଲା ଓ ବଞ୍ଚିଗଲା। ଏଥିପାଇଁ ତିନିମାସ ତା'ର ନିରବଚ୍ଛିନ୍ନ ଯତ୍ନ ନେବାକୁ ପଡ଼ିଲା। ପ୍ରାଣୀମାନେ ଅତିଶୟ କଷ୍ଟ ପାଉଥିଲେ ଓ ସବୁ ଆଶା ଛାଡ଼ି ଦେଇଥିଲେ, ସେମାନେ ଅନ୍ଧାରରେ ଲୁଚନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି ମ୍ୟାଗଟ୍‌ମାନେ କୋରି କୋରି ଭିତରୁ ଖାଇବା ସହ ନିଜର ବୃଦ୍ଧି ଘଟାଇବା ପାଇଁ ଏହା ଅନୁକୂଳ ପରିବେଶ। ଫଳରେ ପ୍ରାଣୀଟି ଶୀଘ୍ର ଶୀଘ୍ର ମୃତ୍ୟୁ ଆଡ଼କୁ ଗତି କରିବାକୁ ଲାଗେ। ଯଦି ଆପଣ ରାସ୍ତାରେ ଏମିତି କୌଣସି ଘାଆଯୁକ୍ତ ପ୍ରାଣୀକୁ ଦେଖିବେ, ତେବେ ତା'ର ଜୀବନ ବଞ୍ଚାଇବା ପାଇଁ ଦୟାକରି ମୋ ପ୍ରାଣୀ ଆଶ୍ରୟସ୍ଥଳକୁ ଫୋନ୍ କରି ଜଣାଇବେ।

Email: gandhim@nic.in



# ସାଧକ ଶ୍ରୀଯଶୋବନ୍ତ ସ୍ମରଣେ

ଡ. ଜ୍ୟୋତିର୍ମୟୀ ମହାନ୍ତି

ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଗଜପତି ପ୍ରତାପରୁଦ୍ରଦେବଙ୍କ ରାଜତ୍ୱ କାଳରେ ସିଦ୍ଧ ସାଧକ, ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ପଞ୍ଚସଖାଙ୍କର ଆବିର୍ଭାବ ଘଟିଥିଲା। ଯେଉଁମାନେ କି ନିଜ ନିଜର ସାଧନା ବଳରେ ଓଡ଼ିଶାରେ ଆଧ୍ୟାତ୍ମିକ ଚେତନା ଓ ଧାର୍ମିକ ଭାବନାରେ ଆଲୋଡ଼ନ ସୃଷ୍ଟି କରିଥିଲେ। ଏମାନଙ୍କ ମଧ୍ୟରେ ମାନବ ଜୀବନ ଦର୍ଶନ ସମ୍ପର୍କରେ ବିଶ୍ଳେଷଣ କରି ତତ୍କାଳୀନ ସମାଜରେ ଏକ ଯୁଗାନ୍ତକାରୀ ସ୍ୱର ଟୋଳିଥିବା ସାଧକଶ୍ରେଷ୍ଠ ଶ୍ରୀଯଶୋବନ୍ତ ଗୋସେଇଁ ଅନ୍ୟତମ। ତାଙ୍କର ଜନ୍ମସ୍ଥାନ ଅବିଭକ୍ତ କଟକ ତଥା ବର୍ତ୍ତମାନର ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଅଡ଼ଙ୍ଗ ଗ୍ରାମ। ଜନ୍ମ ସମୟ ଓ ପିତାଙ୍କ ନାମ ସମ୍ପର୍କରେ ଉଦୟ କାହାଣୀ, ଭକ୍ତି ଚନ୍ଦ୍ରିକା, ଶୂନ୍ୟସଂହିତା ଆଦି ଗ୍ରନ୍ଥରୁ ବିଭିନ୍ନ ପ୍ରକାର ତଥ୍ୟ ମିଳିଥାଏ। ଆଲୋଚକଗଣ ତାଙ୍କ ଜନ୍ମ ସମୟ ୧୪୭୦ରୁ ୧୫୫୦ ଖ୍ରୀଷ୍ଟାବ୍ଦ ବୋଲି ଧରିଥାଆନ୍ତି ତ କେହି କେହି ୧୪୮୭ ଖ୍ରୀଷ୍ଟାବ୍ଦ ବୋଲି କୁହନ୍ତି। ଗବେଷକମାନେ ପିତାଙ୍କ ନାମ ବଳଭଦ୍ର ମଲ୍ଲ ଓ ମାତା ରେଖା ଦେବୀ ବୋଲି ମତବ୍ୟକ୍ତ କରିବା ସତ୍ତ୍ୱେ କିଛି ଗବେଷକ ପିତାଙ୍କ ନାମ ଜଗୁ ମଲ୍ଲିକ ବୋଲି କୁହନ୍ତି।

ତାଙ୍କ ଜୀବନର ଏକ ଅଲୌକିକ ଘଟଣା। ପକ୍ୱ ଧାନକେଣ୍ଡାରେ ପୂରିଥିଲା ଧାନ କିଆରି। ସୁନା ରଙ୍ଗର ଧାନକେଣ୍ଡାମାନ ପବନରେ ଦୋଳି ଖେଳୁଥାଏ। ଏହାକୁ ଦେଖି ଜଣେ ବ୍ୟକ୍ତି ଦାଆଟିଏ ଧରି ଧାନକେଣ୍ଡାମାନ କାଟିବାରେ ଲାଗିଲେ। କି ଅଦ୍ଭୁତ, ଦାଆରେ ଧାନ କାଟିବାର ଶବ୍ଦରୁ ରାମ...ରାମ... ଉତ୍ପନ୍ନ ହେଉଛି। ଆତ୍ମବିସ୍ମୃତ ହୋଇ ସେ ଛିଡ଼ା ହେଲେ ସାରା ରାତି। ରାମ ନାମରେ ଆତ୍ମବିସ୍ମୃତ ସେ ବ୍ୟକ୍ତିଙ୍କୁ ଧାନଚୋରି ଅପରାଧରେ ରାଜା ରଘୁରାମଙ୍କ ପାଖକୁ ନିଆଗଲା। ମାତ୍ର ରାଜା ସେହି ବ୍ୟକ୍ତିଙ୍କ ଶରୀରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପରମ ଆଶ୍ଚର୍ଯ୍ୟ ହେଲେ ଓ ଭକ୍ତି ଗଦ୍ ଗଦ୍ ହୋଇ ତାଙ୍କୁ ପ୍ରଣାମ ଜଣାଇଲେ। ସେ ବ୍ୟକ୍ତି ଜଣକ ହେଉଛନ୍ତି ସିଦ୍ଧ ଯୋଗୀ ପୁଣ୍ୟଶ୍ଳୋକ ଶ୍ରୀଯଶୋବନ୍ତ, ଏ କଥା ସେ ତାଙ୍କ ଲିଖିତ ଚଉରାଅଶୀ ଆଜ୍ଞାରେ ବର୍ଣ୍ଣନା କରିଛନ୍ତି-

''ସେ ଧାନ ରାମ ରାମ ଭାଷି, ମୁଁ ଶୁଣି ହୋଇଲି ସନ୍ନ୍ୟାସୀ,
ହସ୍ତୁ ପଡ଼ିଲା ଦାଆ ତଳେ, ମୁଁ ଭୋଳ ହେଲି ରାମ ତାଳେ।''

କଠୋର ସାଧନା ବଳରେ ନିଜ ଶରୀରର ଷଡ଼ଚକ୍ର ମଧ୍ୟ ଦେଇ କୁଣ୍ଡଳିନୀଶକ୍ତି ଜାଗ୍ରତ କରି ବହୁ ଅଲୌକିକ ପ୍ରତିଭାର ଅଧିକାରୀ ହୋଇଥିଲେ ସେ। ତାଙ୍କ ଆଜ୍ଞାରେ ମେଘ ତାଙ୍କର ଅଛୁଆଣି କୁଡ଼ିଆକୁ ଛାଡ଼ି ଅନ୍ୟତ୍ର ବର୍ଷା କରିବା, ଖଣ୍ଡିଆ କାନ୍ଥ ଚାଲିବା, ବ୍ରହ୍ମରାକ୍ଷସ ବଶହେବା, ଫଳନ୍ତି ନଡ଼ିଆ ଗଛ ନଇଁ ପଡ଼ିବା ଇତ୍ୟାଦି ଘଟଣାବଳୀ ତାଙ୍କୁ ଅସାଧାରଣ ତନ୍ତ୍ରସିଦ୍ଧ ପୁରୁଷ ରୂପେ ପରିଚିତ କରାଏ। ଯୋଗୀ ଶ୍ରୀଯଶୋବନ୍ତଙ୍କ ଯୋଗମାର୍ଗରେ ସାଧନାର ପ୍ରଧାନ ଦିଗ ହେଉଛି ମନକୁ ସମସ୍ତ ବିଷୟବାସନାରୁ ନିବୃତ୍ତ କରିବା। ମନକୁ ଥରେ ନିୟନ୍ତ୍ରଣ କରିପାରିଲେ ସାଧକ ନିକଟରେ ସମସ୍ତ ସତ୍ୟ ସ୍ୱତଃ ଉଦ୍ଭାସିତ ହୋଇଉଠେ। ଆଜିର ଯୁକ୍ତିଜୀବୀ ବିଜ୍ଞାନଧର୍ମୀ ଲୋକେ ହୁଏତ ଏହାକୁ ଅସ୍ୱୀକାର କରି ପାରନ୍ତି, ମାତ୍ର କଠୋର ସାଧନା ଦ୍ୱାରା ଆମ ଇସ୍ରୋର ବୈଜ୍ଞାନିକମାନେ ଯେମିତି ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ମଙ୍ଗଳ ଯାନକୁ ସଫଳତାର ସହ ଉତ୍କ୍ଷେପଣ କରିପାରିଛନ୍ତି, ସେହିପରି ଏହି ବ୍ରହ୍ମଦର୍ଶୀ ଯୋଗ ସାଧନା ଦ୍ୱାରା ନାନା ଅସାଧ୍ୟ ସାଧନ କରିବା ସହ ଭବିଷ୍ୟତ ଦର୍ଶନ କରିପାରିଥିଲେ। ତାଙ୍କ ଆତ୍ମାରେ ସେ ପରମାତ୍ମାଙ୍କୁ ଅନୁଭବ କରି ଆମକୁ ପରମତତ୍ତ୍ୱ ପ୍ରଦାନ କରିଛନ୍ତି ତାଙ୍କ ଲେଖନୀ ମାଧ୍ୟମରେ।

## ତିରୋଧାନ ତିଥି ଉପଲକ୍ଷେ

ଅନନ୍ୟ ତାଙ୍କର କାଳଜୟୀ ସୃଷ୍ଟି ଶିବ ସ୍ୱରୋଦୟରେ ସୃଷ୍ଟି ତତ୍ତ୍ୱ, ଶୂନ୍ୟରେ ଭଗବାନଙ୍କ ଅବସ୍ଥିତି, ଶ୍ରୀକୃଷ୍ଣଙ୍କ ଶାଶ୍ୱତ ପ୍ରେମର ମନୋଜ୍ଞ ଅବତାରଣା, ପ୍ରେମଭକ୍ତି ବ୍ରହ୍ମଗୀତାରେ ନିରାକାର ବ୍ରହ୍ମ ଓ ଶୂନ୍ୟରୁ ଉଦ୍ଭବ ଭଗବତ୍ ଜ୍ୟୋତିର ବର୍ଣ୍ଣନା ଓ ଆତ୍ମ ପରତେ ଗୀତା, ଗୋବିନ୍ଦଚନ୍ଦ୍ର ବଣଭୋଜି ଇତ୍ୟାଦିରେ ସନ୍ନିବେଶିତ ବିଷୟବସ୍ତୁ ତାତ୍ତ୍ୱିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିସହ ତାଙ୍କର ରହିଛି ଏଗାରଗୋଟି ଶରୀରଭେଦୀ ଭଜନ, ଯାହାର ଭାବଗର୍ଭକ ଅନବଦ୍ୟ କବିତା ପଂକ୍ତି ଜୀବନଦର୍ଶନର ଗଭୀର ରହସ୍ୟ ଉପରେ ଆଧାରିତ। ଯଥା-

'ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା/ଅଠାକାଠି ପଞ୍ଜୁରିରେ ନ ଦିଏ ଧରା' ଇତ୍ୟାଦି।

ଏହି ସାଧକଶ୍ରେଷ୍ଠଙ୍କ ଗୂଢ଼ତତ୍ତ୍ୱ ସମ୍ବଳିତ ଲେଖାଗୁଡ଼ିକର ଅନୁଶୀଳନ ଓ ବିଶ୍ଳେଷଣ ବର୍ତ୍ତମାନ ଯୁଗରେ ଏକାନ୍ତ କାମ୍ୟ।

ମାର୍ଗଶିର ଶୁକ୍ଳଷଷ୍ଠୀ ବା ପ୍ରାବରଣଷଷ୍ଠୀ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଡ଼ଲାଗି ପର୍ବ। ଏହି ପବିତ୍ର ଦିନ ପୁଣ୍ୟଶ୍ଳୋକ ଯୋଗୀ ଶ୍ରୀଯଶୋବନ୍ତଙ୍କର ମହାପ୍ରୟାଣ ଘଟିଥିଲା। ଏହାର ପୂର୍ବ କଳନା କରି ସେ ଲେଖିଥିଲେ-

'ଲିଭିଯିବ ଜ୍ୟୋତି ଜଳୁଛି ପ୍ରଭୁ ନିକର ଦିନେ,
ମାର୍ଗଶିର ମାସ ନିଦାନ ଯିବି ଉତ୍ତରାୟଣେ।
ବାର କଳା ରବିବାରରେ ରବିବାର ଦିବସ,
ପିଣ୍ଡରୁ ପ୍ରାଣ ଛାଡ଼ିଯିବ, ମୁଁ ହେବି ହରଷ।'

ତାଙ୍କ ପବିତ୍ର ସମାଧି ପୀଠରେ, ଯଶୋବନ୍ତ ଗାଦିରେ ଓଢ଼ଣଷଷ୍ଠୀ ଦିନ ତାଙ୍କ ଶ୍ରାଦ୍ଧୋତ୍ସବ ସ୍ଥାନୀୟ ଶ୍ରଦ୍ଧାଳୁ ଜନତାଙ୍କ ଦ୍ୱାରା ମହା ସମାରୋହରେ ପାଳିତ ହୁଏ। ଏହି ଉପଲକ୍ଷେ ସେଠାରେ ବହୁ ସାଧୁସନ୍ଥଙ୍କର ସମାଗମ ହୁଏ। ପବିତ୍ର ଅଡ଼ଙ୍ଗମାଟି ସେଦିନ ଶ୍ରୀକ୍ଷେତ୍ର ପାଲଟେ। ଧାଇଁ ଆସନ୍ତି ମହାବାହୁ ଶ୍ରୀଜଗନ୍ନାଥ ରତ୍ନସିଂହାସନ ଛାଡ଼ି ଭକ୍ତର ସମାଧି ପୀଠକୁ, ଅପୂର୍ବ ଭାବାବେଶରେ ଉଚ୍ଛୁଳି ଉଠେ ସେଦିନ ଭକ୍ତମାନଙ୍କ ପ୍ରାଣ। ତୁଳସୀ, ଚନ୍ଦନ, ଦୟଣାର ମହ ମହ ବାସ୍ନାରେ ମହକିତ ହୁଏ ସମାଧି ପୀଠ। ଏସବୁ ଅନୁଭବର କଥା। ଏହି ମହାପୁରୁଷଙ୍କ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ତାଙ୍କ ପାଦ ତଳେ ଆଜି ଆମେ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ଏବଂ ସେ ମହାମାନବଙ୍କ ପବିତ୍ର ଆତ୍ମା ସମଗ୍ର ମନୁଷ୍ୟ ସମାଜକୁ ଆଲୋକର ପଥ ଦେଖାଉ, ଏହାହିଁ ସେ ସିଦ୍ଧ ସାଧକଙ୍କ ପଦ ତଳେ ପ୍ରାର୍ଥନା।

ବାଗ ସାହି, ଜଗତ୍‌ସିଂହପୁର,
ମୋ-୯୦୪୦୫୬୮୭୭୨

## ଏଇ ଭାରତରେ

ଦୁର୍ନୀତି, ଶୋଷଣ, ଅରାଜକତା ପାଇଁ ସାଧାରଣତଃ ରାଜନେତା, ଉଚ୍ଚ ପଦବୀରେ ଥିବା ସରକାରୀ ଅଧିକାରୀଙ୍କୁ ଦାୟୀ କରାଯାଏ। ଦୁର୍ନୀତି ପ୍ରମାଣିତ ହେଲେ ସେମାନେ ଦଣ୍ଡିତ ହେବା ଅନେକ ନଜିର ରହିଛି। ହେଲେ ଅନେକଙ୍କ ବିରୋଧରେ ପ୍ରମାଣ ମିଳେନାହିଁ କିମ୍ବା ସେମାନଙ୍କ ବିରୋଧରେ ସ୍ୱର ଉଠାଇବାକୁ ଲୋକେ ସାହସ କରନ୍ତି ନାହିଁ। ଏସବୁ ବର୍ତ୍ତମାନ ସମାଜରେ ସାଧାରଣ କଥା ହୋଇଥିଲାବେଳେ ଅନେକ ଲୋକଙ୍କ ମନରେ ରାଜନେତା ଓ ଉଚ୍ଚପଦସ୍ଥ ଅଧିକାରୀଙ୍କ ବିରୋଧରେ ନକାରାତ୍ମକ ଚିନ୍ତାଧାରା ରହିଆସିଛି, ଯାହାକି କେତେକ ଘଟଣାରେ ପରିପ୍ରକାଶ ମଧ୍ୟ ହୁଏ। ଏଭଳି ଏକ ପରିପ୍ରକାଶ ଉତ୍ତରପ୍ରଦେଶ କାନପୁରର ଏକ ଶନି ମନ୍ଦିରରେ ଦେଖିବାକୁ ମିଳୁଛି, ଯେଉଁଠିକୁ ପୂର୍ବତନ ଓ ବର୍ତ୍ତମାନର ମନ୍ତ୍ରୀ, ଏମ୍‌ପି, ବିଧାୟକ, ଆଇପିଏସ୍, ଆଇଏଏସ୍ ଅଧିକାରୀ, ଜଜ୍, ମାଜିଷ୍ଟ୍ରେଟ୍‌ଙ୍କ ପ୍ରବେଶକୁ ନିଷେଧ କରାଯାଇଛି। କାରଣ ଏହିମାନଙ୍କୁ ଦେଶରେ ବଢୁଥିବା ଅରାଜକତା ପାଇଁ ଦାୟୀ କରାଯାଉଛି। ଏଥିପାଇଁ ମନ୍ଦିର ସମ୍ମୁଖରେ ସୂଚନା ବୋର୍ଡ ମଧ୍ୟ ଲଗାଯାଇଛି। ବ୍ୟକ୍ତିଗତ ଜମି ଉପରେ ନିର୍ମାଣ ହୋଇଥିବା ଉକ୍ତ ମନ୍ଦିରକୁ ଭ୍ରଷ୍ଟତନ୍ତ୍ର ବିନାଶକ ଶନି ମନ୍ଦିର କୁହାଯାଉଛି। ସେଠାରେ ପ୍ରତି ଶନିବାର ଓ ମଙ୍ଗଳବାର ଶ୍ରଦ୍ଧାଳୁଙ୍କ ଗହଳି ହୋଇଥାଏ।

## ଚିରନ୍ତନୀ

ଏ ଧରାର ସୁଖ ଦୁଃଖ ସ୍ନିଗ୍ଧ ରୁକ୍ଷ ସୁନ୍ଦର କୁତ୍ସିତ
ଅତି ଆଦରର ମୋର, ଏ ଜୀବନେ ଅତି ପରିଚିତ
କେତେ ଆଶା କେତେ ମୋର ଆକାଂକ୍ଷାର ଧନ
ଛାଡ଼ି ସବୁ ନ ଲୋଡ଼ଇ ସ୍ୱରଗ ଭୁବନ,
ଜନନୀର ଅମୃତ ସେନେହ
ଲାଳିତ କରଇ ଏ ଯେ ଦେହ,
ଆଶିଷ ପିତାର
କଲ୍ୟାଣ ଆଧାର
ଏତେ ପ୍ରାଣ
ଏତେ ଦାନ! (ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | | | D | | | | A | C | | 7 | | | | B |
| | | | | 8 | | | B | E | | | | | 9 | |
| 3 | | | | | | 7 | D | | | | | | | 8 |
| | | | | | 5 | | | 9 | 0 | 6 | | | 1 | |
| 1 | | 0 | | E | | | | | | | B | | | 6 |
| | | 7 | | 9 | | | | 6 | 8 | | | | | |
| 0 | 2 | | | B | | | C | | | A | | 6 | | |
| | | | | 0 | E | 4 | 2 | | | B | 1 | | | 9 |
| D | | | A | | | | | 0 | | 2 | | | | 3 |
| | B | | | C | 6 | | | | | E | 7 | | 0 | |
| | | 5 | | 1 | | | 8 | 4 | B | | A | C | | |
| 8 | | E | | | | | | | | 0 | | | | |
| 6 | | | | A | 9 | 2 | | B | 5 | | | 3 | 4 | |
| | | | | 6 | | E | 5 | D | | 4 | 8 | | 7 | 1 |
| | | | 2 | | | 9 | | | D | | | | | 0 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | 7 | B | 8 | C | 2 | 3 | 1 | 9 | 5 | 0 | E | 6 | A | D |
| E | 8 | 5 | D | 9 | 4 | 6 | A | B | 2 | 1 | 7 | C | 0 | 3 |
| 2 | A | 6 | B | 1 | 3 | E | D | 0 | 9 | 8 | C | 7 | 5 | 4 |
| C | 0 | 3 | E | 6 | A | 2 | 5 | 7 | D | B | 4 | 1 | 9 | 8 |
| 9 | 1 | D | 7 | 5 | 0 | C | 8 | 4 | 6 | 3 | A | B | E | 2 |
| 1 | C | 7 | 3 | E | 9 | B | 2 | 8 | 4 | A | 5 | D | 6 | 0 |
| A | 3 | 2 | 1 | 7 | 5 | 0 | 9 | D | B | E | 6 | 4 | 8 | C |
| D | 9 | 4 | 0 | B | 6 | 5 | E | A | 1 | C | 8 | 3 | 2 | 7 |
| B | E | 0 | C | 2 | 8 | 4 | 3 | 6 | 7 | D | 9 | A | 1 | 5 |
| 6 | 5 | 8 | A | 4 | D | 7 | C | 1 | 3 | 2 | 0 | 9 | B | E |
| 3 | 2 | E | 4 | D | 7 | 9 | 0 | 5 | A | 6 | 1 | 8 | C | B |
| 5 | B | C | 6 | A | E | 1 | 7 | 2 | 8 | 4 | D | 0 | 3 | 9 |
| 7 | D | A | 5 | 0 | C | 8 | 6 | 3 | E | 9 | B | 2 | 4 | 1 |
| 8 | 6 | 1 | 9 | 3 | B | D | 4 | C | 0 | 5 | 2 | E | 7 | A |
| 0 | 4 | 9 | 2 | 8 | 1 | A | B | E | C | 7 | 3 | 5 | D | 6 |

ଗତକାଲିର ଉତ୍ତର

# ଆର୍ଥିକ ଉପନିବେଶବାଦ ଓ ଭାରତ



ଅରୁଣ କୁମାର ପଣ୍ଡା

ସ୍ୱାଧୀନତାକୁ ୭୨ବର୍ଷ ହେବା ପରେ ବି ଭାରତୀୟ ଅର୍ଥ ବ୍ୟବସ୍ଥା ସିଦ୍ଧାନ୍ତ ରୂପରେ ଉପନିବେଶବାଦ ଟ୍ରାକ୍‌ରୁ ଓହ୍ଲାଇ ନୂଆ ମାର୍ଗରେ ଚାଲିବା ପାଇଁ ଏ ପର୍ଯ୍ୟନ୍ତ ସମର୍ଥ ହୋଇପାରିନାହିଁ। ଦୀର୍ଘ ଦିନର ଗୋଲାମି କାରଣରୁ ଦେଶର ଅର୍ଥ ବ୍ୟବସ୍ଥା ଲମ୍ବା ସମୟ ଧରି ଘୁଷୁରି ଘୁଷୁରି ଏବେ ବିଶ୍ୱର ଷଷ୍ଠ ସବୁଠାରୁ ବଡ଼ ଆର୍ଥିକ ପ୍ରଗତିର ରାଷ୍ଟ୍ରରେ ପରିଣତ ହୋଇଛି। ଏହି ୭୨ବର୍ଷରେ ଦେଶରେ ଅର୍ଥ ବ୍ୟବସ୍ଥାର ବିସ୍ତାର ନିଶ୍ଚିତ ଭାବରେ ହୋଇଛି। ପରନ୍ତୁ ଆମକୁ ଅପେକ୍ଷିତ ସଫଳତା ମିଳିପାରିନାହିଁ।

ଉପନିବେଶବାଦ କାଳରେ ଇଂରେଜ ଶାସନ ଭାରତର ଅର୍ଥ ବ୍ୟବସ୍ଥାକୁ ଏଭଳି ନଷ୍ଟବିନଷ୍ଟ କରିଦେଇଥିଲା ଯେ, ସପ୍ତଦଶ ଶତାବ୍ଦୀ ପର୍ଯ୍ୟନ୍ତ ଯେଉଁ ଦେଶ କେବଳ ରପ୍ତାନି କରି ଆସୁଥିଲା ସ୍ୱାଧୀନତାପ୍ରାପ୍ତି ବେଳକୁ ସେହି ଦେଶ କେବଳ ଆମଦାନୀ କ୍ଷେତ୍ରରେ ପରିଣତ ହୋଇସାରିଥିଲା। ଛୋଟଛୋଟ ସାମଗ୍ରୀ ପାଇଁ ଆମେ ଇଂଲଣ୍ଡ ଉପରେ ନିର୍ଭର କରୁଥିଲୁ। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଭାରତରେ ପୁଞ୍ଜିନିବେଶ ହେବା ଆରମ୍ଭ ହେଲା। କିନ୍ତୁ ଦେଶରେ ଥିବା ଉଦ୍ୟୋଗଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଇଂରେଜମାନଙ୍କ ହାତରେ ହିଁ ଥିଲା। ସେହି ସମୟରେ କିଛି ଭାରତୀୟ ଉଦ୍ୟୋଗପତି ଶିଳ୍ପରେ ପୁଞ୍ଜିନିବେଶ କରିଥିଲେ ମଧ୍ୟ ଇଂରେଜଙ୍କ ନିୟନ୍ତ୍ରଣ କାରଣରୁ ବିଶେଷ ସଫଳତା ହାସଲ କରିପାରି ନ ଥିଲେ। ଇଂରେଜ ସରକାର ନିଜ ହିତ ଦୃଷ୍ଟିରୁ ଯେଉଁ ନୀତି ନିର୍ଦ୍ଧାରଣ କରିଥିଲେ ଭାରତୀୟ ଉଦ୍ୟୋଗପତିମାନଙ୍କୁ ବାଧହୋଇ ସେ ସବୁକୁ ମାନିବାକୁ ପଡୁଥିଲା। ଦେଶର ନୀତି ନିର୍ଦ୍ଧାରକଙ୍କ ବିଚାରଧାରା ସେତେବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକର ବିକାଶ ଦ୍ୱାରା ଅଧିକ ପ୍ରଭାବିତ ଥିଲା। ସେଥିପାଇଁ ଗ୍ରାମୋଦ୍ୟୋଗ, ଗ୍ରାମ୍ୟବିକାଶ ଏବଂ କୁଟୀରଶିଳ୍ପର ସଶକ୍ତୀକରଣ ଉପରେ ବିଶେଷ ଦୃଷ୍ଟି ଦେବା ପରିବର୍ତ୍ତେ ସେଗୁଡ଼ିକୁ ଉପେକ୍ଷା କରାଗଲା।

ଧୀରେ ଧୀରେ ଉଦ୍ୟୋଗୀକରଣର ଧାରା ତୀବ୍ର ହେଲା। କିନ୍ତୁ ଆର୍ଥିକ ବିକାଶ ଦୃଷ୍ଟିରୁ ଦେଶ ପଛରେ ପଡିରହିଲା। ସତୁରି ଦଶକ ପର୍ଯ୍ୟନ୍ତ ଦେଶରେ ଆର୍ଥିକ ବିକାଶର ଢାଞ୍ଚା ସମ୍ପୂର୍ଣ୍ଣ ଭାବରେ ଔଦ୍ୟୋଗିକ କ୍ରାନ୍ତି ବା ଶିଳ୍ପବିପ୍ଳବର ଅନୁକରଣ ହିଁ ଥିଲା। ମହାତ୍ମା ଗାନ୍ଧୀ ଏବଂ ତାଙ୍କ ପରେ ବିନୋବା ଭାବେ, ରାମମନୋହର ଲୋହିଆ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ପରି ଚିନ୍ତାନାୟକ ଗଣ କୁଟୀରଶିଳ୍ପ ଏବଂ ହସ୍ତଶିଳ୍ପକୁ ଭାରତୀୟ ଅର୍ଥ ବ୍ୟବସ୍ଥାର ପ୍ରମୁଖ ଆଧାର ସ୍ତମ୍ଭ ବୋଲି କହିଥିବା ବେଳେ ପଣ୍ଡିତ ନେହେରୁ ଏବଂ ପରେ ଇନ୍ଦିରା ଗାନ୍ଧୀ ପାଶ୍ଚାତ୍ୟ ଶିଳ୍ପ ବିପ୍ଳବ ନୀତିକୁ ଅଧିକ ପସନ୍ଦ କଲେ। ସ୍ୱାଧୀନତା ଆନ୍ଦୋଳନ ସମୟରେ ଯେଉଁ ଗ୍ରାମ୍ୟ ବିକାଶ ଓ ଗ୍ରାମ୍ୟସ୍ୱରାଜର କଳ୍ପନା କରାଯାଇଥିଲା, ସେ ବିଷୟରେ ଆଉ ଚିନ୍ତା କରାଗଲା ନାହିଁ।

ପରିଣତି ଯାହା ହେଲା ତାହା ସମସ୍ତଙ୍କୁ ଜଣା। ଶିଳ୍ପ ବିକାଶର ବାଞ୍ଛିତ ସଫଳତା ତ ମିଳିଲା ନାହିଁ, ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ଭାରତ ନିଜର ଆବଶ୍ୟକତା ପୂରଣ କରିପାରିଲା ନାହିଁ। ହରିତ୍ କ୍ରାନ୍ତି ଅଭିଯାନ ପରେ ଦେଶ ଏ ଦିଗରେ କିଛିଟା ସଫଳତା ଅବଶ୍ୟ ହାସଲ କଲା। ମାତ୍ର ଔଦ୍ୟୋଗିକ କ୍ରାନ୍ତି ଦୃଷ୍ଟିରୁ ଭାରତ ବିକଶିତ ଦେଶଗୁଡ଼ିକଠାରୁ ପଛୁଆ ହୋଇ ରହିଗଲା। ୯୦ ଦଶକରେ ଉଦାରୀକରଣ ଏବଂ ଜଗତୀକରଣ ନୀତିକୁ ଭାରତ ଗ୍ରହଣ କଲା। ଏହାପରେ ଉଦାରୀକରଣ ନାମରେ ସ୍ୱଦେଶୀ ଉଦ୍ୟୋଗଗୁଡ଼ିକ ଉପରେ କୁଠାରାଘାତ ଆରମ୍ଭ ହେଲା।

ଏଭଳି ସ୍ଥିତି ଉତ୍ପନ୍ନ ହେଲା, ଯାହାଫଳରେ ଅନେକ ସ୍ୱଦେଶୀ ଶିଳ୍ପକାରଖାନାକୁ ବହୁରାଷ୍ଟ୍ରୀୟ କମ୍ପାନୀମାନେ ଅଧିଗ୍ରହଣ କରିନେଲେ ଏବଂ ଭାରତୀୟ ବଜାରରେ ବିଦେଶୀ କମ୍ପାନୀଗୁଡ଼ିକର ପ୍ରଭାବ ବଢ଼ିବାକୁ ଲାଗିଲା। ପୁଣି ଥରେ ଇଷ୍ଟଇଣ୍ଡିଆ କମ୍ପାନୀର ସମୟ ଆସିଗଲା ବୋଲି ଧାରଣା ସୃଷ୍ଟି ହେଲା। ପରେ ପରେ ଜଗତୀକରଣ ନାଁରେ ଡବ୍ଲ୍ୟୁଟିଓ ଏବଂ ଗ୍ୟାଟ୍ ବୁଝାମଣା ଭାରତୀୟ ଅର୍ଥ ବ୍ୟବସ୍ଥାକୁ ପୂରା ଭାବରେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ପାଇଁ ଉନ୍ମୁକ୍ତ କରିଦେଲା। ଅବଶ୍ୟ କେତେକ ଉଦ୍ୟୋଗରେ ସଂରକ୍ଷଣ ନୀତିର ଅନୁପାଳନ କରାଗଲା, କିନ୍ତୁ ଏହି ସଂରକ୍ଷଣବାଦୀ ନୀତି ରକ୍ଷା ଉତ୍ପାଦନ ଭଳି କିଛି ଖାସ୍ ଉଦ୍ୟୋଗ ପାଇଁ ସୀମିତ ରହିଲା।

ଏହା କହିଲେ ଅନୁଚିତ ହେବ ନାହିଁ ଯେ, ଦେଶରେ ଏବେ ଉପନିବେଶବାଦୀ କାଳର ପୁନରାବୃତ୍ତି ହେବାରେ ଲାଗିଛି। ବିଦେଶୀ ପୁଞ୍ଜି ନିବେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଇଷ୍ଟଇଣ୍ଡିଆ କମ୍ପାନୀ ପରି ଏହି ବହୁରାଷ୍ଟ୍ରୀୟ ବିଦେଶୀ ପୁଞ୍ଜିନିବେଶକାରୀ ସଂସ୍ଥାଗୁଡ଼ିକ ଭାରତୀୟ ବଜାରକୁ ଉପଯୋଗ କରିବାରେ ତୀବ୍ର ପ୍ରତଦ୍ୱନ୍ଦ୍ୱିତା ଆରମ୍ଭ କରିଦେଇଛନ୍ତି। ମେକ୍ ଇନ୍ ଇଣ୍ଡିଆ ଭଳି ନୀତି କେବଳ ସ୍ଲୋଗାନରେ ପରିଣତ ହୋଇଛି।

ଏହା ସତ୍ୟ ଯେ, ବିଦେଶୀ ପୁଞ୍ଜିନିବେଶ ସହିତ ଦେଶରେ ନୂତନ ଔଦ୍ୟୋଗିକ ପ୍ରବେଶ ଘଟିଛି। ଏହାଦ୍ୱାରା ରୋଜଗାର ସମ୍ଭବ ହୋଇଛି। କିନ୍ତୁ ଏହାକୁ ଅସ୍ୱୀକାର କରିହେବ ନାହିଁ ଯେ ଭାରତୀୟ ପୁଞ୍ଜି ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକର ଲାଭାଂଶ ଭାବରେ ନିୟମିତ ଦେଶ ବାହାରକୁ ଚାଲିଯାଉଛି। ଯେଉଁ ଅର୍ଥବ୍ୟବସ୍ଥା ଉପରେ କେବଳ ଭାରତର ନିୟନ୍ତ୍ରଣ ରହିବା ଉଚିତ, ତାହାକୁ ପୂରା ବିଦେଶୀ ନିବେଶକଙ୍କ ପାଇଁ ଉନ୍ମୁକ୍ତ କରିଦିଆଯାଇଛି। ଏବର କେନ୍ଦ୍ର ସରକାର ମଧ୍ୟ ଏହି ନୀତିର ଅନୁସରଣ କରୁଛି। ବିଦେଶୀ ମୁଦ୍ରା ଆହରଣର ଏହା ଏକ ଶ୍ରେଷ୍ଠ ମାର୍ଗ ବୋଲି ଆମର ସରକାରୀ ଅର୍ଥଶାସ୍ତ୍ରୀମାନେ ବିଚାର କରୁଛନ୍ତି। ଏହାଦ୍ୱାରା ଆମର ମୁଦ୍ରାକୋଷ ବିଦେଶୀ ଧନରେ ଭରପୂର ହେବ ବୋଲି ସେମାନେ ଆଶା ରଖିଛନ୍ତି। ବର୍ତ୍ତମାନ ସମୟରେ ଜଗତୀକରଣରୁ ସମ୍ପୂର୍ଣ୍ଣ ମୁକ୍ତି ଅସମ୍ଭବ, ପରନ୍ତୁ ଏହି ସମୟରେ ସବୁଠାରୁ ଅଧିକ ଧ୍ୟାନ ଦେବାକୁ ହେବ କୁଟୀର ଏବଂ ହସ୍ତଶିଳ୍ପକୁ। ଏହା ହେଲେ ଦେଶର ପୁଞ୍ଜି ତଳସ୍ତର ପର୍ଯ୍ୟନ୍ତ ଆବଣ୍ଟିତ ହୋଇପାରିବ। ଏହାଦ୍ୱାରା ଗାଁର କୁଶଳୀ କାରିଗର, କ୍ଷୁଦ୍ର ବ୍ୟବସାୟୀ ଏବଂ ଗାଁ ଲୋକେ ଉପକୃତ ହୋଇପାରିବେ ତଥା ଦେଶରେ ଆତ୍ମବିଶ୍ୱାସ ସହ ଅସ୍ଥିରତାର ଅବସାନ ହେବ। ବଡ଼ ଶିଳ୍ପ ସହ ଗ୍ରାମୋଦ୍ୟୋଗରେ ଅଧିକ ଧ୍ୟାନ କେନ୍ଦ୍ରିତ ହେବା ଦେଶ ପାଇଁ ଲାଭଜନକ ହେବ।

ମର୍କତନଗର, କଟକ, ମୋ: ୯୪୩୭୨୭୦୬୦୫

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟରେ ବିଷ

ମହାଶୟ,

ଖାଲି କୁକୁଡା ମାଂସରେ ବିଷ ନୁହେଁ। ମାଛ, ପନିପରିବା, କଦଳୀ, ଅଙ୍ଗୁର, ଆପଲ ଇତ୍ୟାଦି ଫଳରେ ମଧ୍ୟ ବିଷ। ନକଲି ଖାଇବା ତେଲ, ଘିଅ, କ୍ଷୀର, ଛେନା, ସାଲାଇନ, ଔଷଧ, ସିମେଣ୍ଟ ଆଦି ତିଆରି ହେଲାଣି। ଏ ସବୁ ଖାଇ, ବ୍ୟବହାର କରି ଲୋକମାନେ ଜଟିଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏ ସବୁ ପାଇଁ ରାଜକୋଷରୁ ଅନେକ ଟଙ୍କା ଚିକିତ୍ସା ବାବଦକୁ ଖର୍ଚ୍ଚ ହେଉଛି। ଅନେକ ବ୍ରାଣ୍ଡର ତେଲ, ଘିଅ, କ୍ଷୀର ଇତ୍ୟାଦି ବିକ୍ରି ହେଉଛି। ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ। ବରିଷ୍ଠ ନାଗରିକମାନେ କେଉଁ ବ୍ରାଣ୍ଡର ଖାଇବେ, କେଉଁଟା ନ ଖାଇବେ ସେନେଇ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଏ ସବୁର ମାନ ନିରୂପଣ କରିବା ପାଇଁ କ'ଣ କିଛି ବ୍ୟବସ୍ଥା ନାହିଁ? ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ।

କାହ୍ନୁଚରଣ ସାହୁ, ବରିଷ୍ଠ ନାଗରିକ, ଜଟଣୀ, ଖୋର୍ଦ୍ଧା

### ଛାତ୍ରୀଛାତ୍ରଙ୍କୁ କିପରି ଦଣ୍ଡଦେବା ଉଚିତ

ଧରିତ୍ରୀରେ ପ୍ରକାଶିତ ସୋନାମିକା ରାୟଙ୍କ 'ଦଣ୍ଡମୁକ୍ତ ବିଦ୍ୟାଳୟ' ପ୍ରବନ୍ଧଟି ପାଠ କଲି। ମୁଁ ଜଣେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ହୋଇଥିବାରୁ ଦୁଇପଦ ନ ଲେଖି ରହିପାରୁ ନାହିଁ। କେତେକ ଅଭିଭାବକ ତାଙ୍କ ପିଲାଙ୍କୁ ଦଣ୍ଡ ଦେବା ପାଇଁ ଶିକ୍ଷକଙ୍କୁ କହିଥାନ୍ତି। କିନ୍ତୁ ସେହି ଦଣ୍ଡ ଯଦି କଠୋର ହୁଏ ତେବେ ଅଭିଭାବକ ପ୍ରତିବାଦ କରିଥାନ୍ତି। ପ୍ରକୃତପକ୍ଷରେ ଛାତ୍ରୀଛାତ୍ରଙ୍କର ଅନୁଚିତ ଆଚରଣରେ ପରିବର୍ତ୍ତନ ଆଣିବା ପାଇଁ ଦଣ୍ଡସ୍ୱରୂପ ବୃକ୍ଷରୋପଣ, ବିଦ୍ୟାଳୟ ପରିସର ସଫେଇ ଆଦି କାର୍ଯ୍ୟରେ ନିୟୋଜିତ କରିବା ଉଚିତ। ଅଭିଭାବକ, ଛାତ୍ରୀଛାତ୍ର, ଶିକ୍ଷକ ପ୍ରତ୍ୟେକେ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ସଚେତନ ହେବା ଆବଶ୍ୟକ।

ମୀନା କୁମାରୀ ମହାପାତ୍ର, ମହତାବ ରୋଡ୍, ପୁରୁଣା ଭୁବନେଶ୍ୱର

### ଗୋସମ୍ପଦ ସୁରକ୍ଷା ପାଇଁ ଆହ୍ୱାନ

କିଛିଦିନ ତଳେ ପୁରୀ ଶଙ୍କରାଚାର୍ଯ୍ୟ ଗୋହତ୍ୟା ବନ୍ଦକରି ଏହାର ସୁରକ୍ଷା ଲାଗି ଆହ୍ୱାନ ଦେବା ଖବର ପ୍ରକାଶ ପାଇଛି। ଗୋରୁ ବୟସାଧିକ୍ୟ ଯୋଗୁ କର୍ମକ୍ଷମ ନ ହେଲେ ଲୋକେ ତାଙ୍କୁ କଂସେଇ ହାତରେ ଟେକି ଦେଉଛନ୍ତି। ତେଣୁ ଭାରତରୁ ଲକ୍ଷ ଲକ୍ଷ ଟନ୍ ଗୋମାଂସ ବିଦେଶକୁ ରପ୍ତାନି ହେଉଛି। ତେବେ କୌଣସି ଧର୍ମଶାସ୍ତ୍ର ବା ବିଜ୍ଞାନ ଗୋମାଂସ ଭକ୍ଷଣ ସପକ୍ଷରେ ମତ ଦେଉ ନ ଥିବାରୁ ଲୋକେ ଶିକ୍ଷିତ, ସଚେତନ ଓ ଦରଦୀ ହେଲେ ଗୋବଧ ହ୍ରାସ ପାଇପାରିବ।

ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଡିସେମ୍ବର ୧୯୯୩

- ୫୧ ବର୍ଷ ବୟସ୍କ ଖ୍ରୀଷ୍ଟିଆନ ଡେମୋକ୍ରାଟ ନେତା ଏଡ୍‌ୱାର୍ଡ ଫେରି ଚିଲିର ରାଷ୍ଟ୍ରପତି ଭାବେ ନିର୍ବାଚିତ।
- ହଙ୍ଗେରୀର ପ୍ରଥମ ଅଣ କମ୍ୟୁନିଷ୍ଟ ପ୍ରଧାନମନ୍ତ୍ରୀ ଯୋଶେଫ ଆଣ୍ଟାଲଙ୍କ ପରଲୋକ।
- ହିମାଚଳ ପ୍ରଦେଶର ଚାମ୍ବା ନିକଟରେ ସିଭଲ ନଦୀରେ ଏକ ଅର୍ଦ୍ଧନିର୍ମିତ ପୋଲ ଭୁଶୁଡ଼ି ପଡିବା ଫଳରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ।



ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଜିଲାସ୍ତରୀୟ ବିଜ୍ଞାନ ମେଳା

**ସମ୍ବଲପୁର, ୧୩।୧୨ (ବ୍ୟୁରୋ)-** ବୁଢ଼ାରଜା ସରକାରୀ ନୋଡାଲ ହାଇସ୍କୁଲଠାରେ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ମୁଖ୍ୟଅତିଥି, ସ୍ୱୀକାର ସମ୍ପାଦକ ହେମନ୍ତ ମହାପାତ୍ର, ବୁଢ଼ାରଜା ହାଇସ୍କୁଲ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଦୟାନିଧି ପୂଜାରୀ ସମ୍ମାନୀତ ଅତିଥି ଓ ପ୍ରଫେସର ଶଙ୍କର ପ୍ରସାଦ ପତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଜିଲା ସର୍ବଶିକ୍ଷା ଅଭିଯାନ ସଂଯୋଜିକା କଳ୍ପନା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ସୂଚନା ପ୍ରଦାନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଜିଲାର ୯ଟି ବ୍ଲକରୁ ୧୦୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ପ୍ରକଳ୍ପ ମଧ୍ୟରୁ ୮ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୟନ କରାଯାଇଛି ।

# ପ୍ରଶାସନକୁ ମିଲର୍ସଙ୍କ ଡର ନାହିଁ

**ଧମା, ୧୨।୧୨ (ଡି.ଏନ.ଏ.)**

- ମାନେଶ୍ୱର ବ୍ଲକ୍ ଅଧୀନ ବରଗାଁ ୟାର୍ଡ
- ମିଲର୍ସ, ପ୍ରଶାସନର ଭିତିରି ସମ୍ପର୍କ
- ଶ୍ରୀରାମ ଏଗ୍ରୋ ଉପରେ ଚାଷୀ ଖପ୍ପା



ବରଗାଁ ମଣ୍ଡିରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପଡିରହିଥିବା ୧୧ ହଜାର ପ୍ୟାକେଟ ଧାନ ।

ଚଳିତ ବର୍ଷ ମିଲର୍ସମାନଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ ଯୋଗୁ ସମ୍ବଲପୁର ଜିଲାରେ ଧାନକ୍ରୟ ପାଇଁ ମଣ୍ଡିଗୁଡିକ ଡେରିରେ ଖୋଲିଛି। କିଛି ମିଲର୍ସଙ୍କ କଟନି ଛଟନି ନେଇ ଚାଷୀ ଓ ମିଲର୍ସ ବିବାଦ ଘନାଉଛି। ଏହିକ୍ରମରେ ବୁଧବାର ମାନେଶ୍ୱର ବ୍ଲକ ଅନ୍ତର୍ଗତ ବରଗାଁ ମଣ୍ଡିରେ ଏକ ମିଲ୍‌କୁ ଧାନ ଦେବା ପାଇଁ ଚାଷୀମାନେ ସିଧାସଳଖ ମନା କରି ଦେଇଥିଲେ । ଫଳରେ ୧୧ ହଜାର ପ୍ୟାକେଟ ଧାନ ବରଗାଁ ମଣ୍ଡିରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ପଡି ରହିଥିଲା ।

ବୁଧବାର ବରଗାଁ ମଣ୍ଡିକୁ ବିକ୍ରି ପାଇଁ ୬୧ଟି ଗାଡିରେ ୧୧,୮୪୪ ପ୍ୟାକେଟ୍ ଧାନ ଆସିଥିଲା । ମାତ୍ର ଚାଷୀମାନଙ୍କୁ ଗୋଶାଳାର ଏକ ମିଲ୍ ତଥା ନିକଟସ୍ଥ ଶ୍ରୀରାମ ଏଗ୍ରୋ ବାଲପୁରକୁ ଧାନ ନିଆଯିବା ପାଇଁ ବରଗାଁ ସମବାୟ ସମିତି କହିଥିଲା। ହେଲେ ଗୋଶାଳା ମିଲ ଅଧିକ ଦୂର ଥିବାରୁ ଚାଷୀମାନେ ଅମଙ୍ଗ ହୋଇଥିଲେ। ବାଲପୁର ଶ୍ରୀରାମ ଏଗ୍ରୋ କଟନି ଛଟନି କରି ପ୍ରତି କୁଇଣ୍ଟାଲ ୮ରୁ ୧୦ କେଜି ଧାନ କଟନି କରୁଛି। ଏଣୁ ଉକ୍ତ ମିଲ୍‌କୁ ଧାନ ଦେବେ ନାହିଁ ବୋଲି ଚାଷୀ ଜିଦ୍ ଧରିଥିଲେ। ବରଗାଁ ବୀର ସୁରେନ୍ଦ୍ର ସାଏ ଚାଷୀ ସଂଗଠନ ସଭାପତି ନନ୍ଦଲାଲ ତ୍ରିପାଠୀ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲା। ଉକ୍ତ ମିଲ୍ ବିରୋଧରେ ଏକ ରିଜୋଲୁସନ୍ ପାଶ୍ କରି ଧାନ କିଣାରୁ ବାଦ୍ ଦିଆଯିବା ପାଇଁ ଏକ ପତ୍ର ଯୋଗାଣ ବିଭାଗ ଉଦ୍ଦେଶ୍ୟରେ ବରଗାଁ ସମବାୟ ସମିତି ସମ୍ପାଦକ ସୂର୍ଯ୍ୟ କୁମାର କାଣ୍ଡଙ୍କୁ ଦିଆଯାଇଛି। ଏହି ମିଲ୍ ୮ରୁ ୧୦ କେଜି ଧାନ କଟିଂ କରୁଥିବା, ଚାଷୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା, ଓଜନ ମାପକ ଯନ୍ତ୍ରରେ ହେରଫେର କରୁଥିବା ଇତ୍ୟାଦି ଅଭିଯୋଗ ରହିଛି। ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହାର କୌଣସି ସମାଧାନ ନ ବାହାରିବାରୁ ଶେଷରେ ଯୋଗାଣ ବିଭାଗ ହସ୍ତକ୍ଷେପ କରିଥିଲା। ସମବାୟ ସମିତି ସମ୍ପାଦକ ଫୋନ୍ ଯୋଗେ ଜିଲା ଯୋଗାଣ ଅଧିକାରୀ (ସିଏସ୍‌ଓ)ପୀତାମ୍ବର ଆଚାର୍ଯ୍ୟଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଣୁ ଉକ୍ତ ମିଲ୍‌କୁ ଆଚାର୍ଯ୍ୟ ତାଗିଦ କରି କେବଳ ଆଦ୍ରତା ଛଡା ଅନ୍ୟ କୌଣସି ଭିତ୍ତିରେ ଧାନ କଟିଂ ନ କରିଯିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଆଚାର୍ଯ୍ୟ ଅସନ୍ତୁଷ୍ଟ ଚାଷୀମାନଙ୍କୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏହାପରେ ଭେଙ୍କଟ, ଏମଏସ ଏଗ୍ରୋ, କଳିଙ୍ଗା, ଶାନ୍ତି ମିଲ୍ ଓ ଶାରଦା ମିଲ୍‌କୁ ଯଥାକ୍ରମେ ୪୨୨୨, ୧୨୬୦, ୧୮୭୯, ୧୦୩୫, ୭୧୦ ଓ ୨୭୩୮ ପ୍ୟାକେଟ କରି ମୋଟ ୧୧ ହଜାର ୮ଶହ ପ୍ୟାକେଟ ଧାନ ପଠାଯାଇଥିଲା । ଚାଷୀ ବିଭୂତି ପଣ୍ଡା ଅଭିଯୋଗ କରିଛନ୍ତି ଯେ, ଅଧିକ କଟନି ଛଟନି କଲେ ମିଲର୍ସମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ପ୍ରଶାସନ ଚେତାବନୀ ଦେଇଛି। ତାହା ସତ୍ତ୍ୱେ ଶ୍ରୀରାମ ମିଲ୍‌ର ଭୟ ନାହିଁ। ଏଣୁ ନିଶ୍ଚୟ ମିଲର୍ସ ଓ ପ୍ରଶାସନ ଭିତରେ ଭିତିରି ସମ୍ପର୍କ ରହିଛି।

# ମହୁଲପାଲି ଶ୍ରୀଜଗନ୍ନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ

**ବାମରା, ୧୨।୧୨ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ ମହୁଲପାଲିର ନବ ନିର୍ମିତ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ ବୁଧବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ ଜିଲା ସହ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ପୂର୍ବାହ୍ନ ୮ଟାରୁ ସ୍ଥାନୀୟ ଭେଡେନ ନଦୀ କୂଳରେ ପୂଜାର୍ଚ୍ଚନା କରି ୬୧ଟି କଳସଯାତ୍ରାରେ ମହିଳା ପୁରୁଷମାନେ ଜଳ ଧରି ବହାରିଥିଲେ। ମହୁଲପାଲି ଗ୍ରାମଦେବୀଙ୍କୁ ଦିଅଁମୂଳଠାରେ ପୂଜାର୍ଚ୍ଚନା କରାଯାଇ ସେଠାରୁ ଇନ୍ଦ୍ର ଇନ୍ଦ୍ରାଣୀ ଦେବାଦେବୀଙ୍କୁ ପ୍ରତିଷ୍ଠା କରାଯାଇଥିଲା । ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରତ୍ନମୁଦ କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁ ଧାନ, ଚାଉଳ, ସୁନା, ରୂପା, ନଗଦ ଟଙ୍କା ଓ ଅନ୍ୟାନ୍ୟ ଧାତୁ ସାମଗ୍ରୀ ପ୍ରଦାନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ମନ୍ଦିର କମିଟି ସଭାପତି ଅଶୋକ କୁମାର ପରିଡା ଓ ସମ୍ପାଦକ ବିପିନ ବିହାରୀ ଦାଶଙ୍କ ସଂଯୋଜନାରେ ଅନ୍ୟାନ୍ୟ କର୍ମକର୍ତ୍ତା ଓ ସଭ୍ୟ ପରିଚାଳନାରେ ସହଯୋଗ କରିଥିଲେ । ମୁଖ୍ୟ ପୁରୋହିତ ଭାବେ ପଣ୍ଡିତ କମଳଲୋଚନ ଦାଶଙ୍କ ତତ୍ତ୍ୱାବଧାନରେ ସବରାଜ କୁମାର ଦାଶ, ସୁରେଶ ପାଣିଗ୍ରାହୀ, ତରୁଣ ଦାଶ ଓ ପ୍ରଦୀପ ଦାଶ ଯଜ୍ଞସଞ୍ଚାଳନ ତଥା ପୂଜାର୍ଚ୍ଚନା ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟ କର୍ତ୍ତା ରୂପେ ସ୍ଥାନୀୟ ଗୌନ୍ତିଆ ଦିଲୀପ କୁମାର ପଟେଲ ଓ ସହଧର୍ମିଣୀ ମୀନା ପଟେଲ ଯୋଗ ଦେଇଥିଲେ । ଅତିଥି ଭାବେ କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝୀ ଓ ରାଜେନ୍ଦ୍ର କୁମାର ଛତ୍ରିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ମିଶ୍ର, ଭୁବନେଶ୍ୱର କିସାନ ପ୍ରମୁଖ ସାମିଲ ହୋଇଥିଲେ । ଏହି ଅବସରରେ ଧମାର ଭାଗବତ ସନ୍ଧ୍ୟା, ସମ୍ବଲପୁରର ଭଜନ ସନ୍ଧ୍ୟା ଓ କୃଷ୍ଣଗୁରୁ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୃଦଙ୍ଗ, ସଂପ୍ରଦା, ସତ୍‌ସଙ୍ଗ ଓ ଆନନ୍ଦବଜାର ଆକର୍ଷଣ ରହିଥିଲା ।

# ହୋମଗାର୍ଡଙ୍କୁ ଆକ୍ରମଣ ଘଟଣାରେ ୩ ଗିରଫ



ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି ।

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ଛକରେ ଟ୍ରାଫିକ ଡ୍ୟୁଟି କରୁଥିବା ହୋମଗାର୍ଡ ଲଳିତ ନାଏକ (୩୬)ଙ୍କୁ ମାଡପିଟ ଘଟଣାରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସଦର ଥାନା ମାନେଶ୍ୱର ଗ୍ରାମର ସଞ୍ଜୟ ମହାପାତ୍ର, ଚାନ୍ଦମୁଣ୍ଡା ଗ୍ରାମର ସୁଶାନ୍ତ ନଗରିଆ ଓ ଧମା ଥାନା ଗୁଲୁଣ୍ଡା ଗ୍ରାମର ଗୋପାଳ ପଟେଲ। ଏମାନଙ୍କ ନାମରେ ସଦର ଓ ଯୁଯୁମରା ଥାନରେ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ ହୋଇଛି । ବୁଧବାର ଅଇଁଠାପାଲି ଏସ୍‌ଡିପିଓ ଅଫିସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସଡିପିଓ ଭାବାନୀ ଶଙ୍କରଙ୍କର ଉଦ୍‌ଗାତା ଏହି ସୂଚନା ଦେଇଛନ୍ତି।

ଯୁଯୁମୁରା ପଟୁ ଆସୁଥିବା ଊଷା ନାମକ ବସ୍‌କୁ ଭବାନିପାଲି ଗ୍ରାମ ନିକଟରେ ଅଭିଯୁକ୍ତମାନେ ଅଟକାଇ ହେଲପରକୁ ମାଡପିଟ କରିଥିଲେ। ବୁଝାଶୁଝା କରି ବସ ଚାଲିଆସିଥିଲା । ହେଲେ ପୁଣି ବସ୍‌କୁ ମାନେଶ୍ୱର ଛକ ରାସ୍ତା ମଝିରେ ଅଟକାଇ ସେମାନେ ମାଡପିଟ କରିଥିଲେ। ନିକଟରେ କାର୍ଯ୍ୟରତ ଥିବା ହୋମ୍‌ଗାର୍ଡ ଲଳିତ ଏମାନଙ୍କ ପାଖକୁ ଆସି ମାଡପିଟ କରିବାକୁ ମନା କରିଥିଲେ। ଟ୍ରାଫିକ ସମସ୍ୟା ହେଉଛି। ତେଣୁ ରାସ୍ତାରୁ ହଟିଯିବାକୁ କହିଥିଲେ। ଏଥିରେ ରାଗି ଯାଇ ଅଭିଯୁକ୍ତମାନେ ତାଙ୍କୁ ଗାଳିଗୁଲଜ କରିବା ସହ ମାଡପିଟ କରିଥିଲେ । ଲଳିତ ଧରିଥିବା ବାଡିକୁ ଛଡାଇ ଆଣି ଏମାନେ ତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଫଳରେ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ରକ୍ତ ଜୁଡୁବୁଡୁ ହୋଇ ଲଳିତ ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଏକ ଅଟୋ ସାହାଯ୍ୟରେ ଲଳିତଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନାକୁ ନେଇଥିଲେ । ଅବସ୍ଥା ଗୁରୁତର ହେବାରୁ ବୁର୍ଲା ସ୍ଥାନାନ୍ତର ହୋଇଛନ୍ତି। ଘଟଣାରେ ସଦର ଥାନା ଅଧିକାରୀ ସୁରେଶ ସାହୁଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆଦାନୀ, ଶିକ୍ଷିତ ବେକାର ଯୁବକଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ

**ରେଙ୍ଗାଲି, ୧୨।୧୨ (ଡି.ଏନ.ଏ)**

ଲପଙ୍ଗା ଆଦାନୀ ଅଫିସରେ ଅଞ୍ଚଳର ବେକାର ଯୁବକ ଏବଂ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଏକ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଛି। ଗତ ୭ ତାରିଖରେ ଏନଏଲସି କମ୍ପାନୀ ଦ୍ୱାରା ବିସ୍ଥାପିତ ହେଉଥିବା ଅଞ୍ଚଳର ବେକାର ଯୁବକମାନେ ନିଯୁକ୍ତି ଦାବିରେ ଏନଏଲସିର ସହଯୋଗୀ କମ୍ପାନୀ ଆଦାନୀର ଲପଙ୍ଗାସ୍ଥିତ ଅଫିସକୁ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବୁଧବାର ଆଦାନୀ ଅଫିସରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛି ଯେ, ଦାବୀ ଗୁଡିକ ଯଥାର୍ଥ ଓ ନିଶ୍ଚିତ ଭାବରେ ପୂରଣ ହେବା ଆବଶ୍ୟକ । କିନ୍ତୁ ଖଣି କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ନିଯୁକ୍ତି ଦିଆଯାଇ ପାରିବ ନାହିଁ । କିନ୍ତୁ ଯଥାଶୀଘ୍ର ଏହି ଅଞ୍ଚଳରେ ଥିବା ଶିକ୍ଷିତ ବେକାର ଯୁବତୀଯୁବକଙ୍କ ଏକ ତାଲିକା ପ୍ରସ୍ତୁତ କରାଯିବ। ପର୍ଯ୍ୟାୟକ୍ରମେ ସେମାନଙ୍କୁ ନିଯୁକ୍ତି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏକ ମାସ ମଧ୍ୟରେ ଏହି ତାଲିକା ପ୍ରସ୍ତୁତ କରାଯିବ। ତେବେ ତଲାବିରା- ୧ କୋଇଲା ଖଣିରେ କାମ କରୁଥିବା ସମସ୍ତ ଶ୍ରମିକଙ୍କୁ ଆଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ଦାବି ଉଠିଥିଲା। ଏଥିରେ ଆଦାନୀ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ବାବୁଲୁ ରାଉତ, ଅକ୍ଷୟ ଶତପଥି, ହିମାଂଶୁ ଭୂଷଣ ମଲ୍ଲିକ, ଅକ୍ଷୟ ଶତପଥୀ, ସହଦେବ ରାଉତ, ପ୍ରମୋଦ ଦାସ, ସଂକୀର୍ତ୍ତନ ରଣବିଡା ପ୍ରମୁଖ ଉପସ୍ଥିତ ଥିଲେ।



ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ାଉତ୍ସବରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

# ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା

**ହୀରାକୁଦ,୧୨।୧୨ (ଡି.ଏନ.ଏ)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗୀମାନେ ନିକଟସ୍ଥ ଦୁର୍ଗା ମନ୍ଦିରରୁ ଜ୍ୟୋତି ଆଣି ପଡିଆରେ ସ୍ଥାପନ କରିଥିଲେ । ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ହୀରାକୁଦର ଥାନା ଅଧିକାରୀ ତୁଫାନ ବାଗ ଯୋଗଦେଇ ଶିଶୁମାନଙ୍କୁ ଏହି ସମୟରୁ ଶାରୀରିକ ଦକ୍ଷତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଗତ ବର୍ଷର ଚାମ୍ପିୟନ ଯାଜ୍ଞସେନୀ ଓରାମ ସମସ୍ତ ପ୍ରତିଯୋଗୀମାନଙ୍କୁ ଶପଥ ପାଠ କରାଇଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ମଧ୍ୟରୁ କିଶୋର ବିଭାଗରେ ଦୀପକ ବେହେରା ସୁଚରିତା ଓରାମ, ଜୟଶ୍ରୀ କୁଅଁର, ବାଲ ବିଭାଗରେ ଯାଜ୍ଞସିନୀ ଓରାମ, ଶିଶୁ ବିଭାଗରେ ରୋହନ ଷଣ୍ଡ, ଆଶିଳସା ଅମ୍ରିତା କଣ୍ଡୁଲାନା ଓ ନିମ୍ନ ବିଭାଗରେ ଉତ୍ତମ ଖଡିଆ ଶ୍ରେଷ୍ଠ ପ୍ରତିଯୋଗୀ ରୂପେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ହିଣ୍ଡାଲକୋର ଏଚଆର କ୍ରିଷ୍ଣା ପାଢ଼ୀ ଯୋଗଦେଇ ଶିଶୁମାନଙ୍କୁ କ୍ରୀଡା କ୍ଷେତ୍ରରେ ଆଗେଇ ଯିବାକୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର କ୍ରୀଡା ପ୍ରମୁଖ ବୈକୁଣ୍ଠ ନାଗ ବାର୍ଷିକ କ୍ରୀଡା ବିବରଣୀ ପାଠ କରିଥିଲେ । ସମ୍ପାଦକ ଅଜାଦ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁଜୀ ବୀରେନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ଅଭୟଚରଣ ନାୟକ, ମୀନା ବାରିକ, ରିତୁ ପରିଡା ଗୁରୁମାରଙ୍କ ନିର୍ଦ୍ଦେଶନାରେ ଶିଶୁମାନେ ଶାରୀରିକ ନୃତ୍ୟ ପ୍ରଦର୍ଶନ କରିଥିଲେ । କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ବାରିକ, ସଦସ୍ୟା ସୁଦୀପ୍ତା ମହାନ୍ତି, ସୁଶୀଲ ପୋଢ଼ ଉପସ୍ଥିତ ଥିଲେ । ଗୁରୁଜୀ ଦୀପ୍ତିରଞ୍ଜନ ପୋଧାଳ, ପ୍ରିୟରଞ୍ଜନ ଧଳ, ମମତା ଗଉଡ, ବିଶ୍ୱନାଥ ମିଶ୍ର, ଗୁରୁ ଭୁଏ, ଚଏନୁ ପଧାନ ଓ ଅନ୍ୟାନ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା ।




ବୁର୍ଲା ଭିମ୍‌ସାରର ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାହାରୀଙ୍କୁ ସମର୍ଥନ କରି ରେଙ୍ଗାଲିରେ ଲୋକେ ଶୋଭାଯାତ୍ରାର ବାହାରିଛନ୍ତି ।

■ ଡା: ଅଶ୍ୱିନୀ ପୂଜାହାରୀଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଯିବାକୁ ବିରୋଧ

# ରେଙ୍ଗାଲିରେ ପ୍ରତିବାଦ ସଭା, ଦସ୍ତଖତ ସଂଗ୍ରହ ଅଭିଯାନ

**ରେଙ୍ଗାଲି, ୧୨।୧୨ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ସ୍ୱାଧୀନ ଏକତା ସଂଗଠନ ଏବଂ ବରିଷ୍ଠ ନାଗରିକ ପରିଷଦ ମିଳିତ ଆନୁକୂଲ୍ୟରେ ବୁର୍ଲା ଭିମ୍‌ସାରର ନିର୍ଦ୍ଦେଶକ ଡା. ଅଶ୍ୱିନୀ ପୂଜାହାରୀଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଯିବା ବିରୋଧରେ ପ୍ରତିବାଦ ସଭା ଆୟୋଜନ କରାଯାଇଥିଲା । ବୁଧବାର ରେଙ୍ଗାଲି ବସଷ୍ଟାଣ୍ଡଠାରେ ପୂଜାହାରୀଙ୍କୁ ପୂର୍ଣ୍ଣ ସମର୍ଥନ ସକାଶେ ଏକ ଦସ୍ତଖତ ସଂଗ୍ରହ ଅଭିଯାନ କରାଯାଇଥିଲା। ରାଜୀବ ମିଶ୍ର, ସରୋଜ ବିଶୋଇ, କୃଷ୍ଣ ଚନ୍ଦ୍ର ମେହେର, ସମୀରକାନ୍ତ ମାହାଣା, ଦେବଦତ୍ତ ରଣା, ଲକ୍ଷ୍ମୀ ସାହୁ, ଡ. ତୁଳସୀ ଦାସ ମାହାଣା, ଅନ୍ତର୍ଯ୍ୟାମୀ ପାଣି, ସାଲେଗ୍ରାମ ସାହୁ, ବସନ୍ତ ନାଏକ, ସୁବନ ଚାନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଚ୍ଛେ ଦିନ୍ ନୁହେଁ ଏବେ ସଚ୍ଚେ ଦିନ୍ ଆସିବ

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

- ଜାତି ଧର୍ମକୁ ନେଇ ରାଜନୀତି କରୁଛି ଭାଜପା
- ୩ ରାଜ୍ୟରେ ଜନତାଙ୍କ ବିଜୟ ହୋଇଛି
- ଓଡିଶାରେ ମଧ ସରକାର ଗଢିବ



ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ନେତୃବୃନ୍ଦ ।

କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ବିଜେଡି ସରକାରର ଭିତିରି ସମ୍ପର୍କ ରହିଛି । ସମ ଦୂରତା ରଖୁଥିବା କହି ପଛପଟେ କୋଳାକୋଳି ହେଉଛନ୍ତି। ଉଭୟ ସରକାର ମିଶି ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର, ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ବିଜେଡି ସରକାର କୌଣସି ଲକ୍ଷ୍ୟ ନାହିଁ । ଓଡିଶା ବାସୀଙ୍କୁ ଠକି ଚାଲିଛି। ସେହିପରି କେନ୍ଦ୍ରରେ ଥିବା ଭାଜପା ସରକାର ସବୁ ସୀମା ପାର କରିଛି। ଅଚ୍ଛେ ଦିନ ଆୟେଗା ବୋଲି କେନ୍ଦ୍ରର ଭାଜପା କହୁଥିଲା। ହେଲେ ମିଛ ଧରା ପଡିଗଲାଣି। ଏବେ ସଚ୍ଚେ ଦିନ ଆସିବ। ମିଛର ବିଲୟ ହେବ। ନିଜ ଫାଇଦା ପାଇଁ ଭାଜପା ଜାତି, ଧର୍ମ ଓ ଶେଷରେ ଭଗବାନଙ୍କୁ ନେଇ ମଧ୍ୟ ରାଜନୀତି କରୁଛି। ବିଜେଡି ଓ ଭାଜପା ସରକାର ମେଣ୍ଟ ସରକାର ହେଉ କି ଏବେ ଅଲଗା ହୋଇ ସରକାର କରନ୍ତୁ ଉଭୟେ ଓଡିଶାର ଯୁବ ଗୋଷ୍ଠୀଙ୍କୁ ରୋଜଗାର, ସ୍ୱାସ୍ଥ, ଶିକ୍ଷା, ଗମନା ଗମନ ସୁବିଧା ଆଦି ସବୁ କ୍ଷେତ୍ରରେ ଅବହେଳା କରିଛନ୍ତି । ତେଣୁ ଆଗାମୀ ନିର୍ବାଚନରେ ଓଡିଶା ଜନତା ଏହାର ଜବାବ ଦେବେ। ସମ୍ବଲପୁରବାସୀଙ୍କ ସାମୂହିକ ସ୍ୱାର୍ଥରେ ଯେଉଁ ସମସ୍ୟା ଅଛି କଂଗ୍ରେସ ସମର୍ଥନ କରି ଆସୁଛି । ଆଗକୁ ମଧ କରିବ। ଛତିଶଗଡରେ କଂଗ୍ରେସ ସରକାର ଆସିଲେ ମହାନଦୀ ସମସ୍ୟାର ସମାଧାନ ମଧ ଖୁବ ଶିଘ୍ର ହୋଇଯିବ । ୨୦୧୯ରେ ଓଡିଶାରେ ମଧ କଂଗ୍ରେସ ସରକାର ଗଠନ କରିବ। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ମସ୍ତାନ ଅଲି କହିଛନ୍ତି । ଜିଲା ସଭାପତି ଅଶ୍ୱିନୀ ଗୁରୁ ଅଧ୍ୟକ୍ଷତା କରି କହିଥିଲେ ଯେ, ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶରେ କଂଗ୍ରେସ ବିଜୟ ହାସଲ କରିଛି । ଏହା ସେଠାକାର ଜନତାଙ୍କ ବିଜୟ । ଓଡିଶାରେ ମଧ କଂଗ୍ରେସ ଭଲ ପ୍ରଦର୍ଶନ କରିବ । ଜିଲାରେ ତୃଣମୂଳ ସ୍ତରରେ ଦଳ ସଂଗଠନ ମଜବୁତ ହୋଇ ସାରିଛି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ କିଶୋର ଦାସ, ସମ୍ପାଦିକା ସୁରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଫଟୋରେ ଖବର








ସମ୍ବଲପୁର ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଛାତ୍ରୀଛାତ୍ର (ବାମ)। ତପସ୍ୱିନୀ ପ୍ରେକ୍ଷାଳୟ ସମ୍ମୁଖରେ ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ସରକାରୀ ମହିଳା କଲେଜ ଏନସିସି କ୍ୟାଡେଟ୍‌ମାନେ (ମଝି)। ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ପ୍ରଫେସର ନାଗେଶ୍ୱର ରାଓଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।



"କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ

## ସଂକ୍ଷେପରେ



### ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା

**ବରଗଡ଼ ଅଫିସ୍,୧୨।୧୨-** ବରଗଡ଼ ସିମେଣ୍ଟନଗର ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଏହାକୁ ଉଦଘାଟନ କରିଥିଲେ। ଅଧ୍ୟକ୍ଷ ସନାତନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଦୀପକ ସେଟ୍, ବାପୁନୀ ରାଉତ, ଷ୍ଟାଲିନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷକ ଅଜୟ ସିଂ, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଦିଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ସୀତାଙ୍କ ହାତ ଧରିଲେ ପ୍ରଭୁ ରାମଚନ୍ଦ୍ର

**ସମ୍ବଲପୁର, ୧୨।୧୨ (ବ୍ୟୁରୋ)**

ପରମ୍ପରା ଓ ରୀତିନୀତି ସହ ମର୍ଯ୍ୟାଦା ପୁରୁଷ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଜଗତ ଜନନୀ ମାତା ସୀତାଙ୍କ ବିବାହ ମହୋତ୍ସବ ବୁଧବାର ବୁଢ଼ାହିଲ୍ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ବ୍ୟାସଦେବ ପଣ୍ଡାଙ୍କ ପୌରୋହିତ୍ୟରେ ବିବାହ କାର୍ଯ୍ୟ ହୋଇଥିଲା । ସାକ୍ଷୀପଡା ନିବାସୀ ପଦ୍ମିନୀ ପୂଜାରୀ ଓ ସୁରେଶ ପୂଜାରୀ ମାତା ସୀତାଙ୍କ କନ୍ୟାଦାନ କରିଥିଲେ । ସେହିପରି ବଲାଙ୍ଗୀରର ସୁରେନ୍ଦ୍ର ତ୍ରିପାଠୀ ରାମାୟଣ କଥା ପ୍ରବଚନ ଦେଇଥିଲେ । ବରମାତା ଏସ ନର୍ମଦା ଓ ବରପିତା ଏସ ମନୋଜ କୁମାର ରୋଷଣୀ ବାଜା ସହ ବରଯାତ୍ରୀରେ ଆସି ବୁଢ଼ାହିଲ୍ ରାମମନ୍ଦିର ପରିସରରେ ପହଞ୍ଚିଥିଲେ । ହରିବୋଲ ହୁଳହୁଳି, ଘଣ୍ଟ, ଶଙ୍ଖ ଧ୍ୱନୀରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା । ଏହାପରେ କନ୍ୟାପକ୍ଷ ଶ୍ରୀରାମଚନ୍ଦ୍ରଙ୍କୁ ପାଛୋଟି ନେଇ ବିବାହ ମଣ୍ଡପରେ ବସାଇଥିଲେ । ବିବାହ ପରେ ଦେବଦମ୍ପତି ଗଣ୍ଡାଳ ହୋଇ ଅପରାହ୍ନ ୪ଟାରେ ନଗର ପରିକ୍ରମା କରିଥିଲେ । ବିଭିନ୍ନ ଛକରେ ଭକ୍ତମାନେ ଦେବଦମ୍ପତିଙ୍କୁ ବନ୍ଦାଣ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଘଣ୍ଟ ବାଦ୍ୟ, ନାଗରା, ଦୁଲଦୁଲି ବାଜା, କଲଙ୍ଗି, ମହିଳା କୀର୍ତ୍ତନ, ଡିଜେ ସାଉଣ୍ଡ ଶୋଭାଯାତ୍ରାରେ ସାମିଲ ହୋଇଥିଲା । ବିବାହ ମହୋତ୍ସବ ଆୟୋଜନ କମିଟି ସଭାପତି ଦୁର୍ଗାମାଧବ ମିଶ୍ର, ସାଧାରଣ ସମ୍ପାଦକ ରାଜୀବ କୁମାର ଶତପଥି, ମନ୍ଦିର ମୁଖ୍ୟ ପୂଜକ ହରିଶ୍ଚନ୍ଦ୍ର ମିଶ୍ର, ସଞ୍ଜିବ ପାଢ଼ୀ, ଉମାକାନ୍ତ ସାହୁ, ସୁରେନ୍ଦ୍ର ପ୍ରଧାନ, ପଦ୍ମନ ସିଂ, ବସନ୍ତ ମହାରଣା, ବିଶ୍ୱନାଥ ରାଉତ, ଅନନ୍ତ ମାଝୀ ସମେତ କମିଟି ସଭ୍ୟମାନେ କାର୍ଯ୍ୟକ୍ରମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ବୁଧବାର ସମ୍ବଲପୁର ବୁଢ଼ାହିଲ୍ ମନ୍ଦିର ପରିସରରେ ଶ୍ରୀରାମସୀତାଙ୍କ ବିବାହ ଚାଲିଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ, ଶିମିଳି, କପା କାଠ,**
**ମୂର୍ଖ ସଙ୍ଗେ ନ ଚାଲିବ ବାଟ ।**
**ଯେବେ ମୂର୍ଖ ସାଙ୍ଗେ ଚାଲିବ ବାଟ,**
**କହୁଣି ଖାଇବ ରଟରାଟ ।**

ଶାଗ ଶିମିଳି କପାକାଠ ନିଜ ନିଜ ସ୍ତରରେ ଅଯୋଗ୍ୟ ହେବା ଭଳି ମୂର୍ଖ ଲୋକ କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ସାଧାରଣତଃ ମୂର୍ଖବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାରେ ପଡ଼ିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା କାଠରୁ ବୋହିବ ପାଣି,**
**ପୁଅ ଖେଳାଇବି କୋଉଠୁ ଆଣି ।**

କାଠ ଶୁଖିଗଲେ ସେଥିରୁ ଆଉ ପାଣି ନ ବାହାରିପାରିବା ଭଳି ବଳବୟସ ଖସିଗଲା ପରେ ବ୍ୟକ୍ତି ସେମିତି ନିଜ ପୂର୍ବ ଚମକ ହରାଇ ବସିବା ସହ ସାମର୍ଥ୍ୟ ହରାଇ ବସିଥାଏ। ବୟସ ଓ ସମୟ ଆଗରେ ମଣିଷ ହାର ମାନିବାକୁ ବାଧ ହୋଇଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳ କୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୧୪ରୁ ୨୩ ସମ୍ବଲପୁର ପୁସ୍ତକମେଳା

**ସମ୍ବଲପୁର, ୧୨।୧୨ (ବ୍ୟୁରୋ)**

ସେତୁ ପକ୍ଷରୁ ଆୟୋଜିତ ସାରସ୍ୱତ ମହାକୁମ୍ଭ ତଥା ସମ୍ବଲପୁର ପୁସ୍ତକମେଳା ଚଳିତ ମାସ ୧୪ ରୁ ୨୩ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲିସ୍ଥିତ ପିଏଚ୍‌ଡ଼ି ପଡ଼ିଆରେ ହେବ । ପ୍ରତ୍ୟହ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥି ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଚଳିତବର୍ଷ ମଧ୍ୟ ପୁସ୍ତକ ବିକ୍ରେତା, ବିତରକ, ପ୍ରକାଶକ, ଆଧ୍ୟାତ୍ମିକ ସଂସ୍ଥା, ଶିକ୍ଷା ପ୍ରତିଷ୍ଠାନ, ବ୍ୟାଙ୍କ ପ୍ରଭୃତି ଅଂଶଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି । ବୁଧବାର ଅଇଁଠାପାଲି ପିଏଚଡି ପଡିଆଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେତୁ ସଭାପତି ପ୍ରଫେସର କେଦାରନାଥ ବେହେରା ଏହି ସୂଚନା ଦେଇଛନ୍ତି । ସେ କହିଥିଲେ ଯେ, ଉଦଯାପନୀ ଦିବସରେ ସେତୁ ସମ୍ମାନ ଓ ଅନ୍ୟ ସମ୍ମାନ ସହ ପୁସ୍ତକମେଳା ଶୀର୍ଷକ ତର୍କ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯିବ । ସେହିପରି ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକଙ୍କୁ ସେତୁ ସମ୍ମାନ ପ୍ରଦାନ କରିବାକୁ ସ୍ଥିର ହୋଇଛି । ୧୩୫ଟି ଷ୍ଟଲରେ କଟକ, ପୁରୀ, ଭୁବନେଶ୍ୱର, ବ୍ରହ୍ମପୁର, ରାଉରକେଲା ସମେତ କଲିକତା, ଦିଲ୍ଲୀ ପ୍ରଭୃତି ଅଞ୍ଚଳରୁ ପୁସ୍ତକ ପ୍ରକାଶକ, ବିତରକ ଓ ବିକ୍ରେତା ସାମିଲ ହେବାକୁ ଆବେଦନ କରିଛନ୍ତି । ପ୍ରମୁଖ ପ୍ରକାଶନ ସଂସ୍ଥା ମଧ୍ୟରେ କନକ ବୁକ୍ ଡ଼ିଷ୍ଟ୍ରିବ୍ୟୁଟର୍ସ, ନୂଆଦିଲ୍ଲୀ, ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଏ.କେ. ମିଶ୍ର ଏଜେନ୍‌ସିଜ୍ ପ୍ରାଇଭେଟ୍ ଲିମିଟେଡ୍, ଗୀତା ପ୍ରେସ୍ ତଥା ବିଭିନ୍ନ ଆଧ୍ୟାତ୍ମିକ ସଂସ୍ଥା ଅଂଶଗ୍ରହଣ କରିବେ । ଏତତ୍ ବ୍ୟତିତ ପୁସ୍ତକମେଳା ପରିସର ବାହାରେ ୭ଟି ଖାଦ୍ୟ ଷ୍ଟଲ ମଧ୍ୟ ରହିଛି । ସମ୍ବଲପୁର ପୁସ୍ତକମେଳାର ମୁଖ୍ୟ ତୋରଣ ଭକ୍ତକବି ଚୈତନ୍ୟ ଚରଣ ଦାସ ଓ ମଞ୍ଚ ଐତିହାସିକ ନବୀନ କୁମାର ସାହୁଙ୍କ ନାମରେ ନାମିତ କରାଯାଇଛି । ସଭାମଞ୍ଚରେ ପ୍ରତ୍ୟହ ସନ୍ଧ୍ୟା ସାଢ଼େ ୬ ରୁ ସାଢ଼େ ୮ଟା ପର୍ଯ୍ୟନ୍ତ ଆଲୋଚନାଚକ୍ର ହେବ ବୋଲି ପ୍ରଫେସର ବେହେରା ସୂଚୀତ କରିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଦାଶ, ଯୁଗ୍ମ ସମ୍ପାଦକ ହରିନାରାୟଣ ପଣ୍ଡା, ଉପସଭାପତି ଡ. ମିନକେତନ ପାଠୀ ଓ ଅଶୋକ ମିଶ୍ର, ମେଳା ଆବାହକ ବିଦ୍ୟାନ୍ନ ପଣ୍ଡା ଓ ସୁକାନ୍ତ କର, ସଭ୍ୟ ଜୟକୃଷ୍ଣ ବେହେରା ପୁସ୍ତକ ମେଳା ସମ୍ପର୍କରେ ସୂଚନା ଦେଇଥିଲେ ।




ବୁଧବାର ସମ୍ବଲପୁର ଅଇଁଠାପାଲି ପିଏଚଡି ପଡିଆରେ ପୁସ୍ତକ ମେଳା ସମ୍ପର୍କରେ ସେତୁ କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।



ଯୁଯୁମୁରା ବ୍ଲକ ଫୁଲଝରନ ହାଇସ୍କୁଲ ବାର୍ଷିକ କ୍ରୀଡାରେ ଛାତ୍ରୀଛାତ୍ର ।

## ଫୁଲଝରନ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୨।୧୨(ବ୍ୟୁରୋ)**

ଯୁଯୁମୁରା ବ୍ଲକ ଫୁଲଝରନସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ହାଇସ୍କୁଲରେ ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ସରଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚିତା ନନ୍ଦ ନାଥ, ସମ୍ମାନୀୟ ଅତିଥି ଭାବେ ଅଧ୍ୟାପକ ଡ.ଗୋବିନ୍ଦ ମହାରଣା, ସନ୍ତୋଷିନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଖେଳରେ ଭାଗ ନେଇଥିବା ମୋଟ ୪୧ ଜଣ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷକ ବୀରେନ୍ଦ୍ର ମେଣ୍ଡୋଲି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚିନ୍ତାମଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଦେବଗଡ,୧୨।୧୨(ସ୍ୱ.ପ୍ର.)**

ଦେବଗଡ ଜିଲା ଭାଜପା ପକ୍ଷରୁ ତିଲେଇବଣି ବ୍ଲକରେ ଜନ ପରାମର୍ଶ ପଦଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅରୁଣ ସାହୁଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ଦେବଗଡ ରାଣୀ ଅରୁନ୍ଧତୀ ଦେବୀ, ଜିଲା ପରିଷଦ ଅଧ୍ୟକ୍ଷା ସୁଧାମୟୀ ପଟେଲ, ବ୍ଲକ ଅଧ୍ୟକ୍ଷା ସୁବାସିନୀ ଦେହୁରୀ, ଜିଲା ପରିଷଦ ସଭ୍ୟା ବୃନ୍ଦାବତୀ ଭୋଇ, ରଞ୍ଜିତ ପଟେଲ, ଯୋଗେଶ ପ୍ରଧାନ, ଧରଣୀ ସାହୁ, ଭୀମସେନ ସାହୁ, କ୍ଷିତୀଷ ସାହୁ ପ୍ରମୁଖ ସାମିଲ ହୋଇଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳତା ଓ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ଘର ଘର ବୁଲି ବୁଲି ପ୍ରଚାର ପତ୍ର ବଣ୍ଟନ କରିବା ସହ ଅବଗତ କରାଇଥିଲେ।




ଜନ ପରାମର୍ଶ ପଦଯାତ୍ରା ଦଳୀୟ ନେତା ଓ କର୍ମୀ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

**BALADEV FINANCE**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

**JAI LAXMI FINANCE**
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

**LOAN**
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

**SMS JOB**
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**କେମିତି ମଦ ଛାଡ଼ିବେ**
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
**ବାଲେଶ୍ୱର:** ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। **ଭଦ୍ରକ:** ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ। **ଯାଜପୁର:** ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। **କଟକ:** ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। **ଭୁବନେଶ୍ୱର:** ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଢ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। **ପୁରୀ:** ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। **ବାରିପଦା:** ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। **ସମ୍ବଲପୁର:** ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। **ରାଉରକେଲା:** ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। **ପାରାଦୀପ:** ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। **କେନ୍ଦ୍ରାପଡ଼ା:** ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। **କେନ୍ଦୁଝର:** ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। **ଝାରସୁଗୁଡ଼ା:** ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। **ଅନୁଗୋଳ:** ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। **ବ୍ରହ୍ମପୁର:** ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। **ଭବାନୀପାଟଣା:** ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। **ବରଗଡ଼:** ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। **ଫୁଲବାଣୀ:** ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। **ନୟାଗଡ଼:** ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। **ପୂଜା ହେଲ୍‌ଥ ସେଣ୍ଟର**
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

GET INSTANT CASH AGAINST GOLD
**GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

**ଟି.ସି.ଏଫ୍. ଫାଇନାନ୍ସ**
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**FINANCE**
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
**DHANLAXMI FINANCE PVT. LTD.**
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

**FINANCE**
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

**M. GROUP FINANCE CO.**
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

Get Instant Cash against Gold, Sell Your Gold at 100% Market Value
**GOLD CASH LTD**
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର



## ସଂକ୍ଷେପରେ

### ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରୁତର

**ପାଇକମାଳ,୧୨।୧୨(ଡି.ଏନ.ଏ)-** ବରଗଡ଼ ଜିଲା ପାଇକମାଳ-ନୂଆପଡ଼ା ରାସ୍ତାର ପୁରେନା ନିକଟରେ ବୁଧବାର ରାତି ପ୍ରାୟ ସାଢ଼େ ୭ଟାରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ବାଇକ୍‌ରେ ଥିବା ୩ଜଣ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ କର୍ଲ୍ଲାମାଲର ଅଶ୍ୱିନୀ ସାହୁ(୨୫), ଭରୁଆମୁଣ୍ଡାର ଭୁବନେଶ୍ୱର ସାହୁ(୨୫) ଏବଂ କଟଙ୍ଗପାଲିର ରାଜିନ ସାହୁ(୨୨)। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ପାଇକମାଳ ଡାକ୍ତରଖାନା ପଠାଇଥିଲେ । ମାତ୍ର ସେଠାରେ ଅଶ୍ୱିନୀ ଓ ଭୁବନେଶ୍ୱରଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

### ୧୪ରୁ ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ

# ଜିଲାପାଳ ଶୁଭାରମ୍ଭ କଲେ ପ୍ରଚାର ରଥ




ଜିଲାପାଳ ସମର୍ଥ ବର୍ମା ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

**ସମ୍ବଲପୁର, ୧୨।୧୨ (ବ୍ୟୁରୋ)**

ପ୍ରାଞ୍ଜଶ୍ରୀ ସଲ୍ୟୁସନ ଆୟୋଜିତ ତୃତୀୟ ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ-୨୦୧୮ ଚଳିତ ମାସ ୧୪ରୁ ୧୬ ତାରିଖ ହେବ । ଏ ନେଇ ବୁଧବାର ପ୍ରଚାର ରଥକୁ ପୂର୍ବାହ୍ନ ୧୦ଟାରେ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମା ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଫେଷ୍ଟିଭାଲର ପରିଚାଳନା ନିର୍ଦ୍ଦେଶକ ପାଣିନୀ ପ୍ରାଞ୍ଜ, ନିର୍ଦ୍ଦେଶକ ନାରାୟଣ ଅଗ୍ରୱାଲ, ଜନସଂପର୍କ ଅଧିକାରୀ ପ୍ରମୋଦ ମହାପାତ୍ର, ସଂଯୋଜକ ଶାନ୍ତନୁ ହୋତା ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜୟ ଜର୍ଜ, ପ୍ରାର୍ଥନା ଗୁରୁ, ଅଶୋକ ପଟେଲ, ଟିକେଶ୍ୱର ପ୍ରଧାନ, ଉଷଦ୍ କୁମ୍ଭାର, ରୋଶନ ନନ୍ଦ, କେଶବ ପ୍ରଧାନ ସାମିଲ ଥିଲେ । ସୂଚନାଯୋଗ୍ୟ ଯେ, ସମ୍ବଲପୁର ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ଭାରତ ସମେତ ଜର୍ମାନୀ, ସ୍ପେନ, ଇଂଲଣ୍ଡ, ଫ୍ରାନ୍ସ ଦେଶର ୨୫ଟି ସର୍ଟ ଫିଲ୍ମ ଓ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହେବ । ପ୍ରଥମ ଦିନ ସନ୍ଧ୍ୟାରେ ଜାତୀୟ ପୁରସ୍କାରପ୍ରାପ୍ତ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ପ୍ରଥମ ସମ୍ବଲପୁରୀ ଚଳଚ୍ଚିତ୍ର ଭୁଖା ଓ ଦ୍ୱିତୀୟ ଦିନ ଇତି ସାମନ୍ତଙ୍କ ଓଡ଼ିଆ ଚଳଚ୍ଚିତ୍ର କଥାନ୍ତର ପ୍ରଦର୍ଶିତ ହେବ । ଚଳିତ ବର୍ଷର ଚଳଚ୍ଚିତ୍ର ଅଭିନେତା ମନୋଜ ମିଶ୍ରଙ୍କୁ ପ୍ରାଞ୍ଜଶ୍ରୀ ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ହେବାକୁ ଥିବା ଉତ୍ସବରେ ଚଳଚ୍ଚିତ୍ର ଅଭିନେତା ରତନ ମେହେର, କମେଡି ସୁପରଷ୍ଟାର ଯୋଗେଶ ଜୋଜା, ଅଭିନେତ୍ରୀ ମାନିନି ମାହାନା, କଣ୍ଠଶିଳ୍ପୀ ପଙ୍କଜ ଜାଲ ପ୍ରମୁଖ ଅତିଥି ଭାବେ ଯୋଗ ଦେବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଫିଲ୍ମ ନିର୍ମାତାଙ୍କୁ ସମ୍ମାନୀତ କରାଯିବାର କାର୍ଯ୍ୟକ୍ରମ ରହିଛି ।

# ରାଜ୍ୟସ୍ତରକୁ ମନୋନୀତ ହେଲା ୧୦ ପ୍ରକଳ୍ପ

**ଦେବଗଡ,୧୨।୧୨(ସ୍ୱ.ପ୍ର.)**




ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥି।

ଦେବଗଡ ପୁରୁଣାଗଡସ୍ଥିତ ଟାଉନ ଉଚ୍ଚ ବିଦ୍ୟାଳୟଠାରେ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ୮ମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ସଂପର୍କିତ ପ୍ରଦର୍ଶନୀ ଏବଂ ଇନ୍ସପାୟାର ଆୱାର୍ଡ-୨୦୧୮ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ପ୍ରକଳ୍ପ ଆସନ୍ତା ୨୦ରୁ ୨୩ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ମେଳାକୁ ମନୋନୀତ ହୋଇଛି। ଡିଇଓ ପ୍ରଦୋଷ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ସଭା ଆୟୋଜିତ ହୋଇଥିଲା। ଅତିଥି ଭାବେ ସରକାରୀ ପଲିଟେକନିକର ଅଧ୍ୟକ୍ଷ ଇଂ.ରାଧାକୃଷ୍ଣ ପାରମାଣିକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁଜିତ କୁମାର ନାଥ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଅଧ୍ୟକ୍ଷ ଡ. ରବିନାରାୟଣ ବଘାର, ଏଡିଇଓ ଶକୁନ୍ତଳା ଟେଟେ, ବାରକୋଟ ବିଇଓ ଉସତ ପ୍ରଧାନ, ରିଆମାଳ ବିଇଓ କୈଳାଶ ଚନ୍ଦ୍ର ପ୍ରଧାନ, ତିଲେଇବଣି ବିଇଓ ସିକରେନ୍ଦ୍ର ଛତ୍ରିଆ, ତିଲେଇବଣି ବିଇଓ ଶିକରେନ୍ଦ୍ର ଛତ୍ରିଆ, ଟାଉନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ସୁଶୀଲ ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ବିଚାରକ ଭାବେ ଅଧ୍ୟାପକ ଦେବବ୍ରତ ଗୁରୁ, ମୁକ୍ତେଶ୍ୱର ରାଉତ, ସୁଶୀଲ ବେହେରା ଦାୟିତ୍ୱ ତୁଲାଇଥିଲେ।

---

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଶିଶୁଗୁଡିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଉଚିତ୍ ପ୍ରମାଣପତ୍ର ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

**ମୋ. ନଂ- ୯୯୩୮୧୭୦୪୫୦ / ଅଫିସ୍- ୦୬୬୨୨-୨୭୩୩୪୩**

**ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼**

**ମୋ. ନଂ-୮୭୬୩୧୪୬୬୧୬ / ଅଫିସ୍- ୦୬୬୨୨-୨୭୨୨୬୩**

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧. | ବାଲି (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୪ ବର୍ଷ (ଅନୁମାନିକ) | ପୁଅ | ରଙ୍ଗାଡିପା ଛକ, ସୁନ୍ଦରଗଡ଼ ତା. ୧୦.୦୮.୨୦୧୭ |  |
| ୨ | ଅର୍ପଣ (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୩ ବର୍ଷ (ଅନୁମାନିକ) | ପୁଅ | ଧରୁଆଡିହି ନିକଟରେ ରାଉରକେଲା ପଟୁ ଆସୁଥିବା ଡି.ଏମ୍.ୟୁ. ରେଳ ବଗିରେ ତା. ୧୯.୦୮.୨୦୧୭ |  |
| ୩ | ସ୍ନେହା | ଏକ ମାସ ୧୬.୧୧.୨୦୧୮ | ଝିଅ | ସରଗିଗଡ଼ ଗାଁ ଜଙ୍ଗଲ, କୋଇଡ଼ା ପୋଲିସ ଅଧୀନରେ ୧୬.୧୧.୨୦୧୮ |  |

**Sd./- District Child Protection Officer, Sundargarh**

---

DADLS-216

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା

ତା. ୧୪.୧୨.୨୦୧୮ — ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା : ସମୟ - ମଧ୍ୟାହ୍ନ ୧୨ ଘଟିକା**

୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

**ନିର୍ଦ୍ଦେଶକ**
**ସୂଚନା ଓ ଲୋକସମ୍ପର୍କ ବିଭାଗ**

15001/13/0488/1819

---

GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, SUNDARGARH

**E.Mail – rw_sundargarh@yahoo.co.in**

**No.1150-O:-** **E-PROCUREMENT NOTICE**

**BID IDENTIFICATION NO. ONLINE-EESNG-04 of 2018-19**

1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in

**Sd./- Executive Engineer,**
**Rural Works Division, Sundargarh**

25046/11/0005/1819

---

GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION NAWRANGPUR

**2nd corrigendum to Bid Identification No: EERWNGP – Online -02/2018-19**

**No.1147-O:-** In partial modification to this office Tender call notice no 02/2018-19 the following changes are made.

1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.

**Executive Engineer,**
**Rural Works Division, Nabarangpur**

25092/11/0007/1819

---

ocac
## ODISHA COMPUTER APPLICATION CENTRE
## REQUEST FOR PROPOSAL (RFP)

**Enq. No. : OCAC-SEGP-SPD0037/2014(P-1)/18055**

### CANCELLATION NOTICE

With reference to above RFP Enq. No.18055 regarding design, development, implementation and maintenance of State Portal and Departmental Portals of Odisha Govt. published on 08.12.2018 in Odia daily Newspapers "The Samaja", "The Dharitri", the English daily "The Times of India (all India Edition) and in the websites **www.ocac.in** & **www.odisha.gov.in**. the said RFP is **hereby cancelled.** The Cancellation Notice is available in the websites **www.ocac.in** & **www.odisha.gov.in.**

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

---

GOVERNMENT OF ODISHA
## OFFICE OF THE HEALTH & F.W. DEPARTMENT
## VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)

ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com
No. ................... / VIMSAR, Dated: .......................

### TENDER CALL NOTICE

**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.

The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.

***Sd./- Dean & Principal***
***VSS Inst. of Med. Sc & Research, Burla***

10012/11/0053/1819

---

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା : ୮୪୭/DCPV/NIC ତାରିଖ : ୧୨.୧୨.୨୦୧୮

### ବିଜ୍ଞପ୍ତି

ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୨୩.୧୦.୨୦୧୮ରିଖ ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରଠାରୁ ତୃପ୍ତିମୟୀ ନାମରେ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (SAA)ରେ ଶିଶୁଟି ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି କେବେ ଏହି ବିଜ୍ଞପ୍ତି ପ୍ରକାଶାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ ନଂ- ୦୬୬୫୪-୨୨୦୩୬୪) ଉପର ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଫୋନ ନଂ- ୦୬୬୫୪-୨୨୦୪ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ ସହ ଶିଶୁଟି ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣଯୋଗ୍ୟ ହେବ ନାହିଁ। ଏବଂ କିଶୋର ନ୍ୟାୟ ଅଧିନିୟମ -୨୦୧୫ ତଥା Adoption Regulation-2015 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC Case ନଂ ଓ ତାରିଖ | ଫଟୋ |
|---|---|---|---|---|---|---|
| ୧. | ତୃପ୍ତିମୟୀ | ଝିଅ | ୪୫ ଦିନ | ସୁବର୍ଣ୍ଣପୁର ଡାକ୍ତର ଖାନା | ୧୩୫୩ ୨୩.୧୦.୨୦୧୮ |  |

ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

---

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ଇସ୍ତାହାର ସଂଖ୍ୟା: ୧୨୬୩** — **ତା: ୧୨।୧୨।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ-୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ରାଧା | ଝିଅ | କାଣ୍ଡସର, ଥାନା-ନାଲ୍‌କୋନଗର, ଜିଲ୍ଲା-ଅନୁଗୋଳ | ୧୦୬/ ତା-୩୦।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**

---

## ODISHA NURSES & MIDWIVES EXAMINATION BOARD

(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building,
Bhubaneswar-1, Odisha
Email: odishanursingboard@gmail.com

No. 02 ON&MEB — Dated: 10.12.2018

**Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet**

**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.

***Sd./- Secretary***
***ON&MEB***

10058/11/0024/1819

---

## OFFICE OF THE CHAIRMAN, DLSA, DHENKANAL

### ADVERTISEMENT

**Dated, the 11 day of December, 2018**

Applications in the prescribed format are invited from the desirous candidates for recruitment to the 3 Posts of Jr. Clerk of District Legal Services Authority (DLSA)/ Jr. Clerk-cum-Typist of Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013.

**CATEGORYWISE VACANCY POSITION:**

| Name of the Post | S.T | S.C | SEBC | UR (w) | S.T | Total | Scale of Pay |
|---|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 01 | 01 | 0 | 01 | 0 | 03 | Rs. 8800/- |

**NOTE:**
1. The number of Posts as indicated above may increase or decrease.
2. Reservation in respect of women, Physically Handicapped persons/Ex-Services-men/ Sports persons shall be as per applicable Rules.

**LAST DATE FOR RECEIPT OF APPLICATIONS:-**

The application along with the required documents and self attested copies of certificates must reach to the Office of the District & Sessions Judge-cum-Chairman, **District Legal Services Authority, Dhenkanal, At-ADR Building, Near Old S.P. Office, PO/Dist- Dhenkanal, Pin-759001** on or before 05.01.2019 either by Post or in person during office hours on each working day. Applications received in the office after the last date by any means shall be summarily rejected.

**N.B.:-** For format of Application, Eligibilities of the candiates, Fees for examination, Scheme of examination, Details of syllabus for each subject, List of documents to be submitted along with the application, kindly visit the below Web Link.
https://districts.ecourts.gov.in/dhenkanal and www.dhenkanal.nic.in

**Sd./- T.P. Rath**
**Chairman, District Legal Services**
**Recruitment Committee, Dhenkanal**

---

## GOVERNMENT OF ODISHA, "e"-PROCUREMENT NOTICE

**Bid Identification No. E.E. GTN(R&B)-07/2018-19**

No.999-B:- **E-mail address: eeghatagaon2015@gmail.com**

**Letter No. 3237** — **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Number of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./- Executive Engineer,**
**Ghatagaon(R&B)Division**

34140/11/0010/1819

---

See Career Appointment on every Wednesday & Saturday

---

OHPC
## ODISHA HYDRO POWER CORPORATION LTD.

**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854242038, E-mail: sgmel_ukhep@ohpcltd.com, CIN:U40101OR1995SGC003963**
**TENDER CALL NOTICE No.- UKHEP - 25/2018-19, Dated 06.12.2018**

**No.CAD-1119:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Supply & Fixing of PVC door shutters along with PVC door frames to "F" type quarters at Power House Colony, UKHEP, Bariniput. | 4,11,942/- | 2360/- (Rs.2000/- +18% GST) | 4120/- | From 10:00 hrs of 14.12.2018 to13:00 hrs of 28.12.2018 | Up to 16.00 hrs of 28.12.2018 | At 16.30 Hours of 28.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

**04002/11/0073/1819** — **Sd./- Unit Head, UKHEP, Bariniput**



କୌଣସି ଲୋକ ଯଦି କହେ ଯେ, ଆଲୋକର ପ୍ରତୀକ ଏବଂ ତା'ର ଛାଇକୁ ସେ ଘୃଣାକରେ ତା'ହେଲେ ସେ ତଥାପି ଅନ୍ଧକାରରେ ଅଛି।
- ଲିଓ ଟଲଷ୍ଟୟ୍

## ସଂକ୍ଷେପରେ

### ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ ମାନ୍ୟତା ଦାବି

ସମ୍ବଲପୁର,୧୨।୧୨(ବ୍ୟୁରୋ) ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ ମାନ୍ୟତା ଦିଆଯାଉ । ମାସିକ ୧୮ ହଜାର ଟଙ୍କା ଦରମା ସହ ଅନ୍ୟାନ ସୁବିଧା ସରକାର ଯୋଗାଇ ଦିଅନ୍ତୁ ବୋଲି ପଶ୍ଚିମ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ର ସରକାର ବୃଦ୍ଧି କରିଥିବା ୧୫ ଶହ ଟଙ୍କା ପ୍ରହସନ ପାଲଟିଛି। ରାଜ୍ୟ ସରକାର ଗ୍ରୀଷ୍ମକାଳୀନ ଛୁଟି, ଅବସର ସମୟସୀମା ବୃଦ୍ଧି, କର୍ମୀମାନଙ୍କୁ ଯୋଗତ୍ୟା ଅଧାରରେ ସୁପର ଭାଇଜରକୁ ପଦୋନ୍ନତିରେ ଶତକଡା ୫୦ ପ୍ରତିଶତ ସଂରକ୍ଷଣ କରନ୍ତୁ ବୋଲି ଦାବି କରାଯାଇଛି। ପ୍ରମିଳା ସିଂ, ପ୍ରଭାସିନୀ ପାଢୀ, ମଞ୍ଜୁ ପାଣିଗ୍ରାହୀ, ଶାନ୍ତିଲତା ରାୟ, ଲିଲି ମିଶ୍ର, ମମତା ଶତପଥୀ, ମୀରାବତି ଦଳ ବେହେରା ପ୍ରମୁଖ ଏହି ଦାବି କରିଛନ୍ତି।

### ହଳଧର ପାଇବେ ଡକ୍ଟରେଟ୍

ବରଗଡ଼ ଅଫିସ୍,୧୨।୧୨: ଜାନୁଆରୀ ୫ ତାରିଖ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ। ବିଶ୍ୱବିଦ୍ୟାଳୟର ଦୁଇ ସିନେଟ୍ ସଦସ୍ୟ ତଥା ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସର ସଭାପତି ଅଶୋକ ପୂଜାହାରୀ ଏବଂ ସମ୍ପାଦକ ଅଧ୍ୟାପକ ସୁଶାନ୍ତ ମିଶ୍ର ଗତ ୮ ତାରିଖ ସିନେଟ୍ ସଭାରେ ହଳଧରଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ ଲାଗି କୁଳପତିଙ୍କୁ ସୁପାରିଶ କରିଥିଲେ । ଏ ସମ୍ପର୍କରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହାପରେ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ ପାଇଁ ଚୂଡ଼ାନ୍ତ ହୋଇଛି ।

### ମହିଳା କଲେଜ ରୌପ୍ୟ ଜୟନ୍ତୀ ଉଦ୍ଯାପିତ

କୁଚିଣ୍ଡା,୧୨।୧୨ (ଡି.ଏନ.ଏ.) କୁଚିଣ୍ଡା ମହିଳା ମହାବିଦ୍ୟାଳୟରେ ଦୁଇ ଦିନ ଧରି ଚାଲିଥିବା ରୌପ୍ୟ ଜୟନ୍ତୀ ଉଦ୍ଯାପିତ ହୋଇଯାଇଛି । ଅଧକ୍ଷା ସୌଭାଗ୍ୟଲକ୍ଷ୍ମୀ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁଦର୍ଶନ ପୂଜାରୀ, କୁଚିଣ୍ଡା କଲେଜ ଅଧକ୍ଷ ବିପିନ ବିହାରୀ ନାୟକ, ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାରୀ ଶିକ୍ଷା ଉପରେ ଆଲୋଚନା କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୧୨।୧୨ (ବ୍ୟୁରୋ)- ଯୋଦ୍ଧା ଜିମନାସିୟମ୍ ଓ ସମ୍ବଲପୁର ଜିଲା ଏମେଚର୍ ବଡିବିଲ୍ଡି ଆସୋସିଏସନ୍ ପକ୍ଷରୁ ବୁଧବାର ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ସଭାପତି ବିଶ୍ୱମ୍ବର ବହିଦାରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର ମୁଖ୍ୟଅତିଥି ଓ ସମ୍ବଲପୁର ଜିଲା ସନ୍ତରଣ ସଂଘ ସାଧାରଣ ସମ୍ପାଦକ ସାଲେଗ୍ରାମ ଖୁଣ୍ଟିଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କୃତୀମାନଙ୍କୁ ପୁରସ୍କୃତ କରିଥିଲେ । ଆସନ୍ତା ଜାନୁୟାରୀ ୧୨ ଓ ୧୩ ତାରିଖ ବଲାଙ୍ଗିରଠାରେ ହେବାକୁ ଥିବା ମିଷ୍ଟର ଓଡିଶା ପ୍ରତିଯୋଗଇତାରେ ଗାନ୍ଧୀ ମେହେର, ସଞ୍ଜୟ ରାୟ, ଅନୀଲ ଦାସ, ସୋମନାଥ ପଟ୍ଟନାୟକ ଭାଗ ନେବେ । କାର୍ଯ୍ୟକ୍ରମ ଶେଷରେ ଶିଶିର ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ । ସୁଧୀର ପଟ୍ଟନାୟକ, ଶିବୁ ଅଗ୍ରୱାଲ, ବ୍ରଜ ମହାନ୍ତି, ବିଭୁତି ଦାସ, ମହମ୍ମଦ ଇସାକ୍ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ୟୁଜିବି କର୍ମଚାରୀଙ୍କ ଆନ୍ଦୋଳନ

ସମ୍ବଲପୁର, ୧୨।୧୨ (ବ୍ୟୁରୋ) ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ସଂଘର ଆନ୍ଦୋଳନ ସମ୍ବଲପୁର ଆଞ୍ଚଳିକ ଅଫିସ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପ୍ରଫୁଲ୍ଲ ନେପାକ, ସମ୍ପାଦକ ପ୍ରଦୀପ ପଣ୍ଡା, ଆଞ୍ଚଳିକ ସମ୍ପାଦକ ସୁଧାଂଶୁ ପୁରୋହିତ ବିଭିନ୍ନ ଦାବୀ ଗୁଡିକ ଉପରେ ଆଲୋଚନା କରିଥିଲେ । ଅସ୍ଥାୟୀ କର୍ମଚାରୀଙ୍କ ସ୍ଥାୟୀ, ନ୍ୟାୟଚିତ ପ୍ରାପ୍ୟ, ସୁପ୍ରିମକୋର୍ଟ ନିର୍ଦ୍ଦେଶାନୁଯାୟୀ ଅବସରକାଳୀନ ପେନସନ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଅନ୍ୟ ବ୍ୟାଙ୍କରେ ଲାଗୁ ହେଉଥିବା ପଦୋନ୍ନତି ପଦ୍ଧତି, ଅନୁକମ୍ପା ନିଯୁକ୍ତି, ଜାତୀୟ କରଣ ବ୍ୟାଙ୍କ କର୍ମଚାରୀଙ୍କ ସହ ସମାନତା, ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ ଗୁଡିକର ଘରୋଇ କରଣ ବିରୋଧ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ଶେଷରେ ଆଞ୍ଚଳିକ ମୁଖ୍ୟ ପ୍ରବନ୍ଧକଙ୍କୁ ସଭା ସ୍ଥଳରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ରେଢ଼ାଖୋଲ ଉପଖଣ୍ଡ

# ଦଲାଲଙ୍କ କବ୍ଜାରେ ଧାନମଣ୍ଡି

ରେଢ଼ାଖୋଲ,୧୨।୧୨(ଡି.ଏନ.ଏ.)

ରେଢ଼ାଖୋଲ ଉପଖଣ୍ଡ ଅଧୀନରେ ଥିବା ୧୫ଟି ଧାନ ମଣ୍ଡିରେ ଡିସେମ୍ବର ୧ ତାରିଖରୁ ଧାନ କିଣା ଆରମ୍ଭ ହୋଇଛି। ୩ ତାରିଖରୁ କିନ୍ତୁ ଚାଷୀ ଧାନ ବିକ୍ରି କରିଛନ୍ତି। ହେଲେ ଧାନ ମଣ୍ଡି ଗୁଡିକ ଦଲାଲଙ୍କ କବ୍ଜାରୁ ମୁକୁଳି ପାରୁନି। ବିଭିନ୍ନ ଚାଷୀସଂଗଠନ ଗୁଡିକ ପକ୍ଷରୁ ଏ ନେଇ ଉପଜିଲାପାଳଙ୍କଠାରେ ମଧ୍ୟ ଅଭିଯୋଗ ହୋଇଛି। ତାହା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଦଲାଲମାନେ ଚାଷୀଙ୍କ ନାମରେ ପରିଚୟପତ୍ର କରାଇ ନେଇଛନ୍ତି। ଚାଷୀଙ୍କୁ ଅଳ୍ପ କିଛି ଟଙ୍କା ଦେଇ ବାହାରୁ ଧାନ ଆଣି ମଣ୍ଡିରେ ବିକ୍ରି କରୁଛନ୍ତି। ଚାଷୀଙ୍କଠାରୁ କମ୍ ମୂଲ୍ୟରେ ଧାନ କିଣି ମଣ୍ଡିରେ ବିକୁଉନ୍ତି, ହେଲେ ଚାଷୀଙ୍କୁ ଟଙ୍କା ମଧ୍ୟ ଦେଉନାହାନ୍ତି। ଏଥିଯୋଗୁ ଚାଷୀ ଶୋଷଣର ଶିକାର ହେଉଛନ୍ତି।

ଉପଖଣ୍ଡରେ ଚାରମାଳ, ବଂଶାଜାଲ, ତ୍ରିବଣ ପୁର, ବଡବାହାଳ, ଲୁହାପଙ୍କ, ବଡମାଳ, କଦଳୀଗଡ, ଡଇଁଚା, ଘୋଷରାମାଳ, ନାକଟିଦେଉଳ, ବଳମ, କିସିଣ୍ଡା, ପାଣିମୁରା, ସାଲେଭଟା ଓ ବାଟଗାଁ ଆଦି ୧୫ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଛି। ଏଥିରୁ ପାଣିମୁରା, ବଳମ କ୍ରୟ କେନ୍ଦ୍ରରେ ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରରେ ଧାନ କ୍ରୟ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିଭଳି ଘୋଷରାମାଳ କ୍ରୟ କେନ୍ଦ୍ରରେ ମାସର ତୃତୀୟ ଓ ଚତୁର୍ଥ ଶନିବାର ଧାନ କ୍ରୟ କରିବାକୁ ନିଷ୍ପତ୍ତି ହୋଇଛି। ଏହି ତିନୋଟି କେନ୍ଦ୍ରରେ ଏବେ ସୁଦ୍ଧା ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ହୋଇନି। ବଳମ ପଞ୍ଚାୟତର ଚାଷୀମାନଙ୍କ ପାଇଁ ବଳମ କେନ୍ଦ୍ର ବ୍ୟତୀତ ନାକଟିଦେଉଳ କ୍ରୟ କେନ୍ଦ୍ରରେ ମଧ୍ୟ ଧାନ କିଣିବା ବ୍ୟବସ୍ଥା କରାଯାଇଛି। ହେଲେ ଚାଷୀ ସଂଗଠନର ବିରୋଧ ଯୋଗୁ ନାକ୍ଟିଦେଉଳ କେନ୍ଦ୍ରରେ ବଳମ ପଞ୍ଚାୟତର ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏଥିସହିତ ବଳମ ପଞ୍ଚାୟତରେ ଏକ ସ୍ଥାୟୀ ମଣ୍ଡି ପ୍ରତିଷ୍ଠା କରାଯିବାକୁ ମଧ୍ୟ ଦାବି ହୋଇଛି। ସୂଚନାଯୋଗ୍ୟ, ଉପଖଣ୍ଡରେ ୩ ତାରିଖରୁ ଆଜି ପର୍ଯ୍ୟନ୍ତ ୫ଶହ ୮୬ଜଣ ଚାଷୀଙ୍କଠାରୁ ୫୮ ହଜାର ୭୬୦ ବସ୍ତା ଧାନ ସଂଗ୍ରହ ହୋଇଛି। ଏଥିରୁ ରେଢ଼ାଖୋଲ ବ୍ଲକରେ ୩୯୧ ଜଣ ଚାଷୀଙ୍କଠାରୁ ୪୨ ହଜାର ୮୯୧ ବସ୍ତା ଧାନ ସଂଗ୍ରହ କରାଯାଇଛି। ନାକଟିଦେଉଳ ବ୍ଲକରେ ୧୯୫ଜଣ ଚାଷୀଙ୍କଠାରୁ ୧୫ ହଜାର ୮୬୯ ବସ୍ତା ଧାନ ସଂଗ୍ରହ କରାଯାଇଛି। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅଶୋକ କୁମାର ସାହୁ ଏହା କହିଛନ୍ତି।

### ବଣ ଭୋଜି ପାଇଁ ସୁରକ୍ଷା ବ୍ୟବସ୍ଥା ଦାବି

ହୀରାକୁଦ, ୧୨।୧୨ (ଡି.ଏନ.ଏ.)
ହୀରାକୁଦ ନଦୀବନ୍ଧର ବାମପାର୍ଶ୍ୱ ଡାଇକରେ ଭୋଜି କରିବା ପାଇଁ ଲୋକମାନେ ନିଜ ପରିବାର ବର୍ଗ ଓ ସାଙ୍ଗ ସାଥିଙ୍କ ସହିତ ଆସୁଛନ୍ତି। ବାମପାର୍ଶ୍ୱ ଡାଇକର ଲଞ୍ଚଘାଟ, ରୋଲିଙ୍ଗ, ମହମ୍ମଦପୁର, ଡେଙ୍ଗୀମଚା, ବୁଡାକଟା, ଲରବଗା ଗ୍ରାମ ନିକଟ ଡାଇକର ଗୋଟିଏ ପାର୍ଶ୍ୱରେ ଥିବା ଗଛ ତଳେ ଭୋଜି କରିଥାନ୍ତି । ଭୋଜି କରିବା ସମୟରେ ନିଶା ସେବନ କରି ଡାଇକ ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଉଥିବାରୁ ଦୁର୍ଘଟଣା ଘଟୁଛି। ମହିଳା, ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ମଧ୍ୟ କରିବାକୁ ପଛାନ୍ତି ନାହିଁ। ଏଣୁ ଦିନକୁ ଦିନ ଭୋଜି କରିବା ପାଇଁ ଆସୁଥିବା ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି । ଏ ବିଷୟରେ ପୂର୍ବରୁ ସମ୍ବଲପୁର ଏସ୍‌ପିଙ୍କୁ ଅବଗତ କରାଯାଇଛି, କିନ୍ତୁ ଆଜି ପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ । ଏହି ଭୋଜି କରୁଥିବା ସ୍ଥାନ ଗୁଡିକ ନିକଟରେ ପୋଲିସ ସୁରକ୍ଷା ଓ ପାଟ୍ରୋଲିଂ କରିବାକୁ ଭାଜପା ଯୁବ ମୋର୍ଚ୍ଚା ଜିଲା ସମ୍ପାଦକ ବିଶ୍ୱଜିତ ବାଗ ଦାବି କରିଛନ୍ତି।

### କାପୁଟିକିରା ଛକରେ ସାପ୍ତାହିକ ହାଟ ଶୁଭାରମ୍ଭ

କୁଚିଣ୍ଡା,୧୨।୧୨ (ଡି.ଏନ.ଏ)
କୁଚିଣ୍ଡା ବ୍ଲକ ତେଲିତିଲେଇମାଲ ପଞ୍ଚାୟତର କାପୁଟିକିରା ଛକରେ ମଙ୍ଗଳବାର ନୂତନ ଭାବେ ସାପ୍ତାହିକ ହାଟର ଉଦ୍‌ଘାଟନ ହୋଇଛି । କୁଚିଣ୍ଡା ବିଧାୟକ ରବିନାରାୟଣ ନାଏକ, ଜିଲା ପରିଷଦ ସଭ୍ୟା ମମତା ପଟେଲ, ସରପଞ୍ଚ ଯଶୋବନ୍ତ କିସାନ, ସମିତି ସଭ୍ୟା ରୀନା ଭଇଁସା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସାପ୍ତାହିକ ହାଟର ଶୁଭାରମ୍ଭ କରି ନୂତନ ଦୋକାନ ଗୃହର ଭୂମିପୂଜା କରିଥିଲେ । ପଞ୍ଚାୟତ ପକ୍ଷରୁ ଏହି ହାଟର ଶୁଭାରମ୍ଭ କରାଯାଇଛି। ଭିତ୍ତିଭୂମି ଓ ଆବଶ୍ୟକୀୟ ଦୋକାନ ଘର ନିର୍ମାଣ ପାଇଁ ଅର୍ଥ ଯୋଗାଇ ଦେବାକୁ ସରପଞ୍ଚ କିସାନ କହିଛନ୍ତି । ବିପିଇଓ ଜିତେନ୍ଦ୍ରିୟ ମୁଣ୍ଡା, ଭାରପ୍ରାପ୍ତ ପିଇଓ ଅଚ୍ୟୁତାନନ୍ଦ ଖୁଣ୍ଟିଆ, ପ୍ରତାପ ସାଙ୍କ ସମେତ ନାଏବ ସରପଞ୍ଚ ଚୂଡାମଣି ମାକର, ୱାର୍ଡ ମେମ୍ବର କୌଶଲ୍ୟା ସା, ଜଏଲ କିସାନ, ରମେଶ କେର୍କେଟା, ମଙ୍ଗଲୁ କିସାନ, ପୂର୍ଣ୍ଣିମା ପୃଷେଠ, ଲିଲିମା କୁମୁରା, ଭଗବତୀ ନାଏକ, କରୁଣାକର କିସାନ ପ୍ରମୁଖ ଉପସ୍ଥିତ ଥିଲେ ।

ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ

## ଚମ୍ପାପଡାକୁ ହରାଇ ବୁଦେଲପାଲି ଚାମ୍ପିୟନ



ଛାମୁଣ୍ଡାରେ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ସମ୍ବଲପୁର,୧୨।୧୨(ବ୍ୟୁରୋ)
ସମ୍ବଲପୁର ଜିଲା ଛାମୁଣ୍ଡା ପଞ୍ଚାୟତ ନୂଆ ଅଡାପଡାରେ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଚମ୍ପାପଡାକୁ ହରାଇ ବୁଦେଲପାଲି ଦଳ ବିଜୟୀ ହୋଇଛି । ଟାଇବ୍ରେକରରେ ୪-୨ ଗୋଲ ସ୍କୋର ହୋଇଥିଲା । ମୋଟ ୧୬ଟି ଦଳ ଭାଗ ନେଇଥିଲେ । ପୁରସ୍କାର ବିତରଣ ସଭାରେ ଅତିଥି ଭାବେ ଡାକ୍ତର ଲଲାଟେନ୍ଦୁ ନାୟକ, ସ୍ଥାନୀୟ ସମିତି ସଭ୍ୟା ପ୍ରଭାସିନୀ ବାରିକ, ଶ୍ୟାମ କୁମାର ନାଏକ, ବୁଲୁ ପଟ୍ଟନାୟକ ଯୋଗ ଦେଇଥିଲେ । ବିଜୟୀ ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା । ନନ୍ଦୁ ନାଏକ, ଅଭି ମହାନନ୍ଦ, ଲକ୍ଷ୍ମଣ ବେହେରା, କମଳ ଭୋଇ ଖେଳ ପରିଚାଳନା କରିଥିଲେ। ଭାଗୀରଥି ମାଝି, ପବିତ୍ର ଭୋଇ, ଲଳିତ ଭୋଇ, ପ୍ରହଲ୍ଲାଦ ଭୋଇ, ଉପେନ୍ଦ୍ର ଭୋଇ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

## ଖଲିଆମୁଣ୍ଡା ମଦଭାଟିର ନବୀକରଣକୁ ବିରୋଧ

### ବାଙ୍କେ ପଞ୍ଚାୟତରେ ଗୃହୀତ ପ୍ରସ୍ତାବ ଜିଲାପାଳଙ୍କୁ ପ୍ରଦାନ

କୁଚିଣ୍ଡା, ୧୨।୧୨ (ଡି.ଏନ.ଏ.)
କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବାଙ୍କେ ପଞ୍ଚାୟତ ଅନ୍ତର୍ଗତ ଖଲିଆମୁଣ୍ଡା ଦେଶୀ ମଦ ଭାଟିର ଲାଇସନ୍ସ ନବୀକରଣକୁ ବାଙ୍କେ ପଞ୍ଚାୟତ ପକ୍ଷରୁ ବିରୋଧ କରି ପ୍ରସ୍ତାବ ଗୃହୀତ ହୋଇଛି । ଏହି ପ୍ରସ୍ତାବର ଏକ ନକଲ ମଧ୍ୟ ସମ୍ବଲପୁର ଜିଲାପାଳ ସମର୍ଥ ବର୍ମାଙ୍କୁ ପ୍ରଦାନ କରାଯାଇଛି । ଖଲିଆମୁଣ୍ଡା ମଦଭାଟିର ଲାଇସେନ୍ସ ନବୀକରଣ ପାଇଁ ସମ୍ବଲପୁର ଅବକାରୀ ବିଭାଗର ପତ୍ର ସଂଖ୍ୟା ନଂ. ୨୨୨୧/ ୧୪ ନଭେମ୍ବର, ୨୦୧୮ ଉପରେ ପଞ୍ଚାୟତରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ବୈଠକରେ ଉପସ୍ଥିତ ସମସ୍ତ ଗ୍ରାମର ବାସିନ୍ଦା, ଜନପ୍ରତିନିଧି ମଦଭାଟିର ଲାଇସନ୍ସ ନବୀକରଣକୁ ବିରୋଧ କରିଥିଲେ। ଗାଁରେ ସୁଖ, ଶାନ୍ତି ବଜାୟ ରଖିବାକୁ ହେଲେ ମଦଭାଟି ବନ୍ଦ ହେବା ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ପ୍ରସ୍ତାବ ଗୃହୀତ ହେବା ପରେ ବୁଧବାର ବ୍ଲକ ଉପାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର କିସାନ, ସରପଞ୍ଚ ସଞ୍ଜୟ ସାମର୍ଥାଙ୍କ ନେତୃତ୍ୱରେ ଗ୍ରାମବାସୀ ଏବଂ ଜନପ୍ରତିନିଧିମାନେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ପଞ୍ଚାୟତରେ ଗୃହୀତ ପ୍ରସ୍ତାବର ନକଲ ଜିଲାପାଳଙ୍କୁ ଦେଇ ମଦଭାଟିର ଲାଇସେନ୍ସର ନବୀକରଣ ନ କରିବାକୁ ଅନୁରୋଧ କରିଛନ୍ତି।

## ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର

ସମ୍ବଲପୁର,୧୨।୧୨(ବ୍ୟୁରୋ)
ସମ୍ବଲପୁର ବୁଢ଼ାରଜା ସ୍ଥିତ ରାମକଳୀ ଦେବୀ ଟ୍ରଷ୍ଟ ହାୟରସେକେଣ୍ଡାରୀ ସ୍କୁଲ ପରିସରରେ ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷା ଗୀତାଞ୍ଜଳି ନନ୍ଦଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଅବସରପ୍ରାପ୍ତ ଡିଏସପି ଗୀତାରାଣୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଇଂରାଜୀ ଅଧାପକ ପ୍ରଶନ୍ନ କୁମାର ସରକାରଙ୍କ ସଂଯୋଜନାରେ ଶିବିର ହୋଇଥିଲା । ଭାରତୀ ଓରାମ ଓ ଲଳିତା ଲାକ୍ରା ମାଷ୍ଟର ଟ୍ରେନର୍ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଅଧାପକ ଡ. ସୁଶାନ୍ତ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଦିକ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର, ୧୨।୧୨ (ବ୍ୟୁରୋ)
ବେଦିକ ଇଣ୍ଟରନ୍ୟାଶନାଲ ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ ଯୁବାନା ଶାସନ ନିକଟସ୍ଥ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନୀତ ଅତିଥି ଥିଲେ । ସ୍କୁଲ ଚେୟାରମ୍ୟାନ ଆନନ୍ଦ ଅଗ୍ରୱାଲ ସ୍କୁଲ ଓ ଶିକ୍ଷା ବିଷୟରେ ଆଲୋକପାତ କରିଥିଲେ। ସ୍କୁଲ ଅଧକ୍ଷା କାମିନୀ ଯୋଶୀଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। ଛାତ୍ରୀଛାତ୍ର ନୃତ୍ୟଗୀତ ପରିବେଷଣ କରିଥିଲେ । ଓଡିଆ ଓ ଇଂରାଜୀ ନାଟକ ହୃଦୟସ୍ପର୍ଶୀ ହୋଇଥିଲା । ଛାତ୍ରୀଛାତ୍ର ଅଦରକାରୀ କାଗଜ ଓ ପ୍ଲାଷ୍ଟିକ ବୋତଲକୁ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟପାଳ ସ୍କୁଲର ନବ ନିର୍ମିତ ହଷ୍ଟେଲ କୋଠାକୁ ଉଦ୍‌ଘାଟନ କରିଥିଲେ ।





ବେଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ବାର୍ଷିକ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି (ବାମ) । ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ବିଶାଳ ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ

ସମ୍ବଲପୁର,୧୨।୧୨(ବ୍ୟୁରୋ)
ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଚଳିତ ମାସ ୩୦ ତାରିଖ ସମ୍ବଲପୁର ମନ୍ଦଲିଆ ପଡିଆଠାରେ ବିଶାଳ ହିନ୍ଦୁ ସମାବେଶ ଅନୁଷ୍ଠିତ ହେବ । ଏ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର କୁମ୍ଭାରପଡାସ୍ଥିତ ଲାୟନ୍ସ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବଜରଙ୍ଗ ଦଳର ତପନ ପଟ୍ଟନାୟକଙ୍କ ଅଧକ୍ଷତାରେ ସଭା ହୋଇଥିଲା । ସୁଧୀର ରଞ୍ଜନ ବହିଦାର ଯୋଗଦେଇ ହନୁମାନଙ୍କ ପୂଜା କରିଥିଲେ । ଏହାପରେ ଆଲୋଚନା ହୋଇଥିଲା। ସମ୍ମିଳନୀ ଅବସରରେ ୧ହଜାର ବାଇକ ରାଲିରେ ବଜରଙ୍ଗୀମାନେ ସାମିଲ ହେବେ । ସେହିପରି ସମ୍ବଲପୁର ମହାନଗର ନିଗମ ଅଞ୍ଚଳର ୫ହଜାର ବଜରଙ୍ଗୀ ବିଶାଳ ଶୋଭାଯାତ୍ରାରେ ସମଲେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିବା କାର୍ଯ୍ୟକ୍ରମ ରହିଛି । ବିଶାଲ କୁମାର, ବରୁଣ କୁମାର, ଅଙ୍କିତ ପଟେଲ, ମୁନା ମୁଣ୍ଡା, ଅରକ୍ଷୀତ ଓରାମ, ଶ୍ରୀଆନ୍ତ ସିଂ, ଜେ ପତି, ତୁଳସୀ ରେଡ୍ଡି, ଆସିକ୍ ପତି, ଅନୀଲ ମହାପାତ୍ର, ରାଜେନ୍ଦ୍ର ସାହୁ, ଆନନ୍ଦ ଭୋଇ, ସୁମନ୍ତ ଜଗଦଲା, ସଞ୍ଜିବ ମହାକୁଡ, ପିଣ୍ଟୁ ସାହୁ, ବସୁ ମୁଣ୍ଡା, ବଳରାମ କୁମାର, ରାଜେଶ ବାଗ ଆଲୋଚନାରେ ଭାଗ ନେଇଥିଲେ।

# ଫାର୍ମାଏକ୍ସପୋ ସାଇନ୍ସିଆ ଉଦ୍‌ଘାଟିତ









ବୁଧବାର ସମ୍ବଲପୁର ଜମାଦାରପାଲିଠାରେ ଫାର୍ମାଏକ୍ସପୋ ସାଇନ୍ସିଆ- ୨୦୧୮ରେ ଅତିଥିମାନେ (ବାମ) । ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀର ଫାର୍ମାଏକ୍ସପୋ ସାଇନ୍ସିଆରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ସମ୍ବଲପୁର, ୧୨।୧୨ (ବ୍ୟୁରୋ)
ଗାୟତ୍ରୀ କଲେଜ ଅଫ୍ ପାର୍ମାସୀ ଦ୍ୱାରା ଆୟୋଜିତ ଫାର୍ମାଏକ୍ସପୋ ସାଇନ୍ସିଆ- ୨୦୧୮ ବୁଧବାର ଜମାଦାରପାଲିସ୍ଥିତ ଅନୁଷ୍ଠାନ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ମହାପାତ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଔଷଧ ପ୍ରସ୍ତୁତର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଶତପଥୀ ସାଇନ୍ସିଆ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । କଲେଜ ସମ୍ପାଦକ ଶିବନାରାୟଣ ଶତପଥୀ ସୂଚନା ପ୍ରଦାନ କରିଥିବାବେଳେ ନିଯୁକ୍ତି ଅଧିକାରୀ ଅତିଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଫାର୍ମାଏକ୍ସପୋ ଦେଖିବାକୁ ସମ୍ବଲପୁର, ବୁର୍ଲା, ହୀରାକୁଦ, ଧମା, ରେଙ୍ଗାଲି, ଶାସନ ଅଞ୍ଚଳରେ ଥିବା କଲେଜ ଗୁଡିକର ଛାତ୍ରୀଛାତ୍ର ସାମିଲ ଥିଲେ। ଏହି ଅବସରରେ ରାମଶିଷ ତ୍ରିପାଠୀଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଗୁରୁବାର ଏହା ଉଦ୍ଯାପିତ ହେବ ।



ଗାୟତ୍ରୀ କଲେଜ ଅଫ୍ ଫାର୍ମାସୀର ଫାର୍ମାଏକ୍ସପୋ ସାଇନ୍ସିଆ-୨୦୧୮ରେ ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

# MOCK TEST PAPER # 1

## CLASS-XII (CHEMISTRY)

**Time Allowed : 3 hours** **Maximum Marks: 70**

**GENERAL INSTRUCTIONS**

***i. All questions are compulsory***
***ii. Q. No. 1 to 5 are very short answer questions and carry 1 mark each.***
***iii. Q. No.6 to 12 are short answer questions and carry 2 marks each.***
***iv. Q No. 13 to 24 are also short answer questions and carry 3 marks each.***
***v. Q. No. 25 to 27 are long answer questions and carry 5 marks each.***
***vii. Use log tables if necessary, use of calculators is not allowed.***

**1.** What is activation energy ?

**2.** Write the name of enzyme, which converts starch into maltose.

**3.** Give an example of compounds in which nitrogen exhibits oxidation states of –3 and +3

**4.** Name the reagents used in the following reactions:

i. Oxidation of primary alcohol to carboxylic acid.

ii. Benzyl alcohol to benzoic acid.

**5.** Name one disease caused by the deficiency of

i. Vitamin E ii. Vitamin D

**6.** Which of the following compounds has a lone pair of electrons at the central atom ?

$H_2S_2O_3$, $H_2S_2O_7$, $H_2SO_3$, $H_2SO_4$

**7.** Give an example of Hell-Volhard-Zelinsky reaction.

**8.** Draw the structure of optical isomers of $[Cr(C_2O_4)_3]^{3-}$.

**9.** Define the following terms with suitable examples.

i. Primitive unit cell ii. Ferromagnetism.

**OR**

Write any two differences between n-type and p-type semiconductors.

**10.** In the following pairs of halogen compounds, which compound undergoes faster $S_N1$ reaction ?

i.  and  ii.  and 

**11.** What is tincture of of iodine ? What is its use ?

**12.** What are artificial sweetening agents ? Give two example.

**13.** For the complex $[Fe(en)_2Cl_2]Cl$, identify the following

i. Type of hybridization and geometry. ii. IUPAC name of the complex.

**14.** An element with molar mass $2.7 \times 10^{-2}$ kg mol$^{-1}$ forms a cubic unit cell edge length 405 pm. If its density is $2.7 \times 10^3$ kg m$^{-3}$ then what is the nature of the cubic unit cell ?

**15.** Write the structure and IUPAC name of DDT.

**16.** The following initial rate data were obtained at 300 K for the reaction $2P + Q \longrightarrow R + S$.

| | [P] mol L$^{-1}$ | [Q] mol L$^{-1}$ | Rate/mol L$^{-1}$ s$^{-1}$ |
|---|---|---|---|
| **I.** | 0.2 | 0.1 | $6.0 \times 10^{-2}$ |
| **II.** | 0.4 | 0.1 | $2.4 \times 10^{-1}$ |
| **III.** | 0.2 | 0.2 | $1.2 \times 10^{-1}$ |

a. Deduce the rate law.

b. If the half-life of a reaction is inversely proportional to initial concentration of the reactant then what is the order of reaction ?

**17.** Write the chemical reactions of the following:

i. Coupling reaction. ii. Hoffmann bromamide reaction.

**18.** Explain the following terms:

i. Micelles ii. Dialysis iii. Hardy-Schulze rule.

**OR**

Explain the following observations:

i. A beam of light passing through a colloidal solution is visible.

ii. Passing an electric current through a colloidal solution removes colloidal particles from it.

iii. Ferric hydroxide solution coagulates on addition of a solution of potassium sulphate.

**19.** Complete the following chemical reactions:

i. $F_2 + H_2O \longrightarrow$

ii. $Ca_3P_2 + H_2O \longrightarrow$

iii. $XeF_4 + H_2O \longrightarrow$

**20.** a. What is the role f depressant in the froth floatation process ?

b. Out of C and CO which is a better reducing agent for FeO ?

i. In the lower part of blast furnace (higher temperature)

ii. In the upper part of blast furnace (lower temperature).

**21.** The reaction occurs in galvanic cells is:

$Zn_{(s)} + 2Ag^{+}_{(aq)} \longrightarrow Zn^{2+}_{(aq)} + 2Ag_{(s)}$

Give the answers of the following:

i. Which of the electrode is negatively charged ?

ii. The carriers of the current in the cell.

iii. Individual reaction at each electrode.

**22.** How are the following conversions carried out ?

i. Propene $\rightarrow$ Propan-2-ol.

ii. Benzyl chloride $\rightarrow$ benzyl alcohol

iii. Ethyl magnesium chloride $\rightarrow$ propan-1-ol.

**23.** Draw the structure of the following species:

i. $XeOF_4$ ii. $H_2S_2O_7$ iii. $H_4P_2O_7$

**24.** Answer the following questions.

i. What are biodegradable polymer ?

ii. Identify the aliphatic biodegradable polyester which is used in packaging and orthopaedic devices. Write its full form.

iii. Write the name and structure of the monomer of nylon 6.

**25.** a. Define (i) Mole fraction (ii) Molality

How are these two related ?

b. What is the value of van't Hofff factor for a solute which undergo dimerisation upto 40%?

**OR**

a. State the following

i. Henry's law about partial pressure of a gas in a mixture.

ii. Raoult's law in its general form in reference to solutions.

b. A solution prepared by dissolving 8.95 mg of a gene fragment in 35.0 mL of water has an osmotic pressure of 0.335 torr at 25$^0$C. Assuming the gene fragment is a non-electrolyte, determine its molar mass.

**26.** a. Write chemical equations for the following reactions:

i. Oxidation of nitrite ion by $MnO_4^-$ in acidic medium.

ii. Acidification of potassium chromate solution.

iii. Disproportionation of manganese (VI) in acidic solution.

b. Explain the following observations.

i. Transition elements generally form coloured compounds.

ii. Zinc is not regarded as a transition element.

**OR**

a. Account for the following

i. Europium (II) is more stable than cerium (II)

ii. Transition metals have high enthalpies of atomization.

b. Write the steps involved in the preparation of

i. $K_2Cr_2O_7$ from $Na_2CrO_4$ ii. $KMnO_4$ from $K_2MnO_4$.

**27.** a. A compound P on oxidation gives $Q(C_2H_4O_2)$. P reacts with dil. NaOH and on subsequent heating forms R. R on catalytic hydrogenation gives S. Identify P, Q, R, S and write down the reaction involved.

b. Write chemical equations to carry out the following conversions.

i. Benzene to benzyl alcohol.

ii. Propane nitrile to 1-phenyl propanone.

**OR**

a. Two moles of organic compound 'W' on treatment with a strong base give two compounds 'X' and 'Y'. Compound 'X' on dehydrogenation of 'Y' yields carboxylic acid 'Z' having molecular formula of $CH_2O_2$.

b. Explain why:

i. The aldol and ketol readily lose water molecules to give, $\alpha$, $\beta$-unsaturated carbonyl compounds?

ii. Benzaldehyde is less reactive than acetaldehyde towards nucleophilic substitution reaction ?

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

ଛୋଟ ପରଦା

# ଦେବୀ ମହାନ୍ତି, ଯାହା କହନ୍ତି



ପ୍ରିୟା ମହାପାତ୍ର

ଦେବୀ ମହାନ୍ତି-ଶିଳ୍ପ ଦୁନିଆରେ ଜଣେ ପରିଚିତ ନାମ। ଦେବୀ ମସଲା କମ୍ପାନୀର ମାଲିକାଣୀ। ନିଜର ସୁଚିନ୍ତିତ ଯୋଜନା ବଳରେ ସେ ଏହି ବ୍ୟବସାୟର କାୟା ବିସ୍ତାର କରିବାରେ ସକ୍ଷମ ହୋଇଛନ୍ତି। ହେଲେ ତାଙ୍କ କଥାବାର୍ତ୍ତା ଶୈଳୀ ରୁକ୍ଷ ଲାଗୁଥିଲେ ମଧ୍ୟ ତା' ଭିତରେ ଅନେକ କଥା ଲୁଚି ରହିଥାଏ। ଜଣେ କିପରି ସମୟାନୁବର୍ତ୍ତୀ ହେବ, ନିଜ କାମକୁ କିପରି ଠିକ୍ ଭାବରେ ତୁଲାଇବ ସେନେଇ ଦେବୀ ମହାନ୍ତି ସବୁବେଳେ ସଜାଗ ଥାଆନ୍ତି। ଏପରି କି ତାଙ୍କ ପରିବାର ସଦସ୍ୟଙ୍କୁ ନିଜ ଜୀବନ ଧାରାକୁ ଅନୁସରଣ କରି ଭଲ ମଣିଷଟିଏ ହେବାକୁ ସେ ସବୁବେଳେ ଜୋର୍ ଦିଅନ୍ତି। ସେପଟେ ତାଙ୍କ ଝିଅ ଦେବିକାର ଜୀବନଶୈଳୀ ଠିକ୍ ଓଲଟା। ସେ ଜଣେ ସାଧାରଣ ମଣିଷ ହୋଇ ବଞ୍ଚିବାକୁ ଚାହେଁ। ଜଣେ ଲୋକର ମନକଥାକୁ ବୁଝିବା, ସେମାନଙ୍କ ସୁଖଦୁଃଖରେ ସାମିଲ ହେବା ତାଙ୍କ ଝିଅର ଲକ୍ଷ୍ୟ। ସମୟକ୍ରମେ ସେ ଶୁଭମ୍ ରୟ ନାମକ ଜଣେ ବିନ୍ଦାସ ମିଜାଜ୍‌ର ଯୁବକ ସଂସ୍ପର୍ଶରେ ଆସେ। ଆଉ ତା'ପରେ କ'ଣ ଘଟୁଛି ତାହାକୁ ନେଇ କାହାଣୀ ଗତିଶୀଳ। ବର୍ତ୍ତମାନ ଜି ସାର୍ଥକ ଚ୍ୟାନେଲରେ ପ୍ରସାରିତ ଧାରାବାହିକଟି ହେଲା 'କ୍ୱାଇଁ ନମ୍ବର ୧'(ସୋମବାରରୁ ରବିବାର, ସମୟ ରାତି ୯.୩୦)। ଖାସ୍ କଥା ହେଲା, ଏଥିରେ ଦେବୀ ମହାନ୍ତି ଚରିତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ପ୍ରିୟା ମହାପାତ୍ର। 'ଏଭଳି ଏକ ଭୂମିକା ମୋ ପାଇଁ ଚ୍ୟାଲେଞ୍ଜ ଥିଲା। ସିକ୍ୱେନ୍ସ ଅନୁସାରେ ଲୁକ୍ ଏବଂ ଡାଏଲଗ୍ ଭେରିଏଶନକୁ ନେଇ ଶଟ୍ ଦେବାକୁ ବେଶ୍ ପରିଶ୍ରମ କରିଛି ଏବଂ ତାହାର ମୂଲ୍ୟ ଦର୍ଶକେ ବୁଝିଛନ୍ତି ବୋଲି କହନ୍ତି ପ୍ରିୟା।'

# ଆଇଟମ ଟେନ୍ସନ



ତାପସୀ ପାନ୍ନୁ

ଆଇଟମ ଗୀତଟି ସିନା ମନକୁ ଛୁଇଁଲା, ହେଲେ ତାହାର ଡମି କୋରିଓଗ୍ରାଫି ଦେଖି ତାପସୀ ପାନ୍ନୁଙ୍କ ଅକଲ ଗୁଡୁମ୍। ଏଥିପାଇଁ ହଁ ଭରିବେ ନା ମନା କରିଦେବେ, ସେନେଇ ଦୋ'ଛକିରେ ପଡିଛନ୍ତି। କଥା କ'ଣ କି, ନିକଟରେ ଜଣେ ପ୍ରଯୋଜକ ତାଙ୍କର ଆଗାମୀ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ତାଙ୍କୁ ଅଫର ଦେଇଥିଲେ। ହେଲେ ଏଥିରେ ସଂଯୋଜିତ ଏକ ଆଇଟମ ନମ୍ବର ତାଙ୍କ ନିଦ ହଜେଇ ଦେଇଛି। ଏଥିରେ କୁଆଡେ ଆବଶ୍ୟକତାଠାରୁ ଅଧିକ ଅଙ୍ଗ ପ୍ରଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। 'ସିନେମାର ଆଇଟମ ରହିବାକୁ ନେଇ ମୁଁ ଚିନ୍ତିତ ନୁହେଁ। ହେଲେ ଏଥିରେ କେତେକ ସ୍ଥାନରେ ଅଯଥା ବୋଲ୍ଡ ଶଟ୍‌କୁ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ଏହି ଅଫରଟିକୁ ଗ୍ରହଣ କରିବି ନା ମନା କରିବି ସେନେଇ ମୁଁ ଅଡୁଆରେ ପଡିଯାଇଛି ବୋଲି ସଫେଇ ଦେଇଛନ୍ତି ତାପସୀ। ସେପଟେ ଶୁଣିବାକୁ ମିଳୁଛି ଯେ, ଏହି ଆଇଟମ ନମ୍ବର ପାଇଁ ତାଙ୍କୁ ମନମୁତାବକ ପାରିଶ୍ରମିକ ଦେବାକୁ କୁଆଡେ ପ୍ରଯୋଜକ ତୟାର। ତେବେ ତାପସୀଙ୍କର ଏହି ଆଇଟମ ଟେନ୍ସନ କେବେ ଶେଷ ହେଉଛି ତାହା ଦେଖିବାକୁ ବାକି ରହିଲା।

ନୂଆ ସିନେମା

# କ୍ରେଜି-୪



ସୁରମୟୀ-ଅଭିଷେକ

ଇଞ୍ଜିନିୟରିଂ ପାସ୍ କରିବା ପରେ ଚାକିରି ପାଇଁ ଚେଷ୍ଟା କରି ବିଫଳ ହୁଏ ଶିବା। ନିଜର ତିନିଜଣ ବନ୍ଧୁଙ୍କ ସହ ମିଶି ଜୀବନକୁ ଉପଭୋଗ କରିବାକୁ ଆପଣାଏ ଏକ ଭିନ୍ନ ଉପାୟ। ଲୋକମାନଙ୍କୁ ବୋକା ବନାଇ ସେମାନେ ମଜା ନିଅନ୍ତି। ୟା ଭିତରେ ସେ ଜଣେ ଝିଅ ପ୍ରେମରେ ପଡ଼ିଯାଏ। ଆଉ ତା'ପରେ ? ଚାକିରି କରିବା ଲକ୍ଷ୍ୟରେ ଆଗେଇଥିବା ଶିବା ସେଥିରେ ସଫଳ ହୁଏ କି ? ନିଜ ପ୍ରେମକୁ ସେ କିପରି ଶେଷ ରୂପ ଦିଏ ? ଏ ସବୁର ଉତ୍ତରକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କ୍ରେଜି-୪'। ଏଥିରେ ଶିବା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ଅଭିଷେକ ରଥ। ଆଇ ଫୋକସ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ନିର୍ମିତ ଏହି ରୋମାଣ୍ଟିକ୍-କମେଡି ଚିତ୍ରଟିକୁ ପ୍ରଯୋଜନା କରିଛନ୍ତି ଜେ. ରଞ୍ଜନ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ସାମାରାଜ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ସୁରମୟୀ। ଉତ୍ତମ ମହାନ୍ତି, ପିଣ୍ଟୁ ନନ୍ଦ, ମଣ୍ଟୁ, ପ୍ରଜ୍ଞା, ପ୍ରତାପ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହି ଫିଲ୍ମର ଶୁଟିଂ ବର୍ତ୍ତମାନ ଓଡ଼ିଶାର ବିଭିନ୍ନ ସ୍ଥାନରେ ଚାଲୁ ରହିଛି ଏବଂ ଗୀତଗୁଡିକ ନେପାଳରେ ଶୁଟିଂ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ବଲିଉଡ୍ ହାଲଚାଲ

– ବାୟୋପିକ୍ 'ଶକିଲା'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ରିଚା ଚଡ୍ଢା। ଏଥିରେ ତାଙ୍କର ଖୁଲମ୍‌ଖୁଲା ଅଙ୍ଗ ପ୍ରଦର୍ଶନକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

– ଶ୍ରଦ୍ଧା କପୁର ଡେଙ୍ଗୁରୁ ଆରୋଗ୍ୟ ଲାଭ କରିବା ପରେ ଏବେ ଶୁଟିଂ ପାଇଁ ସଜବାଜ ହେଉଛନ୍ତି।

–କମଲ ହାସନଙ୍କ ଆଗାମୀ ଫିଲ୍ମ 'ଇଣ୍ଡିଆ-୨'ର କାଷ୍ଟିଂରେ ପରିବର୍ତ୍ତନ କରାଯାଇଛି। ପ୍ରଥମେ ଏହାର ଲିଡ୍ ରୋଲ୍‌ରେ ଅଜୟ ଦେବ୍‌ଗନ ଅଭିନୟ କରିବେ ବୋଲି ସ୍ଥିର ହୋଇଥିଲା। ହେଲେ ଶେଷ ମୁହୂର୍ତ୍ତରେ ତାଙ୍କ ସ୍ଥାନରେ ଅକ୍ଷୟ କୁମାରଙ୍କୁ ସାଇନ୍ କରାଯାଇଛି। ତାମିଲ, ତେଲୁଗୁ ଏବଂ ହିନ୍ଦୀ ଭାଷାରେ ନିର୍ମିତ ହେବାକୁ ଯାଉଥିବା ଏହି ଫିଲ୍ମରେ କାଜଲ ଅଗ୍ରୱାଲ ଫିମେଲ ଲିଡ୍‌ରେ ଦେଖାଦେବେ।

–ଅନୁଷ୍କା ଶର୍ମା ନିକଟରେ ଏକ ଲକ୍‌ଜୁରିୟସ କାର କିଣିଛନ୍ତି, ଯାହାର ଦାମ୍ ରହିଛି ୪ କୋଟି।



'ମାଲ୍ ମହୁ ଜୀବନ ମାଟି' ଚଳଚ୍ଚିତ୍ରରେ ସବ୍ୟସାଚୀ-ଏଲିନା

# ଏ ମନ ଖୋଜୁଥାଏ ଯାହା

ଯେମିତି ଏକ ମନଲାଖି ସିନେମାରେ ଅଭିନୟ କରିବାକୁ ସବ୍ୟସାଚୀ ଆଶା ରଖିଥିଲେ ତାହା ପୂରଣ ହୋଇଛି। ବର୍ତ୍ତମାନ ସେ ଲେଡି ବାର୍ଡ ଏଣ୍ଟରଟେନ୍‌ମେଣ୍ଟ ସହାୟତା ତଥା ଆମ୍ରା ମ୍ୟୁଜିକ୍ ବ୍ୟାନରରେ ନିର୍ମିତ 'ମାଲ୍ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି' ନାମକ ଦ୍ୱିଭାଷୀ (ଛତିଶଗଡି-ଓଡ଼ିଆ) ସିନେମାରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ନିକଟରେ ଶେଷ ହୋଇଛି। ଚରିତ୍ର ଅନୁସାରେ ଗୋଟିଏ କଥା କୁହାଯାଇପାରେ-'ଜନ୍ମରୁ ସେ ହତାସ ପାର୍ଟି, ସେ ମାଲ୍ ମହୁ ତା'ର ଜୀବନ ମାଟି'। ଏ ସମ୍ପର୍କରେ ସବ୍ୟସାଚୀ କହନ୍ତି, 'ମୋ ଭୂମିକାଟି ହେଲା ମାଇକେଲ। ସେ ଭଲ ଭାବରେ କଥା କହିପାରେନା। ଯାହା କିଛି କରିବାକୁ ଚାହୁଁଛି ଭାଗ୍ୟ ତାହାର ସାଥ୍ ଦେଉନି। ହେଲେ ତା' ଭିତରେ ପ୍ରେମ କରିବସିଛି। ଏଥିରେ ସେ ସଫଳ ହେଉଛି ତ ? ଏ ସବୁର ଉତ୍ତର ରହିଛି ଉକ୍ତ ସିନେମାରେ। ମୋଟ ଉପରେ ଏହାର କାହାଣୀରେ ନୂତନତ୍ୱ ରହିଛି।' 'ତୋକାଟା ଫସିଗଲା' ଏବଂ 'ଫୋର୍ ଇଡିୟଟ୍‌ସ' ପରେ ପୁଣିଥରେ ସବ୍ୟସାଚୀ-ଏଲିନା ଯୋଡ଼ିକୁ ଦର୍ଶକେ ଦେଖିବାକୁ ପାଇବେ। ଏହାର ଗୀତ ସହ ସଂଳାପ ରଚନା କରିଛନ୍ତି ଡ. ନିର୍ମଳ ନାୟକ। ସ୍ୱର ସଂଯୋଜନା ଅଭିଜିତ୍ ମଜୁମ୍‌ଦାର କରିଥିବା ବେଳେ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରମେଶ ରାଉତ। ସବ୍ୟସାଚୀ-ଏଲିନାଙ୍କ ବ୍ୟତୀତ ଏହି ଫିଲ୍ମରେ ସଲିଲ ମିତ୍ର, ପ୍ରଦ୍ୟୁମ୍ନ ଲେଙ୍କା, ବିଦ୍ୟୁସ୍ମିତା, ଲଭ୍‌ଲି, ପଦ୍ମଶ୍ରୀ ଅଞ୍ଜୁ ଶର୍ମା, ବିଜୁ ବଡ଼ଜେନା, ଅମର ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

ଅପେରା ହାଲ୍‌ଚାଲ୍

# ଚର୍ଚ୍ଚାରେ ଯାତ୍ରା ଇନ୍ଦ୍ରମହଲ

କଥାରେ ଅଛି-ଏ ମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। ଚଳିତ ଯାତ୍ରା ସିଜନରେ ଜଲିଉଡ୍‌ର ଅନ୍ୟତମ ନୂଆ ଅପେରା ପାର୍ଟି 'ଯାତ୍ରା ଇନ୍ଦ୍ରମହଲ' ତାହାର ଯାତ୍ରା ଅବ୍ୟାହତ ରହିଛି। ଏଥର ପରିବେଷିତ ହେଉଥିବା ନାଟକଗୁଡ଼ିକ କିପରି ଦର୍ଶକଙ୍କ ମନକୁ ଛୁଇଁପାରିବ ସେଥିପାଇଁ କେବଳ ପାର୍ଟିର ଅଭିଜ୍ଞ କଳାକାରମାନେ ନୁହନ୍ତି, ପରିଚାଳକ ବଙ୍କିମ ସ୍ୱାଇଁଙ୍କୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଛି। କେବଳ ଦମ୍‌ଦାର ନାଟକ ନୁହେଁ, ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ଲାଇଟ୍ ସିଷ୍ଟମ, ଷ୍ଟେଜ ଏହି ପାର୍ଟିର ଅନ୍ୟତମ ଆକର୍ଷଣ। ଏଥର ପରିବେଷିତ ହେଉଥିବା ନାଟକଗୁଡିକ ମଧ୍ୟରେ ରହିଛି 'ବଡ଼ଲୋକଙ୍କୁ ଉତ୍ତର ନାହିଁ' (ରଚନା/ନିର୍ଦ୍ଦେଶନା-ହର ବାରିକ), 'ଉର୍ବଶୀ ଆସୁଛି ରଙ୍ଗମହଲ' (ରଚନା-ସୁକାନ୍ତ ମଲ୍ଲିକ, ନିର୍ଦ୍ଦେଶନା-ଯୋଗେନ୍ଦ୍ର ମଲ୍ଲିକ), 'ଗଙ୍ଗା ପାପ କଲେ ଧୋଇବ କିଏ' (ରଚନା-ଅରୁଣ ବାରିକ, ନିର୍ଦ୍ଦେଶନା-ବିନୋଦ ରାଉତ) ଏବଂ 'ଶ୍ରୀକୃଷ୍ଣ ମୋହର ଶେଷ ସାକ୍ଷୀ' (ରଚନା-ନିହାର ରଞ୍ଜନ ମହାନ୍ତି, ନିର୍ଦ୍ଦେଶନା-ତାପସ ସ୍ୱାଇଁ)। ଚଳିତ ଯାତ୍ରା ସିଜନରେ ଏହି ପାର୍ଟିରେ ନିଜର ଅଭିନୟ କ୍ୟାରିୟରକୁ ଆଗେଇ ନେଉଥିବା କଳାକାରମାନଙ୍କ ମଧ୍ୟରେ ଅଛନ୍ତି ବିନୋଦ-ବେବିନା, ଡଲି ଭୂୟାଁ, 'ଗୁପ୍ତ ସମ୍ପର୍କ' ଫେମ୍ ଦୟାନିଧି ଉପାଧ୍ୟାୟ, ଚର୍ଚ୍ଚିତ ଖଳନାୟକ ଲକ୍ଷ୍ମୀଧର, ହାପି କର, ଟିଙ୍କିଲି, ଜଲିଉଡ୍ ବାବୁସାନ୍, ପ୍ରଭାକର, ଜିନା, ମୁନୁ, ତ୍ରିଲୋଚନ, ପ୍ରତାପ ଏବଂ କ୍ରିଷ୍ଣା। ଅପରପକ୍ଷରେ ବଙ୍କିମ ସ୍ୱାଇଁଙ୍କ ରଚିତ ଏବଂ ତାପସ ସ୍ୱାଇଁଙ୍କ ନିର୍ଦ୍ଦେଶିତ ଭିନ୍ନ ସ୍ୱାଦର ନାଟକ 'ଫାଷ୍ଟ ଟାଇମ୍ ତୋ ସାଥେ ଲଭ୍ ହୋଇଗଲା' ଦର୍ଶକଙ୍କ ପାଇଁ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ ସାଜିଛି।



ବିନୋଦ- ବେବିନା

ଅଳ୍ପରେ

# ଲଙ୍ଗ ଡ୍ରାଇଭ୍ ଜ୍ୟାକଲିନ୍‌ଙ୍କ ପସନ୍ଦ

ଶ୍ରୀଲଙ୍କା ସୁନ୍ଦରୀ ଜ୍ୟାକଲିନ୍ ଫର୍ନାଡିସ୍ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିସାରିଛନ୍ତି। ୩୨ ବର୍ଷ ବୟସ୍କା ଏହି ଅଭିନେତ୍ରୀଙ୍କ ବିଷୟରେ କିଛି ରୋଚକ କଥା...



- ଜ୍ୟାକଲିନ୍‌ଙ୍କ ଜନ୍ମ ବାହାରିନ୍‌ରେ ଏବଂ ଶ୍ରୀଲଙ୍କାରେ ତାଙ୍କର ପିଲାଦିନ କଟିଥିଲା।
- ସିଡ୍‌ନୀରୁ ମାସ୍ କମ୍ୟୁନିକେଶନରେ ଡିଗ୍ରୀ ହାସଲ ପରେ ସେ ଟିଭି ରିପୋର୍ଟର ଭାବରେ କିଛି ଦିନ କାମ କରିଥିଲେ।
- ଲଙ୍ଗ ଡ୍ରାଇଭ୍‌ର ମଜା ନେବା ତାଙ୍କର ଆଉ ଏକ ସଉକ। ସମୟ ମିଳିଲେ ସେ ଏକୁଟିଆ କାର ଡ୍ରାଇଭ୍ କରି ମାଇଣ୍ଡ ଫ୍ରି କରିବାକୁ ବାହାରି ଯାଆନ୍ତି।
- ୨୦୦୬ରେ ସେ ଶ୍ରୀଲଙ୍କା ସୁନ୍ଦରୀ ଟାଇଟଲ ବିଜୟିନୀ ହୋଇଥିଲେ।
- କେବଳ ଜଣେ ଅଭିନେତ୍ରୀ ନୁହନ୍ତି, ଜଣେ ସଫଳ ବିଜ୍‌ନେସ ଓ୍ୱମ୍ୟାନ ଭାବରେ ସେ ପରିଚିତା। ଶ୍ରୀଲଙ୍କାରେ 'କାଇମା ସୂତ୍ର' ନାମକ ଏକ ରେଷ୍ଟୁରାଣ୍ଟର ସେ ମାଲିକାଣୀ।
- ପ୍ରେମ ପାଇଁ ଅନେକ ଥର ଆଲୋଚନାର ଶିରୋନାମା ପାଲଟିଛନ୍ତି ସେ। ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ ବାହାରିନ୍‌ର ଯୁବରାଜ ରସିଦ ଅଲ୍ଲୀ ଖଲିପାଙ୍କ ପ୍ରେମରେ ପଡିଥିଲେ, ହେଲେ ଏହି ପ୍ରେମ ବେଶି ଦିନ ତିଷ୍ଠି ରହିପାରି ନ ଥିଲା। 'ହାଉସ୍‌ଫୁଲ-୨'ର ଶୁଟିଂ ସମୟରେ ସାଜିଦ ଖାଁଙ୍କୁ ପ୍ରେମ କରି ବସିଥିଲେ ସେ। ଏହି ପ୍ରେମ ମଧ୍ୟ ଅଧୁରା ରହିଯାଇଥିଲା।
- ଅଭିନୟ ବ୍ୟତୀତ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଗଠିତ 'ପେଟା' ସଂସ୍ଥା ସହ ସେ ଜଡିତ।
- ରୋଷେଇ କରିବାରେ ବେଶ୍ ସିଦ୍ଧହସ୍ତ ସେ।

# ୱେଲକମ୍ ପାର୍ଟି



କରୀନା

ସତରେ ମା' ହେବ ଏମିତି। ସାବତ ଝିଅ ହେଲେ କ'ଣ ହେଲା, ତା' ପାଇଁ ନିଜ କର୍ତ୍ତବ୍ୟ କରିବାକୁ ଭୁଲିନାହାନ୍ତି କରୀନା। ହଁ, ସୈଫ-ଅମ୍ରିତାଙ୍କ ଝିଅ ସାରା ଅଲ୍ଲୀ ଖାଁ ନିକଟରେ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'କେଦାରନାଥ' ଚଳିତ ମାସ ୭ରେ ରିଲିଜ ହୋଇ ଆଶାନୁରୂପ ବିଜ୍‌ନେସ କରୁଛି। ସେଥିପାଇଁ କରୀନା ନିକଟରେ ଏକ ୱେଲକମ୍ ପାର୍ଟି ଆୟୋଜନ କରିଥିଲେ। ଏଥିରେ 'କେଦାରନାଥ'ର ସମସ୍ତ ସଦସ୍ୟଙ୍କ ବ୍ୟତୀତ ବଲିଉଡ୍‌ର କେତେକ ସେଲିବ୍ରିଟି ଯୋଗଦେଇଥିଲେ। ଲେଟ୍ ନାଇଟ୍ ପର୍ଯ୍ୟନ୍ତ ଚାଲିଥିବା ଏହି ପାର୍ଟିରେ ସାରାଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ କରୀନା।

## ସଂକ୍ଷେପରେ

### ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୨-୧୨:** ନଭେମ୍ବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୧୭ ମାସର ସର୍ବନିମ୍ନ ସ୍ତରରେ ରହି ୨.୩୩%କୁ ଖସି ଆସିଛି। ବିଶେଷ କରି ପନିପରିବା, ଅଣ୍ଡା ଏବଂ ଡାଲି ଦର ନିମ୍ନରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ସେହିଭଳି ଅକ୍ଟୋବର ଲାଗି ଖୁଚୁରା ମୁଦ୍ରାସ୍ଫୀତି ୩.୩୧%ରୁ ସାମାନ୍ୟ ପରିବର୍ତ୍ତନ ଘଟି ୩.୩୮% ରହିଥିବା କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ବୁଧବାର ଦେଇଥିବା ତଥ୍ୟରୁ ଏହା ଜଣା ପଡିଛି। ଏହା ୨୦୧୭ ନଭେମ୍ବରରେ ୪.୮୮% ରହିଥିଲା। ସୂଚନାଯୋଗ୍ୟ, ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତି ନିର୍ଦ୍ଧାରଣ କରିବା ବେଳେ ଖୁଚୁରା ମୁଦ୍ରାସ୍ଫୀତିକୁ ଏକ ପ୍ରମୁଖ ଇନ୍‌ପୁଟ ଭାବେ ବିଚାର କରିଥାଏ।

### ଔଦ୍ୟୋଗିକ ଉତ୍ପାଦନ ଅଭିବୃଦ୍ଧି ୮.୧%

**ନୂଆଦିଲ୍ଲୀ,୧୨-୧୨:** ଚଳିତ ବର୍ଷ ଅକ୍ଟୋବରରେ ଦେଶର ଔଦ୍ୟୋଗିକ ଉତ୍ପାଦନ ଅଭିବୃଦ୍ଧି ୧୧ ମାସର ସର୍ବୋଚ୍ଚ ସ୍ତରରେ ରହି ୮.୧% ଛୁଇଁଛି। ଖଣି, ଶକ୍ତି, ମାନୁଫାକଚରିଂ ଭଳି କ୍ଷେତ୍ରରେ ଭଲ ପ୍ରଦର୍ଶନ ରହିବାରୁ ଉକ୍ତ ଅଭିବୃଦ୍ଧି ନଜରକୁ ଆସିଛି। ଉଦ୍ୟୋଗ ଅଭିବୃଦ୍ଧିକୁ ଶିଳ୍ପ ଉତ୍ପାଦନ ସୂଚୀ(ଆଇଆଇପି)ରେ ନିର୍ଦ୍ଧାରଣ କରାଯାଉଥିବା ବେଳେ ଏହା ଗତ ବର୍ଷ ଅକ୍ଟୋବରରେ ୧.୮% ରହିଥିଲା ବୋଲି କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟରେ ସୂଚନା ରହିଛି।

### ଜିଲା ସ୍ତରରେ ଆସିବ ଇଜ୍ ଅଫ୍ ଡୁଇଁ ବିଜନେସ ର୍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ,୧୨-୧୨:** ଦେଶରେ ଇଜ୍ ଅଫ୍ ଡୁଇଁ ବିଜନେସକୁ ତ୍ୱରାନ୍ୱିତ କରିବାକୁ ସରକାର ଜିଲା ସ୍ତରରେ ଇଜ୍ ଅଫ୍ ଡୁଇଁ ବିଜନେସ ର୍ୟାଙ୍କିଙ୍ଗ୍ ପ୍ରକାଶ କରିବେ। ଏହି ଧାରାକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ଶିଳ୍ପନୀତି ଏବଂ ପ୍ରୋତ୍ସାହନ ବିଭାଗ (ଡିଆଇପିପି) ସହାୟତା କରିବ। ରାଜ୍ୟଗୁଡ଼ିକ ସ୍ତରରେ ଇଜ୍ ଅଫ୍ ଡୁଇଁ ବିଜନେସ ତାଲିକା ପ୍ରକାଶ କରିବା ପରେ ଏହାକୁ ଜିଲା ସ୍ତରରେ ଲାଗୁ କରିବାକୁ ଡିଆଇପିପି ପ୍ରସ୍ତାବ ରଖିଛି। ଏଥିପାଇଁ ଜିଲା ସ୍ତରରେ ଏକ ରିଫର୍ମ ପ୍ଲାନ ଉନ୍ନତିକରଣ କରାଯାଇଛି।

> ଟ୍ରେନ୍‌ଗୁଡିକରେ ବ୍ଲାକ ବକ୍ସ ଭଳି ଅଡିଓ-ଭିଡିଓ ରେକର୍ଡିଂ ସିଷ୍ଟମ ସ୍ଥାପନା କରାଯାଇଛି ।
> – ରାଜେନ ଗୋହାଇଁ, ରେଳ ରାଷ୍ଟ୍ର ମନ୍ତ୍ରୀ



> ଇଜ୍ ଅଫ୍ ଡୁଇଙ୍ଗ ବିଜନେସରେ ଭାରତ ଏବେ ମଧ୍ୟ ମଧ୍ୟବିତ୍ତ ଶ୍ରେଣୀରେ ରହିଛି । ଏଠାରେ ଇକୋସିଷ୍ଟମ ପରିବର୍ତ୍ତନ ସହ ଉଦ୍ୟୋଗ ବିକାଶକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି ।
> – କ୍ଲସ୍ ଶ୍ୱାବ୍, ପ୍ରତିଷ୍ଠାତା, ୱାର୍ଲଡ ଇକୋନୋମିକ ଫୋରମ୍



# ଦାୟିତ୍ୱ ନେଲେ ଶକ୍ତିକାନ୍ତ

**ନୂଆଦିଲ୍ଲୀ ,୧୨-୧୨**



> କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତା, ସଂହତି ଏବଂ ବିଶ୍ୱାସକୁ ଧ୍ୟାନରେ ରଖିବା ସହ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ ଭିତ୍ତିରେ କାର୍ଯ୍ୟ କରିବେ ବୋଲି ଶକ୍ତିକାନ୍ତ କହିଛନ୍ତି।

- ଆର୍‌ବିଆଇର ୨୫ତମ ଗଭର୍ନର
- ଟୁଇଟ ଯୋଗେ ସମସ୍ତଙ୍କୁ ଧନ୍ୟବାଦ ଦେଲେ
- ପଦବୀ ଲାଗି ଶକ୍ତିକାନ୍ତ ଯୋଗ୍ୟ: ଜେଟ୍‌ଲୀ

ପୂର୍ବତନ ଅର୍ଥନୈତିକ ବ୍ୟାପାର ସଚିବ ଶକ୍ତିକାନ୍ତ ଦାସ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ୨୫ତମ ଗଭର୍ନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାର-ଆର୍‌ବିଆଇ ମଧ୍ୟରେ ଚାଲିଥିବା ବିବାଦ ଚାପରେ ଗଭର୍ନର ଉର୍ଜିତ ପଟେଲ ହଠାତ ଇସ୍ତଫା ଦେବାର ଗୋଟିଏ ଦିନ ପରେ ସରକାର ଶକ୍ତିକାନ୍ତଙ୍କୁ କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ପଦବୀରେ ନିଯୁକ୍ତି ଘୋଷଣା କରିଥିଲେ। ଗଭର୍ନର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଶକ୍ତିକାନ୍ତ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଶୁଭେଚ୍ଛା ଲାଗି ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ସ୍ୱାୟତ୍ତତା, ସଂହତି ଏବଂ ବିଶ୍ୱାସ ରକ୍ଷାକୁ ଧ୍ୟାନରେ ରଖିବା ସହ ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ସହ ପରାମର୍ଶ ଭିତ୍ତିରେ କାର୍ଯ୍ୟ କରିବେ ବୋଲି ଶକ୍ତିକାନ୍ତ କହିଛନ୍ତି। ଆର୍‌ବିଆଇର ଶୀର୍ଷ ପଦବୀ ଲାଗି ଶକ୍ତିକାନ୍ତ ଦାସ ଜଣେ ଯୋଗ୍ୟ ବ୍ୟକ୍ତି ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ କହିଛନ୍ତି। ଶକ୍ତିକାନ୍ତ ଜଣେ ବରିଷ୍ଠ ପ୍ରଶାସନିକ ସେବା ଅଧିକାରୀ ହୋଇଥିବା ବେଳେ ଫାଇନାନ୍ସ ଏବଂ ଅର୍ଥନୈତିକ ପରିଚାଳନା କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି। ସେ ଉଭୟ ତାମିଲନାଡୁ ଏବଂ କେନ୍ଦ୍ର ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ନିଜର ପରାକାଷ୍ଠା ଦେଖାଇଛନ୍ତି ବୋଲି ଜେଟଲୀ କହିଛନ୍ତି।

ଆର୍‌ବିଆଇର ସ୍ୱାୟତ୍ତତାକୁ ନେଇ କେନ୍ଦ୍ର ଏବଂ ଆରବିଆଇ ମଧ୍ୟରେ ଉପୁଜିଥିବା ବିବାଦ ଜନିତ ଚାପ ଯୋଗୁ ଗଭର୍ନର ଉର୍ଜିତ ପଟେଲ ସୋମବାର ଇସ୍ତଫା ଦେବା ପରେ ଶକ୍ତିକାନ୍ତଙ୍କୁ ତୁରନ୍ତ ଭିତ୍ତିରେ ନିଯୁକ୍ତି କରାଗଲା ବୋଲି ଜେଟଲୀ ସ୍ପଷ୍ଟ କରିଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର ଭାବେ ଭାରତୀୟ ଅର୍ଥନୀତି ସାମ୍ନାରେ ଆସୁଥିବା ଚ୍ୟାଲେଞ୍ଜକୁ ନେଇ ଶକ୍ତିକାନ୍ତ କାର୍ଯ୍ୟ କରିବେ ବୋଲି ଜେଟଲୀ କହିଛନ୍ତି।

## ଆର୍‌ବିଆଇ ସ୍ୱାୟତ୍ତତା ବଜାୟ ରହୁ:ସୁବ୍ରମଣ୍ୟନ

ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ୱାୟତ୍ତତା ପବିତ୍ର। ଏଥିରେ କୌଣସି ହସ୍ତକ୍ଷେପ ନ ହେବା ଆବଶ୍ୟକ। ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟନ ବୁଧବାର ଏହା କହିଛନ୍ତି। ଏକ ସୁସଂହତ ଅର୍ଥ ବ୍ୟବସ୍ଥା ଦିଗରେ ନୂଆ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କାର୍ଯ୍ୟ କରିବା ଦିଗରେ ଅଗ୍ରସର ହୋଇଛନ୍ତି। ଏହା ହେଲେ କୌଣସି ଅନୁଷ୍ଠାନକୁ କ୍ଷତିରୁ ବଞ୍ଚାଇବାକୁ ଏହା ସହାୟକ ହେବ। ଏହି ଏଜେଣ୍ଡାକୁ କିଭଳି କାର୍ଯ୍ୟକାରୀ କରାଯାଉଛି ତାହା ଦେଖିବାକୁ ହେବ ବୋଲି ପଞ୍ଚମ ଇଣ୍ଡିଆ ଇକୋନୋମିକ କନକ୍ଲେଭ ଅବସରରେ ସୁବ୍ରମଣ୍ୟନ ଏହା କହିଛନ୍ତି। ଆର୍‌ବିଆଇର ସ୍ୱାୟତ୍ତତା ବଜାୟ ତଥା ସୁନାମ କ୍ଷେତ୍ରରେ ଭଲ ଟ୍ରାକ ରେକର୍ଡ ରହିଛି। ଏହାର ଗଭର୍ନାନ୍ସ ସିଷ୍ଟମ ମଧ୍ୟ ସ୍ୱଚ୍ଛ ତଥା ପବିତ୍ର ବୋଲି ସେ ପ୍ରକାଶ କରିଛନ୍ତି। ଉର୍ଜିତ ପଟେଲଙ୍କ ସମୟରେ ପିସିଏ, ଏନ୍‌ବିଏଫସି ଏବଂ ଘରୋଇ ବ୍ୟାଙ୍କଗୁଡ଼ିକର ବିଭିନ୍ନ ପ୍ରସଙ୍ଗକୁ ଆର୍‌ବିଆଇ ଭଲ ଭାବେ ସମାଧାନ କରିପାରିଥିଲା ବୋଲି ସେ କହିଛନ୍ତି।

## ନୀତି ଉପରେ ଚାପର ପ୍ରତିଫଳନ ଉର୍ଜିତଙ୍କ ଇସ୍ତଫା: ଫିଚ୍

ଗଭର୍ନର ଉର୍ଜିତ ପଟେଲଙ୍କ ଇସ୍ତଫା କେନ୍ଦ୍ରୀୟ ବ୍ୟାଙ୍କ ନୀତି ଉପରେ ଚାପର ପ୍ରତିଫଳନ ବୋଲି ଫିଚ୍ ରେଟିଂ ବୁଧବାର କହିଛି। ସେହିଭଳି ଆର୍‌ବିଆଇ ଉପରେ କେନ୍ଦ୍ରୀୟ ବ୍ୟାଙ୍କର ଚାପ ବଢୁଥିବା ଏହା ପ୍ରକାଶ କରିଛି। ସରକାରଙ୍କ ହସ୍ତକ୍ଷେପ ବଢିଥିବାରୁ ଏନ୍‌ପିଏ ସମସ୍ୟା ଉପରେ ଆର୍‌ବିଆଇ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ପ୍ରଭାବ ପଡିବ ପଡିପାରେ। ଧାର୍ଯ୍ୟ କାର୍ଯ୍ୟକାଳର ୯ ମାସ ଆଗରୁ ଉର୍ଜିତ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଏନ୍‌ପିଏ ନିୟନ୍ତ୍ରଣ ଏବଂ ମୁଦ୍ରାସ୍ଫୀତି ଲକ୍ଷ୍ୟ ହାସଲ ଦିଗରେ ଆର୍‌ବିଆଇ ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଦେଶର ଅର୍ଥନୈତିକ ପରିବେଶକୁ ସ୍ଥିତାବସ୍ଥାକୁ ଆଣିବାରେ ସହାୟତା କରିବ। ଏ ଦିଗରେ ସରକାର ହସ୍ତକ୍ଷେପ କରିଲେ ଆର୍‌ବିଆଇ କାର୍ଯ୍ୟଶୈଳୀରେ ବାଧା ଆସିବ ବୋଲି ଫିଚ୍ କହିଛି। ନୂଆ ଗଭର୍ନର ଶକ୍ତିକାନ୍ତ ଏଭଳି ସମସ୍ୟା ସମାଧାନ ଦିଗରେ କ'ଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଛି। ଯେଉଁ ନୀତିଗତ ଲଢେଇ ଲାଗି ଉର୍ଜିତ ଇସ୍ତଫା ଦେଲେ ସେହି ପ୍ରସଙ୍ଗକୁ ଆର୍‌ବିଆଇ କେମିତି ଠିକ୍ କରୁଛି ତାହା ମଧ୍ୟ ଦେଖିବାକୁ ହେବ। କେନ୍ଦ୍ରୀୟ ବ୍ୟାଙ୍କର ପକ୍ଷ ପରିବର୍ତ୍ତନ ହୋଇ ନ ପାରେ ବୋଲି ଫିଚ୍ କହିଛି।

## ୧୨,୦୦୦ କୋଟିର ଜିଏସ୍‌ଟି ଠକେଇ

**ନୂଆଦିଲ୍ଲୀ,୧୨-୧୨**




ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ଦେଶରେ ୧୨,୦୦୦ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଠକେଇ ସାମ୍ନାକୁ ଆସିଛି। ଆଠ ମାସ ମଧ୍ୟରେ ସରକାର ଏହି ଠକେଇ ମାମଲାଗୁଡ଼ିକୁ ଧରିବାରେ ସକ୍ଷମ ହୋଇଛନ୍ତି ବୋଲି ବୁଧବାର କେନ୍ଦ୍ରୀୟ ପରୋକ୍ଷ ଏବଂ ସୀମା ଟିକସ ବୋର୍ଡ (ସିବିଆଇସି)ର ସଦସ୍ୟ ଜନ ଯୋଶେଫ ସୂଚନା ଦେଇଛନ୍ତି। ଇ-ୱେ ବିଲ୍ ବ୍ୟବସ୍ଥା ସତ୍ତ୍ୱେ ଲୋକମାନେ ଟିକସ ଫାଙ୍କିବାକୁ ସକ୍ଷମ ହେଉଥିବା ସେ କହିଛନ୍ତି। ଅନୁପାଳନ ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିବାର ଆବଶ୍ୟକତା ରହିଥିବା ସେ ମତ ରଖିଛନ୍ତି।

ସରକାର ଚଳିତ ବର୍ଷ ଏପ୍ରିଲ ମାସ ପରେ ଠକେଇ ରୋକିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ। ଏଭଳି ଠକେଇ ପୂର୍ବରୁ ଏତେଟା ହେଉ ନ ଥିବା ବେଳେ କିଛି ବ୍ୟକ୍ତି ବାହାର ଲୋକଙ୍କ ସହାୟତା ନେଇ ଟିକସ ଫାଙ୍କୁଥିବା ଆସୋଚାମର ଏକ କାର୍ଯ୍ୟକ୍ରମରେ ଯୋଶେଫ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସିବିଆଇସି ପକ୍ଷରୁ ୮,୦୦୦ କୋଟି ଟଙ୍କାର ଜିଏସ୍‌ଟି ଠକେଇ ଅର୍ଥକୁ ସଂଗ୍ରହ କରିବା ଲାଗି ପଦକ୍ଷେପ ନିଆଯାଇଛି। ୨୦୧୭ ଜୁଲାଇରେ ଜିଏସଟି ଲାଗୁ କରିବା ପରେ କାର୍ଯ୍ୟାନୁଷ୍ଠାନକୁ ହଠାତ କଡାକଡି ନ କରିବାକୁ ସରକାର ଚାହିଁଥିଲେ। ମୋଟ ୧.୨ କୋଟି ଟିକସଦାତାଙ୍କ ମଧ୍ୟରୁ ୫ରୁ ୧୦% ଲୋକ ଟିକସ ଫାଙ୍କୁଥିବା ଜଣା ପଡିଛି। ଏଣୁ ଅନୁପାଳନ ଧାରାକୁ କଡ଼ାକଡ଼ି କରାଯିବାର ଆବଶ୍ୟକତା ରହିଥିବା ସେ ଗୁରୁତ୍ୱାରୋପ କରିଛନ୍ତି।

## ୬୩୦ ପଏଣ୍ଟ ବଢ଼ିଲା ସେନସେକ୍ସ



**ବମ୍ବେ,୧୨-୧୨**

କ୍ରମାଗତ ଭାବେ ଦ୍ୱିତୀୟ ଦିନ ପାଇଁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସେନସେକ୍ସ ସୂଚକାଙ୍କ ଉର୍ଦ୍ଧ୍ୱମୁଖୀ ରହିଛି। ସରକାର ଶକ୍ତିକାନ୍ତ ଦାସଙ୍କୁ ନୂଆ ଗଭର୍ନର ଭାବେ ନିଯୁକ୍ତ କରିବା ପରେ ବୁଧବାର ଶେୟାର ବଜାରରେ ନିବେଶକଙ୍କ ଉତ୍ସାହ ପରିଲକ୍ଷିତ ହୋଇଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ୬୨୯.୦୬ ପଏଣ୍ଟ (୧.୭୯%) ବୃଦ୍ଧି ଘଟି ୩୫,୭୭୯.୦୭ ପଏଣ୍ଟରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିର କାରବାର ୧୮୮.୪୫ ଏପଣ୍ଟ (୧.୭୯%) ବୃଦ୍ଧି ଘଟି ୧୦,୭୩୭.୬୦ରେ କାରବାର ବନ୍ଦ ହୋଇଛି। ୩୦ ଷ୍ଟକ ବିଶିଷ୍ଟ ସେନସେକ୍ସର ସବୁ ଷ୍ଟକ ଭଲ କାରବାର କରିଥିବା ଜଣାପଡିଛି। ଏହି ସମୟରେ ଅଟୋ, ରିୟଲିଟି, ମେଟାଲ, କ୍ୟାପିଟାଲଗୁଡ୍‌ସ କ୍ଷେତ୍ରର ଶେୟାର କାରବାର ଭଲ ରହିଛି।


भारतीय प्रौद्योगिकी संस्थान भुवनेश्वर
**INDIAN INSTITUTE OF TECHNOLOGY BHUBANESWAR**
At: Argul, Post: Jatni, Khurda, Odisha, Pin: 752050

**NOTICE INVITING TENDER**

Sealed Tenders in prescribed format are invited from reputed agencies who have experience in successfully preparing and decorating the venue for meeting of VVIPs of Government of India hosted by Government, PSUs and Government Autonomous body.

| Sl. No. | Name of work | Estimated cost (in Rs.) | Tender Fee (in Rs.) | EMD (in Rs.) | Last date and time of receipt of tender | Date and time of opening of tender | Time period of completion of work |
|---|---|---|---|---|---|---|---|
| 1. | Providing temporary structures including decorations for visit of VVIPs of Government of India (Civil & Electrical works) | 55,00,000/- | 1,000/- | 1,10,000/- | 17.12.2018 upto 2.00 P.M | 17.12.2018 at 2.30 P.M | 05 days |

The details of tender with terms and conditions are available in IIT Bhubaneswar website **www.iitbbs.ac.in** **Sd/- Superintending Engineer**

## Government of Odisha "e" Procurement Notice No-06

**No.39-B:-** **PH. No. 06645-271179, E-mail Id: eenhjsg@gmail.com**

**Identification No. 06/2018-19**

| Pkg. No. | Name of the work | Estimated cost (In R. Lakhs) | Period of completion (in calendar months) | Last date/ Time for receipt of bids | Date of opening of tender | Name and address of the officer inviting tender |
|---|---|---|---|---|---|---|
| 01 | S/R Such as Improvement with Widening and Strengthening of Kisan Chowk at 268/500 Km of N.H-49 for the year 2018-19 | 47.90 | 03 (Three) | 29.12.2018 upto 17.00 hours | 31.12.2018 at 11.30 hours | Executive Engineer, N.H. Division, Kali Mandir Road, Jharsuguda-768202 |

02. Bid documents will be available in website www.tendersodisha.gov.in from 15.12.2018 to 29.12.2018 for online bidding.
03. Further details can be seen from the "e" procurement website www.tendersodisha.gov.in with effect from 15.12.2018.
04. Corrigendum if required shall be available only in the aforesaid website.

**Sd./- Executive Engineer**
**N.H. Division, Jharsuguda**

**34020/11/0003/1819**

## District Rural Development Agency, Nuapada

**Notice No. 3149** **Date: 11.12.2018**

DRDA, Nuapada invites "Tender for Supply & Installation of Permanent Hoarding Structure under Rural Housing Scheme", from reputed/registered suppliers/ firms/agencies through two bid system. Last date for purchase/download of Tender documents is 26.12.2018 at 5.00 PM, last date for submission of Tender is 27.12.2018 upto 4.00 PM and Technical Bid will be opened on 27.12.2018 at 4.30 PM & Financial Bid will be opened on same day ie., 27.12.2018 at 5.00 PM.

Detailed Tender documents either can be purchased from the office of Project Director, DRDA, Nuapada, between 11.00 AM to 5.00 PM on any working days during the notice period or can be downloaded from district website www.nuapada.nic.in.

**Sd./- Project Director, DRDA, Nuapada**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE

**TENDER CALL NOTICE**

Tender Call Notice No. 15567 Date: 12.12.2018

Sealed tenders are hereby invited from reputed firm / supplier / Agency having valid PAN card and GST registration certificate for supply of hired vehicles on day call basis for the district and block offices under NHM/H&FW Dept. of Balasore district only through registered or Speed Post only. The envelope must be superscribed with "Tender for Hired Vehicle on day call basis". The interested agencies may download the tender application documents including terms and conditions from the district website www.balesore.nic.in. The last date of receipt of the sealed envelope containing tender application by the office of the undersigned is Dt.21.12.2018 upto 5.00PM and will be opened on Dt.22.12.2018 at 11.00AM. The authority reserves every right to accept or cancel any or all the tender applications without assigning any reason thereof.

***Sd./- CDM&PHO, Balasore***

No.937-A

## Government of Odisha
## Department of Water Resources
## NOTICE

**Simplified Procedure on Water Allocation and Payment for use of water by industrial, commercial & other establishments.**

It is hereby brought to the notice of all industrial, commercial & other establishments requiring water allocation that the application for water allocation, henceforth, shall be received on-line only. The applicant has to apply on 'GO SWIFT' (Government of Odisha Single Window for Investor Facilitation and Tracking) portal. The Processing fee and Security Deposit shall have to be paid online. Under no circumstances the application shall be received off-line. The allocation order from the Government when made shall also be intimated on-line.

Besides, it is for the notice of all the industrial, commercial & other establishments using water that they have to get registered in the NIC website "IWCRCM" (Industrial Water Consumption and Revenue Collection Monitoring) portal (www.industrialwaterod.nic.in) and have to make their payment on-line against the on-line generated bills. No off-line payment shall be received henceforth.

Above portals are also available in the website of Department of Water Resources, Govt. of Odisha(www.dowrodisha.gov.in). For further information and clarification if any, the applicant(s) may contact the Executive Engineer of the nearest Water Resources Division or the Chief Engineer, Water Services, Secha Sadan, Kesari Nagar, Bhubaneswar-1.

**Chief Engineer, Water Services**
**Department of Water Resources**

**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**

## ବିଜ୍ଞପ୍ତି

**ଶିଳ୍ପ ଓ ବାଣିଜ୍ୟିକ ଉଦ୍ଦେଶ୍ୟରେ ଜଳ ଆବଣ୍ଟନ ତଥା ଦେୟର ସରଳୀକରଣ ପ୍ରକ୍ରିୟା**

ଏତଦ୍ୱାରା ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏଣିକି ଜଳ ଆବଣ୍ଟନ ପାଇଁ ଦରଖାସ୍ତ ଅନ୍‌ଲାଇନରେ ଗ୍ରହଣ କରିବା ନିମିତ୍ତ ବ୍ୟବସ୍ଥା କରାଯାଇଛି। ଦରଖାସ୍ତକାରୀ ସଂସ୍ଥାମାନଙ୍କୁ "Go Swift" (Government of Odisha - Single Window for Investor Facilitation and Tracking) ପୋର୍ଟାଲ ମାଧ୍ୟମରେ ଅନ୍‌ଲାଇନରେ ଦରଖାସ୍ତ କରିବାକୁ ହେବ। ଉକ୍ତ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ ଫି (Processing fee) ଏବଂ ଅମାନତ ଜମା (Security Deposit) ଦାଖଲ କରିବେ। ଅଫ୍‌ଲାଇନରେ କୌଣସି ପରିସ୍ଥିତିରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ। ଉକ୍ତ ସଂସ୍ଥାମାନଙ୍କୁ ଜଳ ଆବଣ୍ଟନ ପତ୍ର ଅନ୍‌ଲାଇନରେ ଜଣାଇ ଦିଆଯିବ। ଏତଦ୍‌ବ୍ୟତୀତ ସମସ୍ତ ଜଳ ବ୍ୟବହାରକାରୀ ଶିଳ୍ପ, ବାଣିଜ୍ୟ ସଂଗଠନ ଏବଂ ଅନ୍ୟ ସଂସ୍ଥାମାନଙ୍କୁ ସୂଚାଇ ଦିଆଯାଉଛି ଯେ ଏଣିକି ସେମାନେ NIC ୱେବ୍‌ସାଇଟ୍ IWCRCM (Industrial Water Consumption and Revenue Collection Monitoring) ପୋର୍ଟାଲ (www.industrialwaterod.nic.in) ଜରିଆରେ ପଞ୍ଜୀକୃତ କରିବେ ଏବଂ ଧାର୍ଯ୍ୟ ଦେୟ ଅନ୍‌ଲାଇନ ମାଧ୍ୟମରେ ପୈଠ କରିବେ। ଏଣିକି ଉକ୍ତ ସଂସ୍ଥାମାନଙ୍କ ଠାରୁ ଅଫ୍‌ଲାଇନ ମାଧ୍ୟମରେ ଦେୟ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ପୋର୍ଟାଲ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ରେ (www.dowrodisha.gov.in) ମଧ୍ୟ ଉପଲବ୍ଧ। ସବିଶେଷ ବିବରଣୀ ଏବଂ ସୂଚନା ପାଇଁ ନିକଟସ୍ଥ ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ କିମ୍ବା ମୁଖ୍ୟ ଯନ୍ତ୍ରୀ, ଜଳସେବା, ସେଚସଦନ, କେଶରୀନଗର, ଭୁବନେଶ୍ୱର-୧ ସହିତ ଯୋଗାଯୋଗ କରିପାରିବେ।

32031/11/0006/1819 **ମୁଖ୍ୟଯନ୍ତ୍ରୀ, ଜଳସେବା, ଜଳସମ୍ପଦ ବିଭାଗ**

## ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

**ବିଜ୍ଞାପନ ନଂ ୫୦ ତା-୦୭।୧୨।୨୦୧୮ ରିଖ**

**୨୦୧୮-୧୯ ଖରିଫ ଋତୁରେ ଧାନ ବିକ୍ରୟ ନିମନ୍ତେ ଚାଷୀ ଭାଇମାନଙ୍କ ପାଇଁ ବିଶେଷ ସୂଚନା**

ଏତଦ୍ୱାରା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ସମସ୍ତ ସେବା ସମବାୟ ସମିତିମାନଙ୍କରେ ନାମ ପଞ୍ଜୀକୃତ କରିଥିବା ସମସ୍ତ ଚାଷୀଭାଇଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଚଳିତ ୨୦୧୮-୧୯ ଖରିଫ ବର୍ଷରେ ରାଜ୍ୟ ସରକାରଙ୍କ ତରଫରୁ ଜିଲ୍ଲାର ସମସ୍ତ ୧୦୮ ଗୋଟି ସେବା ସମବାୟ ସମିତି ମାଧ୍ୟମରେ ଚଳିତ ଡିସେମ୍ବର ମାସ ୧୦ ତାରିଖଠାରୁ ପଞ୍ଜୀକୃତ ଚାଷୀମାନଙ୍କଠାରୁ ସିଧାସଳଖ ଧାନ କ୍ରୟ ଆରମ୍ଭ ହେବ। ଚାଷୀଭାଇମାନେ ନିଜ ଅଞ୍ଚଳର ଥିବା ସେବା ସମବାୟ ସମିତିର ସମ୍ପାଦକ ଓ ଧାନ କ୍ରୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ନିଜ ନିଜର ବଳକା ଧାନ ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ସହାୟକ ମୂଲ୍ୟରେ ବିକ୍ରୟ କରିପାରିବେ।

ଚାଷୀଭାଇମାନେ ସେମାନଙ୍କର ବଳକା ଓ ବିକ୍ରୟ ଯୋଗ୍ୟ ଧାନକୁ ଭଲଭାବରେ ସୁଖାଇ, ସଫାସୁତୁରା ଓ ବ୍ୟବସାୟ ଉପଯୋଗୀ କରି ଭୋଟର ପରିଚୟ ପତ୍ର, କିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡଗୁଡ଼ିକୁ ପରିଚୟ ପତ୍ର ଭାବରେ ବ୍ୟବହାର କରି ସକାଳ ୮ ଘଟିକାଠାରୁ ଅପରାହ୍ନ ୨ଘଟିକା ମଧ୍ୟରେ ସମସ୍ତ କାର୍ଯ୍ୟ ଦିବସମାନଙ୍କରେ ଧାନ କ୍ରୟ କେନ୍ଦ୍ରକୁ ଧାନ ବିକ୍ରୟ କରିବା ପାଇଁ ଆଣିପାରିବେ। ଧାନ କ୍ରୟ ପୂର୍ବରୁ ଚାଷୀଭାଇମାନେ ସମବାୟ ସମିତିର ଅଗ୍ରିମ ଟୋକନ ସଂଗ୍ରହ କରିବାକୁ ଅନୁରୋଧ। ସମସ୍ତ ସରକାରୀ ଛୁଟି ଦିବସରେ ଧାନ କ୍ରୟ କେନ୍ଦ୍ର ବନ୍ଦ ରହିବ।

**ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

ସରକାରଙ୍କ ଦ୍ୱାରା ଚଳିତ ୨୦୧୮-୧୯ ଖରିଫ ବିପଣନ ବର୍ଷ ପାଇଁ ଧାନର ନିର୍ଦ୍ଧାରିତ ସହାୟକ ମୂଲ୍ୟ ନିମ୍ନରେ ପ୍ରଦାନ କରାଗଲା।

| | |
|---|---|
| ସାଧାରଣ କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି- ଟ ୧୭୫୦/- ଙ୍କା |
| ଗ୍ରେଡ୍ 'ଏ' କିସମ ଧାନ (ଏଫ୍.ଏ.କ୍ୟୁ.) | କ୍ୱିଣ୍ଟାଲ ପ୍ରତି- ଟ ୧୭୭୦/- ଙ୍କା |

**ଧାନର ଗୁଣାତ୍ମକ ମାନ**

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମ ହୋଇଥିବା ଆବଶ୍ୟକ।

| କ୍ର. ସଂ. | ଧାନରେ ମିଶ୍ରିତ ଓ ବାହ୍ୟପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | (କ) ବାଲି, ମା ଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧% |
| | (ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ପଦର୍ଥ | ୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା ଇତ୍ୟାଦି (ଖରାପ, ପାଣିଫୁଲା, ପୋକା ଇତ୍ୟାଦି ସର୍ବାଧିକ ୪% ମଧ୍ୟରେ ସୀମିତ ଥିବା ଦରକାର) | ୫% |
| ୩. | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

ପଞ୍ଜୀକୃତ ଚାଷୀମାନଙ୍କଠାରୁ କେବଳ ଏଫ୍.ଏ.କ୍ୟୁ. ମାନର ଧାନ କ୍ରୟ କରାଯିବ। ଧାନ ବିକ୍ରିର ଅର୍ଥ ସିଧାସଳଖ ପି.ପାସ୍ ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩ ଦିନରୁ ସର୍ବାଧିକ ୭ ଦିନ ମଧ୍ୟରେ ଜମା ହୋଇଯିବ। ସେଥିପାଇଁ ଚାଷୀମାନେ ବ୍ୟାଙ୍କ ପାସ୍‌ବହିର ନକଲ ସାଙ୍ଗରେ ଆଣିବାକୁ ଅନୁରୋଧ। ଚାଷୀଭାଇମାନେ ଧାନକ୍ରୟ ସମ୍ବନ୍ଧୀୟ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିମ୍ନୋକ୍ତ ଫୋନ ନମ୍ବରଗୁଡ଼ିକରେ ଯୋଗାଯୋଗ କରିପାରିବେ।

| | |
|---|---|
| ଜିଲ୍ଲା ଯୋଗାଣ ଅଫିସ୍ କଣ୍ଟ୍ରୋଲ ରୁମ୍ | ୦୬୭୮୪-୨୫୦୫୨୬ |
| ଜିଲ୍ଲା ଯୋଗାଣ ଅଧିକାରୀ, ଭଦ୍ରକ | ୯୪୩୮୨୦୦୦୩୪ |
| ଉପନିବନ୍ଧକ, ସମବାୟ ବିଭାଗ, ବାଲେଶ୍ୱର | ୦୬୭୮୨-୨୬୨୨୩୮ |
| ସହକାରୀ ନିବନ୍ଧକ, ସମବାୟ ବିଭାଗ, ଭଦ୍ରକ | ୦୬୭୮୪-୨୪୦୫୩୯, ୯୪୩୯୩୦୧୬୮୩ |
| ଜୋନାଲ ଅଫିସ୍‌ର କେନ୍ଦ୍ର ସମବାୟ ବ୍ୟାଙ୍କ | ୯୪୩୭୩୬୩୭୨୨ |
| ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ | ୭୦୦୮୩୦୬୨୪୨ |

ଅଧିକ ସବିଶେଷ ବିବରଣୀ ପାଇଁ ନିକଟସ୍ଥ ସମବାୟ ସମିତିର ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

**ସ୍ୱା./- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ**
**ସ୍ୱା./- ଉପଜିଲ୍ଲାପାଳ, ଭଦ୍ରକ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୟପୁର

**ବିଜ୍ଞାପନ ସଂଖ୍ୟା: ୪୨୪୦** **ତା: ୧୧।୧୨।୨୦୧୮**

**ବିଜ୍ଞାପନ**

ଜୟପୁର ପଞ୍ଚାୟତ ସମିତି ଅନ୍ତର୍ଗତ କୁମୁଲିପୁଟ ଓ ଧନପୁର ଗ୍ରାମପଞ୍ଚାୟତ ପାଇଁ ଯୋଗାଣ ସହାୟକ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏହି ପଦବୀ ସମ୍ପୂର୍ଣ୍ଣ ଭାବେ ଅସ୍ଥାୟୀ ଅଟେ ଏବଂ ପ୍ରାର୍ଥୀ ନିଜ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ/ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଧୀନରେ କାର୍ଯ୍ୟ କରିବେ। ଏହି ପଦବୀ ନିମନ୍ତେ ପ୍ରାର୍ଥୀ ମାସିକ ଟ.୫୦୦୦/-ରୁ ଟ.୬୦୦୦/- ପର୍ଯ୍ୟନ୍ତ ଗ୍ରାମପଞ୍ଚାୟତ ପି.ଡି.ଏସ୍. ପାଣ୍ଠିରୁ ପାରିତୋଷିକ ପାଇବେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଜ କ୍ଷମତା ବ୍ୟବହାର କରି ଯେ କୌଣସି ସମୟରେ ବିନା କାରଣ ଦର୍ଶାଇ କାର୍ଯ୍ୟରୁ ବହିଷ୍କାର /ଅନ୍ତର କରିପାରିବେ। ଏହି ପଦବୀ ପାଇଁ ଆବେଦନ କରିବା ନିମନ୍ତେ ପ୍ରାର୍ଥୀ ନିମ୍ନ ସର୍ତ୍ତାବଳୀ ପୂରଣ କରୁଥିବା ଆବଶ୍ୟକ।

୧. ପ୍ରାର୍ଥୀ ଦଶମ/ ମାଟ୍ରିକୁଲେସନ ପାସ୍ କରିଥିବେ।
୨. ପ୍ରାର୍ଥୀ ଯେଉଁ ପଞ୍ଚାୟତ ପାଇଁ ଆବେଦନ କରିବେ ସେହି ଗ୍ରାମପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବା ଦରକାର।
୩. ପ୍ରାର୍ଥୀଙ୍କ ବୟସ ତା୦୧।୧୨।୨୦୧୮ ରିଖ ସୁଦ୍ଧା ୨୧ ବର୍ଷରୁ ୩୫ ବର୍ଷ ମଧ୍ୟରେ ହେବା ଆବଶ୍ୟକ। (ଅଭିଜ୍ଞ ବିକ୍ରେତାଙ୍କ କ୍ଷେତ୍ରରେ ବୟସ ଅଧିକ ୧୦ ବର୍ଷ କୋହଳ କରାଯିବ- ୪୫ ବର୍ଷ ପର୍ଯ୍ୟନ୍ତ)

ଇଚ୍ଛୁକ ପ୍ରାର୍ଥୀ ନିଜର ସମ୍ପୂର୍ଣ୍ଣ ବାୟୋଡାଟା ସହ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର/ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର/ ଅଭିଜ୍ଞତା ପ୍ରମାଣପତ୍ର (ଯଦି ଥିବ) / ଦୁଇଟି ରଙ୍ଗିନ ପାସ୍‌ପୋର୍ଟ ଫଟୋ ଆସନ୍ତା ତା୨୬।୧୨।୧୮ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ରେଜେଷ୍ଟ୍ରୀ ପୋଷ୍ଟ ଯୋଗେ ଆବେଦନ କରିପାରିବେ। ଉକ୍ତ ସମୟ ପରେ କୌଣସି ଆବେଦନକୁ ବିଚାରକୁ ନିଆଯିବ ନାହିଁ।

**ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜୟପୁର**


See Career Appointment on every Wednesday & Saturday

# ଆର୍ଜେଣ୍ଟିନାର ବିଦାୟ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରୁ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାର ଅଭିଯାନ ଶେଷ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିଶ୍ୱକପ୍‌ର ବୁଧବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ବିଶ୍ୱର ୭ ନମ୍ବର ଦଳ ଇଂଲଣ୍ଡ ୨ ନମ୍ବର ଆର୍ଜେଣ୍ଟିନାକୁ ହରାଇ ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଛି। ୧୯୮୬ ବିଶ୍ୱକପ ରୌପ୍ୟ ପଦକ ବିଜେତା ଇଂଲଣ୍ଡ କ୍ରମାଗତ ତୃତୀୟ ଏବଂ ମୋଟ ୪ର୍ଥ ଥରପାଇଁ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ପାଇଛି। ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ମଧ୍ୟ ଦଳ ସେମିଫାଇନାଲ ଖେଳି ହାରି ଯାଇଥିଲା। ଫଳରେ ୨ଟିଯାକ ଥର ଦଳକୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ୨୦୧୦ରେ ଇଂଲଣ୍ଡ ସେମିଫାଇନାଲରେ ଜର୍ମାନୀଠାରୁ ୧-୪ ଗୋଲରେ ହାରିଥିବାବେଳେ ବ୍ରୋଞ୍ଜ ପଦକ ମୁକାବିଲାରେ ନେଦରଲାଣ୍ଡସଠାରୁ ୩-୪ ଗୋଲରେ ପରାଜିତ ହୋଇଥିଲା। ସେହିପରି ୨୦୧୪ ବିଶ୍ୱକପରେ ଦଳ ୦-୧ ଗୋଲରେ ନେଦରଲାଣ୍ଡସଠାରୁ ହାରିଥିବାବେଳେ ବ୍ରୋଞ୍ଜ ପଦକ ମ୍ୟାଚରେ ଆର୍ଜେଣ୍ଟିନାଠାରୁ ୦-୨ ଗୋଲରେ ପରାସ୍ତ ହୋଇଥିଲା। ଏଥର ଦଳ ଆର୍ଜେଣ୍ଟିନାଠାରୁ ମଧୁର ପ୍ରତିଶୋଧ ନେବାସହ ସେମିଫାଇନାଲରେ ପ୍ରବେଶ କରିଥିବାରୁ ପୂର୍ବ ୨ ସଂସ୍କରଣ ବାଧା ଅତିକ୍ରମ କରିବା ଲକ୍ଷ୍ୟରେ ରହିଛି।

ଆର୍ଜେଣ୍ଟିନାକୁ କଡ଼ା ଟକ୍କର ଦେଇ ବିପର୍ଯ୍ୟୟ ଘଟାଇଥିଲା ଇଂଲଣ୍ଡ। ଆରମ୍ଭରୁ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ସାମ୍ପ୍ରତିକ ଫର୍ମକୁ ନେଇ ଆର୍ଜେଣ୍ଟିନା ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ ହେଁ ପ୍ରଥମ କ୍ୱାର୍ଟରରେ ବାଟ ଛାଡ଼ି ନ ଥିଲା ଇଂଲଣ୍ଡ। ଦ୍ୱିତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜୋରଦାର ହୋଇଥିଲା। ମ୍ୟାଚର ୧୭ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ୨ ନମ୍ବର ଖେଳାଳି ଗୋଞ୍ଜାଲୋ ପିଲାଟ ଗୋଲରେ ପରିଣତ କରି ଆର୍ଜେଣ୍ଟିନାକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଇଂଲଣ୍ଡ ଗୋଲ ପରିଶୋଧ ପାଇଁ ପୂରା ଦମ୍ ଲଗାଇ ଦେଇଥିଲା। ୨୭ତମ ମିନିଟରେ ଆର୍ଜେଣ୍ଟିନାର ରକ୍ଷଣଭାଗକୁ ଭେଦକରି ଇଂଲଣ୍ଡର ବାରି ମିଡିଲଟନ ଗୋଲଟିକୁ ପରିଶୋଧ କରି ଦେଇଥିଲେ। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ମ୍ୟାଚ ୧-୧ ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ସ୍ୱାଭାବିକଭାବେ ଅଧିକ ସଂଘର୍ଷପୂର୍ଣ୍ଣ ରହିଥିଲା। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଅଳ୍ପକିଛି କ୍ଷଣ ଥିବାବେଳେ ଇଂଲଣ୍ଡର ୱିଲ୍ କାଲକାନ୍ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରି ଦେଇଥିଲେ। ୪ର୍ଥ କ୍ୱାର୍ଟରରେ ଲଢ଼େଇ ଜୋରଦାର ହୋଇଥିଲା ୪୭ତମ ମିନିଟରେ ଆର୍ଜେଣ୍ଟିନାକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା। ଦ୍ୱିତୀୟ ପେନାଲ୍ଟି କର୍ନର କନଭର୍ସନ ସମୟରେ ଗୋଲକିପରଙ୍କ ଆଚରଣକୁ ବିରୋଧ କରି ଆର୍ଜେଣ୍ଟିନା ପେନାଲ୍ଟି ଷ୍ଟ୍ରୋକ୍ ଦାବି କରିଥିଲା। ମାତ୍ର ରେଫରାଲରେ ତାହା ନାକଚ ହୋଇ ଯାଇଥିଲା। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ପିଲାଟ ଗୋଲରେ ପରିଣତ କରିଥିଲେ ହେଁ ଆର୍ଜେଣ୍ଟିନାର ଏହି ଖୁସି ବେଶି ସମୟ ତିଷ୍ଠି ନ ଥିଲା। ୪୯ତମ ମିନିଟରେ ଡେଭିଡ୍ ଆମିଜ୍ ଏକ ଫିଲ୍ଡ ଗୋଲ ଦେଇ ପୁଣି ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ଶେଷ ୧୦ ମିନିଟ ଖେଳରେ ଉତ୍ତେଜନା ବଢ଼ିଥିଲା। ଆର୍ଜେଣ୍ଟିନାର ଏକାଧିକ ଉଦ୍ୟମକୁ ପଣ୍ଡକରି ଇଂଲଣ୍ଡ ଗୋଲକିପର ଜର୍ଜ ପିନେର ବିଭିନ୍ନ ଇଙ୍ଗିତ କରୁଥିବା ଦେଖା ଯାଇଥିଲା। ଶେଷ ୫ ମିନିଟ ଆର୍ଜେଣ୍ଟିନା ଗୋଲପୋଷ୍ଟ ଛାଡ଼ି ଅଲ୍‌ଆଉଟ ଖେଳିଥିଲା। ସମସ୍ତ ଖେଳାଳି ଆକ୍ରମଣରେ ଲାଗି ଯାଇଥିଲେ। ମାତ୍ର ଇଂଲଣ୍ଡ ଏହାର ରକ୍ଷଣଭାଗକୁ ଦୃଢ଼ କରି ଏକାଧିକ ବିପର୍ଯ୍ୟୟରୁ ରକ୍ଷା ପାଇ ଯାଇଥିଲା। ବିଶୃଙ୍ଖଳିତ ଆଚରଣ ପାଇଁ ୫୭ତମ ମିନିଟରେ ଆର୍ଜେଣ୍ଟିନାର ଅଗଷ୍ଟିନ ମାଜିଲ ଓ ଇଗ୍ନାସିଓ ଓରିଜଙ୍କୁ ରେଫରି ହଳଦିଆ କାର୍ଡ ଦେଖାଇ ପଡ଼ିଆରୁ ବାହାର କରିଥିଲେ। ସେହିପରି ୬୦ତମ ମିନିଟରେ ଇଂଲଣ୍ଡର ରୋପର ଫିଲ୍‌ଙ୍କୁ ହଳଦିଆ କାର୍ଡ ମିଳିଥିଲା। ମ୍ୟାଚ ଶେଷ ହେବାକୁ ଅଳ୍ପକିଛି କ୍ଷଣ ବାକିଥିବାବେଳେ ଆର୍ଜେଣ୍ଟିନାର ଜୁଆନ ଲୋପେଜ ମାରିଥିବା ଶଟ୍ ଇଂଲଣ୍ଡ ଗୋଲପୋଷ୍ଟ ବାର୍‌ରେ ବାଜି ବାହାରକୁ ଚାଲି ଯାଇଥିଲା। ଏଥିସହ ଆର୍ଜେଣ୍ଟିନା ମଧ୍ୟ ଟୁର୍ନାମେଣ୍ଟରୁ ବାହାରି ଯାଇଥିଲା। ଓଭରଅଲ୍ ଦେଖିବାକୁ ଗଲେ ବଲ୍ ୪୭.୭୫% ଆର୍ଜେଣ୍ଟିନା ଓ ୫୨.୨୫ % ଇଂଲଣ୍ଡ ନିୟନ୍ତ୍ରଣରେ ରହିଥିଲା। ସର୍କଲ ଏଣ୍ଟ୍ରିରେ ମଧ୍ୟ ଇଂଲଣ୍ଡ ଆଗରେ ରହିଥିଲା। ଆର୍ଜେଣ୍ଟିନାର ୧୫ଥର ତୁଳନାରେ ଇଂଲଣ୍ଡ ୧୯ ଥର ପ୍ରତିପକ୍ଷ ସର୍କଲ ଏଣ୍ଟ୍ରି କରିଥିଲା। ଆର୍ଜେଣ୍ଟିନାକୁ ମୋଟ ୫ଟି ଓ ଇଂଲଣ୍ଡକୁ ୪ଟି ପେନାଲ୍ଟି କର୍ନର ମିଳିଥିଲା। ଏଥିରୁ ଆର୍ଜେଣ୍ଟିନା ୨ଟିକୁ ଗୋଲରେ ପରିଣତ କରିଥିବାବେଳେ ଇଂଲଣ୍ଡ ସୁଯୋଗର ଆଦୌ ସଦ୍‌ବ୍ୟବହାର କରିପାରି ନ ଥିଲା। ତେବେ ୩ଟି ଫିଲ୍ଡ ଗୋଲ ଦଳକୁ ସେମିଫାଇନାଲକୁ ନେଇ ଯାଇଥିଲା।

ଅର୍ଜୁନ ପୁରସ୍କାରପ୍ରାପ୍ତ ଆଥଲେଟ୍ ମୀନତି ମହାପାତ୍ର ଓ ଭାରତରେ ଅବସ୍ଥାପିତ ଆର୍ଜେଣ୍ଟିନା ରାଷ୍ଟ୍ରଦୂତ ଡାନିଏଲ ଚୁବୁରୁ ଖେଳାଳିଙ୍କ ସହ ପରିଚିତ ହୋଇ ମ୍ୟାଚ ଶୁଭାରମ୍ଭ କରିଥିଲେ। ପୂର୍ବତନ ପ୍ରଶାସକ ସୁବ୍ରତ ବାଗ୍‌ଚି ଅତିଥିଭାବେ ଯୋଗଦେଇ ଇଂଲଣ୍ଡର ୨୧ ନମ୍ବର ଖେଳାଳି ଲିଆମ ଆନସେଲଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।






କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିବା ପରେ ଇଂଲଣ୍ଡ ଖେଳାଳିଙ୍କ ସେଲିବ୍ରେଶନ। ଇଂଲଣ୍ଡ-ଆର୍ଜେଣ୍ଟିନା ମ୍ୟାଚର ଏକ ରୋମାଞ୍ଚକର ମୁହୂର୍ତ୍ତ।

## ଭୁବନେଶ୍ୱରରେ ହେବ ହକି ସିରିଜ ଫାଇନାଲ୍ସ

ଭୁବନେଶ୍ୱର,୧୨।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ହକି ପ୍ରେମୀଙ୍କ ପାଇଁ ଆସିଛି ଆଉ ଏକ ଶୁଭ ଖବର। ହକି ବିଶ୍ୱକପ କଳିଙ୍ଗ ଷ୍ଟାଡିୟମରେ ସଫଳତାର ସହ ସମ୍ପନ୍ନ ହେଉଥିବାବେଳେ ଆସନ୍ତାବର୍ଷ ଏଠାରେ ହକି ସିରିଜ ଫାଇନାଲ୍ସ ହେବ ବୋଲି ବୁଧବାର ଘୋଷଣା କରାଯାଇଛି। ୨୦୧୯ରେ ହକି ସିରିଜ ଫାଇନାଲ୍ସର ୩ଟି ଚରଣ ଅନୁଷ୍ଠିତ ହେବ। ଏହାର ଦ୍ୱିତୀୟ ଚରଣ ଜୁନ ୬ରୁ ୧୬ ପର୍ଯ୍ୟନ୍ତ ଏଠାରେ ଖେଳାଯିବ। ଏହି ପ୍ରତିଯୋଗିତାର ଆୟୋଜନ ଅଧିକାର ଭାରତକୁ ମିଳିଥିଲା। ଦେଶ ବିଦେଶର ଖେଳାଳି, କୋଚ୍, ଅଫିସିଆଲ ଏବଂ ଦର୍ଶକ ଭୁବନେଶ୍ୱରକୁ ପସନ୍ଦ କରୁଥିବାରୁ ଟୁର୍ନାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଆୟୋଜନ ହେବ ବୋଲି ପୂର୍ବରୁ ଅନୁମାନ କରାଯାଉଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରାଙ୍କ ଉପସ୍ଥିତିରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ବୁଧବାର ଏହା ଘୋଷଣା କରିବାପରେ ସ୍ଥିତି ସ୍ପଷ୍ଟ ହୋଇଯାଇଛି। ଏଥିରେ ଭାରତ, ଜାପାନ ଦକ୍ଷିଣ ଆଫ୍ରିକା, ମେକ୍ସିକୋ, ପୋଲାଣ୍ଡ, ରୁଷିଆ ଓ ଆମେରିକା ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏଥିରୁ ଦୁଇ ଶ୍ରେଷ୍ଠ ଦଳ ଅଲିମ୍ପିକ୍ସ କ୍ୱାଲିଫାଇଂ ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଏସିଆ କପ୍ ଜିତିଥିବାରୁ ଜାପାନ ଅଲିମ୍ପିକ୍ସ ଯୋଗ୍ୟତା ପାଇ ସାରିଛି। ତେଣୁ ଏଥିରେ ଯଦି ଜାପାନ ଚାମ୍ପିୟନ ହୁଏ କିମ୍ବା ଦ୍ୱିତୀୟ ସ୍ଥାନରେ ରୁହେ ତେବେ ପରବର୍ତ୍ତୀ ସ୍ଥାନରେ ଥିବା ଦଳ ଥ୍ରୁ କରିବା ସମ୍ଭାବନା ରହିଛି।

ହକି ସିରିଜ ଫାଇନାଲ୍ସର ପ୍ରଥମ ଚରଣ ମାଲେସିଆର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ହେବ। ୨୦୧୯ ଏପ୍ରିଲ ୨୩ରୁ ମେ ୧ ପର୍ଯ୍ୟନ୍ତ ହେବାକୁଥିବା ପ୍ରତିଯୋଗିତାରେ କାନାଡ଼ା, ଚାଇନା, ମାଲେସିଆ, ଅଷ୍ଟ୍ରିଆ, ବ୍ରାଜିଲ, ଇଟାଲି, ଭାନୁଆଟୁ ଓ ୱେଲ୍ସ ଭାଗନେବେ। ସେହିପରି ତୃତୀୟ ଚରଣ ଜୁନ ୧୫ରୁ ୨୩ ପର୍ଯ୍ୟନ୍ତ ଫ୍ରାନ୍ସର ଲି ଟୌକ୍ୱେଟଠାରେ ଖେଳାଯିବ। ଏଥିରେ ଫ୍ରାନ୍ସ, ଆୟର୍ଲାଣ୍ଡ, ଦକ୍ଷିଣ କୋରିଆ, ଚିଲି, ସିଙ୍ଗାପୁର, ସ୍କଟଲାଣ୍ଡ ଓ ଇଜିପ୍ଟ ଭାଗନେବେ।

ଅଲିମ୍ପିକ୍ସରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମହାଦେଶୀୟ ଟୁର୍ନାମେଣ୍ଟର ଟାଇଟଲ ହାସଲକାରୀ ୬ଟି ଦଳ ସିଧାସଳଖ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇବେ। ଅନ୍ୟ ୬ଟି ସ୍ଥାନ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ହେବ। ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରେ ମଧ୍ୟ ୧୨ଟି ଦଳ ଅଂଶଗ୍ରହଣ କରିବେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ଶ୍ରେଷ୍ଠ ୪ଟି ଦଳ, ତିନୋଟି ହକି ସିରିଜ ଫାଇନାଲ୍ସରୁ ୨ଟି ଲେଖାଏ ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ପାଇଁ କ୍ୱାଲିଫାଇ କରିବେ। ଅବଶିଷ୍ଟ ୨ଟି ସ୍ଥାନ ପାଇଁ ର୍‍ୟାଙ୍କିଙ୍ଗ୍ ଦେଖାଯିବ। ଯୋଗ୍ୟତା ପାଇ ନ ଥିବା ଦଳଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ର୍‍ୟାଙ୍କ୍‌ପ୍ରାପ୍ତ ୨ଟି ଦଳ ଏଥିରେ ସାମିଲ ହେବେ। ଏହି ୧୨ଟି ଦଳକୁ ନେଇ ହେବାକୁ ଥିବା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟରୁ ୬ଟି ଦଳ ଅଲିମ୍ପିକ୍ସ ଯୋଗ୍ୟତା ପାଇବେ। ଏହି ୬ ଦଳ ଏବଂ ମହାଦେଶୀୟ ଟୁର୍ନାମେଣ୍ଟ ବିଜେତା ୬ ଦଳ ଏହିପରି ୧୨ଟି ଦଳ ଅଲିମ୍ପିକ୍ସରେ ଭାଗନେବେ। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ନେଦରଲାଣ୍ଡସର ଆମଷ୍ଟେଲଭିନଠାରେ ୨୦୧୯ ଜୁନ ୧୯ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବେଲଜିୟମ, ଜର୍ମାନୀ, ଗ୍ରେଟ୍ ବ୍ରିଟେନ, ନେଦରଲାଣ୍ଡସ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ସ୍ପେନ୍ ଭାଗ ନେବାର କାର୍ଯ୍ୟକ୍ରମ ରହିଛି।

**କଳିଙ୍ଗ କର୍ନର**

### ଉଦ୍‌ଯାପନୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାହିଁ

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି): ଭୁବନେଶ୍ୱରରେ ଚାଲିଥିବା ହକି ବିଶ୍ୱକପର ଉଦ୍‌ଘାଟନୀ ଉତ୍ସବ କ୍ରୀଡ଼ା ଜଗତକୁ ଚକିତ କରିଥିଲା। ଭାରତର ନାମୀ ଦାମୀ କଳାକାରଙ୍କୁ ଏହି ଉତ୍ସବରେ ଦେଖିବାକୁ ମିଳିଥିଲା। ନଭେମ୍ବର ୨୭ରେ ଭୁବନେଶ୍ୱର ଏବଂ ୨୮ରେ କଟକରେ ଏହି ସମାରୋହର ଆୟୋଜନ ହୋଇଥିଲା। ତେଣୁ ଉଦ୍‌ଯାପନୀ ଉତ୍ସବକୁ ନେଇ ମଧ୍ୟ ବିଭିନ୍ନ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା। ମାତ୍ର ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ନାହିଁ ବୋଲି ବୁଧବାର ସ୍ପଷ୍ଟ କରିଛନ୍ତି ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା। ଅନ୍ତିମ ଦିବସରେ କେବଳ ତୃତୀୟ ସ୍ଥାନ ପାଇଁ ମ୍ୟାଚ ଏବଂ ଫାଇନାଲ ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ବାତ୍ରା ପ୍ରକାଶ କରିଛନ୍ତି।

### ସ୍ୱଦେଶ ଫେରିଲା ଦକ୍ଷିଣ ଆଫ୍ରିକା

ଚଳିତ ହକି ବିଶ୍ୱକପର ଲିଗ୍ ପର୍ଯ୍ୟାୟରେ ଖରାପ ପ୍ରଦର୍ଶନ କରି ବିଦା ହୋଇଥିବା ଦକ୍ଷିଣ ଆଫ୍ରିକା ବୁଧବାର ସ୍ୱଦେଶ ଫେରିଛି। ମଙ୍ଗଳବାର ସ୍ପେନ ଓ ଚାଇନା ପରେ ତୃତୀୟ ଦଳଭାବେ ଦକ୍ଷିଣ ଆଫ୍ରିକା ଭୁବନେଶ୍ୱର ଛାଡ଼ିଛି। ଲିଗ୍ ପର୍ଯ୍ୟାୟରେ ପୁଲ୍ 'ସି'ରେ ଦକ୍ଷିଣ ଆଫ୍ରିକା ୦-୫ରେ ଭାରତଠାରୁ ହାରି ଅଭିଯାନ ଆରମ୍ଭ କରିଥିବାବେଳେ କାନାଡ଼ା ସହିତ ୧-୧ ଗୋଲରେ ମ୍ୟାଚ ଡ୍ର ରଖିଥିଲା। ଶେଷ ଲିଗ୍‌ରେ ବେଲଜିୟମଠାରୁ ୧-୫ ଗୋଲରେ ହାରି ବିଦାୟ ନେଇଥିଲା।

## ଫ୍ରାନ୍ସ ବିଦା, ଲକ୍ଷ୍ୟ ପଥରେ ଅଷ୍ଟ୍ରେଲିଆ



ଅଷ୍ଟ୍ରେଲିଆ ଓ ସ୍ପେନ ମଧ୍ୟରେ ବୁଧବାର ଖେଳାଯାଇଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍।

ଭୁବନେଶ୍ୱର, ୧୨।୧୨(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ଏଥର ମଧ୍ୟ ପ୍ରଭାବୀ ପ୍ରଦର୍ଶନ ସହ ହକି ବିଶ୍ୱକପ ଅଭିଯାନ ଜାରି ରଖିଛି। କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ବିଶ୍ୱକପର ବୁଧବାର ଅନୁଷ୍ଠିତ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଏହି ଦଳ ୩-୦ ଗୋଲରେ ଫ୍ରାନ୍ସକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରତିଯୋଗିତାର ୨୦୧୦ ଓ ୨୦୧୪ ସଂସ୍କରଣରେ ଅଷ୍ଟ୍ରେଲିଆ ଚାମ୍ପିୟନ ହୋଇଥିଲା। ଏଥର ମଧ୍ୟ ଚମତ୍କାର ପ୍ରଦର୍ଶନ ଜାରିରଖି ଦଳ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଛି। ଅନ୍ୟପକ୍ଷରେ ଫ୍ରାନ୍ସର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ପୂର୍ବରୁ ୧୯୭୧ ଓ ୧୯୯୦ରେ ବିଶ୍ୱକପ ଖେଳିବା ସୁଯୋଗ ପାଇ ୭ମ ସ୍ଥାନ ଅଧିକାର କରିଥିବା ଫ୍ରାନ୍ସ ଏଥର ଶ୍ରେଷ୍ଠ ପ୍ରଦର୍ଶନ ଏବଂ ସ୍ମରଣୀୟ ଅନୁଭୂତି ସହ ବିଦାୟ ନେଇଛି। ରାଜ୍ୟପାଳ ଗଣେଶୀ ଲାଲ ଅତିଥିଭାବେ ଯୋଗଦେଇ ଅଷ୍ଟ୍ରେଲିଆ ଅଧିନାୟକ ଆରନ ଜେଲସ୍କିଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ପ୍ରଯୋଜକ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଖେଳାଳିଙ୍କ ସହ ପରିଚିତ ହୋଇଥିଲେ।

ଚଳିତ ଟୁର୍ନାମେଣ୍ଟର ସବୁଠାରୁ ଶ୍ରେଷ୍ଠ ଏବଂ ନିମ୍ନ ର୍‍ୟାଙ୍କିଙ୍ଗ୍ ଦଳ ମଧ୍ୟରେ ଏହି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅଷ୍ଟ୍ରେଲିଆ ବିଶ୍ୱ ର୍‍ୟାଙ୍କିଙ୍ଗର ନମ୍ବର ୱାନ୍‌ରେ ଥିବାବେଳେ ଫ୍ରାନ୍ସ ୨୦ତମ ସ୍ଥାନ ପ୍ରାପ୍ତ ଦଳ। ତେଣୁ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ନିଜ ଶକ୍ତି ପ୍ରଦର୍ଶନ କରି ଆରମ୍ଭରୁ ପ୍ରଭାବୀ ରହିଥିଲା। ସ୍ୱାଭାବିକ ଷ୍ଟାଇଲ୍‌ରେ ଅଷ୍ଟ୍ରେଲିଆ ମ୍ୟାଚ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲା। ଫଳ ସ୍ୱରୂପ ମ୍ୟାଚର ୪ର୍ଥ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ୩୨ ନମ୍ବର ଖେଳାଳି ଜେରେମି ହେୱାର୍ଡ ଏହାକୁ ଗୋଲରେ ପରିଣତ କରି ଅଷ୍ଟ୍ରେଲିଆକୁ ଅଗ୍ରଣୀ କରାଇଥିଲେ। ପ୍ରଥମ କ୍ୱାର୍ଟରର ଅବଶିଷ୍ଟ ସମୟ ଅଷ୍ଟ୍ରେଲିଆକୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା ଫ୍ରାନ୍ସ। ଦ୍ୱିତୀୟ କ୍ୱାର୍ଟର ଆରମ୍ଭ ହେବାର ୪ ମିନିଟ ପରେ ଅର୍ଥାତ୍ ୧୯ତମ ମିନିଟରେ ବ୍ଲେକ୍ ଗୋଭର୍ସ ପେନାଲ୍ଟି କର୍ନର ଗୋଲ ସ୍କୋର କରି ଅଷ୍ଟ୍ରେଲିଆର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଏଥିସହ ଗୋଭର୍ସ ଆର୍ଜେଣ୍ଟିନାର ଗୋଞ୍ଜାଲୋ ପିଲାଟ୍‌ଙ୍କ ସହ ଟପ୍ ସ୍କୋରର (୬ ଗୋଲ)ତାଲିକାରେ ସାମିଲ ହୋଇ ଯାଇଥିଲେ। ଗୋଲ ପରିଶୋଧ ପାଇଁ ଫ୍ରାନ୍ସ କେତୋଟି ଭଲ ମୁଭ୍ ନେଇଥିଲେ ହେଁ ଫିନିଶିଂ ଅଭାବରୁ ଗୋଲ ଦେଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଅଷ୍ଟ୍ରେଲିଆ ଗୋଟିଏ ଗୋଲ ଦେଇଥିଲା। ମ୍ୟାଚର ୩୭ତମ ମିନିଟରେ ଦଳକୁ ପେନାଲ୍ଟି କର୍ନର ମିଳିଥିଲା। ଦଳ ୪ ଖେଳାଳି ପାସ୍ ଏବଂ ଶୁଟ୍ ରଣନୀତିରେ ସଫଳ ହୋଇ ଗୋଲ ଦେଇଥିଲେ। ଅଧିନାୟକ ଆରନ ଜେଲସ୍କି ଏହି ଗୋଲଟି ସ୍କୋର କରିଥିଲେ।



ବୁଧବାର ଧଉଳି ଭ୍ରମଣରେ ଯାଇଥିବା ମାଲେସିଆ ହକି ଦଳର ଖେଳାଳିମାନେ।

## ଭୁଲ୍‌ରେ ନିଷିଦ୍ଧାଞ୍ଚଳକୁ ଚାଲିଯାଇଥିଲୁ: ମନ୍‌ପ୍ରୀତ୍



ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ବିଶ୍ୱକପ୍ ବେଶ୍ ଭଲଭାବେ ଚାଲୁ ରହିଥିବା ବେଳେ ଏକ ବିବାଦୀୟ ଘଟଣା ଘଟିଛି। ଏଥିପାଇଁ ଆୟୋଜକଙ୍କୁ ସମାଲୋଚନାର ଶିକାର ହେବାକୁ ପଡିଛି। ମଙ୍ଗଳବାର ନେଦରଲାଣ୍ଡସ ଓ କାନାଡ଼ା ମଧ୍ୟରେ ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚ୍ ଅବସରରେ ଅଧିନାୟକ ମନପ୍ରୀତ୍ ସିଂଙ୍କ ସମେତ ଭାରତୀୟ ଦଳର କେତେଜଣ ସଦସ୍ୟ ଭିଆଇପି ଲାଉଞ୍ଜ ବା ଏରିଆକୁ ଚାଲିଯାଇଥିଲେ। ଫଳରେ ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଏଲିନା ନର୍ମାନ ତାଗିଦ୍ କରିବା ସହ ଖେଳାଳିଙ୍କ ଉପରେ ବର୍ଷିଥିଲେ।

ଏ ନେଇ ବିବାଦ ସୃଷ୍ଟି ହୋଇଥିଲା। ତେବେ ଏହି ଘଟଣାକୁ ବେଶ୍ ହାଲକା ଭାବେ ନେଇଛନ୍ତି ମନପ୍ରୀତ। ଏହା ଆମର ଭୁଲ ଥିଲା। ଆମେ ଅଜାଣତରେ ଭିଆଇପି ଏରିଆକୁ ଚାଲିଯାଇଥିଲୁ। ଭିଆଇପି ଲାଉଞ୍ଜକୁ ଯିବାକୁ କୌଣସି ଦଳ କିମ୍ବା ଖେଳାଳିମାନଙ୍କୁ ଅନୁମତି ମିଳି ନ ଥାଏ। ତେଣୁ ସେଠାକୁ ଯାଇ ଆମେ ଭୁଲ କରିଛୁ। ଆମକୁ କେହି ବାଧ କରି ଏହି ଅଞ୍ଚଳକୁ ନେଇଯାଇ ନ ଥିଲେ। ତେବେ ଯେତେବେଳେ ତ୍ରୁଟି ନେଇ ଅବଗତ ହେଲୁ ଆମେ ସେଠାରୁ ଚାଲିଆସିଥିଲୁ ବୋଲି ମନପ୍ରୀତ କହିଛନ୍ତି। ଏହା ଏକ ମାମୁଲି ଘଟଣା। ଏହା ଗୁରୁବାର ଖେଳାଯିବାକୁ ଥିବା ନେଦରଲାଣ୍ଡସ ବିପକ୍ଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ଆମର ପ୍ରଦର୍ଶନ ଉପରେ ଆଦୌ ପ୍ରଭାବ ପକାଇବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଭଳି କହିବା ପାଇଁ ମୋତେ କେହି ବାଧ କରିନାହାନ୍ତି। କାହା ସହିତ ମୋର ବ୍ୟକ୍ତିଗତ ସମସ୍ୟା ନାହିଁ। ଏହି ଘଟଣାକୁ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ବୋଲି ମନପ୍ରୀତ କହିଛନ୍ତି।

ଟୁର୍ନାମେଣ୍ଟର ପ୍ରୋଟୋକଲ ଅନୁସାରେ ଭିଆଇପି ଲାଉଞ୍ଜକୁ ଯିବାପାଇଁ ଖେଳାଳିମାନଙ୍କୁ ବାରଣ କରାଯାଇଥାଏ। ତେବେ କେତେଣଜ ପ୍ରଶଂସକଙ୍କ ଅନୁରୋଧ କ୍ରମେ ମନପ୍ରୀତ୍‌ଙ୍କ ସମେତ ମନଦୀପ ସିଂ, ଗୁରଜନ୍ତ ସିଂ ଓ କ୍ରିଷନ ପାଠକ ସେଠାକୁ ଯାଇଥିଲେ ଓ ପ୍ରଶଂସକଙ୍କୁ ଅଟୋଗ୍ରାଫ୍ ଦେବା ସହ ଫଟୋ ଉଠାଇଥିଲେ। ତେବେ ଖେଳାଳିଙ୍କ ଏତାଦୃଶ ଆଚରଣକୁ ହକି ଇଣ୍ଡିଆର ଅଧିକାରୀମାନେ ସହଜରେ ଗ୍ରହଣ କରିପାରି ନ ଥିଲେ ଓ ଖେଳାଳିଙ୍କ ଉପରେ ବର୍ଷିଥିଲେ।

ଅନ୍ୟପଟେ ଖେଳାଳିମାନଙ୍କୁ ପ୍ରଶଂସକମାନେ ଭିଆଇପି ଲାଉଞ୍ଜକୁ ଡାକିନେଇଥିଲେ ଓ ଏଥି ପାଇଁ ବାରଣ କରାଯାଇଥିଲା ବୋଲି ହକି ଇଣ୍ଡିଆ ତରଫରୁ କୁହାଯାଇଛି। ତେବେ ଏ ନେଇ ନର୍ମାନ କୌଣସି ମତାମତ ଦେବାକୁ ମନା କରିଛନ୍ତି।



❝ ଭାରତୀୟ ପେସ୍ ବୋଲରମାନେ ହେଉଛନ୍ତି ରେସ୍ ଘୋଡ଼ା ଭଳି । ସେମାନଙ୍କୁ ଠିକଣା ରୂପେ ଉପଯୋଗ କରିବା ଉଚିତ ।
—ଭାରତ ଅରୁଣ, ବୋଲିଂ କୋଚ୍



❝ ଜାତୀୟ ଦଳରେ ଖେଳିବାକୁ ହେଲେ ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଅନ୍ୟ ସିନିୟର ଖେଳାଳିମାନେ ଘରୋଇ କ୍ରିକେଟ ଖେଳିବା ଉଚିତ ।
—ମହିନ୍ଦର ଅମରନାଥ, ଭାରତର ପୂର୍ବତନ କ୍ରିକେଟର ତଥା ଚୟନକର୍ତ୍ତା

## ସଂକ୍ଷେପରେ

### ୟାମାଗୁଚିଙ୍କୁ ହରାଇଲେ ସିନ୍ଧୁ



ଗୁଆଙ୍ଗ୍‌ଝୋ,୧୨।୧୨: ଅଲିମ୍ପିକ୍ ରୌପ୍ୟ ପଦକଧାରୀ ପି. ଭି. ସିନ୍ଧୁ ସିଜନର ଅନ୍ତିମ ଟୁର୍ନାମେଣ୍ଟ ୱାର୍ଲ୍ଡ ଟୁର୍ ଫାଇନାଲ୍ସରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଗ୍ରୁପ୍ ଏ'ର ପ୍ରଥମ ମ୍ୟାଚ୍‌ରେ ସିନ୍ଧୁ ବିଶ୍ୱର ୨ୟ ର୍‍ୟାଙ୍କ୍ ତଥା ଡିଫେଣ୍ଡିଂ ଚାମ୍ପିୟନ ଆକାନେ ୟାମାଗୁଚିଙ୍କୁ ହରାଇ ଦେଇଛନ୍ତି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌କୁ ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ୨୪- ୨୨, ୨୧-୧୫ ଗେମ୍‌ରେ ଜିତି ନେଇଛନ୍ତି। ଏହି ବିଜୟ ସହ ଗତ ସଂସ୍କରଣର ରନର୍ସଅପ୍ ସିନ୍ଧୁ ୨୦୧୭ ଫାଇନାଲରେ ମିଳିଥିବା ପରାଜୟର ପ୍ରତିଶୋଧ ନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ବର୍ଗରେ ୭ମ ସିଡ୍ ଭାରତୀୟ ଖେଳାଳି ସମୀର ବର୍ମାଙ୍କୁ ଗ୍ରୁପ୍ ବି'ର ପ୍ରଥମ ମ୍ୟାଚ୍‌ରେ ପରାଜୟ ବରଣ କରିବାକୁ ପଡ଼ିଛି। ସମୀର ୧୮-୨୧, ୬-୨୧ ଗେମ୍‌ରେ ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ କେଣ୍ଟୋ ମୋମୋଟାଙ୍କଠାରୁ ହାରିଯାଇଛନ୍ତି। ଉଲ୍ଲେଖଥାଉ କି, ଉଭୟ ବିଭାଗ ର୍‍ୟାଙ୍କିଙ୍ଗ୍‌ର ଶୀର୍ଷ ୮ ସ୍ଥାନରେ ଥିବା ଖେଳାଳିଙ୍କୁ ନେଇ ଏହି ଟୁର୍ନାମେଣ୍ଟ ଖେଳାଯାଏ।

### କୋଚ୍ ପଦ ଲାଗି ପାୱାରଙ୍କ ଆବେଦନ

ମୁମ୍ବାଇ,୧୨।୧୨- ଭାରତୀୟ ମହିଳା ଦଳର ମୁଖ୍ୟ କୋଚ୍ ପଦ ନେଇ ଦୁଇ ସପ୍ତାହ ଧରି ଅନିଶ୍ଚିତତା ଲାଗି ରହିବା ପରେ ରମେଶ ପାୱାର ପୁନଃ ଆବେଦନ କରିଛନ୍ତି। କୋଚ୍ ପଦ ଲାଗି ବିସିସିଆଇ ପକ୍ଷରୁ ୧୪ ତାରିଖ ସୁଦ୍ଧା ଆବେଦନ କରିବାକୁ ବିଜ୍ଞାପନ ଦିଆଯାଇଥିଲା। "ଦଳୀୟ ଅଧିନାୟିକା ହରମନପ୍ରୀତ କୌର ଓ ସ୍ମୃତି ମନ୍ଧାନାଙ୍କ ସମର୍ଥନ ଯୋଗୁ ମୁଁ ପୁଣିଥରେ ଆବେଦନ କରିବାକୁ ନିଷ୍ପତ୍ତି ନେଇଛି। ସେମାନେ ଚାହୁଁଛନ୍ତି ମୁଁ କୋଚ୍ ହେଲେ ଦଳୀୟ ପ୍ରଦର୍ଶନରେ ସୁଧାର ଆସିବ। ଏଣୁ ପଦ ପାଇଁ ଆବେଦନ କରିବା ମୋ ଦାୟିତ୍ୱ। ବାକି ସବୁକିଛି ବିସିସିଆଇ ହାତରେ ରହିଛି" ବୋଲି ପାୱାର କହିଛନ୍ତି। ଉଲ୍ଲେଖଥାଉ କି, ନିକଟରେ ଶେଷ ହୋଇଥିବା ମହିଳା ଟି୨୦ ବିଶ୍ୱକପ୍ ପରେ ଭାରତୀୟ ଦଳର ବରିଷ୍ଠ ଖେଳାଳି ମିଥାଲି ରାଜ ବିସିସିଆଇକୁ ଏକ ଇମେଲ କରିଥିଲେ। ଏହି ଇମେଲ ଲିକ୍ ହେବାରୁ ମିଥାଲି ଓ ପାୱାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏହି ବିବାଦ ଯୋଗୁ ପାୱାରଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା।

### ଟେଷ୍ଟକୁ ଗୁରୁତ୍ୱ ଦେଲେ ମ୍ୟାକ୍ସୱେଲ

ମେଲବୋର୍ନ,୧୨।୧୨- ଅଲ୍‌ରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ବିତ୍ତଶାଳୀ କ୍ରିକେଟ ଟୁର୍ନାମେଣ୍ଟ ଆଇପିଏଲ୍‌ର ପରବର୍ତ୍ତୀ ସଂସ୍କରଣରେ ଖେଳିବେ ନାହିଁ। ଏହା ବଦଳରେ ସେ ଆଗାମୀ ଇଂଲିଶ କାଉଣ୍ଟି କ୍ରିକେଟର ସମ୍ପୂର୍ଣ୍ଣ ସିଜନ ଖେଳିବେ। ଭଲ ପ୍ରଦର୍ଶନ ବଳରେ ସେ ଅଷ୍ଟ୍ରେଲିଆ ଟେଷ୍ଟ ଦଳକୁ ଫେରିବାକୁ ଲକ୍ଷ୍ୟ ରଖିଥିବା ମ୍ୟାକ୍ସୱେଲ କହିଛନ୍ତି। ସେ ଅନ୍ତିମ ଥର ୨୦୧୭ ସେପ୍ଟେମ୍ବରରେ ଟେଷ୍ଟ ଖେଳିଥିଲେ। ୩୦ ବର୍ଷୀୟ ମ୍ୟାକ୍ସୱେଲ ପୂର୍ବତନ ଅଷ୍ଟ୍ରେଲିଆ ଓପ୍‌ନର ଜୋ ବର୍ନସ ଓ ଜେମ୍ସ ଫକ୍‌ନରଙ୍କ ସହ ଲଙ୍କାଶାୟର ପକ୍ଷରୁ ପ୍ରତ୍ୟେକ ଫର୍ମାଟରେ ଖେଳିବେ।

# ଭାରତ- ନେଦରଲାଣ୍ଡ୍ସ କ୍ୱାର୍ଟର ଫାଇନାଲ ଆଜି

ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଚଳିତ ହକି ବିଶ୍ୱକପ୍ ଚତୁର୍ଦ୍ଦଶ ସଂସ୍କରଣର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗୁରୁବାର ଆୟୋଜକ ଭାରତ ଓ ଆଧୁନିକ ହକିର ଅନ୍ୟତମ ଶକ୍ତିଶାଳୀ ଦଳ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିବେ। ବିଜୟୀ ଦଳ ସେମିଫାଇନାଲକୁ ଉଠିବ ଓ ପରାଜିତ ଦଳ ବିଦାୟ ନେବ। ସେମିକୁ ଉଠିଲେ ପଦକ ହାସଲ ପାଇଁ ଗୋଟିଏ ସୁଯୋଗ ରହିଛି। ତେଣୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଛଡ଼ା ଦୁଇ ଦଳ ପାଇଁ ଆଉ କୌଣସି ରାସ୍ତା ନାହିଁ। ୪୩ ବର୍ଷ ପରେ ଭାରତକୁ ପୁଣିଥରେ ବଶ୍ୱକପ୍ ଚାମ୍ପିୟନ ହେବାପାଇଁ ସୁଯୋଗ ମିଳିଛି। ପୁଣି ଘରୋଇ ପରିବେଶ ଅନୁକୂଳ ପରିବେଶ ମଧ୍ୟ ସୃଷ୍ଟି କରିଛି। ଫଳରେ ଭାରତ ଉପରେ ପ୍ରଶଂସକଙ୍କ ପ୍ରବଳ ଆଶା ରହିଛି। ତେଣୁ ଭାରତ ପାଇଁ ଏହି କାର୍ଯ୍ୟ ଆଦୌ ସହଜ ହେବ ନାହିଁ। ଭାରତ ଲାଗି ଏବେ ଅଗ୍ନିପରୀକ୍ଷାର ସମୟ ଆସିଛି କହିଲେ ଭୁଲ ହେବ ନାହିଁ।

ଭାରତର ହକି ପରମ୍ପରା ବେଶ୍ ଦୃଢ ରହିଆସିଛି। ୧୯୭୫ରେ ଭାରତ ଶେଷଥର ପାଇଁ ହକି ବିଶ୍ୱକପ୍‌ରେ ସେମିଫାଇନାଲ ଖେଳିଥିଲା ଓ ଏହି ସଂସ୍କରଣରେ ପ୍ରଥମ ଟାଇଟଲ ହାସଲ କରିଥିଲା। ଘରୋଇ ପରିବେଶରେ ଭାରତ ଉନ୍ନତ ପ୍ରଦର୍ଶନ କରି ବାଜି ମାରିବା ଆଶା କରାଯାଉଛି। ଭାରତ ମଧ୍ୟ ଗତ କିଛିବର୍ଷ ମଧ୍ୟରେ ଦମ୍‌ଦାର ପ୍ରଦର୍ଶନ କରୁଛି। କିନ୍ତୁ ଇତିହାସ ଭାରତ ସପକ୍ଷରେ ନାହିଁ। ବିଶ୍ୱକପ୍‌ରେ ଭାରତ ନେଦରଲାଣ୍ଡ୍ସକୁ କେବେ ବି ହରାଇ ନାହିଁ। ପ୍ରତି ୪ ବର୍ଷରେ ଖେଳାଳଯାଇଥିବା ବିଶ୍ୱକପ୍‌ରେ ନେଦରଲାଣ୍ଡ୍ସ ଓ ଭାରତ ପରସ୍ପରକୁ ୬ଥର ଭେଟିଛନ୍ତି। ଏଥିରେ ନେଦରଲାଣ୍ଡ୍ସ ୫ଥର ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଯଦି ମନପ୍ରୀତି ସିଂଙ୍କ ନେତୃତ୍ୱାଧୀନ ଭାରତ ନେଦରଲାଣ୍ଡ୍ସକୁ ହରାଇ ସେମିକୁ ଉଠେ, କେବଳ ଏହି ପରାଜୟ ଧାରାକୁ ଭଙ୍ଗ କରିବ ନାହିଁ ଏଥି ସହିତ ଭାରତୀୟ ହକିରେ ଏହି ବିଜୟ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ଏବେକାର ଫର୍ମ ଓ ର୍‍ୟାଙ୍କିଙ୍ଗ୍ ଦୃଷ୍ଟିକୋଣରୁ ବିଚାର କଲେ ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ସେତେଟା ଫରକ ନାହିଁ। ଆନ୍ତର୍ଜାତିକ ହକି ଫେଡେରେଶନ (ଏଫ୍‌ଆଇଏଚ୍) ର୍‍ୟାଙ୍କିଙ୍ଗ୍‌ରେ ନେଦରଲାଣ୍ଡ୍ସ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଭାରତ ଗୋଟିଏ ସ୍ଥାନ ତଳକୁ ଅର୍ଥାତ୍ ପଞ୍ଚମ ସ୍ଥାନରେ ରହିଛି। ଶେଷଥର ପାଇଁ ଭାରତ ଓ ନେଦରଲାଣ୍ଡ୍ସ ଗତ ଚାମ୍ପିୟନ୍ସ ଟ୍ରଫିରେ ପରସ୍ପରକୁ ଭେଟିଥିଲେ ଓ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଥିଲା।

ମୋଟ ଉପରେ ଦେଖିବାକୁ ଗଲେ ଭାରତ ଓ ନେଦରଲାଣ୍ଡ୍ସ ପରସ୍ପରକୁ ୧୦୫ଥର ଭେଟିଛନ୍ତି। ଏଥିରେ ମଧ୍ୟ ନେଦରଲାଣ୍ଡ୍ସ ଭାରତକୁ ପଛରେ ପକାଇଛି। ଭାରତ ୩୩ଟି ମ୍ୟାଚ୍‌ରେ ବିଜୟୀ ହୋଇଥିବା ବେଳେ ୪୮ ମ୍ୟାଚ୍‌ରେ ପରାଜୟ ବରଣ କରିଛି। ବାକି ମ୍ୟାଚ୍‌ଗୁଡ଼ିକ ଅମୀମାଂସିତ ଭାବେ ଶେଷ ହୋଇଛି। ତେବେ ୨୦୧୩ ପରଠାରୁ ଉଭୟ ଦଳ ୯ଥର ପରସ୍ପରକୁ ଭେଟିଛନ୍ତି। ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍‌ରେ ବିଜୟ ହାସଲ କରିଥିବା ବେଳେ ଗୋଟିଏ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ରେକର୍ଡ ନେଦରଲାଣ୍ଡ୍ସ ସପକ୍ଷରେ ଥିଲେ ମଧ୍ୟ ଗତ କିଛିବର୍ଷ ମଧ୍ୟରେ ଆମେ ଏହି ଦଳ ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। ଆମେ ମଧ୍ୟ ନେଦରଲାଣ୍ଡ୍ସକୁ ପରାସ୍ତ କରିଛୁ ଓ ଚାମ୍ପିୟନ୍ସ ଟ୍ରଫିରେ ମ୍ୟାଚ୍ ଡ୍ର ରଖିଛୁ ବୋଲି ଭାରତୀୟ ଅଧିନାୟକ ମନପ୍ରୀତ୍ ସିଂ କହିଛନ୍ତି। ଭାରତୀୟ ହକି ଇତିମଧ୍ୟରେ ଯଥେଷ୍ଟ ପରିମାଣରେ ଉନ୍ନତି କରିଛି। ତେଣୁ କ୍ୱାର୍ଟର ଫାଇନାଲରେ ଯେଉଁ ଦଳ ଭଲ ଖେଳିବ ସେହି ଦଳ ବିଜୟ ହାସଲ କରିବ ବୋଲି ମନପ୍ରୀତ କହିଛନ୍ତି। ଭାରତ ଓ ନେଦରଲାଣ୍ଡ୍ସର ହକି ଖେଳିବାର ଶୈଳୀ ପ୍ରାୟ ଏକପ୍ରକାର। ଉଭୟ ଦଳ ଦ୍ରୁତି ଓ ଆକ୍ରମଣାତ୍ମକ ହକି ଖେଳିଥାନ୍ତି। ଉଭୟ ଦଳ ଗୋଲ ସ୍କୋରି ବିଜୟ ହାସଲ କରବାରେ ବିଶ୍ୱାସ ରଖିଥାନ୍ତି।



ବୁଧବାର ଖବରଦାତା ସମ୍ମିଳନୀରେ ବାମରୁ ଭାରତୀୟ ଦଳର ଅଧିନାୟକ ମନପ୍ରୀତ ସିଂ, କୋଚ୍ ହରେନ୍ଦ୍ର ସିଂ ଓ ଗୋଲକିପର ପି.ଆର.ଶ୍ରୀଜଶ।

ପୁଲ୍ ପର୍ଯ୍ୟାୟରେ ଉଭୟ ଦଳ ବହୁତ ଗୋଲ ସ୍କୋର କରିଛନ୍ତି। ଭାରତ ୧୨ଟି ଗୋଲ ସ୍କୋର କରିଥିବା ବେଳେ ୩ଟି ଗୋଲ ବରଣ କରିଛି। ଅନ୍ୟପଟେ ଡଚ୍ ଦଳ ୧୮ଟି ଗୋଲ ସ୍କୋର କରିଥିବା ବେଳେ ୫ଟି ଗୋଲ ବରଣ କରିଛି। ନେଦରଲାଣ୍ଡ୍ସ ଦଳରେ ଅଧିନାୟକ ବିଲି ବେକ୍କେର, ସେଭେ ଭାନ ଆସ୍, ଜେରୋଏନ ହେର୍ଜବର୍ଜର, ମିରକୋ ପ୍ରୁଜସେର, ରୋବେର୍ଟ କେମ୍ପେରମ୍ୟାନ, ଥିଏରୀ ବ୍ରିଙ୍କମ୍ୟାନଙ୍କ ଭଳି ମ୍ୟାଚ୍ ଉଇନର ତଥା ଅଭିଜ୍ଞ ଖେଳାଳି ରହିଛନ୍ତି। ଏହି ଖେଳାଳିମାନଙ୍କୁ ନେଇ ନେଦରାଲଣ୍ଡ୍ସର ମିଡ୍‌ଫିଲ୍ଡ ଓ ଷ୍ଟ୍ରାଇକ୍ ଫୋର୍ସ ବେଶ୍ ବଳିଷ୍ଠ। ତେଣୁ ଭାରତୀୟ ଡିଫେନ୍ସ କ୍ୱାର୍ଟର ଫାଇନାଲରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବ।

ଅପରପକ୍ଷରେ ଭାରତ ଷ୍ଟ୍ରାଇକର ମନଦୀପ ସିଂ, ସିମରନଜିତ୍ ସିଂ, ଲଳିତ ଉପାଧ୍ୟାୟ ଓ ଆକାଶଦୀପ ସିଂଙ୍କ ପ୍ରଦର୍ଶନ ଉପରେ ଭରସା କରିବ।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭରପୂର ଦର୍ଶକ ରହିବେ। ଫଳରେ ଭାରତୀୟ ଦଳ ଉପରେ ପ୍ରବଳ ଚାପ ରହିବ। ତେଣୁ ଘରୋଇ ଦଳର ତ୍ରୁଟିରୁ ଡଚ୍ ଦଳ ଫାଇଦା ଉଠାଇବାକୁ ପ୍ରୟାସ କରିବ।

ତେବେ ପ୍ରଥମଥର ପାଇଁ ଆମେ ଭରପୂର ଦର୍ଶକଙ୍କ ସମ୍ମାରେ ଖେଳୁନାହୁଁ। ପୂର୍ବରୁ ଆମେ ଖଚାଖଚ୍ ଭରା ଦର୍ଶକଙ୍କ ଉପସ୍ଥିତିରେ ଖେଳିଛୁ ଓ ବିଜୟୀ ମଧ୍ୟ ହୋଇଛୁ ବୋଲି ନେଦରଲାଣ୍ଡ୍ସ କୋଚ୍ ମ୍ୟାକ୍ସ କାଲଡାସ କହିଛନ୍ତି। ଆମେ ନିଜସ୍ୱ ଶୈଳୀରେ ଖେଳିବୁ। ନିଜ ଖେଳ ନେଇ ଆମେ ବ୍ୟସ୍ତ ରହିବୁ। ଭାରତ ନେଇ ଆମେ ଆଦୌ ବ୍ୟସ୍ତ ନାହୁଁ। କାରଣ ଭାରତ କିଭଳି ଖେଳିବ ସେ ନେଇ ଆମେ କିଛି ଜାଣିନାହୁଁ। ଭାରତ ଉପରେ ପ୍ରବଳ ଚାପ ରହିଛି ବୋଲି ନେଦରଲାଣ୍ଡ ଅଧିନାୟକ ବେକ୍କେର କହିଛନ୍ତି। ଘରୋଇ ଦର୍ଶକଙ୍କ ସାମ୍ନାରେ ଭାରତକୁ ଭଲ ଖେଳିବାକୁ ହେବ ଓ ଏହା ଘରୋଇ ଦଳ ଉପରେ ଚାପ ସୃଷ୍ଟି କରିବ।

ପୁଲ ସି'ରେ ଭାରତ ୩ଟି ମ୍ୟାଚ୍ ଖେଳି ଦୁଇଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଶୀର୍ଷରେ ରହି କ୍ୱାର୍ଟର ଫାଇନାଲକୁ ଉଠିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୫-୦ ଗୋଲରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ସେହିପରି ବେଲଜିୟମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୨-୨ ଗୋଲରେ ଅମୀମାଂସିତ ରଖିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ଭାରତ ୫-୧ ଗୋଲରେ କାନାଡ଼ାକୁ ହରାଇଥିଲା।

ଅନ୍ୟପଟେ ପୁଲ୍ ଡି'ରେ ନେଦରଲାଣ୍ଡ୍ସ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୬ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ନେଦରଲାଣ୍ଡ୍ସ ପ୍ରଥମ ମ୍ୟାଚ୍‌ରେ ୭-୦ ଗୋଲରେ ମାଲେସିଆକୁ ହରାଇଥିଲା। ତେବେ ଦ୍ୱିତୀୟ ମ୍ୟାଚ୍‌ରେ ଜର୍ମାନୀଠାରୁ ୪-୧ ଗୋଲରେ ହାରିଥିଲା। ତେବେ ତୃତୀୟ ମ୍ୟାଚ୍‌ରେ ପାକିସ୍ତାନକୁ ୫-୧ ଗୋଲରେ ହରାଇଥିଲା। ଏହା ପରେ କ୍ରସ୍ ଓଭର ମ୍ୟାଚ୍‌ରେ ନେଦରଲାଣ୍ଡ୍ସ ୫-୦ ଗୋଲରେ କାନାଡ଼ାକୁ ହରାଇଥିଲା।

# ୩୭ ବର୍ଷରେ ଯୁବରାଜ



ଜନ୍ମଦିନ ଅବସରରେ କେକ୍ କାଟୁଛନ୍ତି ଯୁବରାଜ ସିଂ।

ନୂଆଦିଲ୍ଲୀ, ୧୨।୧୨

ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଷ୍ଟାର ଖେଳାଳି ଯୁବରାଜ ସିଂ ବୁଧବାର ୩୭ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ଅନୁଷ୍ଠିତ ପାର୍ଟିରେ ପତ୍ନୀ ହାଜେଲ କିଚ୍‌ଙ୍କ ଉପସ୍ଥିତିରେ ଯୁବରାଜ କେକ୍ କାଟି ଜନ୍ମଦିନ ପାଳନ କରିଛନ୍ତି। ଭାରତୀୟ ଦଳର ପ୍ରାକ୍ତନ ଦ୍ରୁତ ବୋଲର ଜାହିର ଖାଁ ଓ ତାଙ୍କ ପତ୍ନୀ ସାଗରିକା ଘାଟ୍‌ଗେ, ଅଜିତ ଅଗରକରଙ୍କ ପତ୍ନୀ ଫତିମା ଅଗରକରଙ୍କ ସମେତ ଯୁବରାଜଙ୍କ କିଛି ବନ୍ଧୁ ଏବଂ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ଭାରତୀୟ କ୍ରିକେଟ ଦଳର ବହୁ ପୂର୍ବତନ ଓ ବର୍ତ୍ତମାନର ଖେଳାଳି ଏହି ଅବସରରେ ଯୁବରାଜଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ସଚିନ ତେନ୍ଦୁଲକର, ବୀରେନ୍ଦ୍ର ସେହ୍ୱାଗ, ସୁରେଶ ରାଇନା, ମହମ୍ମଦ କୈଫ୍, ରୋହିତ୍ ଶର୍ମା, ବିରାଟ କୋହଲି, ରବୀନ୍ଦ୍ର ଜାଡେଜା ପ୍ରମୁଖ ରହିଛନ୍ତି। ଯୁବି ୨୦୦୦ ମସିହାରେ କେନିଆ ବିପକ୍ଷରେ ଖେଳି ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥଲେ। ୧୮ ବର୍ଷର କ୍ୟାରିୟର ମଧ୍ୟରେ ଏହି ବାମହାତୀ ବିସ୍ଫୋରକ ବ୍ୟାଟ୍ସମ୍ୟାନ ୩୦୪ ଦିନିକିଆ, ୪୦ ଟେଷ୍ଟ ଓ ୫୮ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ୨୦୧୧ ବିଶ୍ୱକପ୍ ବିଜୟୀ ଦଳର ସେ ପ୍ରମୁଖ ଖେଳାଳି ରହିବା ସହ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ଜିତିଥିଲେ। ଯୁବି ଶେଷଥର ପାଇଁ ୨୦୧୭ରେ ଇଂଲଣ୍ଡ ବିପକ୍ଷରେ ନିଜର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଏକମାତ୍ର କ୍ରିକେଟର ଭାବେ ସେ ୭ଟି (୨୦୦୦, ୨୦୦୨ ଓ ୨୦୧୭ ଚାମ୍ପିୟନ୍ସ ଟ୍ରଫି, ୨୦୦୩ ଓ ୨୦୧୧ ବିଶ୍ୱକପ୍ ଏବଂ ୨୦୦୭ ଓ ୨୦୧୪ ଟି୨୦ ବିଶ୍ୱକପ୍)ଆଇସିସି ଇଭେଣ୍ଟର ଫାଇନାଲରେ ଖେଳିବାର କୃତିତ୍ୱ ଅର୍ଜନ କରିଛନ୍ତି।

# ଜର୍ମାନୀ- ବେଲ୍‌ଜିୟମ କ୍ୱାର୍ଟର ଫାଇଟ୍

ଭୁବନେଶ୍ୱର, ୧୨।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ଗୁରୁବାର ଅନ୍ୟଏକ କ୍ୱାର୍ଟର ଫାଇନାଲରେ ଜର୍ମାନୀ ଓ ବେଲଜିୟମ ପରସ୍ପରକୁ ଭେଟିବେ। ସବୁଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଉଭୟ ଦଳ ସମାନ ମନେ ହୁଅନ୍ତି। ତେବେ ପୁଲ ପର୍ଯ୍ୟାୟରେ ଜର୍ମାନୀର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ପୁଲ ଡି'ର ଜର୍ମାନୀ ୧-୦ ଗୋଲରେ ପାକିସ୍ତାନକୁ, ୪-୧ ଗୋଲରେ ନେଦରଲାଣ୍ଡ୍ସକୁ ଓ ତୃତୀୟ ମ୍ୟାଚ୍‌ରେ ୫-୩ ଗୋଲରେ ମାଲେସିଆକୁ ହରାଇ ୯ ପଏଣ୍ଟ ହାସଲ କରିବା ସହ ଶୀର୍ଷରେ ରହି କ୍ୱାର୍ଟରକୁ ଉଠିଛି। ଅନ୍ୟପଟେ ପୁଲ୍ ସି'ରେ ବେଲଜିୟମ ୨ଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି କ୍ରସ୍ ଓଭର ଖେଳିଥିଲା। କ୍ରସ୍ ଓଭରରେ ବେଲଜିୟମ ୫-୦ ଗୋଲରେ ପାକିସ୍ତାନକୁ ହରାଇ କ୍ୱାର୍ଟରକୁ ଉଠିଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଜର୍ମାନୀ ଷଷ୍ଠ ସ୍ଥାନରେ ରହିଥିବା ବେଳେ ବେଲଜିୟମ ତୃତୀୟ ସ୍ଥାନରେ ରହିଛି। ଏହି କ୍ୱାର୍ଟର ଫାଇନାଲ ମୁକାବିଲାରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ। ଉଭୟ ଦଳ ଯୁବ ଓ ଅଭିଜ୍ଞ ଖେଳାଳିମାନଙ୍କୁ ନେଇ ବେଶ୍ ସନ୍ତୁଳିତ ମନେ ହେଉଛି। ଆଧୁନିକ ହକିରେ ଉଭୟ ଦଳ ବେଶ୍ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ତେଣୁ ଉଭୟ ଦଳ ପୂର୍ଣ୍ଣ ସାମର୍ଥ୍ୟ ଓ ଦକ୍ଷତା ସହ ପଡିଆକୁ ଓହ୍ଲାଇବେ। ଉଭୟ ଦଳର କୋଚ୍ ଓ ଅଧିନାୟକ ବିଜୟ ନେଇ ବେଶ୍ ଆଶାବାଦୀ ଥିବା କଥା କହିଛନ୍ତି।

**ଆଜିର ମ୍ୟାଚ୍**

**କ୍ୱାର୍ଟର ଫାଇନାଲ**



ଜର୍ମାନୀ ବନାମ ବେଲଜିୟମ
ସମୟ: ଅପରାହ୍ନ-୪ଟା ୪୫

ଭାରତ ବନାମ ନେଦରଲାଣ୍ଡ୍ସ
ସମୟ- ରାତି ୭ଟା

ସ୍ଥାନ-କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ

ଗତ ୨୦୧୬ ରିଓ ଅଲିମ୍ପିକ୍ସରେ ବେଲଜିୟମ ରୌପ୍ୟ ପଦକ ହାସଲ କରିଥିଲା। ୧୯୨୦ ଅଲିମ୍ପିକ୍ସରେ ମଧ୍ୟ ଏହି ଦଳ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲା। ବେଲଜିୟମର ହକି ପରମ୍ପରା ବେଶ୍ ବଳିଷ୍ଠ। ଅନ୍ୟପଟେ ଜର୍ମାନୀ ମଧ୍ୟ ୪ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ଦୁଇଥର ହକି ବିଶ୍ୱକପ୍ ଟାଇଟଲ ହାସଲ କରିଛି। ତେଣୁ ରେକର୍ଡ ଦୃଷ୍ଟିକୋରୁ ଜର୍ମାନୀ ଆଗରେ ରହିଛି। ତେବେ ସାମ୍ପ୍ରତିକ ପ୍ରଦର୍ଶନରେ ବେଲଜିୟମ ଜର୍ମାନୀଠାରୁ ଟିକିଏ ଆଗରେ ରହିବ। ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଉଭୟ ଦଳ ପରୀକ୍ଷାର ସମ୍ମୁଖୀନ ହେବେ।

# ଭାରତୀୟ ବୋଲରଙ୍କୁ ପରଫେକ୍ଟ-୧୦ ସଫଳତା

ନୂଆଦିଲ୍ଲୀ,୧୨।୧୨

ମଣିପୁରର ୧୮ ବର୍ଷୀୟ ବୋଲର ରେକ୍ସ ରାଜକୁମାର ସିଂ ଇନିଂସ୍‌ରେ ସମସ୍ତ ୧୦ ଉଇକେଟ ନେବାର କୃତିତ୍ୱ ହାସଲ କରିଛନ୍ତି। ସେ ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫି ଟୁର୍ନାମେଣ୍ଟରେ ମାତ୍ର ୧୧ ରନ୍ ବ୍ୟୟରେ ୧୦ ଉଇକେଟ ନେଇଛନ୍ତି। ସେ ମାତ୍ର ୯.୫ ଓଭର ବୋଲିଂ କରିଥିଲେ। ଏଥିରେ ବାମହାତୀ ପେସର ୬ ଓଭରରେ କୌଣସି ରନ୍ ଦେଇ ନ ଥିଲେ। ସେ ୫ ଜଣଙ୍କୁ କ୍ଲିନ୍ ବୋଲ୍ଡ କରିଥିବାବେଳେ ୨ ବ୍ୟାଟ୍ସମ୍ୟାନଙ୍କୁ ଏଲବିଡବ୍ଲ୍ୟୁ ଓ ୩ ଜଣଙ୍କୁ କ୍ୟାଚ୍‌ଆଉଟ୍ କରାଇଥିଲେ। ଏହାବାଦ୍ ସେ ୩ଥର ହାଟ୍ରିକ ନେବା ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର କୌଣସି ଥର ସଫଳ ହୋଇ ନ ଥିଲେ। ତାଙ୍କ ବୋଲିଂ ପ୍ରଦର୍ଶନ ଯୋଗୁ ଅରୁଣାଞ୍ଚଳ ପ୍ରଦେଶ ମାତ୍ର ୩୬ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ଏହି ରେକର୍ଡ ଅନତର୍ଜାତୀୟ କ୍ରିକେଟରେ ଭାରତୀୟ ପୂର୍ବତନ ଅଧିନାୟକ ଅନୀଲ କୁମ୍ବଲେ ଓ ଦ. ଆଫ୍ରିକାର ଜିମ ଲାକରଙ୍କ ନାମରେ ରହିଛି।





# ପୂଜାରା ଅନୁକରଣୀୟ

ଡିନ୍ ଜୋନ୍ସ

ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଭାରତ ଯେପରି ଚାହୁଁଥିଲା, ସେପରି ଆରମ୍ଭ କରିପାରିଛି। ବିରାଟ କୋହଲି ବର୍ତ୍ତମାନ ହେଉଛନ୍ତି ଏସିଆର ସବୁଠାରୁ ସଫଳ ଅଧିନାୟକ। କେବଳ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକାରେ ନୁହନ୍ତି ଅଷ୍ଟ୍ରେଲିଆରେ ମଧ୍ୟ। ପ୍ରଥମ ଟେଷ୍ଟ ମ୍ୟାଚରେ ପୂଜାରା ଯେପରି ବ୍ୟାଟିଂ କଲେ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନମାନେ ସେଥିରୁ କିଛି ଶିକ୍ଷା ଲାଭ କରିବା ଉଚିତ। ମୋ ବାପା ମୋତେ ସବୁ ବେଳେ କହିଥାନ୍ତି ଟେଷ୍ଟ ମ୍ୟାଚରେ ଶୀଘ୍ର ରନ ସଂଗ୍ରହ ପାଇଁ ତରବର ନ ହୋଇ କିପରି କ୍ରିଜ୍‌ରେ ମହଜୁଦ ରହିହେବ ସେ ଦିଗରେ ଧ୍ୟାନ ଦେବା ଉଚିତ୍। ଶତକ ଆପେ ହୋଇଯିବ। ଆମ ଦଳର ଟପ୍ ୬ଜଣ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଅନଭିଜ୍ଞ। ପ୍ରଥମଶ୍ରେଣୀ କ୍ରିକେଟରେ ଆମ ଦଳର କେବଳ ଜଣେ ବ୍ୟାଟ୍ସମ୍ୟାନଙ୍କର ଆଭରେଜ ହେଉଛି ୪୦ ପାଖାପାଖି। ସେ ତୁଳନାରେ ଭାରତୀୟ ଦଳର ଟପ୍ ୬ ବ୍ୟାଟ୍ସମ୍ୟାନଙ୍କ ଆଭରେଜ ୫୦ରୁ ଅଧିକ। ଲମ୍ବା ଇନିଂସ ଖେଳିବାର ତରିକା ସେମାନଙ୍କୁ ଜଣା। କିନ୍ତୁ ନାଥାନ ଲିଅନଙ୍କୁ କିପରି ମୁକାବିଲା କରିବାକୁ ହେବ ସେମାନଙ୍କୁ ତାହାର କୌଶଳ ବାହାର କରିବାକୁ ପଡ଼ିବ। ପର୍ଥସ୍ଥିତ ନୂଆ ଷ୍ଟାଡିୟମରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ। ଏହି ପିଚ୍‌ରେ ବଲ୍ ସ୍ୱିନ୍ କରିବ। ରିଭର୍ସ ସୁଇଙ୍ଗକୁ ସୁହାଇବ। ଷ୍ଟାର୍କ ଓ ହାଜ୍‌ଲେଉଡ୍ ରିଭର୍ସ ସୁଇଂ ବୋଲିଂ କରିବାରେ ନିପୁଣ। ଭାରତୀୟ ବୋଲର ସାମି ମଧ୍ୟ ଏଥିରେ ଧୁରନ୍ଧର। ହେଲେ ଏହି ବୋଲରମାନେ ଏଥିରୁ ଫାଇଦା ଉଠାଇପାରୁଛନ୍ତି କି ନା ତାହା ଲକ୍ଷ୍ୟ କରିବା କଥା। ମୁଁ ଭାବୁଛି ଅଷ୍ଟ୍ରେଲିଆ ଓ ଭାରତ ଏହି ମ୍ୟାଚ ପାଇଁ ସେମାନଙ୍କ ଦଳ ଅପରିବର୍ତ୍ତିତ ରଖିବେ। ଅଷ୍ଟ୍ରେଲିଆ ଆରୋନ୍ ଫିଞ୍ଚଙ୍କୁ ଦଳରୁ ବାଦ୍ ଦେବ ନାହିଁ। କାରଣ ସେ ଭଲ ସ୍ଲିନ ଖେଳିପାରନ୍ତି। ଅନ୍ୟପକ୍ଷରେ ନୂଆ ବଲ୍ ବୋଲିଂକୁ ଭାରତୀୟ ଓପନିଂ ବ୍ୟାଟ୍ସମ୍ୟାନମାନେ କିପରି ସାମ୍ନା କରୁଛନ୍ତି ତାହା ଲକ୍ଷ୍ୟ କରିବାର କଥା। ସେମାନେ ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଛନ୍ତି। ରୋହିତ ଶର୍ମା ତାଙ୍କ ସ୍ୱାଭାବିକ ଶୈଳୀରେ ବ୍ୟାଟିଂ କରିବା ଉଚିତ। ବୋଧ ହୁଏ ଟେଷ୍ଟ ମ୍ୟାଚ ଭାବି ସେ ଭିନ୍ନରୂପେ ବ୍ୟାଟିଂ କରିବା ଉଚିତ ବୋଲି ସେ ଭାବୁଛନ୍ତି, ଯେଉଁଥିପାଇଁ ସେ ସଫଳ ହେଉନାହାନ୍ତି। ସେ ଓ ରିଷଭ ପନ୍ଥ ଯଦି ଭଲ ବ୍ୟାଟିଂ କରନ୍ତି ତେବେ ଭାରତ ଅଷ୍ଟ୍ରେଲିଆ ଉପରେ ପ୍ରାଧାନ୍ୟ ବିସ୍ତାର କରିପାରିବ। ମୁଁ ଆଶା କରୁଛି ଏହି ଗେମ୍ ୫ ଦିନ ନ ଯାଇ ୪ ଦିନ ମଧ୍ୟରେ ଶେଷ ହୋଇଯିବ। ମୁଁ ପ୍ରଥମରୁ କହି ଆସିଛି ଭାରତ ଏହି ସିରିଜ ୩-୦ରେ ଜିତିବ। ଭାରତ ଯଦି ଏହି ମ୍ୟାଚରେ ଭଲ ଖେଳେ ତେବେ ୨-୦ରେ ଅଗ୍ରଣୀ ସହ ମେଲବୋର୍ନକୁ ଯିବ। ଭାରତ ଯେପରି ଖେଳୁଛି ତାହା ସମ୍ଭବ। (**ଗେମ୍‌ପ୍ଲାନ**)।







ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୩/୨୦୧୮ Sambalpur, Thursday, December 13/ 2018

## ସଂକ୍ଷେପରେ


ଦିଲୀପ ଭୁଏ।

### ଠେଙ୍ଗାରେ ପିଟି ବାପାଙ୍କୁ ହତ୍ୟା, ପୁଅ ଗିରଫ

ବରଗଡ଼ ଅଫିସ୍,୧୨।୧୨
ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ବିଜରାଭଟା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପୁଅର ଠେଙ୍ଗା ମାଡ଼ରେ ବାପାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆଶାରାମ ଭୁଏ(୪୫)। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଦିଲୀପ ଭୁଏ(୨୬)ଙ୍କୁ ଗିରଫ କରିଛି। ଜଗଦଲପୁର ଥାନାରେ ତାଙ୍କ ବିରୋଧରେ ଏକ ମାମଲା(୧୪୨/୧୮) ରୁଜୁ କରି ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୂଚନା ଅନୁସାରେ, ଆଶାରାମଙ୍କ ଦୁଇ ପୁଅ ଏବଂ ଜଣେ ଝିଅ । ଝିଅ ବିବାହିତା ଏବଂ ଦୁଇ ପୁଅ ଦାଦନ ଖଟିବାକୁ ତାମିଲନାଡୁ ଯାଇ ସେଠାରୁ ରୋଜଗାର ଟଙ୍କା ଘରକୁ ପଠାଉଥିଲେ । ସେହି ଟଙ୍କାକୁ ଘର ତିଆରିରେ ବିନିଯୋଗ କରିବା ପାଇଁ ସେମାନେ ଆଶାରାମଙ୍କୁ କହି ଆସୁଥିଲେ। ତେବେ ଗତ ପ୍ରାୟ ସପ୍ତାହକ ତଳେ ବଡ଼ ପୁଅ ଦିଲୀପ ତାମିଲନାଡୁରୁ ଗାଁକୁ ଆସିଥିଲେ। ଆଶାରାମ ଘର ନିର୍ମାଣ କାମ କରିନ ଥିବାରୁ ସେହିଦିନଠାରୁ ତାଙ୍କ ସହିତ ଦିଲୀପଙ୍କ କଳିଗୋଳ ହୋଇ ଆସୁଥିଲା। ଏଭଳି ଘଟଣାକ୍ରମରେ ମଙ୍ଗଳବାର ରାତ୍ରିରେ ଦିଲୀପ ନିଶାରେ ଚୂର୍ ହୋଇ ଘରକୁ ଆସି ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ତାଙ୍କୁ ବାରଣ କରିବାରୁ ସେ ଆଶାରାମଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

### ହାତୀ ଆକ୍ରମଣରେ ଜଣେ ମୃତ

ଲହୁଣୀପଡ଼ା,୧୨।୧୨ (ଡି.ଏନ.ଏ.)- ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡରେ ହାତୀ ଉପଦ୍ରବ ଜାରି ରହିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତି ଲୁସା ଓରାମ (୫୦)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବଣାଇଁ ଉପଖଣ୍ଡ ତାମଡ଼ା ରେଞ୍ଜ ଅନ୍ତର୍ଗତ ସଲଡ଼େଗା ଗ୍ରାମରେ। ଲୁସା ରାତିରେ ଶୋଇଥିବାବେଳେ ହାତୀ ଆସି ତାଙ୍କ ଘର କାନ୍ଥଭାଙ୍ଗି ଭିତରେ ପଶିଥିଲା। ଲୁସା ଓରାମଙ୍କୁ ଶୁଣ୍ଢରେ ଟାଣିଆଣି କଚାଡ଼ି ମାରିଦେଇଥିଲା। ବୁଧବାର ସକାଳେ ବନବିଭାଗ କର୍ମଚାରୀ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ଆର୍ଥିକ ସହାୟତା ଦେଇଥିଲେ। ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ ଲାଗି ପଠାଯାଇଛି।

# ଝାଡ଼ାବାନ୍ତିରେ ଶତାଧିକ ଆକ୍ରାନ୍ତ, ବଢୁଛି ସଂଖ୍ୟା

ସୋନପୁର,୧୨।୧୨(ନି.ପ୍ର.)

**ସୁବର୍ଣ୍ଣପୁର ସହର ସ୍ଥିତି ସଙ୍ଗୀନ**
- ୮୫ ଜଣ ଚିକିତ୍ସିତ ହେଉଛନ୍ତି
- ସାଲାଇନ ଷ୍ଟାଣ୍ଡ ନାହିଁ, ତଳେ ଶୋଇଛନ୍ତି ରୋଗୀ
- ଜଳ ନମୁନା ପରୀକ୍ଷା ରିପୋର୍ଟକୁ ଅପେକ୍ଷା

ଝାଡ଼ାବାନ୍ତି ବ୍ୟାପି ସୋନପୁର ସହରର ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ପୂର୍ବରୁ ମାତ୍ର ୪ଟି ପଡ଼ାରେ ରୋଗ ବ୍ୟାପିଥିବାବେଳେ ବୁଧବାର ସାରା ସହରକୁ ଏହା ବ୍ୟାପି ଗଲାଣି। ମ୍ୟୁନିସିପାଲିଟିର ପ୍ରାୟ ସବୁ ୱାର୍ଡରୁ ରୋଗୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିବାରେ ଲାଗିଛନ୍ତି। ତେବେ ଦୂଷିତ ପାଣି କିମ୍ବା ଖାଦ୍ୟ ଯୋଗୁ ଝାଡ଼ାବାନ୍ତି ବ୍ୟାପିଲା ତାହା ସ୍ପଷ୍ଟ ହୋଇପାରିନି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ଦୂଷିତ ପାଣି ଯୋଗାଣ ହୋଇଥିବାରୁ ଝାଡ଼ାବାନ୍ତି ବ୍ୟାପିଥିବା ସହରବାସୀ ଅଭିଯୋଗ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର, ସହରର ମଇଳା ଜଳ ଓ ବର୍ଜ୍ୟବସ୍ତୁ ଡ୍ରେନ୍‌ରେ ଯାଇ ମହାନଦୀର ଦଶମତୀଘାଟରେ ପଡୁଛି। ସେହି ପାଣିକୁ ମୋଟର ସାହାଯ୍ୟରେ ଅଣାଯାଇ ବିଶୋଧନ କରି ସହରବାସୀଙ୍କୁ ଯୋଗାଇ ଦିଆଯାଉଛି। ବିଶୋଧନ ଠିକ୍ ଭାବରେ ହେଉ ନ ଥିବାରୁ ଝାଡ଼ାବାନ୍ତି ବ୍ୟାପିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷେ ପୁରୁଣା ପାଇପଗୁଡ଼ିକ ପ୍ରାୟତଃ ଡ୍ରେନ୍ ତଳେ ରହିଛି। ପାଇପଗୁଡ଼ିକ ଅନେକ ସ୍ଥାନରେ ଫାଟିଗଲାଣି। ଡ୍ରେନ୍‌ର ମଇଳା ପାଣି ପାଇପ୍ ମଧ୍ୟରେ ପଶୁଛି। ଏହି ପାଣିକୁ ଲୋକେ ସିଧାସଳଖ ପାନୀୟ ରୂପେ ବ୍ୟବହାର କରୁଛନ୍ତି। ଏହା ମଧ୍ୟ ଝାଡ଼ାବାନ୍ତି ବ୍ୟାପିବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଅନ୍ୟପଟେ ସହରରେ ପାନୀୟ ଜଳ ଯୋଗାଣର ସମ୍ପ୍ରସାରଣ ଓ ନୂତନ ପାଇପ୍ ବିଛା କାର୍ଯ୍ୟ ବହୁ ପୂର୍ବରୁ ଆରମ୍ଭ ହୋଇଛି। ହେଲେ ଏ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହେଉନି। ମନ୍ଥର ଗତିରେ କାମ ଚାଲିଥିବାରୁ ଲୋକେ ଦୂଷିତ ପାଣି ପିଉଛନ୍ତି। ମଙ୍ଗଳବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୃଥକ ଭାବେ ପ୍ରଭାବିତ ସ୍ଥାନରୁ ନଳକୂପ, ପାଇପ ଜଳର ନମୁନା ସଂଗ୍ରହ କରାଯାଇଛି। ୪୮ଘଣ୍ଟା ପରେ ପରୀକ୍ଷା ରିପୋର୍ଟ ଆସିଲେ ରୋଗ ବ୍ୟାପିବାର କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏପଟେ ଚିକିତ୍ସାଳୟରେ ଶଯ୍ୟା, ସାଲାଇନ ଷ୍ଟାଣ୍ଡ, ଡାକ୍ତର ଓ କର୍ମଚାରୀ ଅଭାବ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ରୋଗୀଙ୍କୁ ବାରଣ୍ଡାରେ ତଳେ ଶୋଇ ରହି ଚିକିତ୍ସିତ ହେବାକୁ ପଡୁଛି। ଆବଶ୍ୟକ ସାଲାଇନ ଷ୍ଟାଣ୍ଡ ନ ଥିବାରୁ କାନ୍ଥରେ କଣ୍ଟା ପିଟି ସାଲାଇନ ଦିଆଯାଉଛି। ଏଥିପାଇଁ ଚିକିତ୍ସାଳୟ ପରିସରରେ କିଛି ସମୟ ଉତ୍ତେଜନା ପ୍ରକାଶ ପାଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଟିତୁଣ୍ଡ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଚିକିତ୍ସାଳୟ ପରିଦର୍ଶନ କରି ଆକ୍ରାନ୍ତଙ୍କୁ ଭେଟିଛନ୍ତି। ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଓ ନର୍ସଙ୍କୁ ଆଣି ସେବା ଯୋଗାଇ ଦେବାକୁ ସିଡିଏମ୍‌ଓ ଡା. ବିଜୟଲକ୍ଷ୍ମୀ ଗୁରୁଙ୍କୁ ମନ୍ତ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହିତ ମନ୍ତ୍ରୀ ଏ ସମ୍ପର୍କରେ କଥା ହୋଇଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ୮୫ ଜଣ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି। ସହରର ଥନାପତିପଡ଼ା, ନୂଆପଡ଼ା, ଧୀବରପଡ଼ା, ମାଳିପଡ଼ା, ପଟାଭାଡ଼ିରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରବାସୀଙ୍କୁ ମାଇକ୍ ଯୋଗେ ପ୍ରଚାର କରି ଲୋକଙ୍କୁ ପାଣି ଫୁଟାଇ ପିଇବା ଓ ଗରମ ଖାଦ୍ୟ ଖାଇବା ପାଇଁ ପରାମର୍ଶ ଦିଆଯାଉଛି। ସ୍ଥିତି ନିୟନ୍ତ୍ରଣ ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି।


ଆକ୍ରାନ୍ତମାନେ ତଳେ ଶୋଇ ଚିକିତ୍ସିତ ହେଉଛନ୍ତି।

### ଜେବିସିସି ଫ୍ଲଡ୍ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ

## ଖଡ଼ିଆଳକୁ ହରାଇ କଣ୍ଟାବାଞ୍ଜି ଚାମ୍ପିୟନ

ଖଡିଆଳ,୧୨।୧୨(ଡି.ଏନ.ଏ.)
ନୂଆପଡା ଜିଲା ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ଜୟ ଭାରତ କ୍ରିକେଟ କ୍ଲବ ପକ୍ଷରୁ ଜେବିସିସି ଫ୍ଲଡ ଲାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ରାତିରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳରେ ଆୟୋଜକ ଜେବିସିସିକୁ ୮ ଉଇକେଟ ହରାଇ କଣ୍ଟାବାଞ୍ଜି ଦଳ ଚାମ୍ପିୟନ ହୋଇଛି । ଖଡିଆଳ ଏବଂ କଣ୍ଟାବାଞ୍ଜି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ଆୟୋଜକ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୮ଓଭରରେ ୭ ଉଇକେଟ ହରାଇ ୩୫ ରନ ସଂଗ୍ରହ କରିଥିଲା । ୩୫ ର ସହଜସାଧ୍ୟ ରନ୍‌କୁ ପିଛା କରି କଣ୍ଟାବାଞ୍ଜି ଦଳ ୪.୨ ଓଭରରେ ୩୬ ରନ ସଂଗ୍ରଂ କରି ବିଜୟୀ ହୋଇଥିଲା । ଜେବିସିସି ସଭାପତି ମିଳନ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଡିଆଳ କ୍ରିକେଟ ଆସୋସିଏଶନ୍ ସଭାପତି ତଥା ଯୁବ ନେତା ଅଧିରାଜ ପାଣିଗ୍ରାହୀ ମୁଖ୍ୟଅତିଥି, ଅଧ୍ୟାପକ ଅଶ୍ୱିନୀ ପାଢ଼ୀ, ବରିଷ୍ଠ କ୍ରିକେଟ ଖେଳାଳି ଛବି ସାଗର, ସନ୍ତୁ ପଟ୍ଟନାୟକ, ଗିରିଧାରୀ ବିଭାର ପ୍ରମୁଖ ଯୋଗଦେଇ ଖଡିଆଳ ଅଞ୍ଚଳରେ କ୍ରିକେଟ ଖେଳର ବିକାଶ ପାଇଁ ଫ୍ଲଡ ଲାଇଟ୍ ମାଧ୍ୟମରେ ଟୁର୍ନାମେଣ୍ଟ ଆୟୋଜନକୁ ପ୍ରଶଂସା କରିବା ସହ ଏହା ଅଞ୍ଚଳରେ କେବଳ ଯେ କ୍ରିକେଟ ଖେଳର ବିକାଶ ହେବ ତାହା ନୁହେଁ ନୂଆଁ ନୂଆଁ ଖେଳାଳି ଟୁର୍ନାମେଣ୍ଟରେ ସାମିଲ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ ବିଜୟୀ କଣ୍ଟାବାଞ୍ଜି ଦଳକୁ ନଗଦ ୨୧୦୦୦ ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୧୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । ଖେଳ ପରିଚାଳନା କରିଥିଲେ କପିଳ ସାଗର ଓ ତନ୍ମୟ ବିଭାର ।


ବିଜୟୀ କଣ୍ଟାବାଞ୍ଜି ଖେଳାଳି ।

### ଆନ୍ତଃରାଜ୍ୟ ନକ୍‌ଆଉଟ୍ ଫୁଟବଲ ଉଦ୍‌ଯାପିତ

## ବିଶାଖାପାଟଣାକୁ ହରାଇ ସମ୍ବଲପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ ସମ୍ବଲପୁର ଦଳର ଖେଳାଳି।

ଲାଞ୍ଜିଗଡ଼,୧୨।୧୨(ଡି.ଏନ.ଏ.)
କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଚନ୍ଦନପୁରସ୍ଥିତ ଶିବରାମ ଯୁବକ ସଂଘ ଓ ବେଦାନ୍ତ ଲିମିଟେଡ ପକ୍ଷରୁ ଚାଲିଥିବା ଅନ୍ତଃରାଜ୍ୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ୍ ବିଶାଖାପାଟଣା ରେଳୱେ ଏକାଦଶ ଓ ସମ୍ବଲପୁର ସମଲେଶ୍ୱରୀ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଅତ୍ୟନ୍ତ ଚିତ୍ତାକର୍ଷକ ଏହି ମ୍ୟାଚ୍‌ରେ ବିଶାଖାପାଟଣା ଦଳ ପକ୍ଷରୁ ୩ ଜଣ ନାଇଜେରୀୟ ଖେଳାଳି ମୁଖ୍ୟ ଆକର୍ଷଣ ପାଲଟିଥିଲେ । ଷ୍ଟାର ଖେଳାଳିମାନଙ୍କୁ ନେଇ ଅପେକ୍ଷାକୃତ ଲଢୁଆ ଲାଗୁଥିବା ବିଶାଖାପାଟଣା ଦଳକୁ ଜୋରଦାର ଟକ୍କର ଦେଇଥିଲା ସମ୍ବଲପୁର ଦଳ । ଖେଳ ଆରମ୍ଭରୁ ଉଭୟ ଦଳର ଆକ୍ରମଣ-ପ୍ରତି ଆକ୍ରମଣ ସତ୍ତ୍ୱେ କେହି କାହାକୁ ଗୋଲ ଦେଇପାରି ନ ଥିଲେ । ଖେଳ ଶେଷଯାଏଁ ଉଭୟ ଦଳ ସମାନ ରହିବାରୁ ମ୍ୟାଚ୍ ପରିଚାଳନା କରୁଥିବା ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ରେଫରୀ ନବୀନ ନାଏକ ଟାଇବ୍ରେକର୍ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଟାଇବ୍ରେକରରେ ସମ୍ବଲପୁର ଦଳ ୪-୩ରେ ବିଶାଖାପାଟଣା ଦଳକୁ ପରାଜିତ କରି ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏସ୍‌ପି ବାତୁଲା ଗଙ୍ଗାଧର, ସମ୍ମାନିତ ଅତିଥି ଭାବେ ବେଦାନ୍ତ ଲିମିଟେଡ ବାହ୍ୟ ସମ୍ପର୍କ ନିର୍ଦ୍ଦେଶକ ସଞ୍ଜୀବ କୁମାର, ସିଓଓ ପ୍ରକାଶ ମୋହନ, ସୁରକ୍ଷା ବିଭାଗ ମୁଖ୍ୟ ରାଜୀବ ରଞ୍ଜନ, ସିଏସ୍‌ଆର୍ ମୁଖ୍ୟ ହରମିତ ସେହରା, ଆର୍‌ପିଏଫ୍ ମୁନିଗୁଡା ଇନ୍‌ସପେକ୍ଟର ଇନ୍‌ଚାର୍ଜ୍ ଜଗତାପ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀଧର ପେସନିଆ, ପୂର୍ବତନ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ କ୍ଷୀରାବ୍ଦୀ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ରେଫରୀ ନାଏକଙ୍କ ସହ ସନ୍ତୋଷ ନାଏକ, ମନୋଜ ବିଶ୍ୱାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଶ୍ରୀମୁଖ ଅଗସ୍ତି, କିଶୋର ଘଡେଇ, ଯୁଧିଷ୍ଠିର ଚଣ୍ଡି ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରତିଯୋଗିତା ଆୟୋଜନରେ ଶିବରାମ ଯୁବକ ସଂଘ ସଭାପତି ହରିଶ୍ଚନ୍ଦ୍ର ପ୍ରଧାନୀ, ଦେବରାଜ ପାତ୍ର, ହିତେଶ ପ୍ରଧାନୀ, ଭାସ୍କର ପ୍ରଧାନୀଙ୍କ ସମେତ ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ । ଆଜିର ମ୍ୟାଚ୍ ଦେଖିବାକୁ ଲାଞ୍ଜିଗଡ, ମୁନିଗଡା, ଅମ୍ବାଦଳା ଆଦି ଅଞ୍ଚଳରୁ ହଜାର ହଜାର ଦର୍ଶକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା ।

## ଦାଦନ ଶ୍ରମିକଙ୍କୁ ପିଟି ମାରିଦେଲେ

- ସର୍ଦ୍ଦାରଙ୍କ ନିର୍ଦ୍ଦେଶରେ ପିଟିଲେ ସହଯୋଗୀ
- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- କାମ ପାଇଁ ଅଗ୍ରିମ ଟଙ୍କା ଆଣିଥିଲେ ମୃତକ

ପାଟଣାଗଡ଼,୧୨।୧୨(ଡି.ଏନ୍.ଏ.)
ଦାଦନ ସର୍ଦ୍ଦାର ସହଯୋଗୀଙ୍କ ମାଡ଼ରେ ଗୁରୁତର ଆହତ ହୋଇ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଥିବା ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ପଣ୍ଡାମୁଣ୍ଡା ପଞ୍ଚାୟତ ଡୁମେରପଦର ଗ୍ରାମର ଶ୍ରମିକ ଜଗଦୀଶ ମିର୍ଦ୍ଧାଙ୍କ ବୁଧବାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଜଗଦୀଶ ପରିବାର ସହ ଦାଦନ ଖଟିବାକୁ ଯିବା ପାଇଁ ବେଲପଡ଼ା ଅଞ୍ଚଳର ଦାଦନ ସର୍ଦ୍ଦାର ବିଷ୍ଣୁ ବାଗଙ୍କଠାରୁ କିଛି ଟଙ୍କା ଆଣିଥିଲେ। ତେବେ ଗତ ସୋମବାର ସନ୍ଧ୍ୟାରେ ବିଷ୍ଣୁଙ୍କ ଦୁଇ ସହଯୋଗୀ ବିଛଲିବାହାଲ ଗ୍ରାମର ଶାନ୍ତି ବରିହା ଏବଂ ପଣ୍ଡାମୁଣ୍ଡା ଗ୍ରାମର ଭଗବାନ ବରିହା ବାଇକ୍ ଯୋଗେ ଜଗଦୀଶଙ୍କ ଘରକୁ ଆସିଥିଲେ। ସେମାନେ ଜଗଦୀଶଙ୍କୁ ବିଷ୍ଣୁଙ୍କ ଅନ୍ୟତମ ସହଯୋଗୀ ଦରୋମୁଣ୍ଡା ଗାଁର ନରସିଂହ ମାଝିଙ୍କ ଘରକୁ ଉଠାଇ ନେଇ ମାଡ଼ ମାରିଥିଲେ। ମଙ୍ଗଳବାର ସକାଳେ ଅଚେତ ଅବସ୍ଥାରେ ଘର ସମ୍ମୁଖରେ ତାଙ୍କୁ ଫିଙ୍ଗି ଚାଲି ଯାଇଥିଲେ। ପରିବାର ଲୋକେ ଜଗଦୀଶଙ୍କୁ ଉଦ୍ଧାର କରି ପ୍ରଥମେ ପାଟଣାଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ରାତିରେ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବୁଧବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପାଟଣାଗଡ଼ ଥାନାରେ ଜଗଦୀଶଙ୍କ ସ୍ତ୍ରୀ ଯମୁନାଙ୍କ ଲିଖିତ ଅଭିଯୋଗ କ୍ରମେ ପୋଲିସ ୨୭୯/୧୮ନଂ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଭଗବାନ ବରିହାଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ବିଷ୍ଣୁ ଏବଂ ତାଙ୍କ ଅନ୍ୟ ଦୁଇ ସହଯୋଗୀଙ୍କୁ ପୋଲିସ ଗିରଫ କରିନାହିଁ।

# ଢାବାରୁ ଲୁଟ୍ ଘଟଣାରେ ୪ ଗିରଫ

### ୩୫ ହଜାର ଟଙ୍କା, ୨ ବାଇକ୍, ୨ ବନ୍ଧୁକ ଜବତ

ରାଉରକେଲା ଅଫିସ,୧୨।୧୨
ରଘୁନାଥପାଲି ଥାନା ଜଲଦା ଫାଣ୍ଡି ଅନ୍ତର୍ଗତ ତାରିଣୀ ଢାବାରୁ ୩୫ ହଜାର ଟଙ୍କା ଲୁଟ୍ ଘଟଣାରେ ବୁଧବାର ପୋଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ମାଲ ରାୟବଗା ଅଞ୍ଚଳର ବିନୋଦ ଟେଟେ (୨୮), ଗୁରୁଣ୍ଡିଆ ଅଞ୍ଚଳର ପ୍ରଦୀପ ଖାଲକୋ (୨୫), ଜଲଦା ତାରିଣୀ ଢାବାର କର୍ମଚାରୀ ଚନ୍ଦନ ନାୟକ (୨୬) ଏବଂ ରାୟବଗାର ଜାଭିୟର ଟେଟେ (୩୦)। ବିନୋଦ ଟେଟେ ଜଣେ ପିଏଲ୍‌ଏଫ୍‌ଆଇ ସଦସ୍ୟ ବୋଲି ଜଣାପଡ଼ିଛି। ତାଙ୍କ ନାମରେ ରାଜଗାଙ୍ଗପୁର, କୁତ୍ରା ଓ ବ୍ରାହ୍ମଣୀତରଙ୍ଗ ଥାନାରେ ୧୦ରୁ ଅଧିକ ମାମଲା ରହିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ପୋଲିସ ୩୫ ହଜାର ଟଙ୍କା, ୨ଟି ଦେଶୀ ବନ୍ଧୁକ, ୨ଟି ବାଇକ୍ (ନଂ. ଓଡି୧୪-ପି୮୫୫୩ ଏବଂ ଓଡି୧୪-ଏନ୍୨୩୬୩) ଗୋଟିଏ ଭୁଜାଲି, ୨ଟି ଗୁଳି ଜବତ କରିଚି। ବୁଧବାର ରଘୁନାଥପାଲି ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ସୋମନାଥ ଜେନା ଏହି ସୂଚନା ଦେଇଛନ୍ତି। ସେ କହିଥିଲେ ଯେ ଚନ୍ଦନ ତାରିଣୀ ଢାବାରେ ସପ୍ଲାୟର ଭାବେ କାର୍ଯ୍ୟ କରୁଥିଲେ। ଢାବାରେ ଭଲ ବେପାର ହେଉଥିବାରୁ ଟଙ୍କା ଲୁଟ୍ କରିବାକୁ ସେ ଯୋଜନା କରିଥିଲେ। ଯୋଜନା ମୁତାବକ ପ୍ରଦୀପଙ୍କୁ ଆଣି ଚନ୍ଦନ ରହୁଥିବା ଭଡ଼ା ଘରେ ରଖିଥିଲେ। ଉଭୟ ମିଶି ଲୁଟ୍ କରିବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଢାବା ମାଲିକ ରମେଶ ସାହୁ ନଭେମ୍ବର ୧୧ ତାରିଖ ରାତିରେ କାମ ସାରି ଘରକୁ ଚାଲିଯାଇଥିଲେ। ଏହି ସୁଯୋଗରେ ଚନ୍ଦନ ଓ ପ୍ରଦୀପ ଢାବାରେ ଶୋଇଥିବା ରମେଶଙ୍କ ବୃଦ୍ଧା ମା' ଓ ବାପାଙ୍କ ଗୋଡ଼ହାତ ବାନ୍ଧି ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପରେ ସେମାନେ ଡ୍ରୟରରେ ଥିବା ୩୫ ହଜାର ଟଙ୍କା ସହ ୨ ହଳ ରୁପା ପାଉଁଜି ଏବଂ ୨ଟି ମୋବାଇଲ ଫୋନ ଲୁଟି ନେଇଥିଲେ। ପ୍ରଦୀପ ଟଙ୍କା ନେଇ ଫେରାର ହୋଇଯାଇଥିବା ବେଳେ ଚନ୍ଦନ ପୂର୍ବପରି ଢାବାରେ କାମ କରୁଥିଲେ। ଚନ୍ଦନଙ୍କ ଉପରେ ରମେଶ ସନ୍ଦେହ କରି ଜଲଦା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଜଲଦା ଫାଣ୍ଡି ଅଧିକାରୀ ବିଜୟ ଦାସଙ୍କ ନେତୃତତ୍ୱରେ ଏକ ପୋଲିସ ଟିମ୍ ଢାବାରେ ପହଞ୍ଚି ଚନ୍ଦନଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲା। ଚନ୍ଦନ ପୋଲିସ ନିକଟରେ ସବୁକଥା ସ୍ୱୀକାର କରିଥିଲେ। ଏପରି କି ସେମାନଙ୍କ ଏକ ଗ୍ୟାଙ୍ଗ ରହିଥିବା ପୋଲିସ ଚନ୍ଦନଙ୍କଠାରୁ ଜାଣିବାକୁ ପାଇଥିଲା। ପୋଲିସ ଚଢ଼ାଉ କରି ବିଭିନ୍ନ ଆପରାଧିକ ଘଟଣାରେ ସମ୍ପୃକ୍ତ ପିଏଲ୍‌ଏଫ୍‌ଆଇ ସଦସ୍ୟ ବିନୋଦ, ପ୍ରଦୀପ ଏବଂ ଜାଭିୟରଙ୍କୁ ଧରିବାରେ ସଫଳ ହୋଇଥିଲା। ଏନେଇ ରଘୁନାଥପାଲି ଥାନାରେ ଏକ ମାମାଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରାଯାଉଥିବା ଥାନା ଅଧିକାରୀ ଜେନା କହିଛନ୍ତି। ଖବରଦାତା ସମ୍ମିଳନୀରେ ଜଲଦା ଫାଣ୍ଡି ଅଧିକାରୀ ଦାସ, ଦୁଃଖେନ୍ଦ୍ର ସାହୁ, ରଞ୍ଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ପୋଲିସ ଅଧିକାରୀମାନେ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତମାନଙ୍କୁ ଉପସ୍ଥାପନ କରି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।


ଜବତ ଟଙ୍କା ଏବଂ ବନ୍ଧୁକ।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

## ସଂକ୍ଷେପରେ

### ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ସ୍ଥିତ ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ୨୮ ତମ ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଣ୍ଡ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳିକା ଏବଂ ବାଳକ ବିଭାଗର ମୋଟ ୧୫ଟି ବିଭାଗର ଖେଳ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପରମାନନ୍ଦ କଲତା, ଲକ୍ଷ୍ମୀ ପ୍ରସାଦ ସାହୁ, ପ୍ରେମରାଜ ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

### ବ୍ଲକସ୍ତରୀୟ ଶିଶୁମେଳା

**ବରଗଡ଼ ଅଫିସ୍,୧୨।୧୨:** ବରଗଡ଼ ଟାଉନ ହାଇସ୍କୁଲରେ ବ୍ଲକସ୍ତରୀୟ ଶିଶୁମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ପ୍ରାୟ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିସ୍ଫୁଟନ ନିମନ୍ତେ ତର୍କ, ଗଳ୍ପ ଲିଖନ, କବିତା, ରଚନା, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ନୃତ୍ୟ, ସାଧାରଣଜ୍ଞାନ, ବୁଦ୍ଧି ପ୍ରତିଯୋଗିତା ହୋଇଥିଲା । ବ୍ଲକ ସଭାପତି ଡୋଲାମଣି ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ସମାରୋହରେ ଶିକ୍ଷାବିତ୍ ନରସିଂହ ବିଶି ମୁଖ୍ୟ ଅତିଥି ଏବଂ ଜିଲା ସମ୍ପାଦକ ନୀଳମଣି ପୁରୋହିତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ସମ୍ପାଦକ ଋଷଭ ହୋତା ବିବରଣୀ ପାଠ କରିଥିଲେ । ଉପ ସଭାପତି ଅଶୋକ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଯୁଗ୍ମ ସମ୍ପାଦକ ସମୁଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

### ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ

**ଭଟଲି,୧୨।୧୨(ଡି.ଏନ.ଏ):** ବରଗଡ଼ ଜିଲା ଭଟଲି ବ୍ଲକ୍ କମଗାଁ କନିଷ୍ଠ ମହାବିଦ୍ୟାଳୟରେ ବୁଧବାର ୫୦ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁସ୍ତକ ବଣ୍ଟନ କରାଯାଇଛି । ଗତ ମ୍ୟାଟ୍ରିକ ପରୀକ୍ଷାରେ ଏହି ଛାତ୍ରୀଛାତ୍ର ୭୫ଶତକଡ଼ାରୁ ଅଧିକ ମାର୍କ ରଖି ପାସ କରିବା ସହିତ ଏହି କଲେଜରେ ଅଧ୍ୟୟନ କରୁଛନ୍ତି । କଲେଜ ଅଧକ୍ଷ ପ୍ରେମାନନ୍ଦ ପଟେଲଙ୍କ ଅଧକ୍ଷତାରେ ଘେଁସ ମହାବିଦ୍ୟାଳୟର ଅଧକ୍ଷ ଉଦ୍ଧବ ପାତ୍ର ମୁଖ୍ୟଅତିଥି, ବିଜେପୁର ମହାବିଦ୍ୟାଳୟର ଅଧକ୍ଷ ଅକ୍ଷୟ କୁମାର ଯୋଶୀ ଏବଂ ଶିକ୍ଷା ବିଭାଗର ଅଧାପକ ଡିଲେଶ୍ୱର ପଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧାପକ ହରେକୃଷ୍ଣ ଦେବତା ଉଦ୍ଦେଶ୍ୟ ଜ୍ଞାପନ ଓ ଅଧାପିକା ଡ. ଦୀପିକା କୁମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ ଅଧାପକ ଅରବିନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

### ମହାଲକ୍ଷ୍ମୀ ପୂଜା ଆରମ୍ଭ

**ସୋହେଲା,୧୨।୧୨ (ଡି.ଏନ.ଏ):** ସୋହେଲା ବ୍ଲକ ଛୁରିଆପାଲିରେ ଆଜି କଳସ ଶୋଭାଯାତ୍ରା ସହିତ ମହାଲକ୍ଷ୍ମୀ ପୂଜା ଶୁଭାରମ୍ଭ ହୋଇଛି । ଗ୍ରାମର ଶତାଧିକ ମହିଳା ପୂର୍ଣ୍ଣକଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ପଣ୍ଡିତ ସହଦେବ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନ ଓ ଆଲୋକ ପଟ୍ଟନାୟକ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି । ଗୁରୁବାରଠାରୁ ୧୬ ତାରିଖ ପର୍ଯ୍ୟନ୍ତ ଲକ୍ଷ୍ମୀଲୀଳା ଓ ଶ୍ରୀସୁଧା ମହୋତ୍ସବ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ ଦଳ ସାମିଲ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ଶ୍ରୀସୁଧା ମହୋତ୍ସବକୁ ପଦ୍ମଶ୍ରୀ ହଳଧର ନାଗ ଉଦ୍‌ଘାଟନ କରିବେ ଏବଂ ଉଦ୍‌ଯାପନୀ ଉତ୍ସବରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ଯୋଗ ଦେବେ ବୋଲି ପୂଜା କମିଟି ତରଫରୁ ସୂଚନା ଦିଆଯାଇଛି ।

### କୁରାଳ ପୂଜା ମହୋତ୍ସବ

**ବିଜେପୁର, ୧୨।୧୨ (ଡି.ଏନ.ଏ):** ବିଜେପୁର ବ୍ଲକ ତାଳପଦର ଗ୍ରାମରେ କୁରାଳ ପୂଜା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ କଟାରୁ ଭବ୍ୟ ଶୋଭାଯାତ୍ରାରେ ମହିଳାମାନେ ମାନସିକ କଳସ ପୂଜା ମଣ୍ଡପକୁ ଆଣିଥିଲେ । ଅଧିବାସ ସହ ଦ୍ୱାରପାଳ, ପାର୍ଶ୍ୱଦେବତା, ଭଗବାନ ବିଷ୍ଣୁଙ୍କୁ ରୀତିନୀତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା । ଭଗବାନ ରଣା ଦମ୍ପତି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ପୀତବାସ ମିଶ୍ର, ଫକୀର ମହାପାତ୍ର ପ୍ରମୁଖ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ରବିବାର ମହୋତ୍ସବ ଉଦ୍‌ଯାପିତ ହେବ ବୋଲି ଜଣାପଡିଛି ।

## ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗ

# ତଦନ୍ତ ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ

**ଅମ୍ବାଭୋନା, ୧୨।୧୨ (ଡି.ଏନ.ଏ)**

ବରଗଡ ଜିଲା ଅମ୍ବାଭୋନା ବ୍ଲକ ରୁଚିଦା ପଞ୍ଚାୟତର ବଡଧରା ଗ୍ରାମରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜୟସିଂ ପ୍ରଧାନ ନାମକ ଜଣେ ବ୍ୟକ୍ତି ଜିଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିଛନ୍ତି । ବରଗଡ ଜିଲାପାଳ ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ଦେବାକୁ ଅମ୍ବାଭୋନା ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁସାରେ, ଗତ ୨୦୧୪-୧୫ ଆର୍ଥିକ ବର୍ଷରେ ବରା ଗ୍ରାମର ସରସ୍ୱତୀ ପଧାନଙ୍କ କେଶ୍ ରେକର୍ଡ ନଂ. ୨୩୧/୨୦୧୪-୧୫ ମୁତାବକ ଏକ ଇନ୍ଦିରା ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ସେ କୌଣସି ଘର ତିଆରି ନ କରି ୭୦ ହଜାର ଟଙ୍କା ବିଲ୍ ଉଠାଇ ନେଇଛନ୍ତି । ସେହିପରି ବରଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପତ୍ର ସଂଖ୍ୟା ୨୮୧୪ ତା.୧୯।୯।୨୦୧୮ ରିଖ ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷରେ ଇନ୍ଦିରା ଆବାସ ହିତାଧିକାରୀ ସରସ୍ୱତୀ ପଧାନଙ୍କ ସ୍ୱାମୀ ପ୍ରେମାନନ୍ଦ ପଧାନଙ୍କୁ ସ୍ୱତନ୍ତ୍ର ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯାଇଛି । ସ୍ତ୍ରୀ ଇନ୍ଦିରା ଆବାସ ହିତାଧିକାରୀ ହୋଇଥିବା ବେଳେ ସ୍ୱାମୀ ସ୍ୱତନ୍ତ୍ର ବିଜୁ ପକ୍କା ଘର ହିତାଧିକାରୀ ତାଲିକାରେ ଚୟନ ହୋଇଛନ୍ତି । ଏ ନେଇ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଅଭିଯୋଗ ହେବାରୁ ବିଡିଓଙ୍କୁ ତଦନ୍ତ କରି ଉକ୍ତ ମହିଳାଙ୍କ ସ୍ୱାମୀଙ୍କ ନାମ ତାଲିକାରୁ ବାଦ୍ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବରା ଗ୍ରାମର ରଞ୍ଜିତ ପଧାନଙ୍କ ପରିବାରକୁ ୨୦୧୩-୧୪ ଆର୍ଥିକ ବର୍ଷରେ ୩୫ ହଜାର ଟଙ୍କାର ଇନ୍ଦିରା ଆବାସ ମିଳିଥିଲା । ଏଥିପାଇଁ ଉକ୍ତ ପରିବାରକୁ ୫ ହଜାର ଟଙ୍କା ଅଗ୍ରୀମ ମିଳିଛି । ହେଲେ ଏଯାଏ ଘର ନିର୍ମାଣ ହୋଇ ନ ଥିବାବେଳେ ପୁଣି ତାଙ୍କୁ ସ୍ୱତନ୍ତ୍ର ବିଜୁ ପକ୍କା ଘର ଯୋଜନାରେ ସାମିଲ କରାଯାଇଛି। ଏ ନେଇ ବିଡିଓ ଏଲଫ୍ରାନସ୍ ବିଲୁଙ୍ଗଙ୍କୁ ପଚରାଯିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବରପାଲି ପୁସ୍ତକମେଳା ଉଦ୍‌ଯାପିତ



ମଞ୍ଚରେ ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ବରପାଲି, ୧୨।୧୨ (ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ଗଙ୍ଗାଧର କଳା ପରିଷଦ ଆନୁକୂଲ୍ୟରେ ଚାଲିଥିବା ୪ର୍ଥ ପୁସ୍ତକ ମେଳାର ସୋମବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରଗଡ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟଅତିଥି, ବରଗଡ ଗାନ୍ଧୀ ପାଠକାର ସଭାପତି ଅରୁଣ ମହାନ୍ତି ସମ୍ମାନୀତ ଅତିଥି ଓ ବିଶିଷ୍ଟ ସାହିତ୍ୟିକ ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କଳା ପରିଷଦ ସଭାପତି ଡ. ରବିନ୍ଦ୍ର ଗଡତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ନିରଞ୍ଜନ ସାହୁଙ୍କୁ ଖଗେଶ୍ୱର ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅଧାପକ ଲୋକବନ୍ଧୁ ପଧାନ ମାନପତ୍ର ପଠନ କରିଥିଲେ । ସ୍ଥାନୀୟ ମଡର୍ଣ୍ଣ ପବ୍ଲିକ ସ୍କୁଲ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଅନୁଷ୍ଠାନ ସଦସ୍ୟ ବୀରେନ୍ଦ୍ର ନାଥ ନାଗ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଞ୍ଚଳିକ ହାଇସ୍କୁଲର କ୍ରୀଡା ଉଦ୍‌ଯାପିତ



ନୋଡାଲ ଆଞ୍ଚଳିକ ସ୍କୁଲରେ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହେଉଛି ।

**ଗଣ୍ଡତୁରୁମ, ୧୨।୧୨ (ଡି.ଏନ.ଏ)**

ଭେଡେନ ବ୍ଲକ ଅନ୍ତର୍ଗତ ଗୁଣ୍ଡତୁରୁମ ନୋଡାଲ ଆଞ୍ଚଳିକ ହାଇସ୍କୁଲରେ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅଶୋକ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନ ସ୍ଥାନୀୟ ରାମେଶ୍ୱର ବାବା ଶିବ ମନ୍ଦିରରୁ ଛାତ୍ରୀଛାତ୍ରମାନେ ମଶାଲ ଆଣି ଖେଳ ପଡିଆରେ ସ୍ଥାପନ କରିଥିଲେ । ଏହି କ୍ରୀଡାରେ ଉଭୟ ବାଳିକା ଏବଂ ବାଳକ ବିଭାଗରେ ୪୨ଟି ଇଭେଣ୍ଟର ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତାରେ ଜୁନିୟର ବିଭାଗରୁ ଗଗନ ଭୋଇ ଓ ରଶ୍ମିତା ସେଟ ଏବଂ ସିନିୟର ବିଭାଗରେ ପ୍ରିତି ସେଟ ଓ ରାଜା ଷଣ୍ଢ ଚାମ୍ପିୟନ ଘୋଷିତ ହୋଇଥିଲେ । ଏହି ବାର୍ଷିକ କ୍ରୀଡାକୁ ଶାରୀରିକ ଶିକ୍ଷକ ସୁବ୍ରତ ଡନସନା, ଚୋଳଗଙ୍ଗ ମେହେର, ଦେବରାଜ ହୋତା, ରବି ପ୍ରସାଦ ଭୋଇ, ଦେବାନନ୍ଦ ରଣା, ଝସକେତନ ମଲ୍ଲିକ, ସୁବାଷ ପୋଢ଼, ଘନଶ୍ୟାମ ସାହୁ, ଦ୍ରୌପଦୀ ରଣା, ପୂର୍ଣ୍ଣମାସୀ ସେଟ ଏବଂ ହିରେନ୍ଦ୍ର କମ୍ପ ସହଯୋଗ କରିଥିଲେ ।

## କୁଇଜ ପ୍ରତିଯୋଗିତାରେ ବିକାଶ ପ୍ରଥମ

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ର ରୋଟାରୀ ପବ୍ଲିକ ସ୍କୁଲରେ ପଶ୍ଚିମ ଓଡ଼ିଶା ସହୋଦୟ କମ୍ପ୍ଲେକ୍ସ, ସମ୍ବଲପୁର ପକ୍ଷରୁ ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୋଟାରୀ ସ୍କୁଲର ଅଧ୍ୟକ୍ଷ ଗଜେନ୍ଦ୍ର ନାରାୟଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସ୍କୁଲର ଏକାଡ଼େମିକ ଚେୟାରମ୍ୟାନ ବିକ୍ରମାଦିତ୍ୟ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ଟି ସ୍କୁଲର ୨୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ ପ୍ରଥମ ଏବଂ ସମ୍ବଲପୁରର ସେଭେନ ହିଲ୍ସ ରନର୍ସ ଅପ୍ ହୋଇଥିଲା । ଉପେନ୍ଦ୍ର ଭୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜ୍ୟୋତିରଞ୍ଜନ ମହାନ୍ତି, ଗୋବିନ୍ଦ ପ୍ରସାଦ ଷଡ଼ଙ୍ଗୀ, କୁଶ ଭୂୟାଁ, ଅନସୂୟା ମଲ୍ଲିକ, ପୁଷ୍ପାଞ୍ଜଳି ଦାଶ, ରଞ୍ଜନ କୁମାର ସାହୁ ସହଯୋଗ କରିଥିଲେ। ସହୋଦୟ କମ୍ପ୍ଲେକ୍ସ ଅଧ୍ୟକ୍ଷ ଶିଶିର କୁମାର ରାଉଳ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

## କଳା ପ୍ରତିଭା ପ୍ରଦର୍ଶନ କଲେ ଦିବ୍ୟାଙ୍ଗ ଶିଶୁ

**ବିଜେପୁର, ୧୨।୧୨ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁରରେ ଆନ୍ତର୍ଜାତିକ ଦିବ୍ୟାଙ୍ଗ ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଡିଓ ପଦ୍ମନାଭ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବରପାଲି ସରସ୍ୱତୀ ମହିଳା ସଂଘର ସଭାନେତ୍ରୀ ଘରଯୋଗୀ ଗଡତିଆଙ୍କ ଅଧକ୍ଷତାରେ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଡିପିଓ ଚନ୍ଦ୍ରା ସାହୁ, ଚାରପାଲି ସରପଞ୍ଚ ଦେବେନ୍ଦ୍ର ସାହୁ, ନିଖିଳ ଓଡିଶା ଦିବ୍ୟାଙ୍ଗ ସଂଘର ମଞ୍ଜୁଲତା ଦାସ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଜେପୁର ଓ ବରପାଲି ବ୍ଲକର ଦିବ୍ୟାଙ୍ଗ ଶିଶୁଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ମଞ୍ଜୁଲତା ଦାସ, ଘରଯୋଗୀ ଗଡତିଆ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ତର୍ଯାମୀ ସାହୁ, ରାଜେଶ ରୋଷନ ଏକ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ)**

ଭେଡ଼େନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ରୁଦ୍ରଦେବ ସାହୁ ମୁଖ୍ୟଅତିଥି, ସଙ୍କୁଳ ପ୍ରମୁଖ ଅଶ୍ୱିନୀ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଛାତ୍ରମାନେ ସିଦ୍ଧେଶ୍ୱର ମହାଦେବ ମନ୍ଦିରରୁ ମଶାଲ ଶୋଭାଯାତ୍ରାରେ ନେଇ ପ୍ରତିଯୋଗିତା ସ୍ଥଳରେ ସ୍ଥାପନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଆଚାର୍ଯ୍ୟ ମନମୋହନ ମେଣ୍ଡଲୀ ଓ ଦିଲୀପ ପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସଭାପତି ସରୋଜ କୁମାର ମିଶ୍ର ଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନୀ ଉତ୍ସବରେ ଇଂରାଜୀ ଅଧାପକ ରାମଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟର ସମ୍ପାଦକ ଡ଼. ବିବେକାନନ୍ଦ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।



ଭେଡ଼େନ ଶିଶୁମନ୍ଦିର ବାର୍ଷିକ କ୍ରୀଡ଼ାରେ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି ।

## କୋଶଳ ମହାବନ୍ଦ ପ୍ରସ୍ତୁତି ଜୋରଦାର

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ)**

ଆସନ୍ତା ୧୭ ତାରିଖରେ କୋଶଳ ରାଜ୍ୟ ଦାବି ନେଇ ହେଉଥିବା ମହାବନ୍ଦକୁ ସଫଳ କରିବା ପାଇଁ ବରଗଡ଼ ଜିଲା ଭେଡ଼େନ ସ୍ଥିତ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋଶଳ ଯୁବ ସମନ୍ୱୟ ସମିତି ଭେଡ଼େନ ଶାଖା ତରଫରୁ ଆହୂତ ଏହି ବୈଠକରେ କୋଶଳ ରାଜ୍ୟ ଜିଲା ଆବାହକ ସୁନୀଲ ପୁରୋହିତ ଅଧକ୍ଷତା କରିଥିବାବେଳେ ଜୟରାଜ ଶତପଥି ସଭା ପରିଚାଳନା କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ବିଭିନ୍ନ ରାଜନୈତିକ ଦଳ ଓ ସଙ୍ଗଠନର ପ୍ରତିନିଧି ଯୋଗଦେଇ ଆଗାମୀ ବନ୍ଦକୁ ପ୍ରତି ଗାଁରେ ସଫଳ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସଭାରେ ଜିଲା ସଭାପତି କେଦାର ମିଶ୍ର, ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ ଭୋଇ, ଯୁବ ସଙ୍ଗଠନ ସଭାପତି ଅବିନାଶ ଚନ୍ଦ୍ର ବିଶି, ସମ୍ପାଦକ ରାଜୀବ ଲୋଚନ ଦାଶ, କୋଷାଧ୍ୟକ୍ଷ ସଂଖ୍ୟାକାରୀ ଖମାରୀ, ସୌମିତ୍ରୀ ସାହୁ, ମୁରଲି ଯାଦବ, ଭେଡ଼େନ ନାଗରିକ କମିଟିର ଭରତ ବରେଇ, ରାଜ ବେହେରା, କଂଗ୍ରେସର ରମେଶ ଚନ୍ଦ୍ର ପଣ୍ଡା, ଭାଜପାର ସରୋଜ ମିଶ୍ର, ଲକ୍ଷ୍ମଣ ପଣ୍ଡା, ପ୍ରମୋଦ ମେହେର, ବଜରଙ୍ଗ ଦଳର ପ୍ରଭାକର ଦାଶ, ଯାଦବ ସମାଜର ସୋମନାଥ ଭୋଇଙ୍କ ସମେତ ବହୁସଦସ୍ୟ ଯୋଗ ଦେଇଥିଲେ । ଅବିନାଶ ଚନ୍ଦ୍ର ମିଶି ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜ୍ଞାନ ମେଳାରେ ୧୨୮ ପ୍ରକଳ୍ପ ପ୍ରଦର୍ଶିତ

**ସରଣ୍ଡା,୧୨।୧୨(ଡ଼ି.ଏନ୍.ଏ)**

ଅତାବିରା ବ୍ଲକସ୍ତରୀୟ ବିଜ୍ଞାନ ମେଳା ବୁଧବାର ବାଳକ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିନିୟର ବିଭାଗର ୨୮, ଜୁନିୟର ୬୬ ଓ ସବ୍ ଜୁନିୟର ୩୪ଟି ଏହିପରି ମୋଟ୍ ୧୨୮ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏଥିରୁ ୯ଟି ପ୍ରକଳ୍ପକୁ ବରଗଡ଼ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ କରାଯାଇଛି । ସେମାନଙ୍କ ମଧ୍ୟରେ ସିନିୟର ବିଭାଗରୁ ଲସ୍ତଲା ନୋଡ଼ାଲ ସ୍କୁଲର ମନୀଷ ପ୍ରଧାନ, ଲରମ୍ଭା ହାଇସ୍କୁଲର ଉତ୍ସବ କର୍ଣ୍ଣ ଓ ଝିଲିମିଣ୍ଡା ହାଇସ୍କୁଲର ସମୀକ୍ଷାରାଣୀ ଆଚାର୍ଯ୍ୟ, ଜୁନିୟରରେ ଲସ୍ତଲା ନୋଡ଼ାଲ ସ୍କୁଲର ଚୈତନ୍ୟ ପ୍ରଧାନ, ଝିଲିମିଣ୍ଡା ହାଇସ୍କୁଲର ଆଶୁତୋଷ ନାୟକ ଓ ହିର୍ଲିପାଲି ନୋଡ଼ାଲ ପ୍ରାଥମିକ ବିଦ୍ୟାଳୟର ଚିନ୍ମୟ ସାହୁ ଏବଂ ସବ୍‌ଜୁନିୟରରେ ଛନ୍ଦପାଲିର ଦେବପ୍ରସାଦ ଛନ୍ଦ, ଦୁଲମପୁରର ସସ୍ମିତା ଭୁଏ ଓ ବାବେବିରାର ରଶ୍ମିତା ସେଠ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏମାନେ ସମସ୍ତେ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ବରପାଲିଠାରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ମେଳାରେ ଯୋଗଦେବେ । ଏହି ଅବସରରେ ବିଇଓ ରାଜାରାମ ମେହେରଙ୍କ ସଭାପତିତ୍ୱ ତଥା ଶିକ୍ଷକ ବଳରାମ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି, ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀ ମୁଖ୍ୟବକ୍ତା, ଜିଲା ପ୍ରୋଜେକ୍ଟ କୋଅର୍ଡ଼ିନେଟର (ଡ଼ିପିସି) ଶୁଶାନ୍ତ କୁମାର ଚୋପଦାର, ବ୍ଲକ ଅଧକ୍ଷା ରୀତା ସାହୁ, ଏନଏସି ଅଧକ୍ଷା ଦୀପାଞ୍ଜଳି ଭୋରାସାଗର, ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆନନ୍ଦ ମେହେର ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁରେନ୍ଦ୍ର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ପ୍ରଦୀପ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୀବ ପ୍ରଧାନ, ଆଲୋକ କୁମାର ସାହୁ, ପରିତୋଷ ପାଢ଼ୀ, ନାରାୟଣ ବିଶ୍ୱାଳ, ସଞ୍ଜୟ ଖମାରୀ ଓ ବିଶ୍ୱରଞ୍ଜନ ପୂଝାରୀ ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ । ଶେଷରେ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବ୍ଲକ ଅଧକ୍ଷା ସାହୁ ମୁଖ୍ୟଅତିଥି, ଏନ୍ଏସି ଅଧକ୍ଷା ଭୋରାସାଗର ଓ ରାଜକିଶୋର ପୂଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ ନେତା ନିଶିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ଅତାବିରା ବ୍ଲକ**



ବିଜ୍ଞାନ ମେଳାରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହେଉଛି ।

## ଦକ୍ଷତାର ସହ କାମ କଲେ ଫଳ ମିଳିବ

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ର ବିକାଶ କ୍ୟାମ୍ପସରେ ମଙ୍ଗଳବାର ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସିଜିଏମ ପ୍ରବୀନା କାଲାଙ୍କ ସହିତ ଛାତ୍ରୀଛାତ୍ରମାନେ ଭାବ ବିନିମୟ କରିଥିଲେ। ଏହି ଅବସରରେ ସିଜିଏମ କାଲା ଏବଂ ଡିଜିଏମ ଅନୂପ ସିହ୍ନାଙ୍କୁ ବିକାଶ କ୍ୟାମ୍ପସରେ ସମ୍ବଲପୁରୀ ବାଦ୍ୟ ନିଶାନ ଏବଂ ଢ଼ୋଲ ବଜାଇ ସ୍ୱାଗତ କରାଯାଇଥିଲା। ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଅତିଥିମାନଙ୍କୁ ସ୍ୱାଗତ କରି ନେଇଥିଲେ । ଅତିଥିମାନେ ବିକାଶ କ୍ୟାମ୍ପସରେ ବୃକ୍ଷଚାରା ରୋପଣ କରିଥିଲେ । ସିଜିଏମ କାଲା ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ପ୍ରତିଟି ବ୍ୟକ୍ତି ନିଜ ଦକ୍ଷତାକୁ ଅନୁଧ୍ୟାନ କରି ନିଷ୍ଠାର ସହିତ କାମ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ସିଜିଏମ କାଲା କହିଥିଲେ । ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ବିକାଶ ଓ ଏସବିଆଇର ସହଭାଗିତା ଓଡ଼ିଶାରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶରେ ସହାୟକ ହେଉଛି ବୋଲି କହିଥିଲେ। ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିକାଶ ସ୍କୁଲ ଅଫ୍ ବିଜିନେସ ମ୍ୟାନେଜମ୍ୟାଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳଙ୍କ ସମେତ ବିଭିନ୍ନ ଶାଖାର ଉପାଧ୍ୟକ୍ଷା ଉପାଧ୍ୟକ୍ଷ, ଅଧ୍ୟାପିକାଅଧ୍ୟାପକ ଏବଂ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।




ଅତିଥିଙ୍କ ଗହଣରେ ବିକାଶ ଗ୍ରୁପ୍‌ର ଅଧକ୍ଷ ଓ ଅନ୍ୟମାନେ ।

## ଧର୍ମ ଜାଗରଣ ସନ୍ଥ ପଦଯାତ୍ରା

**ଗାଇସିଲେଟ, ୧୨।୧୨(ଡି.ଏନ.ଏ)**

ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜୀ ମହାରାଜ ପଦଯାତ୍ରା କରି ଗାଇସିଲେଟରେ ପହଞ୍ଚିଛନ୍ତି । ଏହି ଅବସରରେ ତାଙ୍କୁ କଲଙ୍ଗାପାଲି ଠାରେ ସ୍ୱାଗତ କରାଯାଇଥିଲା । ପରେ ସ୍ୱାମୀଜୀ ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ଯୋଗ ଦେଇ ମା'ମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ପରେ ସେ ଗାଇସିଲେଟ ଜଗନ୍ନାଥ ମନ୍ଦିର ଆସିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହିନ୍ଦୁ ଧର୍ମ ଓ ଗୋମାତା ତଥା ଭାରତୀୟ ସଂସ୍କୃତି ସୁରକ୍ଷା କରିବାକୁ ସେ ଆହ୍ୱାନ ଦେଇଥିଲେ । ଗାଇସିଲେଟ ବିଶ୍ୱହିନ୍ଦୁ ପରିଷଦର ସଞ୍ଜୟ କୁମାର ପୁରୋହିତ ସହଯୋଗ କରିଥିଲେ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ



## ସଂକ୍ଷେପରେ

### ଶିଶୁମନ୍ଦିରରେ ବାର୍ଷିକ କ୍ରୀଡ଼ା

**ଉଲୁଣ୍ଡା,୧୨।୧୨(ଡି.ଏନ.ଏ.):** ଉଲୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଲବ ଭରାସାଗରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କ୍ରୀଡା ଉତ୍ସବକୁ ଅନୁଷ୍ଠାନର ସମ୍ପାଦକ ଟିକେଶ୍ୱର ପାଣ୍ଡିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ କୋଷାଧକ୍ଷ ଅମର କୁମାର ସିଂହ, ଯୁଗ୍ମ ସମ୍ପାଦକ ଗୋବିନ୍ଦ ଦାସ ତରାଇ ଯୋଗ ଦେଇଥିଲେ। ଏଥିରେ ୧୦୦, ୨୦୦, ୪୦୦ ମିଟର ଦୌଡ, ଲମ୍ଫଡିଆଁ, ଉଚ୍ଚଡିଆଁ, ଗୋଳାଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡାରେ ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୪୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଖେଳାଳି ଉରୁକ୍ରମ ପାଣ୍ଡିଆ ଅତିଥି ଭାବେ ଯୋଗ ଦେଇଥିଲେ। ହୃଷୀକେଶ ଦେହେରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।

ଜମି ଚିହ୍ନଟ ପାଇଁ ଲାଞ୍ଚ

# ରାଜସ୍ୱ ନିରୀକ୍ଷକ ଗିରଫ

ସୋନପୁର,୧୨।୧୨(ନି.ପ୍ର.)

ଜମି ଚିହ୍ନଟ ରିପୋର୍ଟ ପ୍ରଦାନ ପାଇଁ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ସୁବର୍ଣ୍ଣପୁର ଜିଲା ଭାଟବାହାଲି ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ ଜେନା । ନିଜ କାର୍ଯ୍ୟାଳୟରେ ବୁଧବାର କପାସିରା ଗ୍ରାମର ବାଲ୍ମୀକି ପଧାନଙ୍କଠାରୁ ସେ ୧୫୦୦ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଜେନାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୩ଟି ୫୦୦ଟଙ୍କିଆ ନୋଟ ଜବତ କରାଯାଇଛି । ତାଙ୍କୁ ଗିରଫ କରିବା ସହ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ବାଲ୍ମୀକିଙ୍କର ତାଙ୍କ କକାଙ୍କ ସହ ଜମି ବିବାଦ ଥିଲା । ରାମପୁର ତହସିଲଦାରଙ୍କ କୋର୍ଟରେ



ଗିରଫ ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର ଜେନା ।

ସିଏମସି କେଶ ରୁଜୁ ହୋଇଥିଲା । ତହସିଲଦାର ଜମି ଉପରେ ୧୪୪ଧାରା ଜାରି କରିଥିଲେ । ଏପରିକି ଗତ ଡିସେମ୍ବର ୬ତାରିଖ ସୁଦ୍ଧା ଜମି ଚିହ୍ନଟ କରି ରିପୋର୍ଟ ପ୍ରଦାନ ପାଇଁ ତହସିଲଦାର ଆରଆଇ ଦିଲ୍ଲୀପଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବାଲ୍ମୀକି ଏଥିପାଇଁ ଆରଆଇଙ୍କୁ ବାରମ୍ବାର ଦେଖା କରୁଥିଲେ । ତେବେ ଜମି ଚିହ୍ନଟ ରିପୋର୍ଟ ପାଇଁ ଆରଆଇ ୨ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଟଙ୍କା ଦେଇ ନ ପାରିବାରୁ ନିର୍ଦ୍ଧାରିତ ସମୟରେ ଆରଆଇ ରିପୋର୍ଟ ଦାଖଲ କରି ନ ଥିଲେ । ବାଲ୍ମୀକି ଶେଷରେ ୧୫୦୦ଟଙ୍କା ଲାଞ୍ଚ ଦେବା ପାଇଁ ରାଜି ହୋଇଥିଲେ । ଏ ସମ୍ପର୍କରେ ସେ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ଆରଆଇ ଲାଞ୍ଚ ଗ୍ରହଣ କରିବା ପରେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଛକି ରହିଥିବା ଭିଜିଲାନ୍ସ ବିଭାଗର ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ । ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ବିଭାଗ ପକ୍ଷରୁ କେସ୍ ନଂ୭୦/୧୮ରେ ଏକ ମାମଲା ରୁଜୁ କରାଯାଇଛି । ସମ୍ବଲପୁର ଭିଜିଲାନ୍ସ ଡିଏସପି ଦିଲ୍ଲୀପ କର, ବରଗଡ ଡିଏସପି ବୀରେନ୍ଦ୍ର ନାଏକ, ଇନ୍ସପେକ୍ଟର ସୁବାସ ମିଶ୍ର ଓ ଅଭୟ ପଧାନ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

### ଗରିବଙ୍କୁ ସହାୟତା ଦିଅ

**ସିଂଘିଯୁବା,୧୨।୧୨(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ତହସିଲ କାର୍ଯ୍ୟାଳୟରେ ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ବର୍ଷାରେ ଘରଭଙ୍ଗା ଜନିତ ସହାୟତା ପ୍ରଦାନ କରିବାର ଓ ଗରିବ ଲୋକଙ୍କୁ ତୁରନ୍ତ ସରକାରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ସହାୟତା ଦେବାକୁ ଏଥିରେ ଦାବି କରାଯାଇଛି। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ, ବିନିକା ୨ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ରୋହିଣୀ ଡାଙ୍ଗ ଏବଂ ବିନିକା ନଗର ମହିଳା ମୋର୍ଚ୍ଚାର ସଭାନେତ୍ରୀ ମୀରା ବହିଦାର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ବିନିକା ସହରସ୍ଥିତ ନୂଆବଜାର ମାର୍କେଟୟାର୍ଡରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ସଭାପତି ବିଜୟ ମହାକୁର, ଜିଲା ପରିଷଦ ସଦସ୍ୟ ସୁଶାନ୍ତ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ମହେନ୍ଦ୍ର ମହାନନ୍ଦ ଓ ନଗର ସଭାପତି ପୂର୍ଣଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

### ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ, ଶିମିଳି, କପା କାଠ,**
**ମୂର୍ଖ ସଙ୍ଗେ ନ ଚାଲିବ ବାଟ ।**
**ଯେବେ ମୂର୍ଖ ସାଙ୍ଗେ ଚାଲିବ ବାଟ,**
**କହୁଣି ଖାଇବ ରଟରାଟ ।**

ଶାଗ ଶିମିଳି କପାକାଠ ନିଜ ନିଜ ସ୍ତରରେ ଅଯୋଗ୍ୟ ହେବା ଭଳି ମୂର୍ଖ ଲୋକ କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ସାଧାରଣତଃ ମୂର୍ଖବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାରେ ପଡ଼ିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା କାଠରୁ ବୋହିବ ପାଣି,**
**ପୁଅ ଖେଳାଇବି କୋଉଠୁ ଆଣି ।**

କାଠ ଶୁଖିଗଲେ ସେଥିରୁ ଆଉ ପାଣି ନ ବାହାରିପାରିବା ଭଳି ବଳବୟସ ଖସିଗଲା ପରେ ବ୍ୟକ୍ତି ସେମିତି ନିଜ ପୂର୍ବ ଚମକ ହରାଇ ବସିବା ସହ ସାମର୍ଥ୍ୟ ହରାଇ ବସିଥାଏ। ବୟସ ଓ ସମୟ ଆଗରେ ମଣିଷ ହାର ମାନିବାକୁ ବାଧ୍ୟ ହୋଇଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳ କୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଡକ୍ଟର ରମେଶ ପ୍ରସାଦ ମେମୋରିଆଲ କ୍ରିକେଟ

## ସୋନପୁର ରେଡ୍‌ରୋଜ ସେମିରେ

**ଉଲୁଣ୍ଡା,୧୨।୧୨(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଖେମାଲୋଏ ହାଇସ୍କୁଲ ପଡିଆରେ ଅଷ୍ଟମ ଡକ୍ଟର ରମେଶ ପ୍ରସାଦ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗୁରପଙ୍ଗାକୁ ହରାଇ ସୋନପୁର ରେଡରୋଜ ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଏହି ଉଦ୍‌ଘାଟନୀ ଉତ୍ସବରେ ସୁଶ୍ରୀ ମହାକୁର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୟୋଜିତ ପ୍ରଥମ ଲିଗ ମ୍ୟାଚରେ ଏମଷ୍ଟାର ଗୁରପଙ୍ଗା ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୫୭ ରନ କରିଥିଲା। ଜବାବରେ ଇଲେଭେନ ଷ୍ଟାର ସୋନପୁର ୪ ଉଇକେଟ ହରାଇ ମାତ୍ର ୪୨ ରନ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ମସନାପଡା ନିର୍ଦ୍ଧାରିତ ୬ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିଥିଲା। ସୋନପୁର ରେଡରୋଜ ୫ ଉଇକେଟ ହରାଇ ଆବଶ୍ୟକୀୟ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଗୁରପଙ୍ଗା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୫ ରନ କରିଥିଲା। ରେଡରୋଜ ସୋନପୁର ୪ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଖେଳକୁ ସତ୍ୟନାରାୟଣ ନାଏକ ଓ ସରୋଜ ବାଙ୍କ ପରିଚାଳନା କରିଥିଲେ। ରାଜୁ ମହାରଣା ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ମୁକୁନ୍ଦ ମହାରଣା ଧାରା ବିବରଣୀ ପ୍ରଦାନ କରିଥିଲେ। ଜିତୁ ବାରିକ, ସୂର୍ଯ୍ୟକାନ୍ତ ବାରିକ, ମୁନା ବାରିକ, ମହେଶ ମହାକୁର, ହରି ଡୁଙ୍ଗୁରିଆ ପ୍ରମୁଖ ସହଯୋଗ କରିଥିଲେ।

ସହରରେ ଝାଡ଼ାବାନ୍ତି ବ୍ୟାପିବା ପରେ...

## ନଗର ଉନ୍ନୟନ ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ

**ସୋନପୁର,୧୨।୧୨(ନି.ପ୍ର.)**

ଜନସ୍ୱାସ୍ଥ୍ୟ ବିଭାଗର ପାନୀୟ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ପାଇପ୍‌ଗୁଡିକ ଫାଟିଯାଇଛି। ଡ୍ରେନ୍ ପାଣି ମିଶୁଛି । ମହାନଦୀ ଦଶମତିଘାଟର ଇନଟେକ୍ ପଏଣ୍ଟ ନିକଟରେ ଡ୍ରେନ୍ ପାଣି ମିଶୁଛି । ଏ ସମ୍ପର୍କରେ ୭ଦିନ ପୂର୍ବରୁ ଭାଜପା ପକ୍ଷରୁ ଜନସ୍ୱାସ୍ଥ୍ୟ ବିଭାଗକୁ ଜଣାଯାଇଥିଲା । ବିଭାଗ କୌଣସି ପଦକ୍ଷେପ ନ ନେବାରୁ ଦୂଷିତ ପାଣି ପିଇ ଶତାଧିକ ସହରବାସୀ ଝାଡାବାନ୍ତିରେ ଆକ୍ରାନ୍ତ ହେଲେ । ସେହିପରି ଡାକ୍ତର ଅଭାବରୁ ଆକ୍ରାନ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଭାବେ ସେବା ମିଳୁ ନ ଥିବା ଭାଜପା ଅଭିଯୋଗ କରିଛି । ଏଥିପାଇଁ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗରଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଦାୟୀ କରି ଭାଜପା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରତିବାଦ କରାଯିବା ସହ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଳଦେବ ପ୍ରସାଦ ବେଦ୍‌ବାକ, ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକ୍, ଶ୍ରଦ୍ଧାଞ୍ଜଳି ମିଶ୍ର, ବାପି ଦାଶ, ସୁରୁବାବୁ ସାହୁ ଓ ସୁଦେଷ୍ଣା ନେଗୀ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।



ଭାଜପା ପକ୍ଷରୁ ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଉଛି ।

## ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି

**ସୋନପୁର,୧୨।୧୨(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଝାଡାବାନ୍ତି ବ୍ୟାପିବାରେ ଲାଗିଛି । ଏହାକୁ ନିୟନ୍ତ୍ରଣ କରାଯାଇପାରୁନି । ଏଭଳି ସ୍ଥିତିରେ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ କଂଗ୍ରେସ ପକ୍ଷରୁ ଦାବି ହୋଇଛି । ବୁଧବାର ଜିଲା କଂଗ୍ରେସ କମିଟି ସଭାପତି ଶଙ୍କର ଦାଶଙ୍କ ନେତୃତ୍ୱରେ ଏକ ଟିମ୍ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଇନ୍ଦ୍ରଜିତ୍ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ ସହ ନଳକୂପ ଗୁଡିକୁ ବିଶୋଧନ କରିବା ଓ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ଜଳ ଯୋଗାଇବା ପାଇଁ ଦାବି କରିଥିଲେ । ଟାଉନ କଂଗ୍ରେସ ସଭାପତି ସୁଧୀର ପଣ୍ଡା, ବରିଷ୍ଠ ନେତା ମାଧବ କୁମ୍ଭାର, ପାପି ପଣ୍ଡା, ସତ୍ୟଜିତ ସାହୁ, ଶେଷଦେବ ମେହେର, ସନ୍ତୋଷ ରାଜପୁତ, ବିଶ୍ୱମ୍ବର ନନ୍ଦ ଓ ଅନନ୍ତରାମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ପିଏଚଡି ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ଶିଶୁମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର ଦିବସ

**ବୀରମହାରାଜପୁର,୧୨।୧୨ (ଡି.ଏନ୍.ଏ.)**

ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରାର ବୁଧବାର ବିଦ୍ୟାରମ୍ଭ ସଂସ୍କାର ଦିବସ ପାଳିତ ହୋଇଯାଇଛି। ପ୍ରଥମ କରି ଅଧ୍ୟୟନ ପାଇଁ ବିଦ୍ୟାଳୟରେ ପ୍ରବେଶ କରିଥିବା ଶିଶୁମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ବଳରାମ ପୂଜାରୀଙ୍କ ତତ୍ତ୍ୱାବଧାନରେ ଗୁରୁମା, ଗୁରୁଜୀଙ୍କ ସହ ନବାଗତ ଶିଶୁ ଓ ସେମାନଙ୍କ ଅଭିଭାବକମାନେ ପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିରକୁ ଯାଇଥିଲେ। ଏହି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ହୋମଯଜ୍ଞ ସମାପନ ପରେ ମା'ମାନେ ଶିଶୁମାନଙ୍କୁ କୋଳରେ ବସାଇ ଖଡି ଛୁଆଁଇ ଥିଲେ। ଏହାପରେ ସେଠାରୁ ମନ୍ଦିରର ପାଲିଙ୍କିରେ ଗ୍ରନ୍ଥ ଅଣାଯାଇ ଶିଶୁମାନଙ୍କର ଏକ ଭବ୍ୟ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ଏହି ଶିଶୁମାନଙ୍କୁ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇ ପ୍ରବେଶିକା ପୁସ୍ତିକାରେ ନାମ ଲେଖା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶୁ ମନ୍ଦିର ପରିଚାଳନା ସମିତିର ସଭାପତି ବିଷ୍ଣୁ ଚରଣ ପାଣ୍ଡା, ଉପସଭାପତି ସୁରେନ୍ଦ୍ର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁକାନ୍ତ କୁମାର ପୁରୋହିତ ଉପସ୍ଥିତ ଥିଲେ। ସେହିପରି ପରିଚାଳନା ସମିତିର ସଦସ୍ୟା ସୁଜାତା ତରିଆ, ଶିଶୁ ବାଟିକା ପ୍ରମୁଖ ନମିତା କରଙ୍କ ସହିତ ସମସ୍ତ ଗୁରୁମା, ଗୁରୁଜୀ ସାମିଲ ଥିଲେ।

### ବନ କର୍ମଚାରୀଙ୍କ କଳାବ୍ୟାଜ୍ ପରିଧାନ

ଖଡିଆଳ,୧୨।୧୨(ଡି.ଏନ.ଏ.)

ଓଡ଼ିଶା ଅଣଗେଜେଟେଡ୍ ବନ କର୍ମଚାରୀ ସଂଘ ନୂଆପଡା ଜିଲା ଶାଖା ପକ୍ଷରୁ ଢେଙ୍କାନାଳ ଜିଲାରେ ବନ୍ୟଜନ୍ତୁ ମୃତ୍ୟୁ ଘଟଣାକୁ ନେଇ କାର୍ଯ୍ୟରତ ବନ କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବନ କରିବା ସହ ପରେ ଗିରଫ ଘଟଣାକୁ ନିନ୍ଦା କରାଯାଇଛି । ଏଥି ସହ ନିଲମ୍ବିତ ହୋଇଥିବା ବନ କର୍ମଚାରୀଙ୍କ ବିରୋଧରେ ମାମଲା ପ୍ରତ୍ୟାହର ସହ ପୁର୍ନ ନିଯୁକ୍ତି ଦାବି କରିଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551, 9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603, 7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370, 7840058835
H.No.-258, VPO Duhai, Ghaziabad, (U.P.) 201203

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145, 9006905977

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261, 7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469, 8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110, 7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ୍ ମାମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ୍ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଗା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୭୮୫୫୮
୩୯, ପଟେଲ ନଗର, ଆଂଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442, 7606062768
nationalcoop98@gmail.com

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261, 9718741868
Block Chack, Balasore-756027

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

## ସଂକ୍ଷେପରେ

### ପେଶା, ଜଙ୍ଗଲ ଅଧିକାର ଆଇନ୍ ଠିକ୍ କାର୍ଯ୍ୟକାରିତା ଦାବି

**ସୁନ୍ଦରଗଡ଼, ୧୨।୧୨ (ଡି.ଏନ୍.ଏ):** ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରେ ପେଶା ଆଇନ୍ ଓ ଜଙ୍ଗଲ ଅଧିକାର ଆଇନର ଠିକ କାର୍ଯ୍ୟକାରିତା ଦାବିରେ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ ପକ୍ଷରୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ସାକ୍ଷାତ କରିଥିଲେ। ଜିଲାରେ ଶହଶହ ବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ଓ ବନବାସୀ ଜଙ୍ଗଲ ଜମିରେ ଚାଷବାଷ କରି ଜୀବନଜୀବିକା ନିର୍ବାହ କରୁଥିବା ବେଳେ ଉକ୍ତ ଜଙ୍ଗଲ ଜମିର ଅଧିକାରପତ୍ର ପାଇଁ ହଇରାଣ ହେବାକୁ ପଡୁଥିବା ସ୍ମାରକପତ୍ରରେ ଅଭିଯୋଗ କରିଛନ୍ତି।

# ବିଜ୍ଞାନମେଳାରେ ୧୦୫ ପ୍ରକଳ୍ପ ପ୍ରଦର୍ଶିତ




ତରଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବିଜ୍ଞାନମେଳାରେ ଉପସ୍ଥିତ ଅତିଥି ।

**ତରଭା,୧୨।୧୨(ଡି.ଏନ.ଏ.)**

ତରଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ ତାରିଖରୁ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୬ଟି ବ୍ଲକରୁ ୧୦୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଡିଇଓ ପୁଷ୍ପା ମିଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନ ସଭାରେ ଅତିଥି ଭାବରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଏଡିଇଓ ବେଣୁଧର ବେହେରା ଓ ଜିଲା ବିଜ୍ଞାନ ନିରିକ୍ଷକ ହିମାଂଶୁ ଶେଖର କର ଯୋଗ ଦେଇଥିଲେ। ଶିକ୍ଷକ ସୁରଜ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମ୍ପାଦକ ସରକାରୀ ବାଳକ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରବୀର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷକ ଏକାଦଶ ବର୍ଗେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ସ୍ଥିତ ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ୨୮ ତମ ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଣ୍ଡ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳିକା ଏବଂ ବାଳକ ବିଭାଗର ମୋଟ ୧୫ଟି ବିଭାଗର ଖେଳ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପରମାନନ୍ଦ କଳତା, ଲକ୍ଷ୍ମୀ ପ୍ରସାଦ ସାହୁ, ପ୍ରେମରାଜ ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।

GOVERNMENT OF ODISHA
**OFFICE OF THE EXECUTIVE ENGINEER RURAL WORKS DIVISION, SUNDARGARH**
E.Mail – rw_sundargarh@yahoo.co.in
No.1150-O:- **E-PROCUREMENT NOTICE**
**BID IDENTIFICATION NO. ONLINE-EESNG-04 of 2018-19**
1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in
Sd./- Executive Engineer, Rural Works Division, Sundargarh
25046/11/0005/1819

GOVERNMENT OF ODISHA
**OFFICE OF THE EXECUTIVE ENGINEER RURAL WORKS DIVISION NAWRANGPUR**
**2nd corrigendum to Bid Identification No: EERWNGP – Online -02/2018-19**
**No.1147-O:-** In partial modification to this office Tender call notice no 02/2018-19 the following changes are made.
1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.

Executive Engineer, Rural Works Division, Nabarangpur
25092/11/0007/1819

OCAC
ODISHA COMPUTER APPLICATION CENTRE
**REQUEST FOR PROPOSAL (RFP)**
**Enq. No. : OCAC-SEGP-SPD0037/2014(P-1)/18055**
**CANCELLATION NOTICE**
With reference to above RFP Enq. No.18055 regarding design, development, implementation and maintenance of State Portal and Departmental Portals of Odisha Govt. published on 08.12.2018 in Odia daily Newspapers "The Samaja", "The Dharitri", the English daily "The Times of India (all India Edition) and in the websites **www.ocac.in** & **www.odisha.gov.in**. the said RFP is **hereby cancelled.** The Cancellation Notice is available in the websites **www.ocac.in** & **www.odisha.gov.in**.
**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ନଗର ଉନ୍ନୟନମନ୍ତ୍ରୀ ନିରଞ୍ଜନ ପୂଜାରୀ ଝାଡାବାନ୍ତିରେ ଆକ୍ରାନ୍ତଙ୍କୁ ଭେଟୁଛନ୍ତି ।

## ଷ୍ଟେଟ ବିଗ୍ରେଡ୍ ସ୍କୁଲର ବାର୍ଷିକ ଉତ୍ସବ

**ରିଷିଡା/ମଦନପୁର, ୧୨।୧୨ (ଡି.ଏନ.ଏ.)**

ମ.ରାମପୁର ବ୍ଲକ ଗୋଛାଡେଙ୍ଗେନ ଷ୍ଟେନ ବିଗ୍ରେଡ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର 1ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଦ୍ୟାଳୟ ନିରୀକ୍ଷକ ଘନଶ୍ୟାମ ବଗର୍ତ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଆଦିବାସୀ–ହରିଜନ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଡ. ନୃପରାଜ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ବନଛୋର, ସମ୍ମାନିତ ଅତିଥି ଭାବେ ମ.ରାମପୁର ବିଡିଓ ସୁଶ୍ରୀ ରୁମାନା ଜାଫ୍ରି, ସମ୍ମାନିତ ଅତିଥି ଭାବେ ବେଲୁର ସିଆରସି ସହଦେବ ସାହୁ ଯୋଗେଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ।

GOVERNMENT OF ODISHA
OFFICE OF THE HEALTH & F.W. DEPARTMENT
**VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com
No. .................. / VIMSAR, Dated: .......................
**TENDER CALL NOTICE**
**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.
The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.
*Sd./- Dean & Principal*
*VSS Inst. of Med. Sc & Research, Burla*
10012/11/0053/1819

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର
ପତ୍ର ସଂଖ୍ୟା : ୮୪୭/DCPV/NIC ତାରିଖ : ୧୨.୧୨.୨୦୧୮
**ବିଜ୍ଞପ୍ତି**
ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୨୩.୧୦.୨୦୧୮ରିଖ ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରଠାରୁ ତୃପ୍ତିମୟୀ ନାମରେ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (SAA)ରେ ଶିଶୁଟି ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି କେବେ ଏହି ବିଜ୍ଞପ୍ତି ପ୍ରକାଶାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ ନଂ– ୦୬୬୫୪–୨୨୦୩୬୪) ଉପର ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଫୋନ ନଂ– ୦୬୬୫୪–୨୨୦୪ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ ସହ ଶିଶୁଟି ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣଯୋଗ୍ୟ ହେବ ନାହିଁ। ଏବଂ କିଶୋର ନ୍ୟାୟ ଅଧିନିୟମ –୨୦୧୫ ତଥା Adoption Regulation–2015 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC Case ନଂ ଓ ତାରିଖ | ଫଟୋ |
|---|---|---|---|---|---|---|
| ୧. | ତୃପ୍ତିମୟୀ | ଝିଅ | ୪୫ ଦିନ | ସୁବର୍ଣ୍ଣପୁର ଡାକ୍ତର ଖାନା | ୧୩୫୩ ୨୩.୧୦.୨୦୧୮ |  |

ସ୍ୱା./– ଜିଲ୍ଲାପାଳ, ସୁବର୍ଣ୍ଣପୁର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଶିଶୁଗୁଡିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଉଚିତ୍ ପ୍ରମାଣପତ୍ର ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା–୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ– ୯୯୩୮୧୭୦୪୫୦ / ଅଫିସ୍– ୦୬୬୨୨–୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ–୮୭୬୩୧୪୬୬୧୬ / ଅଫିସ୍– ୦୬୬୨୨–୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧. | ବାଲି (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୪ ବର୍ଷ (ଅନୁମାନିକ) | ପୁଅ | ରଙ୍ଗାଡିପା ଛକ, ସୁନ୍ଦରଗଡ଼ ତା. ୧୦.୦୮.୨୦୧୭ |  |
| ୨ | ଅର୍ପଣ (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୩ ବର୍ଷ (ଅନୁମାନିକ) | ପୁଅ | ଧରୁଆଡିହି ନିକଟରେ ରାଉରକେଲା ପଟୁ ଆସୁଥିବା ଡି.ଏମ୍.ୟୁ. ରେଳ ବଗିରେ ତା. ୧୯.୦୮.୨୦୧୭ |  |
| ୩ | ସ୍ନେହା | ଏକ ମାସ ୧୬.୧୧.୨୦୧୮ | ଝିଅ | ସରଗିଗଡ଼ ଗାଁ ଜଙ୍ଗଲ, କୋଇଡ଼ା ପୋଲିସ ଅଧୀନରେ ୧୬.୧୧.୨୦୧୮ |  |

Sd./- District Child Protection Officer, Sundargarh

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
**ଇସ୍ତାହାର ସଂଖ୍ୟା: ୧୨୬୩** **ତା: ୧୨।୧୨।୨୦୧୮**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ–୦୬୭୬୪–୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ–୨୦୧୫ର ଧାରା ୩୮ (ଉପଧାରା–୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ରାଧା | ଝିଅ | କାଣ୍ଡସର, ଥାନା–ନାଲ୍‌କୋନଗର, ଜିଲ୍ଲା–ଅନୁଗୋଳ | ୧୦୬/ ତା– ୩୦।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

**ODISHA NURSES & MIDWIVES EXAMINATION BOARD**
(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building, Bhubaneswar-1, Odisha
Email: odishanursingboard@gmail.com
No. **02** ON&MEB Dated: 10.12.2018
**Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet**
**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.
*Sd./- Secretary ON&MEB*
10058/11/0024/1819

DADLS-216
## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା
ତା. ୧୪.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ
**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ – ମଧ୍ୟାହ୍ନ ୧୨ ଘଟିକା**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0488/1819

**OFFICE OF THE CHAIRMAN, DLSA, DHENKANAL**
**ADVERTISEMENT**
**Dated, the 11 day of December, 2018**
Applications in the prescribed format are invited from the desirous candidates for recruitment to the 3 Posts of Jr. Clerk of District Legal Services Authority (DLSA)/ Jr. Clerk-cum-Typist of Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013.
**CATEGORYWISE VACANCY POSITION:**

| Name of the Post | S.T | S.C | SEBC | UR (w) | S.T | Total | Scale of Pay |
|---|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 01 | 01 | 0 | 01 | 0 | 03 | Rs. 8800/- |

**NOTE:**
1. The number of Posts as indicated above may increase or decrease.
2. Reservation in respect of women, Physically Handicapped persons/Ex-Services-men/ Sports persons shall be as per applicable Rules.

**LAST DATE FOR RECEIPT OF APPLICATIONS:-**
The application along with the required documents and self attested copies of certificates must reach to the Office of the District & Sessions Judge-cum-Chairman, **District Legal Services Authority, Dhenkanal, At-ADR Building, Near Old S.P. Office, PO/Dist- Dhenkanal, Pin-759001** on or before 05.01.2019 either by Post or in person during office hours on each working day. Applications received in the office after the last date by any means shall be summarily rejected.
**N.B.:-** For format of Application, Eligibilities of the candiates, Fees for examination, Scheme of examination, Details of syllabus for each subject, List of documents to be submitted along with the application, kindly visit the below Web Link.
https://districts.ecourts.gov.in/dhenkanal and www.dhenkanal.nic.in
**Sd./- T.P. Rath**
**Chairman, District Legal Services Recruitment Committee, Dhenkanal**

**GOVERNMENT OF ODISHA, "e"-PROCUREMENT NOTICE**
**Bid Identification No. E.E. GTN(R&B)-07/2018-19**
No.999-B:- **E-mail address: eeghatagaon2015@gmail.com**
**Letter No. 3237** **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Numbers of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.
**Sd./- Executive Engineer, Ghatagaon(R&B)Division**
**34140/11/0010/1819**

See Career Appointment on every **Wednesday & Saturday**

OHPC
**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854242038, E-mail: sgmel_ukhep@ohpcltd.com, CIN:U40101OR1995SGC003963**
**TENDER CALL NOTICE No.- UKHEP - 25/2018-19, Dated 06.12.2018**
**No.CAD-1119:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Supply & Fixing of PVC door shutters along with PVC door frames to "F" type quarters at Power House Colony, UKHEP, Bariniput. | 4,11,942/- | 2360/- (Rs.2000/- +18% GST) | 4120/- | From 10:00 hrs of 14.12.2018 to13:00 hrs of 28.12.2018 | Up to 16.00 hrs of 28.12.2018 | At 16.30 Hours of 28.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
**04002/11/0073/1819** **Sd./- Unit Head, UKHEP, Bariniput**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ଡିସେମ୍ବର, ୨୦୧୮



ପରାଜିତ ହୋଇ ବଞ୍ଚିବା ଅପେକ୍ଷା ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁ ହିଁ ଶ୍ରେୟସ୍କର।
- ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ



### ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

**ବୌଦ୍ଧ,୧୨।୧୨(ସ୍ୱ.ପ୍ର):** ବୁଧବାର ଥିଲା ବୌଦ୍ଧର ପ୍ରସିଦ୍ଧ ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା । ତୃତୀୟ ରଜନୀରେ ମଥୁରାର କଳାଚାନ୍ଦ ଗୋପରେ ବଢୁଛି ମଞ୍ଚସ୍ଥ ହୋଇଥିଲା । ନାଟକ ଆରମ୍ଭରେ ନୃତ୍ୟ ନାଟିକା ମହାଗ୍ରହ ଶନି ଦର୍ଶକଙ୍କୁ ନାଟକ ଦେଖିବା ପାଇଁ ବାନ୍ଧି ରଖିଥିଲା । ଆଜିର ନାଟକରେ ପ୍ରମୁଖ ଭୂମିକାରେ ଇନ୍ଦ୍ରମଣି ମେହେର, ସାନୁଜ ବାରିକ, ଦୁର୍ଯ୍ୟୋଧନ ନାଏକ, ମଳୟ ବାରିକ, ବାବୁଲାଲ ପ୍ରଧାନ, ନାରାୟଣ ରଣା, ବିରୁପାକ୍ଷ କରଡିଆ, ସୁଦର୍ଶନ ହୋତା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ସ୍କୁଲ ପରିଚାଳନା କମିଟି ଗଠିତ

**ଘଣ୍ଟାପଡା, ୧୨।୧୨ (ଡି.ଏନ.ଏ):** କଣ୍ଟାମାଳ ବ୍ଲକ କୁଲୁତାଯୋର ଗ୍ରାମପଞ୍ଚାୟତ ସଭା ଗୃହରେ ସରପଞ୍ଚ ପଦ୍ମାବତୀ ରଣାଙ୍କ ସଭାପତିତ୍ୱରେ ପଞ୍ଚାୟତସ୍ତରୀୟ ସ୍ଥାୟୀ ସ୍କୁଲ ପରିଚାଳନା କମିଟି ଗଠନ କରାଯାଇଛି। ଏଥିରେ ସରପଞ୍ଚ ପଦ୍ମାବତୀ ରଣା ସଭାପତି, ପଞ୍ଚାୟତ ଇଓ ନବଘନ ପ୍ରଧାନ ସମ୍ପାଦକ ଏବଂ ପଞ୍ଚାୟତ ଅଧୀନ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିଚାଳନା କମିଟି ସଭାପତି, ଅଙ୍ଗନୱାଡି ସୁପରଭାଇଜର, ଏଏନଏମଙ୍କ ସହିତ ୪୭ଜଣଙ୍କୁ ନେଇ କମିଟି ଗଠନ କରାଗଲା । ଉକ୍ତ ସଭାରେ ସିଆରସିସି ଯୁଧିଷ୍ଠିର କଅଁର, ସମିତି ସଭ୍ୟା ବିଳାସ କ୍ଷେତି ଉପସ୍ଥିତ ଥିଲେ । ସାମାଜିକ କର୍ମୀ ପ୍ରେମରାଜ ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

### ବିଜ୍ଞାନମେଳା ପ୍ରସ୍ତୁତି

**ବରଗଡ଼ ଅଫିସ୍,୧୨।୧୨:** ବରଗଡ଼ ଶିକ୍ଷାଜିଲା ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳା ପାଇଁ ବରପାଲି ସରକାରୀ ବାଳକ ହାଇସ୍କୁଲରେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଇଓ ପ୍ରକାଶ କୁମାର ଯୋଶୀ ଏଥିରେ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୧୪ରୁ ୧୬ତାରିଖ ପର୍ଯ୍ୟନ୍ତ ବରପାଲି ସରକାରୀ ବାଳକ ବିଦ୍ୟାଳୟରେ ଏହା ଅନୁଷ୍ଠିତ ହେବ ଏବଂ ଏଠିରେ ଜିଲାର ବିଭିନ୍ନ ବ୍ଲକରୁ ମୋଟ୍ ୧୫୨ଟି ପ୍ରକଳ୍ପ ସ୍ଥାନିତ ହେବ ବୋଲି ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ । ବିଇଓ ରାଜେନ୍ଦ୍ର କୁମାର ମିଶ୍ର ସୂଚନା ଦେଇଥିଲେ । ବରପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଶଙ୍କର ମାଝୀ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଟଙ୍କଧର ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।

### ଇଞ୍ଜିନିୟର ସେବା ସଂଘର ନୂଆ କର୍ମକର୍ତ୍ତା

**ବୌଦ୍ଧ,୧୨।୧୨ (ସ୍ୱ.ପ୍ର):** ବୌଦ୍ଧ ଜିଲା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନରେ ସର୍ବସମ୍ମତିକ୍ରମେ ଇଂ. ସୁବ୍ରତ କୁମାର ମଲ୍ଲିକ ଉପଦେଷ୍ଟା, ସ୍ମୃତିରଞ୍ଜନ ସେଠୀ ସଭାପତି, ଡି. ମଧୁସୁଦନ ଦୋରା ଉପସଭାପତି, ଦିବ୍ୟଲୋଚନ ନାୟକ ସମ୍ପାଦକ, ରାଜକିଶୋର ମଲ୍ଲିକ ସହ ସମ୍ପାଦକ (ଅର୍ଥ), ସନ୍ତୋଷ କୁମାର ବେହେରା ସହ ସମ୍ପାଦକ (ସଙ୍ଗଠନ), ବିଜୟ କୁମାର ପାଢ଼ି ଅଡିଟର ଭାବେ ମନୋନିତ ହୋଇଥିଲେ । ସେହିପରି କାର୍ଯ୍ୟକାରୀ କମିଟିକୁ ୭ଜଣ ମନୋନୀତ ହୋଇଛନ୍ତି । ଏହି ବୈଠକରେ ପର୍ଯ୍ୟବେକ୍ଷକ ଭାବେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ କମିଟିର ଅତିରିକ୍ତ ସାଧାରଣ ସମ୍ପାଦକ ଇଂ. ଶ୍ରୀଧର ବାରିକ, ସମ୍ପାଦକ (କାର୍ଯ୍ୟାଳୟ) ପ୍ରଭାତ କୁମାର ନାଏକ, ସମ୍ପାଦକ (ସମନ୍ୱୟ) ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଜିଲାର ୭୦ ଜଣ ଡିପ୍ଲୋମା ଇଂଜିନିୟର ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

# ଜନସଚେତନତା ଲୋଡା

**ପଦ୍ମପୁର, ୧୨।୧୨ (ଡି.ଏନ.ଏ)**

ସଡକ ସୁରକ୍ଷା ନିୟମକୁ କଡାକଡି କରାଯିବା ସହ ଲୋକଙ୍କୁ ଟ୍ରାଫିକ ଉପରେ ସଚେତନତା କରିବା ପାଇଁ ପୋଲିସ ପ୍ରଶାସନ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବାଇକ ଚାଳକଙ୍କୁ ହେଲମେଟ୍ ବ୍ୟବହାର କରିବାକୁ ବାଧ୍ୟତାମୂଳକ କରାଯାଇଛି। ବରଗଡ଼ ଜିଲାରେ ନୋ ହେଲମେଟ ନୋ ପେଟ୍ରୋଲ ସ୍ଲୋଗାନ ଦିଆଯାଇଥିବା ବେଳେ ପଦ୍ମପୁରରେ ଅବଶ୍ୟ ତାହା ପାଳନ କରାଯାଉ ନାହିଁ । ହେଲମେଟ ବାଧ୍ୟତାମୂଳକ ନିଷ୍ପତ୍ତି ପରେ ଥାନା ପକ୍ଷରୁ ସଚେତନ କରାଯିବା ସହ ପୋଲିସ ଯେଉଁ ଚାଳକଙ୍କ ମୁଣ୍ଡ ମୁକୁଳା ରହିଥିବା ଦେଖୁଛି ସେମାନଙ୍କଠାରୁ ୧୦୦ ଟଙ୍କା ଜରିମାନା ଆଦାୟ କରୁଛି। ଏହି କ୍ରମରେ ପଦ୍ମପୁର ଥାନା ପକ୍ଷରୁ ଚଳିତ ବର୍ଷ ପ୍ରାୟ ୩ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି । ସେହିପରି ଟ୍ରିପଲ୍ ବାଇକ ରାଇଡିଂ, ବାଇକ ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା କରି ଜରିମାନା ଆଦାୟ କରାଯାଉଛି । ପଦ୍ମପୁର ସହରରେ ଦିନକୁ ଦିନ ଗାଡି ମୋଟର ସଂଖ୍ୟା ବୃଦ୍ଧି ସହ ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏମିତିକି ଦ୍ରୁତ ଗାଡି ଚାଳନା ପାଇଁ ଅନେକ ଦୁର୍ଘଟଣା ଘଟୁଛି। ଏଭଳି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଚେତନ ନାଗରିକମାନେ ଦାବି କରିଛନ୍ତି । ରାସ୍ତା ଉପରେ ପାର୍କ କରୁଥିବା ଗାଡି ମୋଟର ଉପରେ ଆବଶ୍ୟକ ପାଇଁ ମତ ପ୍ରକାଶ ପାଇଛି ।

### ପଦ୍ମପୁର ସହରରେ ଟ୍ରାଫିକ୍ ବ୍ୟବସ୍ଥା

"ବାଇକ୍ ଆରୋହୀଙ୍କ ପାଇଁ ହେଲମେଟ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି । ପଦ୍ମପୁର ଉପଖଣ୍ଡର ସମସ୍ତ ୯ଟି ଯାକ ଥାନା ଅଞ୍ଚଳରେ ଏହି ନିୟମ ଉଲଂଘନ କଲେ ଜରିମାନା ଆଦାୟ କରାଯାଉଛି । ଯେଉଁ ବ୍ୟକ୍ତି ନୂଆ ବାଇକ୍ କିଣୁଛନ୍ତି ସୋ ରୁମ୍ ମାଲିକ ସେମାନଙ୍କୁ ହେଲମେଟ ଦେବାକୁ ବାଧ କରୁଛୁ ।

**-ଲକ୍ଷ୍ମୀନାରାୟଣ ପଣ୍ଡା, ପଦ୍ମପୁର ଏସ୍‌ଡିପିଓ**



"ପ୍ରତିଦିନ ବିଭିନ୍ନ ଛକରେ ଚେକିଂ ହେଉଛି । ଲୋକଙ୍କୁ ସଚେତନ କରିବା ସହ ବିନା ହେଲମେଟ ବାଇକ୍ ଚାଳକଙ୍କୁ ୧୦୦ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା କରାଯାଉଛି । ଏହା ସହ ବାଇକ ଚଳାଇଲା ବେଳେ ମୋବାଇଲ ବ୍ୟବହାର କରୁଥିଲେ ସେମାନଙ୍କ ଉପରେ ମଧ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ।

**-କେ. ପ୍ରିୟଙ୍କା ରାଉତରାଏ, ପଦ୍ମପୁର ଥାନା ଆଇଆଇସି**



"ଟ୍ରାଫିକ ନିୟନ୍ତ୍ରଣ ଉପରେ ସ୍ଥାନୀୟ ପୋଲିସ ଦୃଷ୍ଟିଦେବା ଆବଶ୍ୟକ । କାରଣ ଟ୍ରାଫିକ ସମସ୍ୟା ପାଇଁ ବହୁ ସମୟରେ ପଦ୍ମପୁର ସହରରେ ଦୁର୍ଘଟଣା ଘଟୁଛି । କେବଳ ହେଲମେଟ ନାଁରେ ଫାଇନ୍ କାଟିଲେ ସମସ୍ୟାର ସମାଧାନ ହେବ ନାହିଁ । ଏଥିପାଇଁ ସଚେତନତା ଲୋଡା ।

**-ଚନ୍ଦନ କୁମାର ବଂଶଲ, ଛାତ୍ରନେତା**





ଖେଳ ପଡିଆରେ ମଶାଲ ସ୍ଥାପନ କରାଯାଉଛି ।

## ବାଉଁଶୁଣୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାଉଁଶୁଣୀ,୧୨।୧୨(ଡି.ଏନ୍.ଏ.)**

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ହାଇସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ବୁଧବାର ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯାଗିତାରେ ପ୍ରାଣୀ ଚିକିତ୍ସକ ଡଃ ପ୍ରିୟବ୍ରତ ବେହେରା ମୁଖ୍ୟଅତିଥି ଭାବେ ମଞ୍ଚାସୀନ ଥିଲେ । ସବଜୁନିୟର, ଜୁନିୟର, ସିନିୟର ବିଭାଗରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ସୁରେନ୍ଦ୍ର ନାଥ ଦାସ, ପଞ୍ଚାନନ ମିଶ୍ର, ସଚଳା ଗୁରୁର, ପ୍ରଫୁଲ୍ଲ ପତି, ମନୋଜ ଗାଇଗୌରିଆ, ଖଗେଶ୍ୱର ମେହେର, ସନ୍ଧ୍ୟାରାଣୀ ମିଶ୍ର ଓ ପଙ୍କଜିନୀ ପୃଷ୍ଟି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ସୁରେନ୍ଦ୍ର ନାଥ ଦାସ ଅତିଥି ପରିଚୟ ଦେବା ବେଳେ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଦ୍ମଶ୍ରୀ ହଳଧର ପାଇବେ ଡକ୍ଟରେଟ୍

**ବରଗଡ଼ ଅଫିସ୍,୧୨।୧୨**

ପଦ୍ମଶ୍ରୀ ହଳଧର ନାଗଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯିବ । ଆସନ୍ତା ଜାନୁଆରୀ ୫ତାରିଖ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ତାଙ୍କୁ ଏହି ଉପାଧି ମିଳିବ ବୋଲି ଜଣାପଡ଼ିଛି । ବିଶ୍ୱବିଦ୍ୟାଳୟର ଦୁଇ ସିନେଟ୍ ସଦସ୍ୟ ତଥା ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସର ସଭାପତି ଅଶୋକ ପୂଜାହାରୀ ଏବଂ ସମ୍ପାଦକ ଅଧ୍ୟାପକ ସୁଶାନ୍ତ ମିଶ୍ର ଗତ ୮ତାରିଖ ସିନେଟ୍ ସଭାରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ ସମେତ ୫ଦଫା ସମ୍ବଳିତ ଦାବିପତ୍ର ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପ୍ରଦାନ କରିଥିଲେ । ଏ ସମ୍ପର୍କରେ କୁଳାଧିପତି ତଥା ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଥିଲା। ଏହାପରେ ତାଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ ପାଇଁ ଚୂଡ଼ାନ୍ତ ହୋଇଥିବା ସୂଚନା ମିଳିଛି । ଏଥିପାଇଁ ଅଭିମନ୍ୟୁ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟପାଳ ଗଣେଶୀ ଲାଲ ଏବଂ କୁଳପତି ପ୍ରଫେସର ଦୀପକ କୁମାର ବେହେରାଙ୍କୁ ଧନ୍ୟବାଦ ଦିଆଯାଇଛି ।



ପଦ୍ମଶ୍ରୀ ହଳଧର ନାଗ ।

## ଜାତୀୟ ଭୋଟର ଦିବସ

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ)**

ଭେଡ଼େନ ସ୍ଥିତ ସୂର୍ଯ୍ୟମଣି ଜନତା ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତଙ୍କ ସଭାପତିତ୍ୱରେ ହୋଇଥିବା ଏକ ସଭାରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଗୋପାଳ ପଟେଲ, ଅଭିମନ୍ୟୁ ଭୋଇ, ହେମବତୀ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତାରେ ବାଳକୃଷ୍ଣ ପଢ଼ିଆରି, କୁଇଜରେ ବ୍ରଜେଶ ବିଶ୍ୱାଳ, ସ୍ଲୋଗାନରେ ଲିପ୍‌ସାରଣୀ ସାହୁ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରକୁ ମନୋନିତ ହୋଇଛନ୍ତି। ସିଆରସିସି ଅରୁଣ ଭୋଇ, ପଞ୍ଚାନନ ଭୋଇ, ସୁଦାମ ଚରଣ ଦାଶ, ସୂର୍ଯ୍ୟଚନ୍ଦ୍ର ପଟେଲ, ଧନପତି ବାଗଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

### ଜିଲାପାଳଙ୍କୁ କୋସଲ ସେନାର ସ୍ମାରକପତ୍ର ପ୍ରଦାନ

## ଧନୁଯାତ୍ରା କୋସଲି ଭାଷାରେ ହେଉ




କୋଶଳ ସେନାର କର୍ମୀମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବା ପାଇଁ ଯାଉଛନ୍ତି ।

**ବରଗଡ଼ ଅଫିସ୍,୧୨।୧୨**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ୨୦୧୯ ଜାନୁୟାରୀ ୧୧ରୁ ୨୧ତାରିଖ ପର୍ଯ୍ୟନ୍ତ ଚାଲିବ । ତେବେ ଏଣୁ ଏଣିକି ଧନୁଯାତ୍ରା ମହୋତ୍ସବରେ କୋଶଳୀ ଭାଷାର ପ୍ରୟୋଗ କରିବାକୁ ଦାବି ହୋଇଛି। ଏହି କ୍ରମରେ ବୁଧବାର କୋସଲ ସେନା ପକ୍ଷରୁ ଧନୁଯାତ୍ରା ମହୋତ୍ସବ ସମିତିର ସଭାପତି ତଥା ବରଗଡ଼ ଜିଲପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ପଦ୍ମଶ୍ରୀ ହଳଧର ନାଗଙ୍କ ଗହଣରେ କୋସଲ ସେନାର ତପନ ଖମାରୀ, ଅର୍ପଣ କୁମାର ନାଏକ, ଶୁକଦେବ ମଲ୍ଲିକ ପ୍ରମୁଖ ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

## ସବୁଦିନ ସ୍କୁଲ ଯିବା କାର୍ଯ୍ୟକ୍ରମ

**ବୌଦ୍ଧ,୧୨।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ସଦର ମହକୁମାରେ ସବୁଦିନ ସ୍କୁଲ ଯିବାକୁ ନେଇ ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଟାଉନହଲ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ବିଷୋୟୀ. ଏଡିଏମଓ ବନଲତା ଦେବୀ, ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଜିଲା କଳା ସାଂସ୍କୃତିକ ସଂଘ ଉପସଭାପତି ଦିବ୍ୟଶଙ୍କର ରାଉତ, ଢେଙ୍କାନାଳ ଜିଲା କଳା ସାଂସ୍କୃତିକ ସଂଘ ଉପସଭାପତି ଅବନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ 'ସବୁଦିନ ସ୍କୁଲ ଯିବା' ଅଭିଯାନ ରାଜ୍ୟର ୧୦ଟି ଜିଲାରେ କାର୍ଯ୍ୟକାରୀ ହୋଇଛି । ଏହି ପରିପ୍ରେକ୍ଷୀରେ ଏହି ଯୋଜନା ସମ୍ପର୍କରେ ସଚେତନ ସହ ପ୍ରଶିକ୍ଷଣ ନେବା ଏହାର ଉଦ୍ଦେଶ୍ୟ ବୋଲି ପ୍ରକଳ୍ପ ସଂଯୋଜକ ବିଷୋୟୀ ପ୍ରକାଶ କରିଥିଲେ । ଜିଲା, ବ୍ଲକ ଓ ପଞ୍ଚାୟତସ୍ତରରେ ନାଚ, ଗୀତ ମାଧ୍ୟମରେ ଏ ନେଇ ସଚେତନତା କରାଯିବ ବୋଲି ସେ ସୂଚନା ଦେଇଥିଲେ। ସଂସ୍କୃତି ବିଭାଗର ମାନସ କୁମାର ସେଠୀ, ରବିନାରାୟଣ ସାହୁ ସହଯୋଗ କରିଥିଲେ ।

## କୁରାଳ ପଞ୍ଚମୀ କଳସ ଶୋଭାଯାତ୍ରା

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ସୁନାଲରମ୍ଭା ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଦୋପାଲି ଗ୍ରାମରେ କୁରାଳ ମହାପଞ୍ଚମୀ ପୂଜା ଅବସରରେ ବୁଧବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସମାଜର ବହୁ ମହିଳା ପୁରୁଷ ଶୋଭାଯାତ୍ରାରେ ଯାଇ ପୋଖରୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳରେ ସ୍ଥାପନ କରିଥିଲେ । ଏଥିରେ ମଙ୍ଗଳୁ ରଣା ଏବଂ ଗନ୍ଧର୍ବ ରଣା ମୁଖ୍ୟ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ପଣ୍ଡିତ ପ୍ରେମ ପ୍ରକାଶ ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ପୂଜା ଶୁକ୍ରବାର ଉଦ୍‌ଯାପିତ ହେବ।

## ଉଠା ଦୋକାନୀ-ପୌର କର୍ମଚାରୀ ମୁହାଁମୁହିଁ

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ଥାନାଛକ ସମ୍ମୁଖରେ ରହିଥିବା ଉଠାଦୋକାନୀ-ପୌରସଂସ୍ଥା ବୁଧବାର ସନ୍ଧ୍ୟାରେ ମୁହାଁମୁହିଁ ହୋଇଥିଲେ । ଏପରିକି ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା ଏବଂ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସକୁ ଆସିବାକୁ ପଡ଼ିଥିଲା । ସୂଚନା ଅନୁସାରେ, ଥାନା ଛକ ସମ୍ମୁଖରେ ଦୀର୍ଘଦିନୀରୁ ଉଠାଦୋକାନୀମାନେ ନିଜ ବ୍ୟବସାୟ କରି ପରିବାର ଗୁଜୁରାଣ ମେଣ୍ଟାଇ ଆସୁଛନ୍ତି । ଏହା ସହିତ ସେମାନେ ମ୍ୟୁନିସିପାଲିଟିକୁ ମଧ୍ୟ ଆବଶ୍ୟକ ଟିକସ ଦେଉଥିବାବେଳେ ବିଭାଗୀୟ କର୍ମଚାରୀମାନେ ଜୋରଜବରଦସ୍ତ ସେଠାରୁ ସେମାନଙ୍କୁ ହଟାଉଥିବା ଉଠାଦୋକାନୀମାନେ ଅଭିଯୋଗ କରିଛନ୍ତି। ଏପରିକି ସେମାନେ ଆଣିଥିବା ଫଳମୂଳ ଫିଙ୍ଗା ଫୋପଡ଼ା କରିଥିବା ଭଳି ଗୁରୁତର ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ଉଠାଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଥିଲା ଏବଂ ସେମାନେ ନିକଟ ରାସ୍ତା ଉପରକୁ ଯାଇ ପ୍ରତିବାଦ କରିଥିଲେ। ତେବେ ପୌର ନିର୍ବାହୀ ଅଧିକାରୀ ସୁଶାନ୍ତ ରାଉତ ଉଠାଦୋକାନୀଙ୍କ ସେଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଧନୁଯାତ୍ରା ମହୋତ୍ସବର ଶୁଭସ୍ତମ୍ଭ ସ୍ଥାପନା କାର୍ଯ୍ୟକ୍ରମ ଥିବା ଯୋଗୁ ଉଠାଦୋକାନୀଙ୍କୁ ସେହି ରାସ୍ତାରେ ଦୋକାନ ନ ଲଗାଇବା ପାଇଁ ବାରମ୍ବାର ସୂଚନା ଦିଆଯାଇଥିଲା। ଏହାସତ୍ତ୍ୱେ ସେମାନେ ସେଠାରୁ ହଟି ନ ଥିଲେ । ଫଳରେ ସନ୍ଧ୍ୟାରେ ସେ ସେଠାକୁ ଯାଇ ସେମାନଙ୍କୁ ବୁଝାଶୁଝା କରିଥିଲେ ବୋଲି କହିଛନ୍ତି ।

## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୩ ଗୁରତର

**ପାଇକମାଳ,୧୨।୧୨(ଡି.ଏନ.ଏ)**

ବରଗଡ଼ ଜିଲା ପାଇକମାଳ-ନୂଆପଡ଼ା ରାସ୍ତାର ପୁରେନା ନିକଟରେ ବୁଧବାର ରାତି ପ୍ରାୟ ସାଢ଼େ ୭ଟାରେ ୨ଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଏହି ଦୁର୍ଘଟଣାରେ ଉଭୟ ବାଇକ୍‌ରେ ଥିବା ୩ଜଣ ଯୁବକ ଆହତ ହୋଇଛନ୍ତି । ସେମାନେ ହେଲେ କର୍ଲ୍ଲାମାଲର ଅଶ୍ୱିନୀ ସାହୁ(୨୫), ଭରୁଆମୁଣ୍ଡାର ଭୁବନେଶ୍ୱର ସାହୁ(୨୫) ଏବଂ କଟଙ୍ଗପାଲିର ରାଜିନ ସାହୁ(୨୨) । ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ପାଇକମାଳ ଡାକ୍ତରଖାନା ପଠାଇଥିଲେ । ମାତ୍ର ସେଠାରେ ଅଶ୍ୱିନୀ ଓ ଭୁବନେଶ୍ୱରଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

# ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ ସିମେଣ୍ଟନଗର ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ ଏହାକୁ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ସନାତନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ବିକାଶ ଗ୍ରୁପର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଶିକ୍ଷକ ଦୀପକ ସେଟ୍, ବାପୁନୀ ରାଉତ, ଷ୍ଟାଲିନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କ୍ରୀଡ଼ା ଶିକ୍ଷକ ଅଜୟ ସିଂ, ସୁଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ । ଶିକ୍ଷକ ଦିଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଅତିଥିଙ୍କ ଗହଣରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ।

# ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

**ବରଗଡ଼ ଅଫିସ୍,୧୨।୧୨**

ବରଗଡ଼ରେ ବୁଧବାର ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ୫୩ତମ ମହାପ୍ରୟାଣ ଦିବସ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ କଚେରୀ ରୋଡ଼ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଘନଶ୍ୟାମ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ସେନା କର୍ମଚାରୀ ମାନସ ଚାନ୍ଦ, ସଂଗ୍ରାମୀ ପରିବାରର ସଦସ୍ୟ, ସମାଜସେବୀ ଜ୍ୟୋତ୍ସ୍ନାମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ପ୍ରେରଣା ଶିକ୍ଷା ଓ ସାମାଜିକ ଟ୍ରଷ୍ଟର ଚେୟାରମ୍ୟାନ ଡା. ସଞ୍ଜିତ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ସହରର ଶହୀଦ ସ୍ମୃତି କମିଟି, ଅବସରପ୍ରାପ୍ତ ସୈନିକ ସଂଘ, କୋସଲ ରାଜ୍ୟ ସମନ୍ୱୟ ସମିତି, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବରଗଡ଼ ଜିଲା ଗଣ୍ଡା ସମାଜ, ସଂସ୍କାର ଭାରତୀ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବରିଷ୍ଠ ନାଗରିକ ସଂଘ, ସୋସିଏଲ କ୍ଲବ ଆଦି ଅନୁଷ୍ଠାନର କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ସୁରେନ୍ଦ୍ର ପଣ୍ଡା, ଜୟନ୍ତ ମହାରଣା, ସୁନୀଲ ପୁରୋହିତ, ଅମିତାଭ ପାତ୍ର ପ୍ରମୁଖ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିଚାରଣ କରିଥିଲେ । ଶେଷରେ ଟ୍ରଷ୍ଟର ଚେୟାରମ୍ୟାନ ଡା. ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

## ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

**ସୋହେଲା,୧୨।୧୨(ଡି.ଏନ.ଏ)**

ସୋହେଲା ବ୍ଲକ ଜଟଲା ଗ୍ରାମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂହ ପାନୀୟ ଜଳଯୋଗାଣ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ପୂଜକ ବଟବୃକ୍ଷ ଦାଶ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ସରପଞ୍ଚ ଯତୀନ୍ଦ୍ର ସେଠଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ମନ୍ତ୍ରୀ ସିଂ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ଓ ଜିଲା ପରିଷଦ ସଦସ୍ୟ ସୁବ୍ରତ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଶ୍ରୀବତ୍ସ ସାହୁ ସ୍ୱାଗତ ଭାଷଣ ଓ କେଶବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ୧.୩୦ କୋଟି ଟଙ୍କାରେ ଏହି ପ୍ରକଳ୍ପ ନିର୍ମାଣ ହେବ ।

## ଶିଶୁମନ୍ଦିରରେ ବିଦ୍ୟାରମ୍ଭ ସଂସ୍କାର

**ମନମୁଣ୍ଡା, ୧୨।୧୨(ଡି.ଏନ.ଏ)**

ମନମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଅଶୋକ କୁମାର ବଡମାଳିଙ୍କ ଅଧକ୍ଷତାରେ ବୁଧବାର ବିଦ୍ୟାରମ୍ଭ ସଂସ୍କାର ହୋଇଛି। ପୁରୋହିତ ଗୋପୀନାଥ ହୋତା ପୂଜାରମ୍ଭ କରିଥିଲେ । ଶିଶୁବୋଧ ଶ୍ରେଣୀର ଭଉଣୀ ଭାଇ ଶିବ ମନ୍ଦିରରୁ ଫେରିବା ପରେ ପ୍ରଧାନଆଚାର୍ଯ୍ୟ ଶିଶୁଙ୍କ ଗୋଡ ଧୋଇଥିଲେ । ପରେ ବାଚନ ପୁସ୍ତିକା ପଠନ କରି ସ୍ଲେଟରେ ଶିଶୁମାନଙ୍କୁ ଖଡିଛୁଆଁ କରାଯାଇଥିଲା । ଏଥିରେ ୨୦ଜଣ ଅଭିଭାବକ ଉପସ୍ଥିତ ଥିଲେ । ଅଞ୍ଜଳି ପାତ୍ର, ରାଜଲକ୍ଷ୍ମୀ ମିଶ୍ର ଓ ଝରଣା ମିଶ୍ର ସହଯୋଗ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୧୩ ଡିସେମ୍ବର, ୨୦୧୮



ଅନ୍ୟର ମଙ୍ଗଳ ପାଇଁ ନିଜେ ଦୁଃଖ ସହିବାର ଇଚ୍ଛା,
ଏହାର ଅନ୍ୟକାମ ହେଉଛି ମହତ ପଣିଆ।
- ହର୍‌ବର୍ଟ ସ୍ପେନ୍‌ସର୍



## ସଂକ୍ଷେପରେ

### ଜନସେବା ଅଧିକାର ସଚେତନତା ସଭା

**ବଙ୍ଗୋମୁଣ୍ଡା,୧୨।୧୨(ଡି.ଏନ୍.ଏ.):** ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ଗହଣରେ ଜନସେବା ଅଧିକାର ସଚେତନତା ଶିବିର ଉପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଜୟଶ୍ରୀ ସୀମା ରେଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ଛାତ୍ରୀଛାତ୍ର ତଥା ଅନୁଷ୍ଠାନର କର୍ମଚାରୀମାନଙ୍କୁ ଜନସେବା ଅଧିକାର ଆଇନ ସମ୍ବନ୍ଧରେ ସୂଚିତ କରାଇଥିଲେ। ଜନସେବା ଅଧିକାର ସଚେତନତା କାର୍ଯ୍ୟକ୍ରମର ଜିଲା ସଂଯୋଜକ ସୁଧାଂସୁ ଷଡଙ୍ଗୀ ଯୋଗଦେଇ ଆଗାମୀ ଦିନମାନଙ୍କରେ ଛାତ୍ରୀଛାତ୍ରମାନେ ଜନସେବା ଅଧିକାର ସମ୍ବନ୍ଧରେ ସଚେତନ ହୋଇ କିପରି ସକ୍ରିୟ ଭୂମିକା ଗ୍ରହଣ କରିବେ ତା'ଉପରେ ବକ୍ତବ୍ୟ ରଖିଥିଲେ।

### ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ

**ବଙ୍ଗୋମୁଣ୍ଡା,୧୨।୧୨(ଡି.ଏନ୍.ଏ.) :** ବଙ୍ଗୋମୁଣ୍ଡା ବ୍ଲକ ପରିସରରେ ଭୀମଭୋଇ ସାମର୍ଥ୍ୟ ଅଭିଯାନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଏସ୍‌ଏସ୍‌ଓ ଆଦିକନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଏହି ଶିବିର । ସମ୍ମାନିତ ଅତିଥି ରୁପେ ଡିଏସ୍‌ଏସ୍‌ଓ କ୍ଷିରେନ୍ଦ୍ର ତ୍ରିପାଠୀ, ଏସ୍‌ଏସ୍‌ଏସ୍‌ଓ ଗୋବିନ୍ଦ ଷଡଙ୍ଗୀ, ବିଡିଓ ଅନିରୁଦ୍ଧ ପ୍ରଧାନ, ଏବିଡିଓ ଦିକ୍ଷିତ ବେହେରା, ଚେୟାରମେନ ରଞ୍ଜୁବାଲା ବେହେରା, ଭାଇସ-ଚେୟାରମେନ ମାମରାଜ ଜୈନ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ସର୍ବମୋଟ ୬୦ଜଣ ଦିବ୍ୟାଙ୍ଗଙ୍କର ପଞ୍ଜିକୃତ ହୋଇଥିଲା । ଏଥି ମଧରୁ ଶ୍ରବଣବାଧିତ, ଦୃଷ୍ଟିବାଧିତ, ମାନସିକ ଅନଗ୍ରସର, ଅସ୍ଥିଶୈଳ୍ୟ ପ୍ରଭୃତି ବିଭାଗରେ ଦିବ୍ୟାଙ୍ଗମାନେ ପଞ୍ଜୀକୃତ ହୋଉଥିଲେ। ତାଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା ଏବଂ ପ୍ରକୃତ ହିତାଧିକାରୀଙ୍କୁ ଟ୍ରାଇସାଇକେଲ, ହ୍ୱିଲ ଚେୟାର, ଶ୍ରବଣ ଯନ୍ତ୍ର, ଆଶାବାଡି ପ୍ରଭୃତି ସାମଗ୍ରୀ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପିଏ ଅଶୋକ ଦାଶ, କନିଷ୍ଠ କିରାଣୀ ଯାଜ୍ଞସେନୀ ନାଗ ପ୍ରମୁଖ ସହଯୋଗ କରିଥିଲେ ।

### ମଣ୍ଡି ବନ୍ଦ କରିବାକୁ ଚାଷୀଙ୍କ ଦାବି

**ଲୋଇସିଂହା,୧୨।୧୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ କୁଶଙ୍ଗ ମଣ୍ଡିରେ ଚଳିତ ବର୍ଷ ଖରିପ ଧାନକିଣା ବନ୍ଦ ରଖିବାକୁ ଚାଷୀମାନେ ବୁଧବାର ଦାବି କରିଛନ୍ତି । ଏ ନେଇ କୁଶଙ୍ଗ ଗ୍ରାମର ଚାଷୀମାନେ ପ୍ୟାକ୍ସ ସଭାପତି ରମାକାନ୍ତ ପଟେଲଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ୨୦୧୮-୧୯ରେ ସ୍ୱଳ୍ପ ବୃଷ୍ଟିପାତରେ ଖରିପ ଚାଷ ପ୍ରଭାବିତ ହୋଇଛି। ଯାହାବି ଚାଷ ହୋଇଛି ଉତ୍କୃଷ୍ଟ ଧାନ ଅମଳ ହୋଇଛି ଓ ପରିବାର ପ୍ରତିପୋଷଣ ଚଳିବା ବଳକା ଅମଳ ହୋଇ ନ ଥିବାରୁ ମଣ୍ଡି ତଥା ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ବିକ୍ରି କରିବା ସମ୍ଭବ ନୁହେଁ । ମଣ୍ଡିରୁ ଅଧିକମାତ୍ରାରେ ଧାନ ବିକ୍ରି ହେଲେ ପ୍ୟାକ୍ସ ଅଧୀନ ଗ୍ରାମ ଗୁଡ଼ିକର ଚାଷୀମାନେ ମରୁଡ଼ି ସହାୟତା ପାଇବାରେ ଅସୁବିଧା ସୃଷ୍ଟି କରିବା ଆଶଙ୍କାରେ ଚାଷୀମାନେ ଏପରି ପଦକ୍ଷେପ ନେଇଥିବା ଜଣାଯାଇଛି ।

ଜିଲାରେ ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ବିତର୍କ

# ଚାଷୀଙ୍କୁ ଘାରିଛି କଟ୍‌ନୀ ଚିନ୍ତା

**ବଲାଙ୍ଗୀର ଅଫିସ, ୧୨।୧୨**



ଦଶପୁର ମଣ୍ଡିରେ ଧାନ ବିକ୍ରୟ କରିପାରି ନ ଥିବା ଚାଷୀ ।

**ଦଶପୁର ମଣ୍ଡି**
- ୩ଦିନ ହେବ ରହିଛି ଧାନ
- ୧ହଜାର କୁଇଣ୍ଟାଲରୁ ଅଧିକ ଧାନ ରହିଛି
- ମହୀମୁଣ୍ଡା ମଣ୍ଡି ସ୍ଥିତି ଅନୁଧ୍ୟାନ କଲେ ଏଆରସିଏସ୍

ବଲାଙ୍ଗୀର ଜିଲାରେ ଧାନକିଣା ଅବ୍ୟବସ୍ଥା ଲାଗି ରହିଛି । ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ପ୍ୟାକ୍ସ, ମିଲର୍ସ ଓ ଚାଷୀ ମୁହାଁମୁହିଁ ହୋଇଛନ୍ତି । ଫଳରେ ବିଭିନ୍ନ ପ୍ୟାକ୍ସରେ ଧାନକିଣା ସୁଚାରୁରୂପେ ସମ୍ପାଦନ ହୋଇପାରୁ ନ ଥିବା ଜଣା ପଡିଛି । ପୁଇଁତଳା ବ୍ଲକ୍ ଅନ୍ତର୍ଗତ ଦଶପୁର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ)ରେ ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ୧ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡି ରହିଥିଲେ ମଧ ପ୍ୟାକ୍ସ ଧାନ କିଣୁ ନାହିଁ । ଚାଷୀ ଏଫ୍‌ଏକ୍ୟୁ ମାନର ଧାନ ଆଣୁ ନ ଥିବାରୁ ପ୍ୟାକ୍ସରେ ଧାନ କିଣା ପ୍ରକ୍ରିୟା ସମ୍ଭବ ହେଉ ନ ଥିବା ଓ ଏଭଳି ଧାନକୁ ଉଠାଇବାକୁ ମିଲର୍ସ ରାଜି ହେଉ ନ ଥିବାରୁ ମଣ୍ଡିରେ ଧାନ ପଡି ରହିଥିବା ଜଣା ପଡିଛି । ଦଶପୁର ପ୍ୟାକ୍ସରେ ଏଭଳି ସମସ୍ୟା କାରଣରୁ ଗତ ୩ଦିନ ହେଲା ଚାଷୀ ସେମାନଙ୍କ ଧାନ ବିକ୍ରୟ ପାଇଁ ଆଣି ରଖିଥିଲେ ମଧ ପ୍ୟାକ୍ସରେ ଧାନକିଣା ସମ୍ଭବ ହୋଇନାହିଁ। ସୋମବାରଠାରୁ ଏହି ମଣ୍ଡିରେ ଧାନ କିଣା ଆରମ୍ଭ ହେବା କଥା। ଚାଷୀ ମଣ୍ଡିକୁ ୧ହଜାରରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ ଆଣି ରଖିଛନ୍ତି । ତେବେ ଏଫ୍‌ଏକ୍ୟୁ ମାନର ଧାନ ଆଣି ନ ଥିବା ଦର୍ଶାଇ ୩ଟି ରାଇସ୍ ମିଲ୍ କର୍ମଚାରୀ ସୋମବାର ମଣ୍ଡିରୁ ଫେରିଯାଇଥିଲେ । ଏଫଏକ୍ୟୁ ମାନ ନିର୍ଣ୍ଣୟ ପାଇଁ ପ୍ୟାକ୍ସରେ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଚାଷୀଙ୍କ ଧାନର ମାନ ନିର୍ଣ୍ଣୟ ହୋଇପାରୁ ନାହିଁ। ଦଶପୁର ପ୍ୟାକ୍ସରେ ଧାନ ଗ୍ରେଡିଂ କରାଯିବା ପରେ କିଛି ବର୍ଜ୍ୟବସ୍ତୁ ବାହାରିଥିବା ପ୍ୟାକ୍ସ ସମ୍ପାଦକ କହିଛନ୍ତି । ଏପରିସ୍ଥଳେ ମିଲର୍ସ ୫ରୁ ୬ କେଜି କଟ୍‌ନୀ କରି ଚାଷୀଙ୍କ ଠାରୁ ଧାନ କିଣିବାକୁ କହିବାରୁ ଚାଷୀ ଏଥିରେ ରାଜି ହୋଇ ନାହାନ୍ତି । ସରକାର ବିନା କଟ୍‌ନୀ ଛଟ୍‌ନୀରେ ଧାନ କିଣିବାକୁ ନିର୍ଦ୍ଦେଶ ଦେଉଥିବାବେଳେ ତାଙ୍କ ଧାନକୁ କାହିଁକି ୫/୬ କେଜି କଟ୍‌ନୀ କରାଯିବ ବୋଲି କହୁଛନ୍ତି । ଦଶପୁର ସମିତି ସଭ୍ୟ ବ୍ରଜକିଶୋର ମେର୍ଲିଙ୍କ ନେତୃତ୍ୱରେ ପ୍ରାୟ ୨୦ଜଣ ଚାଷୀ ବୁଧବାର ପୁଣି ଥରେ ମଣ୍ଡିକୁ ଯାଇ ଧାନକିଣା ଯିବାକୁ ନେଇ କ'ଣ ସ୍ଥିତି ରହିଛି ପ୍ୟାକ୍ସ ସମ୍ପାଦକଙ୍କୁ ବୁଝିଥିଲେ । ବୁଧବାର କୌଣସି ମିଲର୍ସ ଆସି ନ ଥିବାରୁ ଧାନ ମଣ୍ଡିରୁ ଉଠି ନ ଥିବା ପ୍ୟାକ୍ସ ସମ୍ପାଦକ ସୁଶୀଲ ପାତ୍ର ସୂଚନା ଦେଇଛନ୍ତି। ତେବେ ୩ଦିନ ହେବ ଚାଷୀ ମଣ୍ଡିରେ ଧାନ ଆଣି ରଖିଥିଲେ ମଧ କିଣା ଯାଉ ନ ଥିବାରୁ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁଧବାର ମହୀମୁଣ୍ଡା ପ୍ୟାକ୍ସର ଚାଷୀଙ୍କ ଧାନକିଣା ଅଚଳାବସ୍ଥାକୁ ନେଇ ଧରିତ୍ରୀରେ ଖବର ପ୍ରକାଶନ ପରେ ଏଆରସିଏସ୍ ପ୍ୟାକ୍ସକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡିଛି । ଏହାପରେ ଏଆରସିଏସ୍ ଦଶପୁର ପ୍ୟାକ୍ସକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀଙ୍କ ସହ ଆଲୋଚନା କରିଥିଲେ । ଚାଷୀମାନେ ତୁରନ୍ତ ସେମାନଙ୍କ ଧାନକିଣିବାକୁ ନେଇ ସୁବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଏଫ୍‌ଏକ୍ୟୁ ମାନ କଥା କହି ଚାଷୀଙ୍କୁ ଶୋଷଣ କରିବାକୁ ଯୋଜନା କରାଯାଉଥିବା ଅଭିଯୋଗ କରିଥିଲେ । ଦଶପୁର ମଣ୍ଡିରେ ଚାଷୀ ଲଳିତ ମୋହେନ ଡାଙ୍ଗ, ବିଜୟ ଡାଙ୍ଗ, ଅଶୋକ ମେର୍ଲି, ମୀନକେତନ ଡାଙ୍ଗ, କରୁଣାକର ରଣା, ରୋହିତ ମାଝି, ବ୍ରଜକିଶୋର ମେର୍ଲି, ପ୍ରଦ୍ୟୁମ୍ନ ବେଜ, ଛନ୍ଦାଚରଣ ଦୋରା, ଅଭିମନ୍ୟୁ ଦୋରା, ପଦ୍ମିନୀ ଦୋରା, ଘନଶ୍ୟମ କର୍ମୀ, ପରିତୋଷ ଥନାପତି, ବସନ୍ତ ରଣା, ଗାନ୍ଧୀ ଜାଲ, ଅଚ୍ୟୁତାନନ୍ଦ ବେଜ୍, ଗୋପବନ୍ଧୁ ଡାଙ୍ଗ, ଟଙ୍କଧର ଡାଙ୍ଗ ଓ ଅନ୍ୟ ଚାଷୀଙ୍କ ଧାନ ପଡିରହିଛି। ଚାଷୀଙ୍କ ଅଭିଯୋଗ ପରେ ଧାନକୁ ସଫା କରି ଆଣିବା ପରେ ଧାନକିଣା ଯିବ ବୋଲି ଏଆରସିଏସ୍ କହିଥିବା ଚାଷୀମାନେ କହିଛନ୍ତି । ତେବେ ଏ ନେଇ ଏଆରସିଏସ୍ ଗଜେନ୍ଦ୍ର ପଣ୍ଡାଙ୍କୁ ପଚରାଯିବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ରିଂ ହେବା ସତ୍ତ୍ୱେ ସେ ମୋବାଇଲ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ମଣ୍ଡିକୁ ଆଣି ଚାଷୀ ଧାନ ବିକ୍ରୟ କରିପାରୁ ନ ଥିବାରୁ ଚାଷୀମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

### ମାଲାମାଲ ହେଉଛନ୍ତି ସିଏସ୍‌ସି ନକଲି ସେଣ୍ଟର

**କଣ୍ଟାବାଞ୍ଜି,୧୨।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ତହସିଲ ଅଧିନରେ ଡିଜିଟାଲ ସେବା ସହ ତହସିଲ କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟକୁ ସୁଚାରୁ ରୂପେ ପରିଚାଳିତ କରିବା ପାଇଁ ଗ୍ରାହକ ସେବା କେନ୍ଦ୍ର(ସିଏସସି)ମାନ ଖୋଲାଯାଇଛି। ତହସିଲ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରେ ଏହି ସେଣ୍ଟର ଜନସାଧାରଣଙ୍କୁ ସେବା ଯୋଗାଇବା ପାଇଁ ଖୋଲା ଯାଇଥିବା ବେଳେ ସମ୍ପୃକ୍ତ ସଦର ଗୁଡିକରେ ନ ଖୋଲି କଣ୍ଟାବାଞ୍ଜି ସହରାଞ୍ଚଳରେ ଖୋଲିଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ନ ଥିବାରୁ ସେହି ଅଞ୍ଚଳର ଜନସାଧାରଣ କଣ୍ଟାବାଞ୍ଜି ସହରକୁ ଆସି ଖର୍ଚ୍ଚାନ୍ତ ହେଉଛନ୍ତି । ଅନ୍ୟପଟେ ସମ୍ପୃକ୍ତ ଅଞ୍ଚଳର ସିଏସସି ସେଣ୍ଟର ନିର୍ଦ୍ଧାରିତ ମହକୁମାରେ ନ ଖୋଲି ସହରରେ ଖୋଲି ବିଭିନ୍ନ କମ୍ପ୍ୟୁଟର ସେଣ୍ଟରକୁ ଟେଗ୍‌ରେ ଦେଇ ମୋଟା ରକମର ଅର୍ଥ ରୋଜଗାର କରୁଛନ୍ତି । ବିଭିନ୍ନ ପ୍ରକାର ସରକାରୀ ପାସୱାର୍ଡ ଖୋଲି ଟେଗ୍‌ରେ ନେଇଥିବା ସେଣ୍ଟର ଗୁଡିକ ସରକାରୀ ଧାର୍ଯ୍ୟ ମୂଲ୍ୟରୁ ଅଧିକ ଟଙ୍କା ନେଉଥିବାରୁ ଗ୍ରାହକମାନେ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । କଣ୍ଟାବାଞ୍ଜି ସହରରେ କେତେକ ସେଣ୍ଟର ଆବଶ୍ୟକୀୟ ଭିତ୍ତିଭୂମି ନାହିଁ ଏପରିକି ରେଳବାଇର ଜବର ଦଖଲ ଜମିରେ ସେଣ୍ଟର କରାଯାଇଛି । ସହରରେ ବେଆଇନ ସିଏସସି ସେଣ୍ଟର ଚାଲିଥିବା ଅଭିଯୋଗ ହେଉଥିବା ବିଷୟରେ ଜିଲା ପୋର୍ଟାଲ ବିଭାଗକୁ ପଚାରିବାରୁ ଏହା ଉପରେ ଅନୁସନ୍ଧାନ କରି ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

ଦେଓଗାଁରେ ଧାନମଣ୍ଡି ଆରମ୍ଭରୁ ବିଭ୍ରାଟ

## ବିଧାୟକଙ୍କ ହସ୍ତକ୍ଷେପ ପରେ ଉଠିଲା ଧାନ

**ଦେଓଗାଁ,୧୨।୧୨(ଡି.ଏନ.ଏ)**



ଦେଓଗାଁ ପ୍ୟାକ୍ସରେ ଚାଷୀ ମାନେ ଏଆର୍‌ସିଏସ୍ ଗଜେନ୍ଦ୍ର ପଣ୍ଡା ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ଘେରି ଆଲୋଚନା କରୁଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ପ୍ୟାକ୍ସରେ ମଙ୍ଗଳବାର ଚଳିତବର୍ଷର ପ୍ରଥମ ଧାନମଣ୍ଡି ଆରମ୍ଭ ହୋଇଛି । ହେଲେ ଏଠାରେ ଧାନମଣ୍ଡି ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି । ପ୍ୟାକ୍ସ ପରିସରରେ ଧାନ ଓଜନ କରିବା ସହ ମାନପରୀକ୍ଷଣ ଓ କଟନିଛଟନି ନିର୍ଦ୍ଧାରିତ କରିବା ପରେ ମିଲକୁ ଧାନ ଉଠାଯିବା ନିୟମ ରହିଛି । ହେଲେ ଏଠାରେ କଟନି ଛଟନି ସିଦ୍ଧାନ୍ତ ହୋଇ ନ ପାରିବାରୁ ମିଲରମାନେ ଧାନ ଉଠାଉ ନ ଥିବା ଓ କେତେକ ଚାଷୀଙ୍କ ଧାନ ବିନା ଓଜନରେ ମିଲକୁ ନେବା ପାଇଁ ସଲାସୁତୁରା ଆରମ୍ଭ ହେବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ପରେ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବା ସହ ଚାଷୀମାନେ ବିଧାୟକ ନରସିଂହ ମିଶ୍ରଙ୍କୁ ଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ । ବିଧାୟକଙ୍କ ହସ୍ତକ୍ଷେପ ପରେ ବୁଧବାର ସନ୍ଧ୍ୟାରେ ଏଆରସିଏସ ଗଜେନ୍ଦ୍ର ପଣ୍ଡା, ଏସଏଆରସିଏସ ପ୍ରମୋଦ ସେଠ ଓ ରବୀନ୍ଦ୍ର ପଣ୍ଡା ପ୍ୟାକ୍ସରେ ପହଞ୍ଚିଥିଲେ। ଧାନ ଆଣି ଦୀର୍ଘ ୪୮ଘଣ୍ଟା ସମୟ ଅପେକ୍ଷାରେ ରହିଥିବା ସମସ୍ତ ଚାଷୀ ବୃନ୍ଦ ବିଭାଗୀୟ ଅଧିକାରୀଙ୍କୁ ଦେଖିବାପରେ ଘେରିଯାଇ ସମସ୍ତ ଅଭିଯୋଗ କରବାସହ ଧାନ ଉଠିବା ପରେ ଆପଣମାନେ ଏଠୁଯିବେ ବୋଲି ଜିଦ୍ ଧରିଥିଲେ । ପରେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ପରାମର୍ଶଦାତା ସମରେନ୍ଦ୍ର ମିଶ୍ର, ବ୍ଲକ ଯୁବନେତା ବିଶ୍ୱଜିତ ପାତ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉପସ୍ଥିତ ଚାଷୀ ପ୍ରମୋଦ ସାହୁ, ପ୍ରଦୀପ ସାହୁ, ପ୍ରମୋଦ ରଣା, ତୋଫାନ ରଣା, ନେହେରୁ ସାହୁ, ପ୍ରସାଦି ରଣା, ଦେବଦତ୍ତ ସାହୁ, ଗାଇବାହାଲର ଚାଷୀ ଛବିଳ ମାଝି, ବେଣୁଧର ମେହେର, ସାରଥି ସୁନା, ଶଙ୍କର୍ଷଣ ପଧାନ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। କିପରି କମ୍ ମାତ୍ରାରେ କଟନିଛଟନି ହେବ ଓ ଚାଷୀ ଉପକୃତ ହେବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏଆରସିଏସ ପଣ୍ଡା ପ୍ୟାକ୍ସ କର୍ମଚାରୀଙ୍କୁ ଚାଷୀ ଆଣିଥିବା ଧାନକୁ ପ୍ୟାକ୍ସ ପରିସରରେ ଓଜନ କରି ମିଲ୍‌କୁ ପଠାଇବା ପାଇଁ ନିର୍ଦ୍ଦେଶ ଦେବା ସହ ଟେଗ୍ ହୋଇଥିବା ମିଲର୍ସଙ୍କୁ ଡକାଇ ଧାନ ଉଠାଇବା ପାଇଁ ବ୍ୟବସ୍ଥା କରିଥିଲେ । ମଣ୍ଡିର ପ୍ରଥମ ଦିନରେ ୨୧ଜଣ ଚାଷୀଙ୍କୁ ଟୋକନ ବଣ୍ଟାଯାଇଥିବା ବେଳେ ୧୯ଜଣ ଚାଷୀ ହାରାହାରୀ ୯ଶହ କୁଇଣ୍ଟାଲ ଧାନ ପ୍ୟାକ୍ସକୁ ବିକ୍ରୟ ପାଇଁ ଆଣିଥିବା ଜଣାପଡିଛି ।

### ମଣ୍ଡିରେ ଅଚଳାବସ୍ଥା ଜାରି

**ଲୋଇସିଂହା,୧୨।୧୨(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ଏବଂ ଯୋଗୀସର୍ଡା ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି । ସରକାରଙ୍କ ନିର୍ଦ୍ଦେଶକୁ ପ୍ୟାକ୍ସ ଓ ମିଲର୍ସ ବେଖାତିର କରୁଛନ୍ତି। ମଣ୍ଡିରୁ ଚାଷୀଙ୍କ ଧାନ ଉଠାଇବାରେ ଅସହଯୋଗ କରୁଥିବା ଅଭିଯୋଗ ହୋଇଛି । ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମିଲର୍ସ ମଣ୍ଡିକୁ ଧାନ କିଣିବାକୁ ଆସୁ ନାହାଁନ୍ତି । ଫଳରେ ମଣ୍ଡିକୁ ଧାନ ଆଣିଥିବା ଚାଷୀମାନେ ଶୀତକାକରରେ ମଣ୍ଡିରେ ପଡି ରହୁଛନ୍ତି। ଚାଷୀଙ୍କ ଅଭିଯୋଗ ମତେ, ବିଗତ କିଛି ବର୍ଷ ହେଲା ଚାଷୀମାନେ ପାରମ୍ପରିକ ଧାନମଡାରୁ ଦୂରେଇ ଥ୍ରେସର ମେଶିନରେ ଧାନମଡାଉଥିବାରୁ ମାଟି, ଗୋଡି, କାଠି ଆଉ ଆସୁନାହିଁ । ଏପରିକି ମଣ୍ଡି ଖୋଲିବାରେ ବିଳମ୍ବ ହୋଇଥିବାରୁ ଧାନର ଆଦ୍ରତା ମଧ ନାହିଁ । ଏଭଳି ପରିସ୍ଥିତିରେ କୁଇଣ୍ଟାଲ ପିଛା ୫କେଜି ଧାନ କାଟିବା ଚାଷୀ ଶୋଷଣ ନୀତି ବୋଲି ଅଭିଯୋଗ କରିଛନ୍ତି। ବିଡିସି ବ୍ୟାଙ୍କ ସଭାପତି ଲକ୍ଷବଚ୍ଚ ମେହେର ଆଗଲପୁର ଗସ୍ତ ବେଳେ ବୁର୍ଡା ପ୍ୟାକ୍ସ ପରିଦର୍ଶନରେ ଯାଇଥିଲେ । ସେଠାରେ ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସାହୁ ଓ ଅନ୍ୟଚାଷୀମାନେ ୫କେଜି କଟନୀ ଉପରେ ଜଣାଇଥିଲେ । ବିନା କଟନୀରେ ଧାନ କିଣିବାକୁ ସଭାପତି ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । କିନ୍ତୁ ଯୋଗୀସର୍ଡା ପ୍ୟାକ୍ସରେ ୩କେଜି କଟନୀ କରିବାକୁ ମିଲର୍ସ ଏଜେଣ୍ଟ ଜିଦ ଧରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

ଶେଲଟର ହୋମରେ ଯୌନଶୋଷଣ ମାମଲା

## ମହିଳା କଂଗ୍ରେସର ବିକ୍ଷୋଭ

**ଦେଓଗାଁ,୧୨।୧୨(ଡି.ଏନ.ଏ)**

ଢେଙ୍କାନାଳ ସଦରବ୍ଲକ ବେଲଟିକିରିସ୍ଥିତ ଗୁଡନ୍ୟୁଜ ଇଣ୍ଡିଆ ଡ୍ରିମସେଲଟର ହୋମରେ ଯୌନଶୋଷଣ ମାମଲା ପଦାକୁ ଆସିବା ପରେ ବିଭିନ୍ନ ମହଲରୁ ନିନ୍ଦା କରିବା ସହ ପ୍ରତିବାଦ ଜାରି ରହିଛି । ବୁଧବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ମହିଳା କଂଗ୍ରେସ ତରଫରୁ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ରଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଗଦେଇ ସ୍ଥାନୀୟ କଲେଜ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ମହିଳା କଂଗ୍ରେସର ଜିଲା ଉପସଭାପତି ପଦ୍ମାବତୀ ବାରିକ, ଦ୍ରୋପଦୀ ନାଏକ, ଅମୃତ ବାଗ, ହେମ ମାଝୀ, ସୁଧା ହରପାଲ, ପୂର୍ଣ୍ଣମୀ ହରପାଲ ପ୍ରମୁଖ ଯୋଗଦେଇ ଏଭଳି ଏକଘୃଣ୍ୟ କାର୍ଯ୍ୟ ଚାଲୁଥିବାବେଳେ ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଇ ଚୂପ ରହିବା ଏକ ଲଜ୍ୟାକର ବିଷୟ ବୋଲି ମତବ୍ୟକ୍ତ କରିବା ସହ ଶିଶୁ ବିକାଶ ମନ୍ତ୍ରୀଙ୍କ ଇସ୍ତାଫା ଦାବି କରି ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ ।

### ମାକରଚୁଆଁ ଫୁଟବଲ ଟୁର୍ନାମେଣ୍ଟ: ଚନ୍ଦ୍ରପୁର ଚାମ୍ପିୟନ

**ଦେଓଗାଁ,୧୨।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମାକରଚୁଆଁଠାରେ ବିଜୁଯୁବବାହିନୀ ଆନୁକୁଲ୍ୟରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି । ଏଥିରେ ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁର ଦଳ ଫାଇନାଲରେ ଫଟାମୁଣ୍ଡାକୁ ୨-୦ଗୋଲରେ ହରାଇ ଚାମ୍ପିୟନ ହୋଇଥିଲେ । ଦଳ ପକ୍ଷରୁ ଅନୀଲ ନନ୍ଦ ଏବଂ ଉମାକାନ୍ତ ନାଏକ ପୃଥକ ଭାବେ ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଯୋଗଦେଇଥିଲେ । ଏହି ଖେଳକୁ ମୁଜିମ ମହମ୍ମଦ ପରିଚାଳନା କରିଥିବାବେଳେ, ଦିଲୀପ ରଣା ଓ ମନୋରଞ୍ଜନ ଷଡଙ୍ଗୀ ଲାଇନମ୍ୟାନ ଭାବେ ସହଯୋଗ କରିଥିଲେ । ରାଜେନ୍ଦ୍ର ପ୍ରସାଦ ହୋତାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଜେଡି ଯୁବ ନେତା ଅର୍କେଶ ନାରାୟଣ ସିଂ ଦେଓ, ସମ୍ମାନିତ ଅତିଥିଭାବେ ଲୋଟସ ଷଡଙ୍ଗୀ, ବିଭୂତି ନାଏକ, ନାରାୟଣ ମିର୍ଦ୍ଧା, କୃଷ୍ଣ ଚନ୍ଦ୍ର ହୋତା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ । ବେଷ୍ଟ ଗୋଲ୍ କିପର ଭାବେ ମନ ନାଗଙ୍କୁ ସମ୍ମାନିତ କରାଯାଇଥିଲା ।

୨୬ ଦିନରେ କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

## ପଦକ୍ଷେପ ନ ନେଲେ ଆନ୍ଦୋଳନ ତୀବ୍ରତର ହେବ

**କଣ୍ଟାବାଞ୍ଜି,୧୨।୧୨ (ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବି ନେଇ ଧାରଣାକୁ ଅନିର୍ଦ୍ଦିଷ୍ଟ ସମୟ ଯାଏ ଚାଲୁ ରଖିବା ପାଇଁ ସଂଘର୍ଷ ସମିତି ପକ୍ଷରୁ ନିଷ୍ପତି ନିଆଯାଇଛି। ବୁଧବାର ଏହି ଧାରଣା ୨୬ଦିନରେ ପହଞ୍ଚିଛି । ଚଟୁଅନକା ପଞ୍ଚାୟତ ସଦର ଜନସାଧାରଣଙ୍କ ସହିତ ସରସ୍ୱତୀ ମହିଳା ଗୋଷ୍ଠୀର ସଭ୍ୟାମାନେ ଚଟୁଅନକାରୁ ଧାରଣାସ୍ଥଳ ତହସିଲ ଅଫିସ ପର୍ଯ୍ୟନ୍ତ ଦୀର୍ଘ ୩କି.ମି. ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଚଟୁଅନକା ପଞ୍ଚାୟତର ସରପଞ୍ଚ ସସ୍ମିତା ମହାନନ୍ଦ କହିଛନ୍ତି, ଜିଲା ଦାବି ପ୍ରସଙ୍ଗରେ ଯଥାଶୀଘ୍ର ଘୋଷଣା କରିବା ଉଚିତ ନଚେତ ଚଟୁଅନକା ପଞ୍ଚାୟତ ତରଫରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କହିଛନ୍ତି । ଏହି ଅବସରରେ ଯୋଗଦେଇଥିବା ବୁଦ୍ଧିଜୀବୀମାନେ ଯୋଗ୍ୟତା ଭିତିରେ କଣ୍ଟାବାଞ୍ଜିକୁ ଜିଲା ଘୋଷଣା କରିବା ଉଚିତ ବୋଲି କହିଛନ୍ତି। ସେହିପରି ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ପନିକା, ପୂର୍ଣ୍ଣଚନ୍ଦ୍ର ନିଆଲ, ବାଳକ୍ରିଷ୍ଣ ପୁଟେଲ, କିଶୋର ଚନ୍ଦ୍ର ବଏ, ମାୟାଧର ପୁଟେଲ, ଚନ୍ଦ୍ରମଣୀ ପୁଟେଲ, ଦିଲୀପ ତାଣ୍ଡି, ବିଶିକେଶନ ତାଣ୍ଡି, ପିତବାସ ମହାନନ୍ଦ, ଆନନ୍ଦ ବାଗ, ଦେବାନନ୍ଦ ବଏ, ମୁଖାରାମ ମାଝି, ବୈଚନ୍ଦ୍ର ପୁଟେଲ, ସରସ୍ୱତୀ ମହିଳା ଗୋଷ୍ଠୀରୁ ସେବତି ମାଝୀ, ବନିତା ମାଝି, ଦ୍ରୋପଦି ମାଝି ପ୍ରମୁଖ ସାମିଲ ଥିଲେ । ସେହିପରି ବଲାଙ୍ଗୀରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବିକୁ ନେଇ ମଧ ସମର୍ଥନ ଜଣାଇଛନ୍ତି । ଏହି ଧାରଣା ମଧ ୯ମ ଦିନରେ ପହଞ୍ଚିଛି । ଓକିଲ ସଂଘ ତରଫରୁ ଦୁଃଖିଶ୍ୟାମ ଗୁରୁ, ଶେଷଦେବ ପୁଟେଲ, ଭୁତେଶ୍ୱର ଦାସ, ସୁରଜିତ ବନଛୋର, ଶୈଳେନ୍ଦ୍ର ବେହେରା, ମନୋଜ ଦାସ, ବିଜୟ ପୁଟେଲ ଧାରଣାରେ ବସିଛନ୍ତି । ଜିଲା ସଂଘର୍ଷ ସମିତି ତରଫରୁ ସଭାପତି ଶେଷଦେବ ପୁଟେଲ, ରସିଆନନ୍ଦ ରାଏ, ଦୁଃଖିଶ୍ୟାମ ଗୁରୁ, ନରେନ୍ଦ୍ର ସୁନା, କୁବନ ବେହେରା, ଗୁଣନିଧି ରାଉତରାଏ ଜିଲା ଦାବି ଧାରଣାରେ ସାମିଲ ଅଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପୁନଃ ପ୍ରତିଷ୍ଠା ଦାବି

## ଅଟୋଚାଳକଙ୍କ ୧ ଘଣ୍ଟିଆ ରାସ୍ତାରୋକୋ

**ବଲାଙ୍ଗୀର ଅଫିସ, ୧୨।୧୨**




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅଟୋଚାଳକ ସଂଘ ଅଟୋରିକ୍ସା ରଖି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପୁନଃପ୍ରତିଷ୍ଠା ଦାବିରେ ଚାଲିଥିବା ଆନ୍ଦୋଳନ ଦଶମ ଦିନରେ ପହଞ୍ଚିଛି । । ବୁଧବାର ବଲାଙ୍ଗୀର ଅଟୋଚାଳକ ସଂଘ ପକ୍ଷରୁ ଆନ୍ଦୋଳନକୁ ସମର୍ଥନ ଦିଆଯାଇଥିଲା । ଅଭିନବ ଢ଼ଙ୍ଗରେ ଅଟୋଚାଳକମାନେ ସହର ଭିତରେ ଏକ ବିରାଟ ରାଲିରେ ପରିକ୍ରମା କରି ଧାରଣାସ୍ଥଳକୁ ଆସି ୧ଘଣ୍ଟା ଧରି ରାସ୍ତାରୋକୋ କରିଥିଲେ । ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ଲଳିତ କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠାନ ଏହି ଧାରଣାରେ ଅଟୋଚାଳକ ସଂଘର ଦୌଣ କୁମ୍ଭାର, କୃଷ୍ଣ କୁମ୍ଭାର, ଲମ୍ବୋଦର ଦୀପ, ବସନ୍ତ ରାଉତ୍, ବିଘ୍ନରାଜ କୁମ୍ଭାର, ସତ୍ୟବାନ ମୁଗ୍ରୀ ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ନାରାବାଜି କରି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଆନ୍ଦୋଳକୁ ସମର୍ଥନ ଘୋଷଣା କରିଥିଲେ । ସମ୍ବଲପୁର, ସୋନପୁର, ପାଟଣାଗଡ ଓ ଟିଟିଲାଗଡ ମୁଖ୍ୟ ରାସ୍ତାଗୁଡିକରେ ଅଟୋଚାଳକମାନେ ଅଟୋରିକ୍ସା ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରୋକୋ ଫଳରେ ଲୋକେ ଯିବା ଆସିବା କରି ନ ପାରି ଅସୁବିଧା ଭୋଗ କରିଥିଲେ। ପ୍ରତିବାଦ ସଭାରେ ସଭାପତି ନାୟକ କହିଥିଲେ ଯେ, ବଲାଙ୍ଗୀରରେ ଚାଲିଥିବା ଐତିହାସିକ ଆନ୍ଦୋଳନରେ ଜିଲାବାସୀ ଅଭୂତପୂର୍ବ ଜନସମର୍ଥନ ଘୋଷଣା କରିଛନ୍ତି ଓ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସୂଚନା ଦେଇଥିଲେ । ଏହି ପ୍ରତିବାଦ ସଭାରେ ସମାଜକର୍ମୀ ବିକ୍ରମାନନ୍ଦ ବହିଦାର, ନାଗରିକ କମିଟି ସଭାପତି ଭବାନୀ ଶଙ୍କର ଶତପଥି, ଆଡଭୋକେଟ୍ ସରୋଜ ଗୁପ୍ତା, ଶଶୀଭୂଷଣ ପୁରୋହିତ, ଅଶେକ ରାଉତ୍, ଜିଲା ଓକିଲ ସଂଘ ସମ୍ପାଦକ ଅମନ ନାଗ, ମଧୁବୈଶ୍ୟ ସମାଜର ମନୋରଞ୍ଜନ ସାହୁ ଓ ଅନ୍ୟମାନେ ସାମିଲ ହୋଇଥିଲେ । କଚେରୀ ଛକ ମ୍ୟୁନିସିପାଲିଟି ଷ୍ଟଲ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ଦଳବେହେରା, ସମ୍ପାଦକ ନୀଳମଣି ମିଶ୍ରଙ୍କ ନେତୃତ୍ୱରେ ବିଦେଶୀ ମହାପାତ୍ର, ହରିଶ ସୋନୀ, ଶ୍ୟାମ ବେହେରା, ଲିନୁ ସାହୁ ଓ ଅନ୍ୟ ସଦସ୍ୟମାନେ ଶୋଭାଯାତ୍ରାରେ ଆସି ଆନ୍ଦୋଳନରେ ସାମିଲ ହୋଇ ଧାରଣାରେ ବସିଥିଲେ । ବଲାଙ୍ଗୀରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଘୋଷଣା କରିଥିଲେ । ପୂର୍ବାହ୍ନରେ ସିଭିଲ କୋର୍ଟ ବାର୍ ହଲ ଠାରେ ଅନୁଷ୍ଠିତ ବୈଠକରେ ଆନ୍ଦୋଳନକୁ ଆଗାମୀ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ନିଷ୍ପତ୍ତି ହୋଇଥିଲା । ତେବେ ୧୫ତାରିଖ ପରେ ଜିଲାପାଳ କାର୍ଯ୍ୟାଳୟ ଖୋଲାଯିବ ଓ ୩୦ତାରିଖ ପର୍ଯ୍ୟନ୍ତ କୋର୍ଟକାର୍ଯ୍ୟ ବନ୍ଦ କରାଯିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

### ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଅସଦାଚରଣ ଘଟଣା: ତଦନ୍ତ ଆରମ୍ଭ

**ବଲାଙ୍ଗୀର ଅଫିସ,୧୨।୧୨**

ପୁଇଁତଳା ଥାନା ଅନ୍ତର୍ଗତ ଜନୈକ ଦିବ୍ୟାଙ୍ଗ ଛାତ୍ରୀଙ୍କୁ ଜଣେ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ ଘଟଣାକୁ ନେଇ ବୁଧବାର ଜିଲା ଶିଶୁ କଲ୍ୟାଣ କମିଟି(ସିଡବ୍ଲ୍ୟୁସି) ପକ୍ଷରୁ ପୁଇଁତଳା ଥାନାରେ ରିପୋର୍ଟ ଦାଖଲ କରାଯାଇଛି । ବିଭିନ୍ନ ଗଣମାଧ୍ୟମରେ ଦିବ୍ୟାଙ୍ଗ ଛାତ୍ରୀ ଅସଦାଚରଣ ଘଟଣା ନେଇ ଖବର ପ୍ରକାଶନ ପରେ ମଙ୍ଗଳବାର ସିଡବ୍ଲ୍ୟୁସି ଓ ଚାଇଲ୍ଡ ଲାଇନ୍ ପ୍ରତିନିଧିମାନେ ସ୍କୁଲ ଓ ଛାତ୍ରୀଙ୍କ ଘରକୁ ଯାଇ ତଦନ୍ତ କରିଛନ୍ତି। ସିଡବ୍ଲ୍ୟୁସି ସଦସ୍ୟା ଅନୀତା ତ୍ରିପାଠୀ ଓ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ମଙ୍ଗଳବାର ପୂର୍ବାହ୍ନରେ ସ୍କୁଲକୁ ଯାଇ ପ୍ରଧାନ ଶିକ୍ଷକ, ଅନ୍ୟ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରି ଫେରିଥିଲେ । ସେଠାରୁ ଫେରିବା ପରେ ୩ଜଣିଆ କମିଟି ରିପୋର୍ଟ ପ୍ରସ୍ତୁତ କରି ପୁଇଁତଳା ଥାନାର ରିପୋର୍ଟ ଦାଖଲ କରିବା ସହ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସନ୍ଧ୍ୟାରେ ସିଡବ୍ଲ୍ୟୁସି ରିପୋର୍ଟ ପାଇବା ପରେ ଥାନାଧିକାରୀ ଅନନ୍ତ ପ୍ରଧାନ ସନ୍ଧ୍ୟାରେ ପୀଡିତାଙ୍କ ଘରକୁ ଯାଇ ପ୍ରାରମ୍ଭିକ ତଦନ୍ତ କରି ଫେରିଥିବା ଜଣାପଡିଛି । ଘଟଣା ପରେ ସମ୍ପୃକ୍ତ ଶିକ୍ଷକ ଛୁଟିରେ ରହିଥିବାରୁ ତାଙ୍କ ମତାମତ ମିଳିପାରିନାହିଁ।



କୌଣସି ମହତ ବ୍ୟକ୍ତି ଅଭାବ ଓ ସୁଯୋଗ ନିମନ୍ତେ ଅଭିଯୋଗ କରେନାହିଁ।
- ଆର. ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ

### ବନ କର୍ମଚାରୀଙ୍କ କଳାବ୍ୟାଜ ପରିଧାନ

ଖଡିଆଳ,୧୨।୧୨(ଡି.ଏନ.ଏ.) ଓଡ଼ିଶା ଅଣଗେଜେଟେଡ୍ ବନ କର୍ମଚାରୀ ସଂଘ ନୂଆପଡା ଜିଲା ଶାଖା ପକ୍ଷରୁ ଢେଙ୍କାନାଳ ଜିଲାରେ ବନ୍ୟଜନ୍ତୁ ମୃତ୍ୟୁ ଘଟଣାକୁ ନେଇ କାର୍ଯ୍ୟରତ ବନ କର୍ମଚାରୀଙ୍କୁ ଚାକିରୀରୁ ନିଲମ୍ବନ କରିବା ସହ ପରେ ଗିରଫ ଘଟଣାକୁ ନିନ୍ଦା କରାଯାଇଛି । ଏଥି ସହ ନିଲମ୍ବିତ ହୋଇଥିବା ବନ କର୍ମଚାରୀଙ୍କ ବିରୋଧରେ ମାମଲା ପ୍ରତ୍ୟାହର ସହ ପୁର୍ନ ନିଯୁକ୍ତି ଦାବି କରିଛି । ଓଡିଶା ଅଣଗେଜେଟେଡ୍ ବନକର୍ମଚାରୀ ସଂଘ ନୂଆପଡା ଜିଲା ଶାଖା ସଭାପତି ଗଗନ ବିହାରୀ ହଂସ ଓ ସମ୍ପାଦକ ଘନଶ୍ୟାମ ଶବରଙ୍କ ନେତୃତ୍ୱରେ ଜିଲାର ବନ ବିଭାଗ, ବନ୍ୟଜନ୍ତୁ ବିଭାଗ, କେନ୍ଦୁପତ୍ର ବିଭାଗରୁ୧୯୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ସାମିଲ ହୋଇ ଡିସେମ୍ବର ୧୦ରୁ ୧୫ ତାରିଖ ୬ଦିନ ବ୍ୟାପି କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି । ଏହି ସମୟ ମଧରେ ଦାବି ପୂରଣ ନ ହେଲେ ଆଗାମୀ ୧୭ରୁ ସାମୂହିକ ଭାବେ ଛୁଟିରେ ଯାଇ ରାଜ୍ୟସ୍ତରରେ ଅନୁଷ୍ଠିତ ହେବାକୁ ଥିବା ଆନ୍ଦୋଳନରେ ସାମିଲ ହେବ ବୋଲି ସଂଘ ସଭାପତି ଗଗନ ବିହାରୀ ହଂସ ସୂଚନା ଦେଇଛନ୍ତି ।

# ଆନ୍ଧ୍ରପ୍ରଦେଶରେ ୩ ଦାଦନ ଶ୍ରମିକ ପଣବନ୍ଦୀ

ନୂଆପଡ଼ା ଅଫିସ,୧୨।୧୨

ନୂଆପଡା ଜିଲାରେ ଭକାମଧନ୍ଦ ଅଭାବର ସୁଯୋଗ ନେଇ ଶ୍ରମିକ ସର୍ଦ୍ଦାରମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ଶ୍ରମିକମାନଙ୍କୁ ନେଇଯାଉଛନ୍ତି । ଏଠାରେ ଗୋଟିଏ ପ୍ରକାର ଚୁକ୍ତି କରି ନେଇ ପରବର୍ତ୍ତି ସମୟରେ ସେଠାରେ ଦିନରାତି କଠିନ ପରିଶ୍ରମ କାମରେ ନିୟୋଜିତ କରୁଛନ୍ତି। ସେଥିରେ ଶ୍ରମିକମାନେ ରାଜ ନ ହେଲେ ବିଭିନ୍ନ ନିର୍ଯାତନା ଦେବାରେ ପଛାଉନାହାନ୍ତି । ନୂଆପଡ଼ା ଜିଲା ବୋଡେନ ଥାନା ଅଞ୍ଚଳରୁ ଏଭଳି ଏକ ଅଭିଯୋଗ ଆସିଛି । ଏହି ଥାନା ଅନ୍ତର୍ଗତ ବୋଇରଗାଁ ଗ୍ରାମପଞ୍ଚାୟତର ୬ଜଣ ଶ୍ରମିକଙ୍କୁ ନୂଆପଡା ବଲାଙ୍ଗୀର ଜିଲା ସୀମାନ୍ତ ଲାଠୋରର ଜଣେ ଶ୍ରମିକ ସର୍ଦ୍ଦାର ୬ ମାସ ତଳେ ନେଇଥିଲେ । ମାତ୍ର ୨ ମାସ କାମ କରିବାକୁ ଚୁକ୍ତି କରି ସେଠାରେ ୬ ମାସ କାମରେ ଲଗାଇ ରଖିଛନ୍ତି । ଏହାର ପ୍ରତିବାଦ କଲେ ସେମାନଙ୍କୁ ବିଭିନ୍ନ ନିର୍ଯାତନା ଦେଉଥିବା କୌଶଳକ୍ରମେ ସେଠାରୁ ଖସି ଆସିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି । ବୋଡେନ ବ୍ଲକ ବୋଇରଗାଁ ଗ୍ରାମପଞ୍ଚାୟତରେ ଏହି ବର୍ଷ ମରୁଡ଼ି ଦେଖାଦେଇଛି । ଅନ୍ୟପକ୍ଷେ ଏଠାରେ କୌଣସି ପ୍ରକାର ଶ୍ରମ ଭିତ୍ତିକ କାମ ହେଉ ନ ଥିବାରୁ ଲୋକେ ରୋଜଗାର ପାଇଁ ଦରାଣ୍ଡି ହେଉଛନ୍ତି । ଏହାର ସୁଯୋଗ ନେଇ ଗତ ଜୁନ ଶେଷ ସପ୍ତାହ ବେଳକୁ ମୁଜିବ ଖାନ ନାମକ ଜଣେ ଶ୍ରମିକ ସର୍ଦ୍ଦାର ମଧ୍ୟସ୍ଥିଙ୍କ ଜରିଆରେ କଳିରାମ ମାଝି, ଦେବ ସିଂ ମାଝି, ଦୌପଦୀ ମାଝି, ମନଧର ମାଝି, ଅଭିରାମ ମାଝି, ରାଇଧର ମାଝିଙ୍କୁ ଆନ୍ଧ୍ରପ୍ରଦେଶକୁ ନେଇଯାଇଥିଲେ । ସେଠିକାର କରିମନଗର ଜିଲାର ପଇଦାପାଲି ଇଟାଭାଟିରେ ନିୟୋଜିତ କରିଥିଲେ । ମାତ୍ର ୨ମାସ କାମ କରିବେ ବୋଲି ଜଣ ପିଛା ୧୦ ହଜାର ଟଙ୍କାର ଅଗ୍ରୀମ ଟଙ୍କା ଦିଆଯାଇଥିଲା । ସେଠାକୁ ଯିବା ପରେ ବାକି ଟଙ୍କା ଦିଆଯିବ ବୋଲି କୁହାଯାଇଥିଲା । ହେଲେ ଦୀର୍ଘ ୬ମାସ ପରେ ମଧ ତାହା ଦିଆଗଲା ନାହିଁ । ଶ୍ରମିକମାନଙ୍କୁ ଇଟାଭାଟିରେ ଜୋର ଜବରଦସ୍ତି ରଖିଛନ୍ତି। ଏଭଳି ଅଭିଯୋଗ ଆଣିଛନ୍ତି ସେଠାରୁ କୌଶଳକ୍ରମେ ଖସିଆସିଥିବା ଶ୍ରମିକ ଦୌପଦୀ ମାଝି, ଦେବସିଂ ମାଝି ଏବଂ କଳିରାମ ମାଝି। ଏମାନଙ୍କୁ ଏକ ପରିତ୍ୟକ୍ତ ଜାଗାରେ ରଖାଯାଇଛି । ସେଠାରେ କୌଣସି ପ୍ରକାର ଚିକିତ୍ସା ସେବା ମିଳୁନାହିଁ । ଓଳିଏ ଖାଇବାକୁ ଦେଲେ ଓଳିଏ ଶ୍ରମିକମାନେ ଭୋକ ଉପାସରେ ରହୁଛନ୍ତି । ରାତିରେ ଆସି ଇଟା ଭାଟି ମାଲିକ ମାରପିଟ କରୁଥିବାବେଳେ ବିଭିନ୍ନ ନିର୍ଯାତନା ଦିଆଯାଉଛି । ଏଠାକୁ ଆସିଥିବା ଶ୍ରମିକମାନେ ଶ୍ରମିକ ସର୍ଦ୍ଦାରଙ୍କୁ ଖୋଜି ବୁଲିଲେ ମଧ୍ୟ ସେ ଧରାଛୁଆଁ ଦେଉ ନ ଥିବା କହିଛନ୍ତି । ଏପଟେ ଗରିବ ପରିବାରର ବାକି ସଦସ୍ୟମାନେ ଏଠାରେ ଭୋକ ଉପାସରେ ଦିନ କାଟୁଛନ୍ତି । କେବେ ଆସିବେ ପରିବାର ମୁଖିଆ ବୋଲି ଆସିବା ବାଟକୁ ଜଗି ବସିଛନ୍ତି । ଏହା ଉପରେ ଜିଲା ଶ୍ରମ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଶ୍ରମିକମାନଙ୍କୁ ଉଦ୍ଧାର ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି । ଏହା ନ କଲେ ଆଗାମୀ ଦିନରେ ପରିବାର ଲୋକମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଧାରଣା ଦେବେ ବୋଲି କହିଛନ୍ତି ।



ପଣବନ୍ଦୀ ଥିବା ଶ୍ରମିକମାନଙ୍କ ପରିବାର ଲୋକ।

- ଏପଟେ ପରିବାର ଲୋକ ଭୋକ ଉପାସରେ
- ଶ୍ରମିକ ସର୍ଦ୍ଦାର ନିର୍ବାକ
- ନିର୍ଯାତନା ଦିଆଯାଉଥିବା ଅଭିଯୋଗ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଶାଗ, ଶିମିଳି, କପା କାଠ,**
**ମୂର୍ଖ ସଙ୍ଗେ ନ ଚାଲିବ ବାଟ ।**
**ଯେବେ ମୂର୍ଖ ସାଙ୍ଗେ ଚାଲିବ ବାଟ,**
**କହୁଣି ଖାଇବ ରଟରାଟ ।**

ଶାଗ ଶିମିଳି କପାକାଠ ନିଜ ନିଜ ସ୍ତରରେ ଅଯୋଗ୍ୟ ହେବା ଭଳି ମୂର୍ଖ ଲୋକ କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ସାଧାରଣତଃ ମୂର୍ଖବ୍ୟକ୍ତି ବିଚାର ବୁଦ୍ଧି ଶୂନ୍ୟ ହୋଇଥାନ୍ତି। ଭଲ ଓ ଖରାପ ମଧ୍ୟରେ ଥିବା ପ୍ରଭେଦକୁ ସେମାନେ ଠଉରେଇ ପାରି ନ ଥାନ୍ତି। ଏପରି ବ୍ୟକ୍ତିଙ୍କ ସହ ସମ୍ପର୍କ ଯୋଡ଼ିଲେ ଭବିଷ୍ୟତରେ ନାନା ଅସୁବିଧାରେ ପଡ଼ିବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଶୁଖିଲା କାଠରୁ ବୋହିବ ପାଣି,**
**ପୁଅ ଖେଳାଇବି କୋଉଠୁ ଆଣି ।**

କାଠ ଶୁଖିଗଲେ ସେଥିରୁ ଆଉ ପାଣି ନ ବାହାରିପାରିବା ଭଳି ବଳବୟସ ଖସିଗଲା ପରେ ବ୍ୟକ୍ତି ସେମିତି ନିଜ ପୂର୍ବ ଚମକ ହରାଇ ବସିବା ସହ ସାମର୍ଥ୍ୟ ହରାଇ ବସିଥାଏ। ବୟସ ଓ ସମୟ ଆଗରେ ମଣିଷ ହାର ମାନିବାକୁ ବାଧ ହୋଇଥାଏ। କ୍ଷମତାର ସମୟ ଉତ୍ତୀର୍ଣ୍ଣ ହେବା ପରେ ଆଉ କିଛି କଳ କୌଶଳ ପ୍ରଦର୍ଶନ କରିବାକୁ ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

### ଜିଲାସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀ ଉଦ୍‌ଯାପିତ: ୧୩ ପ୍ରକଳ୍ପ ରାଜ୍ୟସ୍ତରକୁ ଉନ୍ନୀତ

# ବିଜ୍ଞାନ ସମାଜ ଉପଯୋଗୀ ହେବା ଦରକାର

ନୂଆପଡା ଅଫିସ,୧୨।୧୨

ଆମରି ଭିତରେ ବୈଜ୍ଞାନିକ ଆଇନଷ୍ଟାଇନ, ଆଲଭା ଏଡିସନ ଭଳି କୁନି ବୈଜ୍ଞାନିକ ଲୁଚିରହିଛନ୍ତି । ଆମ ଭିତରେ ଗଭୀର ଆତ୍ମବିଶ୍ୱାସ, ମନୋବଳ ଦୃଢ ହେବା ଆବଶ୍ୟକ । ଏସବୁକୁ ପଦାକୁ ଆଣିବାରେ ବିଜ୍ଞାନ ପ୍ରଦର୍ଶନୀ ସହାୟକ ହେଉଛି । ଆଜିର ଯୁଗ ବିଜ୍ଞାନର ଯୁଗ । ଆମେ ସମସ୍ତେ ନିଜର ଅଭାବ ଅସୁବିଧାକୁ ଦୂର କରିବାକୁ ବିଜ୍ଞାନର ସହାୟତା ନେବାକୁ ବିକଳ୍ପ ଖୋଜୁଛୁ । ଏହା ସବୁବେଳେ ସମାଜର ହିତକାରୀ ହେବା ଦରକାର ବୋଲି ସ୍ଥାନୀୟ ଖରିଆରରୋଡସ୍ଥିତ ନୋଡାଲ ହାଇସ୍କୁଲରେ ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀରେ ଯୋଗଦେଇ ଅତିଥିମାନେ ଏହା କହିଛନ୍ତି । ବୁଧବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ସ୍ଥାନୀୟ ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ଡିଏଭି କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା, ଜିଲା କୋଷାଗାର ଅଧିକାରୀ ସଂଗ୍ରାମ କେଶରୀ ସାମନ୍ତରାୟ, ବରିଷ୍ଠ ନାଗରିକ ସଂଘ ସଭାପତି ହାଲ୍ଲା ସିଂ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଆଦିକନ୍ଦ ଦାସ, ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ, ବୋଡେନ ବ୍ଲକ ଶିକ୍ଷାଧିକାରୀ ଇନ୍ଦ୍ରମଣି ପାଣିଗ୍ରାହୀ, ଖଡିଆଳ ବ୍ଲକ ଶିକ୍ଷାଧିକାରୀ ଜଗଦିଶ ପ୍ରସାଦ ଖମାରୀ, ଖରିଆରରୋଡ ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଅଜିତ କୁମାର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବକ୍ତାମାନେ ବିଜ୍ଞାନ, ଗଣିତ ଏବଂ ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦେଇ ଏହାର ତାପର୍ଯ୍ୟ ଏବଂ ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ଇନସ୍ପାଏର ଯୋଜନାରୁ ୭୮ଟି ପ୍ରକଳ୍ପ ଏବଂ ଜିଲା ବିଜ୍ଞାନ, ଗଣିତ ଏବଂ ପରିବେଶ ସମ୍ପର୍କୀତ ପ୍ରଦର୍ଶନୀରେ ୫୫ଟି ପ୍ରକଳ୍ପ ନେଇ ଛାତ୍ରୀଛାତ୍ର ଯୋଗଦେଇଥିଲେ । ଏଥିରେ ମୋଟ ୧୩ଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି । ଏମାନେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ସୂଚନାଯୋଗ୍ୟ ଯେ, ୨ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମ ଉଦ୍‌ଘାଟନୀରେ କୁନି ବୈଜ୍ଞାନିକମାନଙ୍କୁ ନେଇ ଏକ ସେମିନାର ହୋଇଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମସ୍ତେ ଝୁମିଥିଲେ । ବୁଧବାର ପୂର୍ବାହ୍ନରେ ବିଜ୍ଞାନ ଶିକ୍ଷକମାନଙ୍କ ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀରେ ଅତିଥିମାନେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

# ଚାମ୍ପିୟନ ହୋଇ ଫେରିଲା ନୂଆପଡ଼ା ଦଳ

ନୂଆପଡା ଅଫିସ,୧୨।୧୨

**ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ**

ନୂଆପଡା ଜିଲାର ବାଳିକା ଏବଂ ବାଳକ କବାଡି ଟିମ ବିଭିନ୍ନ ସମୟରେ ଜିଲା ତଥା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବାବେଳେ ବର୍ତ୍ତମାନ ୬୪ତମ ରାଜ୍ୟସ୍ତରୀୟ ୧୪ବର୍ଷରୁ କମ ବୟସ ଟିମ ଟୁର୍ନାମେଣ୍ଟରେ ବାଳକ ଦଳ ଚାମ୍ପିୟନ ହୋଇ ଫେରିଛି । ଏହି ଟିମକୁ ବୁଧବାର ଏକ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ଜିଲ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଭୋଇଙ୍କ ସମେତ ବ୍ଲକ ଶିକ୍ଷାଧିକାରୀ ରେଶମ ଲାଲ ନାଏକ, ଜିଲା କ୍ରିଡା ନିରୀକ୍ଷକ ମହେଶ ଦଣ୍ଡସେନା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚୈତରାମ ନାଏକ ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ ଯେ, ଗତ ୨ ଦିନ ଧରି ଯାଜପୁର ମଧୁସୂଦନ ହାଇସ୍କୁଲରେ ଚାଲିଥିବା ଟୁର୍ନାମଣ୍ଟରେ ନୂଆପଡା ଦଳର ଖେଳାଳିମାନେ ଫାଇନାଲରେ ଚାମ୍ପିୟନ ବିବେଚିତ ହୋଇଛନ୍ତି । ସୁନ୍ଦରଗଡ ଟିମ ସହ ଫାଇନାଲ ମୁକାବିଲାରେ ୩୨-୨୫ ପଏଣ୍ଟ ହରାଇଥିଲା। ଏଥିରେ ସ୍ଥାନୀୟ ମାଗୁରପାଣି ଉନ୍ନୀତ ହାଇସ୍କୁଲର ଖେଳାଳି ପପୁନ ଭୋଇ ଟୁର୍ନାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ଏହି ଟିମ ବୁଧବାର ଜିଲାର ଖରିଆରରୋଡରେ ପହଞ୍ଚିଥିବାବେଳେ ସେଠାରେ ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀରେ ସମ୍ମାନିତ କରାଯାଇଥିଲା । ଏହି ଟିମର କୋଚ ଭାବରେ ଚୈତନ୍ୟ ସାହୁ, ଚମନଲାଲ ରାଉତ, ନିରୂପମା ପଟେଲ ଟିମ ମ୍ୟାନେଜର ଦୟାନିଧି ଚଲାନ, ଗୋଦାବରି ରାଉତ ଦାୟିତ୍ୱରେ ଟିମ ସହ ଯାଇଥିଲେ । ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ଖେଳ ଶିକ୍ଷକ ମହତାବ ଆଡଜୁଆଡ, ବିକାଶ ମାଝି, ରାଜେଶ ପଟେଲ, ପ୍ରେମ ସାହୁ, ବିରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲା ବାଳକ ବର୍ଗ ଟିମକୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଉଛି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି। ସୁଧ ୨%
M: 7750923286 7750921101

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979) ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ । (ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551 9068296909

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603 7064382081

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!! ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370 7840058835
H.No.-258, VPO Duhai, Ghaziabad, (U.P.) 201203

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145 9006905977

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁୱାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261 7991052595
405 D, Gandhi Marg, Mumbai-02

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469 8395030162

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ । 2% ସୁଧ 50% ରିହାତି
Helpline Number 9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442 7606062768
nationalcoop98@gmail.com

M. GROUP FINANCE CO.
DIWALI OFFER
(Govt. Approved)
- Personal Loan
- Business Loan
- Salary Slip Loan
- Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261 9718741868
Block Chack, Balasore-756027

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲଟାୟାର



## ସଂକ୍ଷେପରେ

### ଷ୍ଟେଟ ବିଗ୍ରେଡ୍ ସ୍କୁଲର ବାର୍ଷିକ ଉତ୍ସବ

ରିଷିଡା/ମଦନପୁର, ୧୨।୧୨ (ଡି.ଏନ.ଏ.)- ମ.ରାମପୁର ବ୍ଲକ ଗୋଛାଡେଙ୍ଗେନ ଷ୍ଟେନ ବିଗ୍ରେଡ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଦ୍ୟାଳୟ ନିରୀକ୍ଷକ ଘନଶ୍ୟାମ ବଗର୍ତିଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ଆଦିବାସୀ- ହରିଜନ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଡ. ନୃପରାଜ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ବନଛୋର, ସମ୍ମାନିତ ଅତିଥି ଭାବେ ମ.ରାମପୁର ବିଡିଓ ସୁଶ୍ରୀ ରୁମାନା ଜାଫ୍ରି, ସମ୍ମାନିତ ଅତିଥି ଭାବେ ବେଲୁର ସିଆରସି ସହଦେବ ସାହୁ ଯୋଗେଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପରିଚାଳନା କମିଟି ସଭାପତି ଡାକ୍ତର ମାଝି, ସମ୍ପାଦକ ରଘୁନାଥ ଭୋଇ, ପ୍ରିନ୍ସପାଲ ରାଜୀବ ବାଣୁଆ ମଞ୍ଚାସୀନ ଥିଲେ । ପ୍ରଶନ୍ନ କୁମାର କାଲସାଏଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଧନ୍ୟବାଦ ପ୍ରଦାନ କରିଥିଲେ ଶିକ୍ଷକ ହୃଷୀକେଶ ଭୋଇ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମବେତ ଗୀତ ପରିବେଷଣ କରିଥିବା ବେଳେ ନବୋଦୟ, ଆଦର୍ଶ ବିଦ୍ୟାଳୟ ତଥା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ସୁରେଶ ଚନ୍ଦ୍ର ପ୍ରଧାନ, ଜୟରାମ ପଧାନ ପ୍ରମୁଖ ସହାୟତା କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

କୋକସରା,୧୨।୧୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଜବାହାର ଉଚ୍ଚବିଦ୍ୟାପୀଠ ଖେଳ ପଡିଆଠାରେ କୋକସରା ବ୍ଲକ ବିଜୁ ଯୁବ ବାହୀନୀ ଅନୁକୂଲ୍ୟରେ ଚାଲିଥିବା ବ୍ଲକସ୍ତରୀୟ ୨ ଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୨୩ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ଖେଳ କୋକସରା ବିଜୁ ଯୁବାହିନି ଓ ରେଙ୍ଗାଲପାଲି ବିଜୁ ଯୁବ ବାହିନୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋକସରା ଦଳ ପ୍ରଥମ ହୋଇଥିବା ବେଳେ ରେଙ୍ଗାଲପାଲି ବିଜୁଯୁବ ବାହୀନୀ ଦଳ ୨ୟ ସ୍ଥାନ ଅଧିକାର କରିଥିଲା । କୋକସରା ଜବାହର ଉଚ୍ଚବିଦ୍ୟାପଠ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତି, କାଡଡୋଲା ପଞ୍ଚାୟତ ହାଇସ୍କୁଲ ଖେଳ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଇନ୍ଦ୍ରାବତୀ ହାଇସ୍କୁଲ ଡଙ୍ଗରିଗୁଡାର ଖେଳ ଶିକ୍ଷକ କୃପାସିନ୍ଧୁ ପାତ୍ର, ବୁଢାରଜା ହାଇସ୍କୁଲ ଖେଳ ଶିକ୍ଷକ ବିଶ୍ୱମ୍ଭର ଧଙ୍ଗଡାମାଝି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଉଦ୍‌ଯାପନୀରେ କୋକସରା ବିଡିଓ ବସନ୍ତ କୁମାର ସେଠୀ ମୁଖ୍ୟଅତିଥି, ବିଏସଏସଓ ଦିପକ କୁମାର ବେହେରା, ବିଜେଡି ଯୁବ ସଭାପତି ହେମନ୍ତ ମାଝି, କୋକସରା ବିଜୁ ବାହିନୀ ସମ୍ପାଦକ ଜଗା ପଟ୍ଟନାୟକଙ୍କ ସମେତ କୋକସରା ବ୍ଲକ ବିଜୁ ଯୁବବାହୀନୀ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଉଦ୍‌ଘାଟନୀରେ କୋକସରା ବ୍ଲକ ଅଧ୍ୟକ୍ଷା ସବ୍ୟାରାଣି ବାଗ ମୁଖ୍ୟଅତିଥି, କୋକସରା ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ବିଏସଏସଓ ଦିପକ କୁମାର ବେହେରା, କନ୍ଦାବୁଟ୍ରା ସମିତି ସଭ୍ୟା ଅଶୋକା ନାଏକ, ବିଜୁ ଯୁବବାହିନୀ ବ୍ଲକ ସଂଯୋଜକ ରୋହିତ ଗୋପାଲ, ବିଜେଡ ଯୁବମୋର୍ଚ୍ଚା ସମ୍ପାଦକ ମହେଶ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ବିଜ୍ଞାନ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ

ଭବାନୀପାଟଣା,୧୨।୧୨(ଡି.ଏନ.ଏ.)

ସ୍ଥାନୀୟ ଇରିଗେସନ କଲୋନୀ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବିଜ୍ଞାନ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତ, ଏବିଓ ଠାକୁର ସାହୁ, ଘନସ୍ୟାମ ପରିଡା, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମୁକୁନ୍ଦ ରେଡ୍ଡି ଓ ବିଦ୍ୟାଳୟ ଶିକ୍ଷା କମିଟି ସଭାପତି ରଶ୍ମିତା ଖଣ୍ଡାୟତ, ବିଜୟ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନ, ଚିତ୍ର ଓ ହସ୍ତକଳା ପ୍ରଦର୍ଶନୀ ପରେ ଅତିଥିମାନଙ୍କ ଦ୍ୱାରା ଶ୍ରେଷ୍ଠ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ପୁରୋହିତ ବିଦ୍ୟାଳୟ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ମୁଣ୍ଡ, ସହଶିକ୍ଷୟିତ୍ରୀ ଆହ୍ଲାଦିନୀ ବିଶି, ସ୍ନିଗ୍ଧା ମହାପାତ୍ର, ପୁଷ୍ପାଞ୍ଜଳୀ ପଣ୍ଡା, ଅନିତା ଦାସ, ରେଣୁକା ସାହୁ, ଅନୀତା ଅଗସ୍ତି, ରୋଜାଲିନ ଗନ୍ତାୟତ, ବିଜୟଲକ୍ଷ୍ମୀ ବହିଦାର, ଧରିତ୍ରୀ ପ୍ରଧାନ, ଜ୍ୟୋତି ଦାସ ସୁନ୍ଦର ଭାବରେ ପ୍ରଦର୍ଶନୀ ପରିଚାଳନା କରିଥିବାରୁ ପ୍ରଶଂସା କରିଥିଲେ । ପ୍ରତିବର୍ଷ ଏଭଳି କାର୍ଯ୍ୟ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ।

# ମଠଖାଇ ଶିଖରରେ ଏଭରେଷ୍ଟ ଆରୋହୀ ଯୋଗବ୍ୟାସ ଭୋଇ, ଟିମ୍

ଭବାନୀପାଟଣା,୧୨।୧୨ (ଡି.ଏନ.ଏ.)

ବିଶ୍ୱ ପର୍ବତ ଦିବସ ଅବସର ଲୋକଙ୍କୁ ସଚେତନ କରାଇବା ଓ ପାହାଡ ସୁରକ୍ଷାର ବାର୍ତ୍ତା ନେଇ ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ଓ ଏକ ଟିମ୍ ସହ ସଦର ମହକୁମାଠାରୁ ଅଳ୍ପ ଦୂରରେ କଳାହାଣ୍ଡି-ଟିଟିଲାଗଡ ରାସ୍ତାର ମଠଖାଇ ପାହାଡରୁ ଚଢିଛନ୍ତି। ପଶ୍ଚିମ ଓଡିଶାର ବିଭିନ୍ନ ଜିଲରୁ ଆସିଥିବା ୬ ଜଣ ପର୍ବତାରୋହୀ ଟ୍ରେନରଙ୍କ ସମେତ ଯୋଗବ୍ୟାସ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ସର୍କିଟ ହାଉସରୁ ବାହାରି ମଠଖାଇ ପାହାଡ ଚଢିଥିଲେ। ସର୍କିଟ ହାଉସଠାରେ ବଲାଙ୍ଗୀର ଡିଏଫଓ ସମୀର ଶତପଥୀ ପତାକା ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବଲାଙ୍ଗୀର ସହରରୁ ୪ କି.ମି. ଦୂରରେ ଥିବା ମଠଖାଇ ୨୫୯୧ ଫୁଟ ଉଚ୍ଚ ରହଥିବା ବେଳେ ୪ ଘଣ୍ଟାରେ ପାହାଡ ଉପରରେ ପହଞ୍ଚି ଜାତୀୟ ପତାକା ବାନ୍ଧିଥିଲେ। ଆଗାମୀ ଦିନରେ କାଳାହାଣ୍ଡିରେ ମାଉଣ୍ଟେନର ଟିମ୍‌କୁ ନେଇ ଏକ କ୍ୟାମ୍ପ କରାଯିବ ଓ ଏଭଳି ପାହାଡକୁ ନିଆଯାଇ ନୂଆ ଯୁବକମାନଙ୍କୁ ମାଉଣ୍ଟେନିଂ ପାଇଂ ଉତ୍ସାହିତ କରାଯିବ ବୋଲି ଯୋଗ ଭ୍ୟାସ ଭୋଇ କହିଛନ୍ତି। ଟିମ୍‌ରେ ଭୋଇଙ୍କ ସହିତ କୁଣ୍ଡିଶୋର ସଲିମ ଡରକା, ତୁଷୁରାର ଅନିମେଶ ସାହୁ, ନୂଆପଡାର ରାଜୁ ବେହେରା, ଡେଙ୍କାନାଳର ତାରାକାନ୍ତ ପରିଡା, କଳାହାଣ୍ଡିର ଧନପତି ବାଗ, ତରଭାର ଭବାନୀଶଙ୍କର ରଣା ପ୍ରମୁଖ ସାମିଲ ଥିଲେ।

---

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଶିଶୁଗୁଡିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଉଚିତ୍ ପ୍ରମାଣପତ୍ର ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

## ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼

ମୋ. ନଂ- ୯୯୩୮୧୭୦୪୫୦ / ଅଫିସ୍- ୦୬୬୨୨-୨୭୩୩୪୩

ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼

ମୋ. ନଂ-୮୭୬୩୧୪୬୬୧୬ / ଅଫିସ୍- ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧. | ବାଲି (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୪ ବର୍ଷ (ଅନୁମାନିକ) | ପୁଅ | ରଙ୍ଗାଡିପା ଛକ, ସୁନ୍ଦରଗଡ଼ ତା. ୧୦.୦୮.୨୦୧୭ |  |
| ୨ | ଅର୍ପଣ (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୩ ବର୍ଷ (ଅନୁମାନିକ) | ପୁଅ | ଧରୁଆଡିହି ନିକଟରେ ରାଉରକେଲା ପଟୁ ଆସୁଥିବା ଡି.ଏମ୍.ୟୁ. ରେଳ ବଗିରେ ତା. ୧୯.୦୮.୨୦୧୭ |  |
| ୩ | ସ୍ନେହା | ଏକ ମାସ ୧୬.୧୧.୨୦୧୮ | ଝିଅ | ସରଗିଗଡ଼ ଗାଁ ଜଙ୍ଗଲ, କୋଇଡ଼ା ପୋଲିସ ଅଧୀନରେ ୧୬.୧୧.୨୦୧୮ |  |

Sd./- District Child Protection Officer, Sundargarh

---

DADLS-216

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା

ତା. ୧୪.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ

**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ - ମଧ୍ୟାହ୍ନ ୧୨ ଘଟିକା**

୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧକ୍ଷ/ ଅଧକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0488/1819

---

GOVERNMENT OF ODISHA

## OFFICE OF THE EXECUTIVE ENGINEER RURAL WORKS DIVISION, SUNDARGARH

E.Mail – rw_sundargarh@yahoo.co.in

No.1150-O:- E-PROCUREMENT NOTICE

BID IDENTIFICATION NO. ONLINE-EESNG-04 of 2018-19

1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in

Sd./- Executive Engineer,
Rural Works Division, Sundargarh

25046/11/0005/1819

---

GOVERNMENT OF ODISHA

## OFFICE OF THE EXECUTIVE ENGINEER RURAL WORKS DIVISION NAWRANGPUR

**2nd corrigendum to Bid Identification No: EERWNGP – Online -02/2018-19**

**No.1147-O:-** In partial modification to this office Tender call notice no 02/2018-19 the following changes are made.

1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.

Executive Engineer,
Rural Works Division, Nabarangpur

25092/11/0007/1819

---

ocac ODISHA COMPUTER APPLICATION CENTRE

## REQUEST FOR PROPOSAL (RFP)

Enq. No. : OCAC-SEGP-SPD0037/2014(P-1)/18055

### CANCELLATION NOTICE

With reference to above RFP Enq. No.18055 regarding design, development, implementation and maintenance of State Portal and Departmental Portals of Odisha Govt. published on 08.12.2018 in Odia daily Newspapers "The Samaja", "The Dharitri", the English daily "The Times of India (all India Edition) and in the websites **www.ocac.in** & **www.odisha.gov.in**. the said RFP is **hereby cancelled.** The Cancellation Notice is available in the websites **www.ocac.in** & **www.odisha.gov.in**.

**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

---

GOVERNMENT OF ODISHA
OFFICE OF THE HEALTH & F.W. DEPARTMENT

## VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)

ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com

No. ................. / VIMSAR, Dated: .......................

### TENDER CALL NOTICE

**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.

The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.

*Sd./- Dean & Principal*
*VSS Inst. of Med. Sc & Research, Burla*

10012/11/0053/1819

---

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର

ପତ୍ର ସଂଖ୍ୟା : ୮୪୭/DCPV/NIC ତାରିଖ : ୧୨.୧୨.୨୦୧୮

### ବିଜ୍ଞପ୍ତି

ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୨୩.୧୦.୨୦୧୮ରିଖ ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରଠାରୁ ତୃପ୍ତିମୟୀ ନାମରେ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (SAA)ରେ ଶିଶୁଟି ସୁରକ୍ଷିତ ଭାବରେ ରଖାଯାଇଅଛି। ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି କେବେ ଏହି ବିଜ୍ଞପ୍ତି ପ୍ରକାଶର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ ନଂ- ୦୬୬୫୪-୨୨୦୩୬୪) ଉପର ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଫୋନ ନଂ- ୦୬୬୫୪-୨୨୦୪ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ ସହ ଶିଶୁଟି ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣଯୋଗ୍ୟ ହେବ ନାହିଁ। ଏବଂ କିଶୋର ନ୍ୟାୟ ଅଧିନିୟମ -୨୦୧୫ ତଥା Adoption Regulation-2015 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC Case ନଂ ଓ ତାରିଖ | ଫଟୋ |
|---|---|---|---|---|---|---|
| ୧. | ତୃପ୍ତିମୟୀ | ଝିଅ | ୪୫ ଦିନ | ସୁବର୍ଣ୍ଣପୁର ଡାକ୍ତର ଖାନା | ୧୩୫୩ ୨୩.୧୦.୨୦୧୮ |  |

ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

---

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ

(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

**ଇସ୍ତାହାର ସଂଖ୍ୟା: ୧୨୬୩** **ତା: ୧୨।୧୨।୨୦୧୮**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ-୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ରାଧା | ଝିଅ | କାଣ୍ଡସର, ଥାନା- ନାଲ୍‌କୋନଗର, ଜିଲ୍ଲା-ଅନୁଗୋଳ | ୧୦୬/ ତା- ୩୦।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

---

## OFFICE OF THE CHAIRMAN, DLSA, DHENKANAL

### ADVERTISEMENT

**Dated, the 11 day of December, 2018**

Applications in the prescribed format are invited from the desirous candidates for recruitment to the 3 Posts of Jr. Clerk of District Legal Services Authority (DLSA)/ Jr. Clerk-cum-Typist of Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013.

**CATEGORYWISE VACANCY POSITION:**

| Name of the Post | S.T | S.C | SEBC | UR (w) | S.T | Total | Scale of Pay |
|---|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 01 | 01 | 0 | 01 | 0 | 03 | Rs. 8800/- |

**NOTE:**

1. The number of Posts as indicated above may increase or decrease.
2. Reservation in respect of women, Physically Handicapped persons/Ex-Services-men/ Sports persons shall be as per applicable Rules.

**LAST DATE FOR RECEIPT OF APPLICATIONS:-**

The application along with the required documents and self attested copies of certificates must reach to the Office of the District & Sessions Judge-cum-Chairman, **District Legal Services Authority, Dhenkanal, At-ADR Building, Near Old S.P. Office, PO/Dist- Dhenkanal, Pin-759001** on or before 05.01.2019 either by Post or in person during office hours on each working day. Applications received in the office after the last date by any means shall be summarily rejected.

**N.B.:-** For format of Application, Eligibilities of the candiates, Fees for examination, Scheme of examination, Details of syllabus for each subject, List of documents to be submitted along with the application, kindly visit the below Web Link.

https://districts.ecourts.gov.in/dhenkanal and www.dhenkanal.nic.in

**Sd./- T.P. Rath**
**Chairman, District Legal Services Recruitment Committee, Dhenkanal**

---

## ODISHA NURSES & MIDWIVES EXAMINATION BOARD

(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building, Bhubaneswar-1, Odisha
Email: odishanursingboard@gmail.com

No. 02 ON&MEB Dated: 10.12.2018

**Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet**

**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.

*Sd./- Secretary*
*ON&MEB*

10058/11/0024/1819

---

## GOVERNMENT OF ODISHA, "e"- PROCUREMENT NOTICE

**Bid Identification No. E.E. GTN(R&B)-07/2018-19**

No.999-B:- **E-mail address: eeghatagaon2015@gmail.com**

**Letter No. 3237** **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Numbers of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.

**Sd./- Executive Engineer, Ghatagaon(R&B)Division**

34140/11/0010/1819

---

See Career Appointment on every **Wednesday & Saturday**

---

## ODISHA HYDRO POWER CORPORATION LTD.

OHPC

OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854242038, E-mail: sgmel_ukhep@ohpcltd.com, CIN:U40101OR1995SGC003963

TENDER CALL NOTICE No.- UKHEP - 25/2018-19, Dated 06.12.2018

**No.CAD-1119:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Supply & Fixing of PVC door shutters along with PVC door frames to "F" type quarters at Power House Colony, UKHEP, Bariniput. | 4,11,942/- | 2360/- (Rs.2000/- +18% GST) | 4120/- | From 10:00 hrs of 14.12.2018 to13:00 hrs of 28.12.2018 | Up to 16.00 hrs of 28.12.2018 | At 16.30 Hours of 28.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.

04002/11/0073/1819 **Sd./- Unit Head, UKHEP, Bariniput**

## ସଂକ୍ଷେପରେ



### ହକି ପାଇଁ ଦୌଡ଼ କାର୍ଯ୍ୟକ୍ରମ

**ଜୁନାଗଡ,୧୨।୧୨(ଡି.ଏନ.ଏ.)-** କଳହାଣ୍ଡି ଜିଲା ଜୁନାଗଡ ବ୍ଲକ ଦୁନ୍ଦେଲମାଳ ପଞ୍ଚାୟତ ବୋରଗୁଡା ଖେଳପଡିଆରେ ବୁଧବାର ବିଜୁ ଯୁବ ବାହିନୀ ପକ୍ଷରୁ ହକି ପାଇଁ ଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅନିରୁଦ୍ଧ ଶବର, ଦ୍ୱିତୀୟ ନବକାନ୍ତ ଶବର ଓ ଟିକଚନ ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ଥାନୀୟ ବିଜୁ ଯୁବ ବାହିନୀ ସଭାପତି ଟିକଚନ ଶବର, ସମ୍ପାଦକ ହେମନ୍ତ ଶବର, କୋଷାଧ୍ୟକ୍ଷ ପ୍ରଦୀପ ମାଝି, ସମୀର ଶବର, ଅବାନ ମାଝି ପ୍ରମୁଖ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ସେହିପରି ବୋରଗୁଡା ଯୁବ ସଂଘ ଶଶିଧର ଧରୁଆ, ବିଶ୍ୱ ମାଝି, କମଳେଶ ମାଝି, ବୈବସ୍ୱତ ମାଝି, ହରେକୃଷ୍ଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଆହତଙ୍କୁ ସହାୟତାର ହାତ ବଢ଼ାଇଲା ବିଜୁ ଯୁବବାହିନୀ

**ଲାଞ୍ଜିଗଡ଼,୧୨।୧୨(ଡି.ଏନ.ଏ.)-** ଜଙ୍ଗଲ ରାସ୍ତାରେ ଦୀର୍ଘ ସମୟ ଧରି ଆହତ ହୋଇ ପଡିଥିବା ଜଣେ ମୁମୂର୍ଷୁ ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ପଠାଇବା ଭଳି ଏକ ମହତ୍ କାମ କରି ଚର୍ଚ୍ଚାକୁ ଆସିଛି ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜୁ ଯୁବବାହିନୀ । ସୋମବାର ଲାଞ୍ଜିଗଡ-ବିଜେପୁର ରାସ୍ତା ଡଙ୍ଗାବାହାଲି ନିକଟରେ ଏକ ବାଇକ୍ ଦୁର୍ଘଟଣା ଘଟିଥିଲା । ଏଥିରେ ପାହାଡପଦର ପଞ୍ଚାୟତ ପଟାଙ୍ଗପଦର ଗାଁର ଶିବ ନାଏକ ଦୁର୍ଘଟଣାର ଶିକାର ହୋଇଥିଲେ । ଦୀର୍ଘ ସମୟ ଧରି ସେ ରାସ୍ତାକଡ ଜଙ୍ଗଲରେ ପଡିଥିବାବେଳେ ଖବର ପାଇ ବିଜେପୁର ବିଜୁ ଯୁବବାହିନୀ ସଭାପତି ପରୀକ୍ଷିତ ନାଏକ, ସଦସ୍ୟ ରାଜକିଶୋର ବାଗ, ଜଗତରାମ ବାଗ ଓ ତ୍ରିଲୋଚନପୁର ସରପଞ୍ଚ ଚନ୍ଦ୍ର ମାଝି ପ୍ରମୁଖ ତାଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସ ଡକାଇ ଚିକିତ୍ସା ପାଇଁ ପଠାଇଥିଲେ । ବିଜୁ ଯୁବ ବାହିନୀର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ବେହେରା ମଣ୍ଡି ବନ୍ଦ ଦାବି

# ୫ ଦିନ ହେଲା ୟାର୍ଡରେ ତାଲା

**ଭବାନୀପାଟଣା/ଧର୍ମଗଡ଼, ୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ମଣ୍ଡି ବନ୍ଦ ଦାବି ନେଇ ବେହେରା ମାର୍କେଟୟାର୍ଡର ଗେଟରେ ବୁଧବାର ପଞ୍ଚମ ଦିନରେ ଚାଷୀମାନେ ତାଲା ପକାଇବା ସହ ବିରୋଧ ପ୍ରଦର୍ଶନ କରିଛନ୍ତି । ଚଳିତବର୍ଷ ବର୍ଷାଭାବ ସାଙ୍ଗକୁ ରୋଗ ପୋକର ପ୍ରଦୁର୍ଭାବରେ ଧାନ ନଷ୍ଟ ହୋଇଯାଇଛି । ଯାହା କିଛି ଅମଳ କରିଥିଲା ଚାଷୀ ବିଳମ୍ବିତ ମଣ୍ଡି ଯୋଗୁ କମ ଦରରେ ବିକ୍ରି କରିଦେଲା । ଏପରିସ୍ଥଳେ ମଣ୍ଡି ଖୋଲିଲେ ଚାଷୀଙ୍କ ଲାଭ ଅପେକ୍ଷା କ୍ଷତି ହେବ ଏବଂ ବେପାରୀଙ୍କ ଲାଭ ବେଶୀ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ବେହେରା ମଣ୍ଡିରେ ବେହେରା, ତେଣ୍ଡାପାଲି, ଜୟନ୍ତପୁରଳ ଧର୍ମରପୁର, ଛଞ୍ଚାଣବାହାଲି ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରିଥାନ୍ତି । ଜଳସେଚନ ସୁବିଧା ନ ଥିବାରୁ ଏହି ସବୁ ଅଞ୍ଚଳର ଚାଷୀ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ଏ ବର୍ଷ ଅଞ୍ଚଳରେ ଏକ ପ୍ରକାର ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ଯଦି ମଣ୍ଡି ଚାଲେ ତେବେ ଚାଷୀଙ୍କ ହାତ କରି ବେପାରୀମାନେ ଚାଷୀ ନାଁରେ ଟୋକନ କାଟି ଧାନ ବିକ୍ରି କରିବେ। ଯାହା ଦ୍ୱାରା ଚାଷୀ ବୀମା ହରାଇବେ ବୋଲି ଚାଷୀମାନେ ଆଶଙ୍କା କରି ଗତ ୫ ଦିନ ହେଲା ମଣ୍ଡି ଗେଟରେ ତାଲା ପକାଇ ଧାରଣାରେ ବସିଛନ୍ତି। ସୋମବାର ୫ଟି ପଞ୍ଚାୟତର ୫୦୦ରୁ ଅଧିକ ଚାଷୀ ଏଥିରେ ସାମିଲ ହୋଇଥିଲେ। ସେହିପରି ମଣ୍ଡିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆ ହୋଇଛି ବୋଲି ଦଣ୍ଡପାଟ କୃଷକ ସଂଘ ସଭାପତି ମଣିଭଦ୍ର ନାଏକ, ଗୌରଚନ୍ଦ୍ର ବାଗ, ଶଶିଧର ସାହୁ, ତୁଳସୀରାମ ବାରିକ, ଶଙ୍କର ନାଏକ, ଚନ୍ଦନ ବାଣୁଆ, ଜୟଚନ ନାଏକ ପ୍ରକାଶ କରିଛନ୍ତି । ଏଥିରେ ପ୍ରଶାନ୍ତ ତିୱାରୀ, ଖଗପତି ନାଏକ, ବିରଞ୍ଚି ଖମାରୀ, ହେମନ୍ତ ନାଗ, ଗୋଲୋଚନ ଗୋପାଳ, ରମଣି ଦୁରିଆ, ଶଙ୍କର ଜୁଏଡ, ଅଚତ ଜୁଏଡ, ଧ୍ରୁବ ସେଠିଆ, କେସରି ବାରିକ, ବୋର୍ଡା ଜୁଏଡ, ଅବିରାମ ଗୋପାଳ, ନରଞ୍ଜନ ସାହୁ, ଗୋବିନ୍ଦ ଭଏଁସାଲ, ନିର୍ମଳ ଗୋପାଳ, ଭୁତେସ ମେହେର, ଲବରାମ ନାଏକ, ବେଲାଲ କାଣ୍ଡଙ୍କ ସମେତ ବହୁ ଚାଷୀ ସାମିଲ ହୋଇଥିଲେ ।



ବେହେରା ମଣ୍ଡି ବନ୍ଦ ଦାବି ନେଇ ଚାଷୀମାନେ ବିକ୍ଷୋଭ କରୁଛନ୍ତି।

# ଜୟପାଟଣା ସବ୍‌ଜଜ୍ କୋର୍ଟ ପାଇଁ ଆନ୍ଦୋଳନ ଡାକରା

**ଜୟପାଟଣା,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣାଠାରେ ଦେୱାନୀ ବିଚାରପତି (ବରିଷ୍ଠ ବିଭାଗ) ଏବଂ ଅତିରିକ୍ତ ଦୌରା ଜଜ୍‌ଙ୍କ କାର୍ଯ୍ୟାଳୟ ସ୍ଥାପନ ଦାବି ନେଇ ଜୟପାଟଣା ଓକିଲ ସଂଘ ତରଫରୁ ଆସନ୍ତା ୧୫ ତାରିଖଠାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଜୟପାଟଣା କୋର୍ଟ, ତହସିଲ କାର୍ଯ୍ୟାଳୟ ଏବଂ ଉପନିବନ୍ଧନ କାର୍ଯ୍ୟାଳୟ ବନ୍ଦ ପାଇଁ ବିଧିବଦ୍ଧ ଭାବେ ନିଷ୍ପତ୍ତି ନିଆଯାଇଛି । ବୁଧବାର ଜୟପାଟଣା ଓକିଲ ସଂଘର ସଭାପତି ଶିଶିର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ଗ୍ରହଣ ପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୈଠକରେ ଓକିଲ ପ୍ରମୋଦ ପଣ୍ଡା, ମହେଶ ପଣ୍ଡା, ରଜନୀକାନ୍ତ ପଣ୍ଡା, ନିହାର ରଞ୍ଜନ ବେହେରା, ଅନ୍ତିମ ପାଢ଼ୀ, କେଦାରନାଥ ସାହୁ, ପଦ୍ମଚରଣ ନାଏକ, ସୌଦାମିନୀ ଦିବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଜିଲା ଦୌରା ଜଜ୍, ଉଚ୍ଚ ନ୍ୟାୟାଳୟ, ତହସିଲଦାର ଜୟପାଟଣା ଏବଂ କଳାହାଣ୍ଡି ଜିଲାପାଳଙ୍କୁ ଅବଗତ କରାଯାଇଥିବା ଓକିଲ ସଂଘ ତରଫରୁ କୁହାଯାଇଛି ।



ଜୟପାଟଣା ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଓକିଲମାନେ ଆଲୋଚନା କରୁଛନ୍ତି।

# ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ବୈଠକ

**କେସିଙ୍ଗା,୧୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ଗ୍ରାମସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ପାଇଁ ବିଦ୍ୟାଳୟ ପରିସରରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉତ୍ସବ ପାଳନ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଛି । ଏଥିରେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଙ୍କୁ ନିମନ୍ତ୍ର କରିବା, ମଶାଲ ଯାତ୍ରା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପୁରସ୍କାର ବଣ୍ଟନ, ପୁରାତନ ଛାତ୍ରୀଛାତ୍ର, ପରିଚାଳନା କମିଟି ଓ ଯୁବକ ସଂଘ କର୍ମକର୍ତ୍ତାମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ପ୍ରଦାନ ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା । ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆସନ୍ତା ୨୯ ଓ ୩୦ ତାରିଖ ଦୁଇ ଦିନ ଧରି ମହାସମାରୋହରେ ପାଳନ କରାଯିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଠିକ୍ ଭାବରେ ଶିକ୍ଷାଦାନ ପାଇଁ ନବୋଦୟ ବିଦ୍ୟାଳୟରେ ନାମ ଲେଖାଇ ପାରୁଛନ୍ତି। ଏହି ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଉନ୍ନତଧରଣ ଶିକ୍ଷା ପାଇଁ ବହୁ ଛାତ୍ରୀଛାତ୍ର ବିଭିନ୍ନ ସରକାରୀ କର୍ମଚାରୀ ପଦବୀରେ ନିଯୁକ୍ତି ପାଇଥିବାରୁ ଏହି ବିଦ୍ୟାଳୟ ତଥା ଅଭିଭାବକମାନେ ଗର୍ବିତ ଅନୁଭବ କରୁଥିବା ଜଣାପଡିଛି । ଏହି ବୈଠକରେ ସମ୍ପାଦକ କାଳିଆ ଭୋଇ, ବୃନ୍ଦାବନ ସାହୁ, ତୁଳସୀରାମ ସାହୁ, ଭିକାରୀ ଗଉଡିଆ, ମକଲିଙ୍ଗ ଭୋଇ, ଭକ୍ତବନ୍ଧୁ ପ୍ରଧାନ, ଦୀନବନ୍ଧୁ ସାହୁ, ମେଘନାଦ ଭୋଇ, ଘନଶ୍ୟାମ ଗହିର, ସଞ୍ଜୀବ ସାହୁ ପ୍ରମୁଖ ପରିଚାଳନା କମିଟି ସଦସ୍ୟ ତଥା ଗ୍ରାମବାସୀ ଯୋଗଦେଇଥିଲେ। ସଂଗ୍ରାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।



ସିର୍ଜାପାଲି ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଇଁ ଆଲୋଚନା ।

# ଉଚ୍ଚ ବିଦ୍ୟାଳୟଠାରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ପଲମ,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଶାନ୍ତପୁର ପଞ୍ଚାୟତସ୍ଥିତ ଶାନ୍ତପୁର ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟଠାରେ ୩୭ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ନର୍ଲା ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଶାନ୍ତପୁର ସରପଞ୍ଚ ଟିକେଧର ସାହୁ, ସମିତି ସଭ୍ୟ ଗୋବିନ୍ଦ ତାଣ୍ଡି ପ୍ରମୁଖ ଯୋଗଦେଇଥିଲେ।

ଏକ ସୁସ୍ଥ ଜୀବନ ପାଇଁ କ୍ରୀଡାର ଉପାଦେୟତା ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ । କ୍ରୀଡା ଉତ୍ସବରେ ବିଭିନ୍ନ ପ୍ରକାର ପ୍ରତିଯୋଗୀତା କରାଯାଇଥିଲା। ବିଦ୍ୟାଳୟ ସମସ୍ତ ଶିକ୍ଷକ ସହଯୋଗ କରୁଥିବା ବେଳେ ଛାତ୍ରୀଛାତ୍ରମାନେ ବେଶ ଉତ୍ସାହିତ ଥିଲେ । କମଳମତି ଛାତ୍ରୀଛାତ୍ରମାନଙ୍କୁ କ୍ରୀଡା ପ୍ରତି ଆକର୍ଷଣ କରିବା ସହ ଶାରୀରିକ ସ୍ୱାସ୍ଥ୍ୟ ସଚେତନ ବୃଦ୍ଧି ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟରେ କ୍ରୀଡା ଉତ୍ସବ ଆୟୋଜନ କରାଯାଉଛି ।

# ଥୁ.ରାମପୁର ବ୍ଲକରେ ପୁଣି ମାଓବାଦୀ ପୋଷ୍ଟର

**ଭବାନିପାଟଣା,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅପହଞ୍ଚ ଅଞ୍ଚଳ ସାଇସୁରନୀଠାରେ ପୁଣି ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଗତ ରବିବାର ବିଳମ୍ବିତ ରାତିରେ କେହି ଥୁଆମୂଳ ରାମପୁର ବ୍ଲକ ଅଧୀନ ସାଇସୁରନୀଠାରେ ଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାନ୍ଥରେ ଏକ ପୋଷ୍ଟର ମାରିଥିଲେ। ଯେଉଁଠି ଓଡିଶା ରାଜ୍ୟ କମିଟି ଭାକପା (ମାଓବାଦୀ) ଉଲ୍ଲେଖ ଥିବା ବେଳେ ମାଓବାଦୀ ନାଗାବଲୀ ଡିଭିଜନ କାଶିପୁର ସମ୍ପାଦକ ଜାରି କରିଥିବା ପୋଷ୍ଟରରେ ଲେଖାଯାଇଛି । ଏହି ପୋଷ୍ଟରରେ ସରକାରଙ୍କ କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇ ମୁଳନିବାସୀ ଆଦିବାସୀ ନିଜ ଦାବି ଦୀର୍ଘ ଦିନଠାରୁ ଦଖଲରେ ଥିବା ଜଙ୍ଗଲ ଜମିକୁ ବେନିୟମ ଭାବେ କବ୍‌ଜା କରିବା ପାଇଁ ପ୍ରୟାସ କରୁଛନ୍ତି। ଏଥିରେ ନାକରୁଣ୍ଡି, ଗୁଣପୁର ରାଜସ୍ୱ ନିରୀକ୍ଷକଙ୍କ ସମେତ ରାଜସ୍ୱ ବିଭାଗର ଅନ୍ୟ ଅଧିକାରୀମାନେ କମ୍ପାନୀକୁ ସହାଯ୍ୟ କରୁଥିବା ଦର୍ଶାଇଛନ୍ତି। ତୁରନ୍ତ ୨୦ ଡିସେମ୍ବର ମଧ୍ୟରେ କ୍ଷତିଗ୍ରସ୍ତ ଆଦିବାସୀଙ୍କୁ କ୍ଷତିପୂରଣ ଯୋଗାଇ ଦିଆ ନ ଗଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ଏଭଳି ପୋଷ୍ଟର ଦେଖିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ଦେଖାଦେଇଛି । ଏ ନେଇ ଥୁଆମୂଳ ରାମପୁର ଭାରପ୍ରାପ୍ତ ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ସୂଚନା ପାଇଥିବା ଜାଣି ଥିଲେ ମଧ୍ୟ ନିଜ କର୍ମଚାରୀ ଯିବା ବେଳକୁ ସେଠାରେ ପୋଷ୍ଟର ନ ଥିବା ସୂଚନା ଦେଇଥିଲେ । ଏହା କୌଣସି ମାଓବାଦୀ ପୋଷ୍ଟର ହୋଇ ନ ଥିବ । ଅନ୍ୟ କେହି ଏପରି କରିଥିବେ ବୋଲି ସେ କହିଛନ୍ତି ।



ମାଓବାଦୀଙ୍କ ପକ୍ଷରୁ ଲଗାଯାଇଥିବା ପୋଷ୍ଟର।

# ବର୍ଷା ଜଳ ସଂରକ୍ଷଣ, ଭୂତଳ ଭରଣ ସମ୍ପର୍କିତ ତାଲିମ ଶିବିର

**କର୍ଲାମୁଣ୍ଡା,୧୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ଗାଁରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ (ଆଇଜିଏସଏସଏସ) ପକ୍ଷରୁ ବର୍ଷା ଜଳ ସଂରକ୍ଷଣ ଓ ଭୂତଳ ଭରଣ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ବିଜାପାଟି, ଧଅଁରାଖମନ, ଅଗାଧୁପୁର, ଯୋଗିପଲା, କଣ୍ଡରେଇ, ବାଞ୍ଜିପଦର ଓ ସୋମବାର କାର୍ଣ୍ଣିଖୁଣ୍ଟି ଓ ଶିଶାଖାଲଠାରେ ତାଲିମ ହୋଇଯାଇଛି। ଏଥିରେ ତାଲିମଦାତା ଭାବେ ଅମରିଶ ମିଶ୍ର, ପ୍ରେମାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ବର୍ଷାଜଳକୁ କିପରି ଭାବେ ସଂରକ୍ଷଣ କରାଯାଇ ପାରିବ ଓ ଭୂତଳ ଜଳ ଭରଣ ଉପାୟଗୁଡିକ ଉପରେ ଆଲୋଚନା କରାଯାଇଛି। ଏଥିସହ ବାହାଲ, ମାଲ, ଆଟ କିସମ ଜମିରେ କିଭଳି ବର୍ଷା ଜଳକୁ ସଂରକ୍ଷଣ କରାଯିବ ସେ ଉପରେ ତାଲିମ ପ୍ରଦାନ କରିବା ସହ ଗାଁ ପାଇଁ ପାଣି କେତେ ଦରକାର ତାହାର ବଜେଟ୍ ତିଆରି କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅମର କୁମାର ଗଉଡ, ଗୋଷ୍ଠୀ ସଙ୍ଗଠକ ଜଗଦିଶ ରଣା, ପ୍ରଦୀପ କୁମାର ସାହୁ, ସଂସ୍ଥାର କାର୍ଯ୍ୟକ୍ରମ ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଆଲୋଚନା କରିବା ସହ କମ ପାଣି ଓ କମ ସମୟରେ ଗୋଟିଏ ଜମିରୁ ଅନେକ ଫସଲ କିଭଳି ଚାଷୀ ଭାଇମାନେ ଉତ୍ପାଦନ କରିପାରିବେ ସେ ଦିଗରେ ଆଲୋଚନା କରିଥିଲେ। ଏଥିରେ ଗ୍ରାମ ବିକାଶ କମିଟି ସଭ୍ୟାସଭ୍ୟ, ଚାଷୀମାନେ ଯୋଗଦେଇଥିଲେ।

# ଆନ୍ତଃଜିଲା ଫୁଟବଲ ଟୁର୍ନାମେଣ୍ଟ: ଗଜବାହାଲ ବିଜୟୀ

**କର୍ଲାମୁଣ୍ଡା,୧୨।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁର୍ଶୁଲା ହରଗୌରୀ ଯୁବକ ସଂଘ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଚାଲିଥିବା ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ହେଉଛି ଚତୁର୍ଥ ଦିନ। ଗଜବାହାଲ ଓ ନର୍ଲା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜବାହାଲ ଦଳ ପେଲାନଟିକ ମାରି ବିଜୟ ହୋଇଥିଲେ। ପଦ୍ମନାଭ ବନଛୋର, ସିଦ୍ଧାର୍ଥ ଜାନୀ, ପ୍ରଫୁଲ୍ଲ ବଡମାଲି ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଯୁବକ ସଂଘ ଉପସଭାପତି ରହିତ ନାଗ, ନିରୋଜ ଚନ୍ଦ୍ର ବଡମାଲି, ନେପାଳକୃଷ୍ଣ ଜାନୀ ସହଯୋଗ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ରେଗେଡା ଗ୍ରାମପଞ୍ଚାୟତ ସରପଞ୍ଚ ସୁଶାନ୍ତ ପରିଡା, ସମ୍ମାନିତ ଅତିଥି ଭାବେ ସପଲହରା ସରପଞ୍ଚ ପୃଥିରାଜ ମାଝି, ସୁରେନ୍ଦ୍ର ସାହୁ, ଗୁଣନିଧି ସାହୁ, ଲକ୍ଷ୍ମିକାନ୍ତ ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କ ସହିତ ପରିଚିତ ହୋଇଥିଲେ। ଗୁରୁବାର କୁର୍ଶୁଲା ଓ ମୁଡିଙ୍ଗ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହେବ ।

# ବ୍ଲକସ୍ତରୀୟ ଭଲିବଲ: ଜଗନ୍ନାଥପୁର ବିଜୟୀ

**ଲାଞ୍ଜିଗଡ଼,୧୨।୧୨ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ ଭଲିବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ସୋମବାର ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଥିବାବେଳେ ମଙ୍ଗଳବାର ସେମିଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସେମି ଫାଇନାଲ ମ୍ୟାଚ୍‌ରେ ଚମ୍ପାଦେଇପୁର ଦଳ ବାତେଲିମାକୁ ପରାଜିତ କରିଥିବାବେଳେ ଜଗନ୍ନାଥପୁର ଦଳ ଲାଞ୍ଜିଗଡ ରୋଡ ଦଳକୁ ପରାସ୍ତ କରିଥିଲା। ଏହା ପରେ ଦୁଇ ସେମିଫାଇନାଲ ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ହୋଇଥିଲା । ଚମ୍ପାଦେଇପୁରକୁ ପରାସ୍ତ କରି ଜଗନ୍ନାଥପୁର ଦଳ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ତୁଳସୀ ନାଏକ, ଲାଞ୍ଜିଗଡ ପ୍ରେସ୍ କ୍ଲବ ସଭାପତି କୈଳାସ ସାହୁ, ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସରସ୍ୱତୀ ମୁଣ୍ଡା ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରିଥିଲେ । ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଜଗସନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ବିଜେପୁର ବିଜୁ ଯୁବବାହିନୀ ସଭାପତି ପରୀକ୍ଷିତ ନାଏକ, ବାତେଲିମା ବିଜୁ ଯୁବବାହିନୀ ସଭାପତି ମୂରଲୀ ନାଏକ, ବିଜୁ ଯୁବବାହିନୀ ସଦସ୍ୟ ବିନୟ କୁମାର ସାହୁ, ଖମ୍ବେଶ୍ୱର ଘଡେଇ ଓ ରାଧାମୋହନ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

## ଯୋଗାଣ ବିଭାଗ ହସ୍ତକ୍ଷେପ

# ରାଜପୁର ମଣ୍ଡିରୁ ଧାନ ଉଠିବ ଆଜି

**ଜୁନାଗଡ଼,୧୨।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମୁଣ୍ଡରାଗୁଡ଼ା ଅଧୀନ ରାଜପୁର ସବ୍ ମଣ୍ଡିରେ ପଡିରହିଥିବା ଧାନ ମିଲର୍ସଙ୍କ ମନମୁଖି ଆଭିମୁଖ୍ୟ ଯୋଗୁ ପଡି ରହିଥିଲା। ସ୍ଥାନୀୟ ଚାଷୀ ଏ ନେଇ ପ୍ରଶାସନଙ୍କୁ ଜଣାଇଥିଲେ । ପରେ ଯୋଗାଣ ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଧାନ ଉଠିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାଜପୁରଠାରେ ଗତ ୧୦ ତାରିଖରୁ ମଣ୍ଡି ଆରମ୍ଭ ହୋଇଛି । ଏହି ମଣ୍ଡିରେ ଅଞ୍ଚଳର ରାଜପୁର, ଚାରଭାଟି, କାର୍ଲି, ଝାରବନ୍ଧ, କୁମାରବାହାଲି ପ୍ରଭୃତି ଗ୍ରାମର ଚାଷୀ ଧାନ ବିକ୍ରି କରବେ । ବୁଧବାର ସୁଦ୍ଧା ପ୍ରାୟ ୫୧୫ କୁଇଣ୍ଟାଲ ଧାନ ପଡ଼ିରହିଛି। ୧୧ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏଠାରେ ରବିନ ଫୁଡ, ଶ୍ରୀ ଶ୍ୟାମଜୀ ଫୁଡ୍ ପ୍ରଡକ୍ଟ, ଆର.କେ. ଉଦ୍ୟୋଗ, ଶ୍ରୀ ବାଲାଜୀ ଫୁଡ୍‌ସ, ମା' ଲଙ୍କେଶ୍ୱରୀ ରାଇସ୍‌ମିଲ୍ ପ୍ରଭୃତି ୫ଟି ମିଲର୍ସ ଟ୍ୟାଗ୍ ହୋଇଛନ୍ତି। ଏହି ମିଲର୍ସ ଚାଷୀଙ୍କୁ ହଇରାଣ କରି ଅଧିକ କଟନି ଦାବି କରିବା ସହ ପରୀକ୍ଷା ଠିକ୍ ଭାବେ କରା ନ ଯାଇ ଧାନ ଉଠାଇବାକୁ ମଙ୍ଗୁ ନ ଥିଲେ । ଚାଷୀ ଏ ନେଇ ଅସନ୍ତୋଷ ପ୍ରକାଶ କରି ଏପରି ଚାଷୀଙ୍କୁ ଶୋଷଣ କଲେ ଆମ୍ଭେ ଧାନ ଉଠାଇବାକୁ ଦେବୁ ନାହିଁ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସ୍ଥାନୀୟ ସରପଞ୍ଚ ଶିବ ପ୍ରସାଦ ଭୋଇ ଏବଂ ଅନେକ ଚାଷୀ ବୁଧବାର ମଣ୍ଡିରେ ଉପସ୍ଥିତ ହୋଇ ୩ କେଜି କାଟିବା ପାଇଁ ମିଲର୍ସଙ୍କୁ ଅନୁରୋଧ କରିଥିଲେ । ହେଲେ ମିଲର୍ସମାନେ ଏଥିରେ ରାଜି ନ ହେବାରୁ ବାଧ୍ୟ ହୋଇ ଚାଷୀମାନେ ପ୍ରଶାସନଙ୍କୁ ଜଣାଇଥିଲେ । ପ୍ରଶାସନ ପକ୍ଷରୁ ଧର୍ମଗଡ଼ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଦାଶ ସେଠାରେ ପହଞ୍ଚି ଚାଷୀଙ୍କ ସମସ୍ୟା ବୁଝି ଠିକ ମୂଲ୍ୟାଙ୍କନ ପାଇଁ ମିଲର୍ସଙ୍କୁ ତାଗିଦ କରିଥିଲେ । ଏହା ପରେ ଗୁରୁବାରଠାରୁ ଧାନ ଉଠାଯିବା ପାଇଁ ନିଷ୍ପତ୍ତି ଦିଆଯାଇଛି ।



ରାଜପୁର ମଣ୍ଡିରେ ପ୍ରଶାସନିକ ଅଧିକାରୀ ଚାଷୀ ଓ ମିଲର୍ସଙ୍କ ସହ ଆଲୋଚନା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଡିସେମ୍ବର ୧୩/୨୦୧୮



ଚାଷୀ ମୂଲିଆଙ୍କ ସ୍ୱାର୍ଥ ପାଇଁ ଲଢ଼େଇ କରିବା ଅର୍ଥ ସାମ୍ରାଜ୍ୟବାଦ ବିରୋଧରେ ଲଢ଼େଇ କରିବା ସଙ୍ଗେ ସମାନ।
- ଭଗବତୀ ଚରଣ ପାଣିଗ୍ରାହୀ



## ସଂକ୍ଷେପରେ



### ରାସ୍ତା ନିର୍ମାଣ କାମର ଶିଳାନ୍ୟାସ

ଝାରସୁଗୁଡ଼ା ଅଫିସ,୧୨।୧୨- ଝାରସୁଗୁଡ଼ା ଜିଲା ଲଇକେରା ଏବଂ କିର୍ମିରା ବ୍ଲକରେ ବୁଧବାର ବିଭିନ୍ନ ରାସ୍ତା ନିର୍ମାଣ କାମର ଶିଳାନ୍ୟାସ କରାଯାଇଛି। ଝାରସୁଗୁଡ଼ା ବିଧାୟକ ଲଇକେରା ବ୍ଲକ ଓଡ଼ିଆପାଲି- କାଙ୍କମାଲ ରାସ୍ତା, କୁଜିମାଲ- ଗୁର୍ଲାବାହାଲ ରାସ୍ତା, ହୁଡୁକିଡିହି- ନାଏକ କର୍ଲା ରାସ୍ତା ଏବଂ କିର୍ମିରା ବ୍ଲକର କିର୍ମିରା- ବାଗଡିହି ରାସ୍ତାର ଉନ୍ନତିକରଣ କାମର ଶୁଭ ଦେଇଛନ୍ତି। ଶିଳାନ୍ୟାସ ଅବସରରେ ଜିଲା ପରିଷଦ ଅଧକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଲଇକେରା ବ୍ଲକ ଅଧକ୍ଷା ରୋଜାଲିନ୍ ପଟେଲ, ଯୋଗେନ୍ଦ୍ର ନାଏକ, କିର୍ମିରା ବ୍ଲକ ଅଧକ୍ଷ ତେଜରାଜ ସାହୁଙ୍କ ସହ ଜନସାଧାରଣ ଯୋଗଦେଇଥିଲେ।

### ସିଆଇଟିୟୁର ନିର୍ମାଣ ଶ୍ରମିକ ବାର୍ଷିକ ସଭା

ଝାରସୁଗୁଡ଼ା ଅଫିସ,୧୨।୧୨- ଝାରସୁଗୁଡ଼ା ଜିଲା ସିଆଇଟିୟୁ(ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ) ପକ୍ଷରୁ ନିର୍ମାଣ ଶ୍ରମିକଙ୍କ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବୀର ସୁରେନ୍ଦ୍ର ସାଏ ଭବନଠାରେ ଅନୁଷ୍ଠିତ ସଭାରେ ନିର୍ମାଣ ଶ୍ରମିକଙ୍କ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ନିର୍ମାଣ ଶ୍ରମିକଙ୍କୁ ଛତା, ଜୋତା, ହେଲମେଟ୍, ସାଇକେଲ ଓ ଅନ୍ୟାନ୍ୟ ସୁବିଧା ମିଳୁଛି। ତା ସହିତ ଘର, ଛୁଆଙ୍କୁ ଶିକ୍ଷା ବୃତ୍ତି, କର୍ମକ୍ଷେତ୍ରରେ ଦୁର୍ଘଟଣାଗ୍ରସ୍ତ ହେଲେ ବୀମା ପ୍ରଦାନ ବ୍ୟବସ୍ଥା କରିବାକୁ ସିଆଇଟିୟୁ ନେତାମାନେ କହିଥିଲେ। ସଭାରେ ସିଆଇଟିୟୁର ଜିଲା ସଭାପତି ରତ୍ନାକର ପ୍ରଧାନ, ନିର୍ମାଣ ଶ୍ରମିକ ସଂଘର ଗୌରୀଶଙ୍କର ପାତ୍ର, କୋଇଲା ଖଣି ଶ୍ରମିକ ସଂଘର ଜିନସ୍ ସାମଦ, ସୁଶିଲା ସିଂ ପ୍ରମୁଖ ଅଂଶଗ୍ରହଣ କରି ଶ୍ରମିକଙ୍କ ହିତରେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପଙ୍କଜ ରାୟ, ଲକ୍ଷ୍ମୀ କଷାନ, କୁନ୍ତଳା କିଷାନ, ସୁଚିତ୍ର କିଷାନ, ଡିଲେଶ୍ୱର ନାଏକ, ଗୋଲକ ମେହେର, ଗଜାନନ କୁମାର, ବୈଦ୍ୟନାଥ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

# ସ୍କୁଲ ପଢୁଆଙ୍କ ବାଇକ୍ ଚାଳନା: ପୋଲିସର ଚିନ୍ତା

ଝାରସୁଗୁଡା ଅଫିସ,୧୨।୧୨

ସ୍କୁଲ ପଢୁଆ ଛାତ୍ରୀଛାତ୍ରଙ୍କ ପାଇଁ ପୋଲିସ ଚିନ୍ତାବ୍ୟକ୍ତ କରିଛି। ବାଇକ୍ ଏବଂ ସ୍କୁଟି ଚଳାଇ ସ୍କୁଲ ଯାଉଥିବା ଛାତ୍ରୀଛାତ୍ରଙ୍କ ପାଖରେ ହେଲମେଟ୍ ଏବଂ ଲାଇସେନ୍ସ ନ ଥିବା ଦର୍ଶାଇ ଝାରସୁଗୁଡ଼ା ପୋଲିସ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସତର୍କ କରାଇଛି। ଅସୁରକ୍ଷିତ ଏବଂ ବେଆଇନ୍ କାମକୁ ଅଭିଭାବକମାନେ ଦୃଷ୍ଟି ଦେବା ସହ ଲାଇସେନ୍ସ ନ ଥାଇ ଗାଡି ଚାଳନାକୁ ପ୍ରୋତ୍ସାହିତ ନ କରିବାକୁ ପରାମର୍ଶ ଦିଆଯାଇଛି। ନଭେମ୍ବର ୨୨ ତାରିଖରେ ଝାରସୁଗୁଡ଼ା ଉପଖଣ୍ଡ ପୋଲିସ ଅଧିକାରୀ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ଏହି ସୂଚନା ପ୍ରଦାନ କରାଯାଇଛି। ଡ୍ରାଇଭିଂ ଲାଇସେନ୍ସ ନ ଥିବା ଏବଂ ହେଲମେଟ୍ ପିନ୍ଧି ନ ଥିବା ଛାତ୍ରୀଛାତ୍ର ଯେପରି ସ୍କୁଲକୁ ବାଇକ୍ କିମ୍ବା ସ୍କୁଟି ଧରି ନ ଆସନ୍ତି ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଝାରସୁଗୁଡ଼ା ସହରାଞ୍ଚଳର ସମସ୍ତ ସ୍କୁଲର ପ୍ରିନ୍ସପାଲ, ଡିନ୍, ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଦୁର୍ଘଟଣା ଆକସ୍ମିକ ହୋଇଥାଏ ଏବଂ ଏହା ଲୋକଙ୍କ ପାଇଁ ଦୁଃଖ ହିଁ ଆଣିଦିଏ। ନିଜକୁ ସଚେତନ କହୁଥିବା ଅଭିଭାବକ ନିଜ ଛୁଆଙ୍କୁ ବାଇକ୍ ଏବଂ ସ୍କୁଟି ଦେଇ ସ୍କୁଲ ପଠାଇଥାନ୍ତି। ବିଶେଷ କରି ସହରାଞ୍ଚଳର ଅଧିକାଂଶ ଇଂଲିଶ ମାଧମ ଏବଂ କମ୍ ସଂଖ୍ୟକ ଓଡ଼ିଆ ମାଧମ ସ୍କୁଲରେ ପଢୁଥିବା ଛାତ୍ରୀଛାତ୍ର ବାଇକ୍, ସ୍କୁଟି ଧରି ସ୍କୁଲ ଆସୁଛନ୍ତି। ଏପରି କି ଅତ୍ୟନ୍ତ ବେପରୁଆ ଢଙ୍ଗରେ ଗାଡି ଚଳାଇ ରାସ୍ତାରେ ଯିବାଆସିବା କରୁଛନ୍ତି। ଏହି ଦୃଶ୍ୟ ପୋଲିସ ନଜରରେ ପଡିବା ପରେ ପୋଲିସ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି କରି ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କୁ ସଚେତନା କରିବାକୁ କହିଛି। ଅଷ୍ଟମ, ନବମ, ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ର ପରିବହନ ନିୟମ ଅନୁସାରେ ୧୮ ବର୍ଷରୁ କମ୍ ହୋଇଥିବା ବେଳେ ସେମାନଙ୍କ ପାଖରେ ଦୁଇଚକିଆ ଗାଡି ଚାଳନା ପାଇଁ ଲାଇସେନ୍ସ ନ ଥାଏ। ବିନା ଲାଇସେନ୍ସରେ ଗାଡି ଚଳାଇବା ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ ଅଭିଭାବକ, ପରିବହନ ବିଭାଗ କିମ୍ବା ସ୍କୁଲ କର୍ତ୍ତୃପକ୍ଷ ଏଥିପ୍ରତି ସଜାଗ ନୁହଁନ୍ତି।



ସ୍କୁଲ ଛାତ୍ରମାନେ ଗାଡି ଚଳାଇ ଘରକୁ ଫେରୁଛନ୍ତି।

ଗାଡି ଦୁଇ ଚକିଆ ହେଉ କି ଚାରିଚକିଆ, ସେଗୁଡିକୁ ଚଳାଇବା ପାଇଁ ପରିବହନ ବିଭାଗର ସ୍ୱତନ୍ତ୍ର ନିୟମାବଳୀ ରହିଛି। କେଉଁ ବର୍ଗ, କେଉଁ ବୟସର ଲୋକ ଗାଡି ଚଳାଇବେ ଏବଂ ସେଥିପାଇଁ କ'ଣ ନିୟମ ରହିଛି ସବୁ ସ୍ପଷ୍ଟଭାବେ ଉଲ୍ଲେଖ ରହିଛି। କିନ୍ତୁ ଏହି ନିୟମାବଳୀକୁ ସ୍କୁଲ ପଢୁଆ ଛାତ୍ରୀଛାତ୍ରଙ୍କ ଅଭିଭାବକ ଏବଂ ଆଞ୍ଚଳିକ ପରିବହନ ବିଭାଗ ଠିକ୍‌ଭାବେ ପାଳନ କରୁନାହାନ୍ତି। ଅଭିଭାବକ ଅବହେଳା କରୁଥିବା ବେଳେ ପରିବହନ ବିଭାଗ ଅଣଦେଖା କରୁଛି। ବିନା ଲାଇସେନ୍ସରେ ଗାଡି ଚଳାଉଥିବା ଛାତ୍ରୀଛାତ୍ରଙ୍କୁ ଯାଞ୍ଚ ବେଳେ ଅଟକ ରଖାଯିବା ସହ ସେମାନଙ୍କ ଅଭିଭାବକଙ୍କୁ ଡକାଇ ଅର୍ଥଦଣ୍ଡରେ ଦଣ୍ଡିତ କରାଯିବାର ଆବଶ୍ୟକ ରହିଥିବା ବୁଦ୍ଧିଜୀବୀଙ୍କ ମତ। ଏନେଇ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପଙ୍କୁ ପଚାରିବାକୁ ସେ କହିଲେ, ପୋଲିସଠାରୁ ଚିଠି ପାଇବା ପରେ ଏହା ସମସ୍ତ ସ୍କୁଲ ପ୍ରିନ୍ସପାଲଙ୍କୁ ପଠାଯାଇଛି ଏବଂ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଆଗକୁ ଏ ନେଇ ସ୍କୁଲ କର୍ତ୍ତୃପକ୍ଷ, ପୋଲିସ ଏବଂ ଅଭିଭାବକଙ୍କ ଏକ ବୈଠକ ଡକାଯିବାର ଯୋଜନା କରାଯାଉଛି। ଏନେଇ ଝାରସୁଗୁଡ଼ା ଡିଏଭି ସ୍କୁଲର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ, ସ୍କୁଲ କ୍ୟାମ୍ପସକୁ ଛାତ୍ରୀଛାତ୍ର ବାଇକ୍ କିମ୍ବା ସ୍କୁଟି ଆଣନ୍ତି ନାହିଁ। ଏହା ମୂଳରୁ ବାରଣ ରହିଛି। ସେହିପରି ଜିଲା ଶିକ୍ଷା ଅଧିକାରୀଙ୍କଠାରୁ ଚିଠି ପାଇବା ପରେ ଅଭିଭାବକଙ୍କ ଜରିଆରେ ଏହି ସୂଚନା ପ୍ରଦାନ କରିଛୁ। ଏହାସହ ସଚେତନତା ଉଦ୍ଦେଶ୍ୟରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଚାରପତ୍ର ବଣ୍ଟନ କରାଇଛୁ ବୋଲି କହିଛନ୍ତି।

# ୨ ଟ୍ରକ୍ ମଧ୍ୟରେ ଧକ୍କା, ଜଣେ ମୃତ

## ବେପରୁଆ ଗାଡ଼ି ଚାଳନା: ୨ଚାଳକ ଗିରଫ

ଝାରସୁଗୁଡା ଅଫିସ,୧୨।୧୨

ବେପରୁଆ ଗାଡି ଚାଳନା ଯୋଗୁ ଜଣକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗରେ ୨ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମୃତକ ଜଣକ ହେଲେ ବିହାର ଔରଙ୍ଗାବାଦର ଭୀମ କୁମାର(୨୮)। ଗିରଫ ଡ୍ରାଇଭର ଦ୍ୱୟ ହେଲେ ଛତିଶଗଡର ଶଙ୍କର ଲାଲ(୩୨) ଏବଂ ବିହାରର ମୁନୁ କୁମାର ରବିଦାସ(୨୮)।

ପୋଲିସ ସୂଚନା ଅନୁସାରେ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ବ୍ରଜରାଜନଗର ପଟୁ ଆସୁଥିବା ଏକ କୋଇଲା ଟ୍ରକ୍ ଏବଂ ଝାରସୁଗୁଡ଼ା ପଟୁ ଯାଉଥିବା ଆଇରନ୍ ବୋଝେଇ ଟ୍ରକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। କଣ୍ଟାପାଲି ଛକ ପାଖ ରାଇସ ମିଲ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଚାଳକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା। ଫଳରେ କୋଇଲା ବୋଝେଇ ଟ୍ରକର ହେଲ୍ପର ଭୀମ କୁମାର ଭିତରେ ଚାପି ହୋଇଯାଇଥିଲେ। ଦୁର୍ଘଟଣାରେ କୋଇଲା ଟ୍ରକରେ ଥିବା କିରୋସିନ୍ ଷ୍ଟୋଭ୍ ଫାଟି ଯାଇଥିଲା ଏବଂ ଗାଡି ଭିତରେ ଶର୍ଟସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲା। ଭିତରରେ ଚାପି ହୋଇଥିବା ଭୀମ କୁମାର ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଅନ୍ୟ ୩ ଜଣଙ୍କୁ ଉଦ୍ଧାର କରି ହସ୍ପିଟାଲ ନିଆଯାଇଥିଲା। ତେବେ ବେପରୁଆ ଗାଡି ଚାଳନା ଯୋଗୁ ଏହି ଦୁର୍ଘଟଣା ଘଟିଥିବା ଦର୍ଶାଇ ବିଟିଏମ୍ ଫାଣ୍ଡି ପୋଲିସ ୨ ଚାଳକ ଶଙ୍କର ଏବଂ ମୁନୁକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଇନ୍ସପେକ୍ଟର ସୂଚୀସ୍ମିତା ମହାନ୍ତି କହିଛନ୍ତି।

# ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ପ୍ରକଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ସୁନ୍ଦରଗଡ, ୧୨।୧୨(ଡି.ଏନ୍.ଏ)

ଗତ ଦୁଇଦିନ ଧରି ଚାଲିଥିବା ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ, ପ୍ରକଳ୍ପ ପ୍ରଦର୍ଶନୀ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ ଡିଏଲଇପିସିର ୨୮ଟି ପ୍ରକଳ୍ପ ଓ ଡିଏଲଏସଏମ୍ଇଇର ୬ଟି ପ୍ରକଳ୍ପ ସେମିନାର -୧ ରାଜ୍ୟସ୍ତରୀୟ ପ୍ରତିଯୋଗୀତାକୁ ମନୋନୀତ ହୋଇଛି। ଉଦ୍‌ଯାପନୀ ସମାରୋହରେ ଅତିରିକ୍ତ ଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ, ଜିଲା ମଙ୍ଗଳଅଧିକାରୀ ସୁନୀଲ ତାଣ୍ଡି, ପର୍ଯ୍ୟବେକ୍ଷିକା ଅରୁନ୍ଧତୀ ଦାସ, ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ପଟେଲ, ସବଡେଗା ବ୍ଲକ ଶିକ୍ଷାଧିକାରୀ ଅଜୟ ଏକ୍କା, ରାଣୀଜାନକୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହାଣୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଜଶ୍ରୀ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଗତବର୍ଷ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ବଡଗାଁ ସରକାରୀ ଉଚ୍ଚ ବିଦ୍ୟାଳୟର ରୁମକୀ ପଣ୍ଡାଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷର ଆଦର୍ଶ ଶିକ୍ଷକ ସମ୍ମାନ ସୁନ୍ଦରଗଡ ଜିଲାର ଭବାନୀ ଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ ଓ ରାଜଗାଙ୍ଗପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଡଃ ସରୋଜିନୀ ସାହୁଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଜିଲା ବିଜ୍ଞାନ ନୀରିକ୍ଷକ ଗୋପୀନାଥ ନାଏକ ମଞ୍ଚ ପରିଚାଳନା ଓ ଧନ୍ୟବାଦ ଦେଇଥିଲେ।




ଜିଲାସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ, ପ୍ରକଳ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ମୁହୂର୍ତ୍ତ।



ବେଲପାହାଡ଼ରେ କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ମନାଉଛନ୍ତି।

# କଂଗ୍ରେସ କର୍ମୀ ମନାଇଲେ ବିଜୟ ଉତ୍ସବ

ବେଲପାହାଡ଼,୧୨।୧୨(ଡି.ଏନ୍.ଏ.)

ରାଜସ୍ଥାନ, ଛତିଶଗଡ଼ ଏବଂ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜୟ ଓ କ୍ଷମତା ପ୍ରତ୍ୟାବର୍ତ୍ତନ କଂଗ୍ରେସ କର୍ମୀମାନଙ୍କୁ ବେଶ ଉତ୍ସାହିତ କରିଛି। କର୍ମୀମାନେ ସେମି ଫାଇନାଲ ନିର୍ବାଚନରେ ବିଜୟ ମିଳିଛି। ଆଗାମୀ ଦିନରେ ହେବାକୁ ଥିବା ଲୋକସଭା ଓ ବିଧାନସଭା ଫାଇନାଲ ନିର୍ବାଚନରେ କଂଗ୍ରେସ ଦଳ ରାଜ୍ୟ ସହିତ କେନ୍ଦ୍ରରେ କ୍ଷମତା ଦଖଲ କରିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ବିଭିନ୍ନ ଟେଲିଭିଜନ ଚ୍ୟାନେଲରେ ୩ଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳ ପ୍ରକାଶ ପାଇଥିଲା । ଏଥିରେ କଂଗ୍ରେସ ଦଳକୁସଫଳତା ମିଳିଥିଲା। ପରେ ବେଲପାହାଡ଼ ସହରରେ କଂଗ୍ରେସ କର୍ମୀମାନେ ବିଜୟ ଉତ୍ସବ ମନାଇଥିଲେ । କର୍ମିମାନେ ଗୁମାଡ଼େରା ବଜାର ଏବଂ ବେଲପାହାଡ଼ ଫାଟକରେ ବାଣ ଫୁଟାଇଥିଲେ। ହାତରେ ଝଣ୍ଡା ଧରି ଦଳ ଓ ନେତାଙ୍କ ସପକ୍ଷରେ ସ୍ଲୋଗାନ ଦେଇଥିଲେ। ଏପରି କି କର୍ମୀମାନେ ବାଇକ୍‌ରେ ସହର ପରିକ୍ରମା କରିଥିଲେ। ଟାଉନ ସଭାପତି ବୁଲୁ ପଣ୍ଡାଙ୍କ ନେତୃତ୍ୱରେ ଭାସ୍କର ପଟେଲ, ଟୁଲୁ ମେହେର, ହେମସାଗର ପଟ୍ଟନାୟକ, ଅନୀଲ ଭୋଇ, ପ୍ରଶାନ୍ତ ପଣ୍ଡା, ତାରକ ଚକ୍ରବର୍ତ୍ତି, ଦିଲୀପ ପଟ୍ଟନାୟକଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କର୍ମି ଗୁମାଡ଼େରାରେ ଏକତ୍ରିତ ହୋଇ ପରସ୍ପରକୁ ମିଠା ଖୁଆଇଥିଲେ।

### ଜାତୀୟ ରାଜପଥରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବେଲପାହାଡ଼,୧୨।୧୨(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ୪୯ ନମ୍ବର ଜାତୀୟ ରାଜପଥ ସୁଖାବନ୍ଧ ନିକଟରୁ ବୁଧବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ଯୁବକଙ୍କ ପରିଚୟ ଜଣାପଡି ନ ଥିବା ବେଳେ ତାଙ୍କ ବୟସ ୩୫ରୁ ୪୦ ବର୍ଷ ମଧରେ ହେବ ବୋଲି ପୋଲିସ ଅନୁମାନ କରୁଛି। ଅନ୍ୟପକ୍ଷେ ମୃତଯୁବକ ଜଣକ ଗାଡ଼ି ଡ୍ରାଇଭର ହୋଇଥିବା ବେଳେ ସେ ଏକ ସିମେଣ୍ଟ ବୋଝେଇ ଟ୍ରକ ସହିତ ବଲାଙ୍ଗୀରରୁ ବେଲପାହାଡ଼ ଆସିଥିବା ବ୍ୟବସାୟୀ ଜଣକ ପୋଲିସକୁ ସୂଚନା ଦେଇଛନ୍ତି। ଯୁବକଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର କ୍ଷତ ଚିହ୍ନ ରହିଛି। ଯୁବକ ଜଣକ ଶୌଚ ହୋଇ ଗାଡ଼ି ନିକଟକୁ ଫେରୁଥିବା ବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା ପୋଲିସ ସନ୍ଦେହ କରୁଛି। ଏନେଇ ବେଲପାହାଡ଼ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଇଣ୍ଟର କଲେଜ ଆଥ୍‌ଲେଟିକ୍ ମିଟ୍

ଝାରସୁଗୁଡା ଅଫିସ,୧୨।୧୨

ଇଣ୍ଟର କଲେଜ୍ ବାର୍ଷିକ ଆଥଲେଟିକ୍ ମିଟ୍ ବୁଧବାର ଆରମ୍ଭ ହୋଇଯାଇଛି। ଝାରସୁଗୁଡା ଏଲ୍.ଏନ୍. କଲେଜ ପକ୍ଷରୁ ଏହି ଆଥ୍‌ଲେଟିକ୍ ମିଟ୍ ଆୟୋଜନ କରିଥିବା ବେଳେ ରାଜ୍ୟର ସମସ୍ତ କଲେଜରୁ ୮୦୦ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି। ଏଥିରେ ୧୦୦, ୨୦୦, ୪୦୦, ୮୦୦ ଏବଂ ୩୦୦୦ ମିଟ୍‌ର ଦୌଡ, ୫୦୦୦ ମି. ୱାକ୍, ଲମ୍ବଡିଆଁ, ଉଚ୍ଚଡିଆଁ, ଟ୍ରିପଲ୍ ଜମ୍ପ, ଜଭେଲିନ୍ ଥ୍ରୋ, ଡିସକସ୍ ଥ୍ରୋ, ସଟ୍-ପୁଟ୍, ହାମର୍ ଭଳି ପ୍ରତିଯୋଗିତା ହେବ। ଏହା ବୁଧବାର ଏବଂ ଗୁରୁବାର ୨ଦିନ ଧରି ଅନୁଷ୍ଠିତ ହେବ। ବୁଧବାର ଓଏସ୍‌ଏପିସ୍ଥିତ ଦ୍ୱିତିୟ ବାଟାଲିୟନ ପଡିଆରେ ଏହା ଉଦ୍‌ଘାଟିତ ହୋଇଥିବା ବେଳେ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ, ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଉଚ୍ଚ ଶିକ୍ଷା ପରିଷଦର ଡେପୁଟି ସେକ୍ରେଟାରୀ ଯଶୋବନ୍ତ ସାମଲ, କମାଣ୍ଡାଣ୍ଟ ଏମ୍‌ଡି. ଜାହିଦ୍, କଲେଜ ଅଧକ୍ଷ ସି.ବି ଦତ୍ତ, ଡେପୁଟି କମାଣ୍ଡାଣ୍ଟ ଲକ୍ଷ୍ମଣ ସିଂ ଯୋଗଦେଇ ଇଣ୍ଟର କଲେଜ୍ ଆଥ୍‌ଲେଟିକ୍ ମିଟ୍‌ର ଶୁଭାରମ୍ଭ କରିଥିଲେ। ସହକାରୀ କମାଣ୍ଡାଣ୍ଟ ଏମ୍. ସାଏ, ଅଧାପକ ସରୋଜ କୁଅଁର, ତପନ ବାରିକ, ନରେନ୍ଦ୍ର ପଣ୍ଡା, କ୍ରୀଡ଼ା ସଂଘର ତାପସ ରାୟ ଚୌଧୁରୀ, ଗଣେଶ ନାୟକ, ମାନସ ଆଚାର୍ଯ୍ୟ, ଜୀବନ ମହାନ୍ତି, ପିଣ୍ଟୁ ପାଢୀ ପ୍ରମୁଖ ଏହି ଆଥ୍‌ଲେଟିକ୍ ମିଟ୍‌ର ପରିଚାଳନା, ସଂଯୋଜନା କରିଥିଲେ।

■ ଖେଳପଡ଼ିଆରେ ଜମିଲା ବର୍ଷା ଜଳ

# ଏମ୍‌ସିଏଲ୍ ଆନ୍ତଃ ଗୋଷ୍ଠୀ କ୍ରିକେଟ ଟୁର୍ନାମେଣ୍ଟ ଅଧାରୁ ବାତିଲ

ଲଖନପୁର,୧୨।୧୨(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ପକ୍ଷରୁ ଲଖନପୁର କୋଇଲାକ୍ଷେତ୍ର ବନ୍ଧବାହାଲସ୍ଥିତ ଖେଳପଡ଼ିଆରେ ଗତ ୮ତାରିଖରୁ ଆରମ୍ଭ ହୋଇଥିଲା ଏମ୍‌ସିଏଲ୍ ଆନ୍ତଃଗୋଷ୍ଠୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୭ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିଲା। ଏଥିରେ ଏମ୍‌ସିଏଲ୍‌ର ବିଭିନ୍ନ ଅଞ୍ଚଳରୁ ୧୩ଟି ଦଳ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ସକାଳେ ଅଦିନିଆଁ ବର୍ଷା ହୋଇଥିଲା। ପିଚ୍‌କୁ ବର୍ଷାରୁ ରକ୍ଷା କରିବା ପାଇଁ ଆୟୋଜକଙ୍କ ପକ୍ଷରୁ ଉଦ୍ୟମ କରାଯାଇଥିଲା। ହେଲେ ବାହାରର ବର୍ଷା ଜଳ ଖେଳପଡ଼ିଆରେ ପ୍ରବେଶ କରିବାରୁ ପିଚ୍‌କୁ ରକ୍ଷା କରିବା ଆୟୋଜକଙ୍କ ପକ୍ଷରୁ ସମ୍ଭବ ହୋଇ ନ ଥିଲା। ଏପରି କି ବର୍ଷାଜଳ ନିଷ୍କାସନ ହୋଇ ନ ପାରି ପଡିଆରେ ଜମା ହୋଇ ରହିଥିଲା। ଶେଷରେ ଆୟୋଜକଙ୍କ ପକ୍ଷରୁ ଟୁର୍ନାମେଣ୍ଟକୁ ଅଧାରୁ ବାତିଲ କରାଯାଇଛି। ପରେ ଖେଳାଳିମାନେ ନିଜ ଅଞ୍ଚଳକୁ ଫେରିଯିବା ପାଇଁ ବାଧ ହୋଇଛନ୍ତି। ଆସନ୍ତା ୨୧ତାରିଖରୁ ଟୁର୍ନାମେଣ୍ଟ ପୁଣି ଆରମ୍ଭ ହୋଇ ୨୭ତାରିଖରେ ଶେଷ ହେବବୋଲି କମ୍ପାନୀ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଅନ୍ୟପକ୍ଷେ କମ୍ପାନୀର ବ୍ୟାପକ ଅର୍ଥ ଅପବ୍ୟୟ ହେବାରେ ଲାଗିଛି। ଏନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଶ୍ରମିକ ସଙ୍ଗଠନମାନେ ଦାୟୀ କରିଛନ୍ତି। ସଙ୍ଗଠନ ପକ୍ଷରୁ କୁହାଯାଇଛି ଯେ, ଏମ୍‌ସିଏଲ୍‌ର ଏକ ବୃହତ କୋଇଲାକ୍ଷେତ୍ର ଭାବେ ଲଖନପୁରକ୍ଷେତ୍ର ପରିଚିତ। ଏହି କ୍ଷେତ୍ର କୋଇଲା ଉତ୍ପାଦନରେ ଏକ ମାଇଲ୍‌ଖୁଣ୍ଟ ଅତିକ୍ରମ କରି ରାଷ୍ଟ୍ରାୟତ ଉଦ୍ୟୋଗ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଅନ୍ୟପକ୍ଷେ ଲାଭାଂଶ ଅର୍ଥରେ କମ୍ପାନୀର ଉନ୍ନତି ହେବା ସହ ରାଷ୍ଟ୍ରର ବିକାଶ ହେଉଛି। କିନ୍ତୁ ଏଥିରୁ ଅଧିକାରୀ ଓ କର୍ମଚାରୀମାନେ ଆବଶ୍ୟକ ସୁବିଧା ସୁଯୋଗ ପାଇପାରୁ ନାହାନାହାନ୍ତି। ଦୀର୍ଘ ୩୫ବର୍ଷରୁ ଉର୍ଦ୍ଧ୍ୱ ହେବ ଏଠାରେ କମ୍ପାନୀର ଖଣି କାର୍ଯ୍ୟ ଆରମ୍ଭ ହୋଇଛି। ଏଥିମଧରେ ଏଠାରେ କମ୍ପାନୀର ଭଲ ଖେଳପଡିଆ ନାହିଁ। ଦୀର୍ଘ ଦିନରୁ ଶ୍ରମିକ ସଙ୍ଗଠନମାନେ ଏଠାରେ ଏକ ରାଜ୍ୟସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରିବାକୁ ଦାବି କରିଆସୁଛନ୍ତି। ଏହି ଦିଗରେ କମ୍ପାନୀ କର୍ତ୍ତୃପକ୍ଷ ଜାଣିଶୁଣି ନ ଜାଣିଲା ପରି ଚୁପ ରହିଛି। ଏନେଇ ଲଖନପୁରକ୍ଷେତ୍ର ଜିଏମ୍ ରାଜେନ୍ଦ୍ର ପ୍ରସାଦ ଗୁପ୍ତାଙ୍କୁ ପଚାରିବାରୁ କହିଥିଲେ, ଖେଳପଡ଼ିଆ ଜମିକୁ ନେଇ ସମସ୍ୟା ରହିଛି। ଫଳରେ ଖେଳପଡିଆର ଉନ୍ନତି କରଣ ହେବାରେ ବାଧା ସୃଷ୍ଟି ହେଉଛି। ଏହି ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ପଡ଼ିଆର ଉନ୍ନତିକରଣ କରାଯିବ ବୋଲି ସେ କହିଛନ୍ତି।

■ ଏମ୍‌ସିଏଲ୍ ଭୂମିହୀନଙ୍କ ଥଇଥାନ ନେଇ ଜମି ଦଖଲ ଘଟଣା

# ବେଆଇନ ଜମି ଦଖଲକୁ ଖଡ଼ାମବାସୀଙ୍କ ବିରୋଧ

ଲଖନପୁର,୧୨।୧୨(ଡି.ଏନ୍.ଏ.)

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍) ଲଖନପୁର କୋଇଲା କ୍ଷେତ୍ର ଦ୍ୱାରା ବିସ୍ଥାପିତ ହେବାକୁ ଥିବା ଭୂମିହୀନଙ୍କୁ ଖଡାମ ମୌଜାର ପତିତ କିସମ ଜଙ୍ଗଲ ଜମିରେ କମ୍ପାନୀ ଥାଇଥାନ କରିବାକୁ ପ୍ରୟାସ ଚଳାଇଛି। ଏନେଇ କମ୍ପାନୀ କର୍ତ୍ତୃପକ୍ଷ ରାଜସ୍ୱ ବିଭାଗକୁ ଧରି ବୁଧବାର ଜମି ଚିହ୍ନଟ ପାଇଁ ପହଞ୍ଚି ଥିଲେ। ଖବରପାଇ ଖଡାମ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଏଥିରେ ଲଖନପୁର ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ ଗ୍ରାମବାସୀଙ୍କ ଅସନ୍ତୋଷର ସମ୍ମୁଖୀନ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଶେଷରେ ଜମି ଚିହ୍ନଟ କରି ନ ପାରି ବାଧ ହୋଇ ରାଜସ୍ୱ ବିଭାଗ ଅଧିକାରୀ ଏବଂ କମ୍ପାନୀ କର୍ତ୍ତୃପକ୍ଷ ଘଟଣାସ୍ଥଳରୁ ଫେରି ଆସିଥିଲେ।

କମ୍ପାନୀ ପକ୍ଷରୁ ଖଡାମଗ୍ରାମ ମୁଣ୍ଡରେ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀଙ୍କୁ ଥଇଥାନ କରିବା ପାଇଁ ଜମି ଉନ୍ନତି କରଣକରି ପାଚେରି, ରାସ୍ତା, ପାନୀୟଜଳ ଓ ବିଦ୍ୟୁତ୍ ସଂଯୋଗ ପାଇଁ ନିର୍ମାଣ କାମ ଚାଲିଛି। ଏହାକୁ ଗ୍ରାମବାସୀ ପ୍ରଥମେ ବିରୋଧ କରିଥିଲେ। ଗ୍ରାମବାସୀଙ୍କ ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କ ଆଲୋଚନା ପରେ ଏହି ନିର୍ମାଣ କାମ ଆଗେଇଛି। ଏବେ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମର ପତିତଜମିକୁ ବେଆଇନ୍ ଭାବେ ଦଖଲ କରିବାକୁ ପ୍ରୟାସ କରୁଛନ୍ତି। ଏନେଇ ଅସନ୍ତୋଷ ଗ୍ରାମବାସୀ ଦର୍ଲିପାଲି ବିସ୍ଥାପିତ ଥଇଥାନ ନିର୍ମାଣଧିନ କାମକୁ ବନ୍ଦ କରିଦେଇଛନ୍ତି। ଯେପର୍ଯ୍ୟନ୍ତ କମ୍ପାନୀ କର୍ତ୍ତୃପକ୍ଷ ଗ୍ରାମବାସୀଙ୍କ ସହିତ ଆଲୋଚନା କରି ନାହାନ୍ତି ସେ ପର୍ଯ୍ୟନ୍ତ ନିର୍ମାଣ କାମ ବନ୍ଦ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଏମ୍‌ସିଏଲ୍ ଭୂମିହୀନ ବିସ୍ଥାପିତମାନଙ୍କୁ ଯଦି ଥଇଥାନ ପାଇଁ ସରକାରୀ ପତିତ ଜମି ଦଖଲ କରାଯାଉଛି। ଏହି ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଗଣମାଧମରେ ବିଜ୍ଞପ୍ତି ପ୍ରକାଶ ପାଇବା କଥା। ଯଦି ଏହି ସମ୍ପର୍କରେ କାହାର କୌଣସି ଆପତ୍ତି ଅଭିଯୋଗ ରହିଛି ତାହାଲେ ଗ୍ରାମସଭା ମାଧମରେ ଜଣାଇବା କଥା । ଏସବୁ ନ କରି କମ୍ପାନୀ କର୍ତ୍ତୃପକ୍ଷ ରାଜସ୍ୱ ବିଭାଗର ସଲାସୁତୁରାରେ ବେଆଇନ୍ ଭାବେ ଜମି ଦଖଲ କରିବାକୁ ଯାଉଛନ୍ତି। ଏହା ରାଜସ୍ୱ ବିଭାଗର କମ୍ପାନୀ ପ୍ରୀତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ଥାଉକି, ବିସ୍ଥାପିତ ପ୍ରସାଦ ଗୁପ୍ତା କହିଛନ୍ତି, ଜିଲା ପ୍ରଶାସନ ଭୂମିହୀନଙ୍କୁ ଥଇଥାନ କରିବା ପାଇଁ କମ୍ପାନୀ କର୍ତ୍ତୃପକ୍ଷ ଛର୍ଲା ବିସ୍ଥାପିତ ଥଇଥାନ କଲୋନୀ ନିକଟ ଖଡାମଗ୍ରାମର ୨୦ଏକରରୁ ଉର୍ଦ୍ଧ୍ୱ ପତିତ ଜଙ୍ଗଲ ଜମିକୁ ମେଶିନ୍ ଲଗାଇ ସଫା କରିଛି। ଏହି ସମ୍ପର୍କରେ ଗ୍ରାମବାସୀଙ୍କୁ ଜଣା ନ ଥିଲା । ଏହା ଜାଣିବା ପରେ ଗ୍ରାମବାସୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରଣ କରିଥିଲେ। ଏହାକୁ ବେଖାତିରିକରି କମ୍ପାନୀ ରାଜସ୍ୱ ବିଭାଗକୁ ଧରି ଦ୍ୱିତୀୟ ଥର ଜମି ଚିହ୍ନଟ କରିବାକୁ ଯାଇ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଛି। ଏହି ସମ୍ପର୍କରେ ଏମ୍‌ସିଏଲ୍ ଲଖନପୁରକ୍ଷେତ୍ର ପ୍ରବନ୍ଧକ ରାଜେନ୍ଦ୍ର

**ଫେରିଗଲେ ରାଜସ୍ୱ ବିଭାଗ, କମ୍ପାନୀ କର୍ତ୍ତୃପକ୍ଷ**

ମାଧମରେ ଭୂମିହୀନମାନଙ୍କୁ ଥଇଥାନ କରିବା ପାଇଁ ଯୋଜନା କରାଯାଇଛି। ଏନେଇ ଅତିରିକ୍ତ ତହସିଲଦାର ପ୍ରସନ୍ନ ପଟେଲ କହିଛନ୍ତି, ସରକାରୀ ନିୟମ ଅନୁସାରେ ବିସ୍ଥାପିତ ଭୂମିହୀନମାନଙ୍କୁ ଥଇଥାନ ପାଇଁ ୪ଡିସିମିଲ୍ ଘରଡିହ ଜମିପଟ୍ଟା ଦିଆଯିବ। ଏଥିରେ ଏମ୍‌ସିଏଲ୍‌ର କୌଣସି ଭୂମିକା ନାହିଁ ବୋଲି କହିଛନ୍ତି।



ରାଜସ୍ୱ ବିଭାଗ ଜମି ଚିହ୍ନଟ ପାଇଁ ଆସିଥିବା ବେଳେ ଗ୍ରାମବାସୀ ବିରୋଧ କରୁଛନ୍ତି।

## ସଂକ୍ଷେପରେ

### ପେଶା, ଜଙ୍ଗଲ ଅଧିକାର ଆଇନ ଠିକ୍ କାର୍ଯ୍ୟକାରିତା ଦାବି: କେନ୍ଦ୍ରମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ସୁନ୍ଦରଗଡ଼, ୧୨।୧୨ (ଡି.ଏନ୍.ଏ)-** ଆଦିବାସୀ ବହୁଳ ସୁନ୍ଦରଗଡ ଜିଲାରେ ପେଶା ଆଇନ୍ ଓ ଜଙ୍ଗଲ ଅଧିକାର ଆଇନର ଠିକ କାର୍ଯ୍ୟକାରିତା ଦାବିରେ ଆଠକୋଣିଆ ଆଦିବାସୀ ଏକତା ମଞ୍ଚ ପକ୍ଷରୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ମଞ୍ଚର ସଭାନେତ୍ରୀ ନାଳିମା ଟପ୍ପୋଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀ ଓରାମଙ୍କୁ ସାକ୍ଷାାତ କରିଥିଲେ। ଜିଲାରେ ଶହଶହ ବର୍ଷ ଧରି ବସବାସ କରିଆସୁଥିବା ଆଦିବାସୀ ଓ ବନବାସୀ ଜଙ୍ଗଲ ଜମିରେ ଚାଷବାଷ କରି ଜୀବନଜୀବିକା ନିର୍ବାହ କରୁଥିବା ବେଳେ ଉକ୍ତ ଜଙ୍ଗଲ ଜମିର ଅଧିକାରପତ୍ର ପାଇଁ ହଇରାଣ ହେବାକୁ ପଡୁଥିବା ସ୍ମାରକପତ୍ରରେ ଅଭିଯୋଗ କରିଛନ୍ତି। ଜଙ୍ଗଲ ଅଧିକାର ଆଇନ୍ ଓ ପେଶା ଆଇନର ଖୋଲାଖୋଲି ଉଲଙ୍ଘନ କରାଯାଉଥିବା ଅଭିଯୋଗ କରାଯାଇଛି । ସୁନ୍ଦରଗଡ ଗସ୍ତରେ ଆସିଥିବା କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ନିକଟରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜମିର ଅଧିକାର ପତ୍ର ପ୍ରଦାନ, ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ଅଗ୍ରାଧିକାର ଭିତ୍ତିରେ ପ୍ରଦାନ କରାଯିବା, ଜଙ୍ଗଲ ଅଧିକାର ଓ ପେଶା ଆଇନ୍ ଅନୁସାରେ ପାରମ୍ପରିକ ଗ୍ରାମସଭାକୁ ମାନ୍ୟତା ପ୍ରଦାନ, ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଅଧିକାର ଆଇନ୍ ଅନୁସାରେ ବ୍ୟକ୍ତିଗତ ଶିରୋନାମା ପ୍ରଦାନ, ଜଙ୍ଗଲ ଜମିରେ କୌଣସି ଖଣିଖାଦାନ ହେଲେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ମନ୍ତ୍ରୀଙ୍କ ସହିତ ଆଲୋଚନା କରାଯାଇଥିଲା। ଏହି ପ୍ରତିନିଧି ଦଳରେ ସମ୍ପାଦକ ଲାଲମଣି ମିଞ୍ଜ, ଆବ୍ରାହାମ ଲାକ୍ରା, ବିନୋଦ କୁଜୁର, ବେର୍ଣ୍ଣାଡ ଲାକଡା, ନିର୍ମଲ କୁଜୁର, ରବିଦାନ କେରକେଟା, ଇଲିଆଜାର ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ, ବାଇକ୍ ପୋଡ଼ି

**ରାଉରକେଲା ଅଫିସ,୧୨।୧୨**

ଛେଣ୍ଡ ଥାନା ଅଧୀନ କଳିଙ୍ଗ ବିହାର ଅଞ୍ଚଳରେ ବୁଧବାର ଦୁଇ ଗୋଷ୍ଠୀ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏହା କ୍ରମେ ଉଗ୍ର ରୂପ ଧାରଣ କରିଥିଲା । ଗୋଟିଏ ଗୋଷ୍ଠୀର କେତେଜଣ ବ୍ୟକ୍ତି ଏକ ବାଇକ୍ ଭଙ୍ଗାରୁଜା କରିବା ସହ ପୋଡି ଦେଇଛନ୍ତି। ଅନ୍ୟପକ୍ଷେ ଉଭୟ ଗୋଷ୍ଠୀ ପକ୍ଷରୁ ଛେଣ୍ଡ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷେ ପୋଲିସ ୨ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ପୋଲିସ ୨ଟି ବାଇକ୍(ନଂ .ଓଡି୧୪କେ-୪୨୮୧ ଏବଂ ଓଡି୧୪-ଜି୫୮୦୪) ଜବତ କରିଛି।


ପୋଲିସ କର୍ମଚାରୀମାନେ ଘଟଣାର ତଦନ୍ତ କରୁଛନ୍ତି।

ମିଳିଥିବା ସୂଚନା ମୁତାବକ, ପୂର୍ବାହ୍ନ ପ୍ରାୟ ୧୧ଟାରେ କଳିଙ୍ଗ ବିହାର ଅଞ୍ଚଳରେ ଥିବା ପାର୍କ ଭିତରେ କୌଣସି କାରଣକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟ ଗୋଷ୍ଠୀର ଯୁବକଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଯାହାକୁ ନେଇ ବାଇକ୍ ଭଙ୍ଗାରୁଜା ପୋଡାଜଳା ହୋଇଥିଲା।

## ଜିଏସ୍‌ଟି ହେରଫେର ଅଭିଯୋଗରେ ପଚରାଉଚୁରା


ଜେଲ୍ ରୋଡ ଅଞ୍ଚଳରେ ଥିବା ବ୍ୟବସାୟିକ ସଂସ୍ଥାର ଆକାଉଣ୍ଟାଣ୍ଟଙ୍କ ଘରେ ବିଭାଗୀୟ ଅଧିକାରୀମାନେ ଚଢାଉ କରିଛନ୍ତି।

**ରାଉରକେଲା ଅଫିସ,୧୨। ୧୨-** ଗୁଡସ୍ ଆଣ୍ଡ ସର୍ଭିସ ଟ୍ୟାକ୍ସ ହେରଫେର ଘଟଣାରେ ବୁଧବାର ବିଭାଗୀୟ ଅଧିକାରୀ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଜେଲ ରୋଡ ଅଞ୍ଚଳରେ ଥିବା ଏକ ବ୍ୟବସାୟିକ ସଂସ୍ଥାର ଆକାଉଣ୍ଟାଣ୍ଟଙ୍କ ଘରେ ଚଢାଉ କରାଯାଇଥିବା ସୂଚନା ମିଳିଛି। ସମ୍ପୃକ୍ତ କର୍ମଚାରୀ ନିଜେ ଜିଏସଟି ଫାଙ୍କିବା ସହ କେତେକ ବ୍ୟବସାୟିକ ଅନୁଷ୍ଠାନକୁ ଜାଲ କାଗଜ ପତ୍ର ମାଧ୍ୟମରେ ଜିଏସ୍‌ଟି ଫାଙ୍କିବା ଦିଗରେ ସହାୟତା କରୁଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି। ଏନେଇ ବିଭାଗର ବରିଷ୍ଠ ଅଧିକାରୀ ଗୋପାଳ ବାହୁବଳେନ୍ଦ୍ର ସୂଚନା ଦେଇଛନ୍ତି। ଦୀର୍ଘ ଦିନ ହେବ ସମ୍ପୃକ୍ତ ବ୍ୟକ୍ତି କେତକ ବ୍ୟବସାୟିକ ସଂସ୍ଥା ମାଲିକଙ୍କୁ ଫେକ ଇନ୍‌ଭଏସ୍ ଯୋଗାଇ ଆସୁଥିବା କହିଛନ୍ତି ବାହୁବଳେନ୍ଦ୍ର। ତେବେ ସବିଶେଷ ବିବରଣୀ ଜଣାପଡିବା ପରେ ଏନେଇ ଅଧିକ କିଛି କୁହାଯାଇ ପାରିବ ବୋଲି ସେ କହିଛନ୍ତି।

## ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

**ଭେଡ଼େନ,୧୨।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ତେନ୍ତୁଲିଟିକ୍ରା ସ୍ଥିତ ଆଞ୍ଚଳିକ ଉଚ୍ଚବିଦ୍ୟାଳୟର ୨୮ ତମ ବାର୍ଷିକ କ୍ରୀଡ଼ା ମଙ୍ଗଳବାର ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଣ୍ଡ କ୍ରୀଡ଼ା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାଳିକା ଏବଂ ବାଳକ ବିଭାଗର ମୋଟ ୧୫ଟି ବିଭାଗର ଖେଳ ହୋଇଥିଲା। କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର ସାହୁ, ପୂର୍ବତନ କ୍ରୀଡ଼ା ଶିକ୍ଷକ ପରମାନନ୍ଦ କଲତା, ଲକ୍ଷ୍ମୀ ପ୍ରସାଦ ସାହୁ, ପ୍ରେମରାଜ ଭୋଇ ପ୍ରମୁଖ ଖେଳ ପରିଚାଳନା କରିଥିଲେ ।


GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, SUNDARGARH
E.Mail – rw_sundargarh@yahoo.co.in
No.1150-O:- E-PROCUREMENT NOTICE
BID IDENTIFICATION NO. ONLINE-EESNG-04 of 2018-19

1. Name of the Work : Road works
2. Total No. of works : 03 nos Road
3. Estimated cost : Rs. 26.52 Lakhs to Rs. 28.29 Lakhs
4. Class of contractor : 'B'& 'C'
5. Period of completion : Three calendar months
6. Type of Tender : Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-EESNG-04 of 2018-19 | 13.12.2018 10.00 A.M | 26.12.2018 05.00 P.M. |

Further details can be seen from the website www.tendersorissa.gov.in
Sd./- Executive Engineer,
Rural Works Division, Sundargarh
25046/11/0005/1819

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION NAWRANGPUR
2nd corrigendum to Bid Identification No: EERWNGP – Online -02/2018-19
No.1147-O:- In partial modification to this office Tender call notice no 02/2018-19 the following changes are made.
1. The cancellation is made in respect of the Sl. No.1 to 41, i.e., 41 (Forty one) Nos. of work due to Technically defect.
Executive Engineer,
Rural Works Division, Nabarangpur
25092/11/0007/1819

OCAC ODISHA COMPUTER APPLICATION CENTRE
REQUEST FOR PROPOSAL (RFP)
Enq. No. : OCAC-SEGP-SPD0037/2014(P-1)/18055
CANCELLATION NOTICE
With reference to above RFP Enq. No.18055 regarding design, development, implementation and maintenance of State Portal and Departmental Portals of Odisha Govt. published on 08.12.2018 in Odia daily Newspapers "The Samaja", "The Dharitri", the English daily "The Times of India (all India Edition) and in the websites **www.ocac.in** & **www.odisha.gov.in**. the said RFP is **hereby cancelled.** The Cancellation Notice is available in the websites **www.ocac.in** & **www.odisha.gov.in**.
**General Manager (Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.: 0674-2567280/2567064/2567295

GOVERNMENT OF ODISHA
OFFICE OF THE HEALTH & F.W. DEPARTMENT
VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR)
ODISHA-768017 (Tele Fax No. 0663-2430435
Email: superintendent.vssmch@gmail.com
No. .................. / VIMSAR, Dated: .......................
TENDER CALL NOTICE
**No. 648-E:-** Sealed tenders in two bids are invited by the undersigned from the Registered Firms / Authorised Dealers having GST holders for supply of Consumables & others to this institution for use in the Bio Medical Waste Management Plant during the year 2019-20 so as to reach of office of the Superintendent, VSS Institute of Medical Sciences & Research Burla on or before dt.09.01.2019 upto 5.00PM through Regd. Post / Speed Post only and this will be opened on dt.10.01.2019 at 3.30PM.
The detailed list of items along with terms and condition of this tender call notice can be obtained from the office of the Superintendent, VSS Institute of Medical Sciences & Research, Burla and can be downloaded from the website www.sambalpur.nic.in from its date of publication.
*Sd./- Dean & Principal*
*VSS Inst. of Med. Sc & Research, Burla*
10012/11/0053/1819

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ସୁବର୍ଣ୍ଣପୁର
ପତ୍ର ସଂଖ୍ୟା : ୮୪୭/DCPV/NIC ତାରିଖ : ୧୨.୧୨.୨୦୧୮
ବିଜ୍ଞପ୍ତି
ଏହି ବିଜ୍ଞପ୍ତି ମାଧ୍ୟମରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ତା ୨୩.୧୦.୨୦୧୮ରିଖ ମୁଖ୍ୟ ଚିକିତ୍ସାଳୟ, ସୁବର୍ଣ୍ଣପୁରଠାରୁ ତୃପ୍ତିମୟୀ ନାମରେ ଏକ ଶିଶୁ କନ୍ୟା ଉଦ୍ଧାର କରାଯାଇ ସ୍ଥାନୀୟ ପଟାଭାଡିଠାରେ ଥିବା ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର (SAA)ରେ ଶିଶୁଟି ସୁରକ୍ଷିତ ଭାବରେ ରଖାଯାଇଅଛି । ଯଦି ଶିଶୁଟିର କୌଣସି ଜନ୍ମଗତ କିମ୍ବା ଆଇନଗତ ଅଭିଭାବକ ଥାଆନ୍ତି କେବେ ଏହି ବିଜ୍ଞପ୍ତି ପ୍ରକାଶାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ (ଫୋନ ନଂ- ୦୬୬୫୪-୨୨୦୩୬୪) ଉପର ମହଲା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁବର୍ଣ୍ଣପୁର କିମ୍ବା ଅଧକ୍ଷ ଶିଶୁ ମଙ୍ଗଳ କମିଟି, ସୁବର୍ଣ୍ଣପୁର ଫୋନ ନଂ- ୦୬୬୫୪-୨୨୦୪ଙ୍କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣପତ୍ର ଦାଖଲ ସହ ଶିଶୁଟି ନେଇଯିବା ପାଇଁ ଅନୁରୋଧ। ଉକ୍ତ ସମୟ ସୀମା ପରେ ଆଉ କୌଣସି ଦାବି ଗ୍ରହଣଯୋଗ୍ୟ ହେବ ନାହିଁ। ଏବଂ କିଶୋର ନ୍ୟାୟ ଅଧିନିୟମ -୨୦୧୫ ତଥା Adoption Regulation-2015 ଅନୁସାରେ ଶିଶୁଟି ଆଇନତଃ ଦାୟମୁକ୍ତ ବୋଲି ବିଚାର କରାଯାଇ ପୋଷ୍ୟ ସନ୍ତାନ ନିମନ୍ତେ ବ୍ୟବସ୍ଥା କରାଯିବ।

| କ୍ର. ନଂ. | ଶିଶୁର ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | CWC Case ନଂ ଓ ତାରିଖ | ଫଟୋ |
|---|---|---|---|---|---|---|
| ୧. | ତୃପ୍ତିମୟୀ | ଝିଅ | ୪୫ ଦିନ | ସୁବର୍ଣ୍ଣପୁର ଡାକ୍ତର ଖାନା | ୧୩୫୩ ୨୩.୧୦.୨୦୧୮ |  |

ସ୍ୱା./- ଜିଲ୍ଲାପାଳ, ସୁବର୍ଣ୍ଣପୁର

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ବିଭିନ୍ନ ସ୍ଥାନରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ବର୍ତ୍ତମାନ ଶିଶୁଗୁଡିକ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛନ୍ତି। ଏହି ଶିଶୁମାନଙ୍କ ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଉଚିତ୍ ପ୍ରମାଣପତ୍ର ସହିତ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା-୩୮ (ଉପଧାରା-୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ- ୯୯୩୮୧୭୦୪୫୦ / ଅଫିସ୍- ୦୬୬୨୨-୨୭୩୩୪୩
ଅଧକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ-୮୭୬୩୧୪୬୬୧୬ / ଅଫିସ୍- ୦୬୬୨୨-୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ / ବୟସ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧. | ବାଲି (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୪ ବର୍ଷ (ଅନୁମାନିକ) | ପୁଅ | ରଙ୍ଗାଡିପା ଛକ, ସୁନ୍ଦରଗଡ଼ ତା. ୧୦.୦୮.୨୦୧୭ |  |
| ୨ | ଅର୍ପଣ (ଶିଶୁ ଯତ୍ନକାରୀ ଅନୁଷ୍ଠାନ ଦ୍ୱାରା ଦିଆଯାଇଥିବା ନାମ) | ୩ ବର୍ଷ (ଅନୁମାନିକ) | ପୁଅ | ଧରୁଆଡିହି ନିକଟରେ ରାଉରକେଲା ପଟୁ ଆସୁଥିବା ଡି.ଏମ୍.ୟୁ. ରେଳ ବଗିରେ ତା. ୧୯.୦୮.୨୦୧୭ |  |
| ୩ | ସ୍ନେହା | ଏକ ମାସ ୧୬.୧୧.୨୦୧୮ | ଝିଅ | ସରଗିଗଡ଼ ଗାଁ ଜଙ୍ଗଲ, କୋଇଡ଼ା ପୋଲିସ ଅଧୀନରେ ୧୬.୧୧.୨୦୧୮ |  |

Sd./- District Child Protection Officer, Sundargarh

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ଇସ୍ତାହାର ସଂଖ୍ୟା: ୧୨୬୩ ତା: ୧୨।୧୨।୨୦୧୮
ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛିକି ଯେ ନିମ୍ନଲିଖିତ ଅଜଣା ଶିଶୁକୁ ଉଦ୍ଧାର କରାଯାଇ ଶିଶୁମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲା ସ୍ଥିତ ଆଦୃତା ଶିଶୁ ସଦନ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥାରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ପିତାମାତା/ ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ-୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁଟିକୁ କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପଧାରା-୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।

| କ୍ର.ସଂ | ଶିଶୁଟିର ନାମ | ପୁଅ/ ଝିଅ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|
| ୧. | ରାଧା | ଝିଅ | କାଣ୍ଡସର, ଥାନା-ନାଲ୍‌କୋନଗର, ଜିଲ୍ଲା-ଅନୁଗୋଳ | ୧୦୬/ ତା-୩୦।୧୧।୧୮ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

ODISHA NURSES & MIDWIVES EXAMINATION BOARD
(Health & Family Welfare Department, Govt. of Odisha)
Directorate of Nursing, Heads of Deptt. Building, Bhubaneswar-1, Odisha
Email: odishanursingboard@gmail.com
No. **02** ON&MEB Dated: 10.12.2018
Tender Call Notice for of Bar coding & decoding of the Nursing Examination answer scripts etc. for ON&MEB preparation of merit list & provisional mark sheet
**No. 650-E:-** Odisha Nurses & Midwives Examination Board (ON&MEB), Odisha invites sealed tenders are invited from interested reputed travels agencies having GST registration, adequate experience in Bar coding and de-coding of (answer scripts), preparation of merit list & provisional mark sheet for ON&MEB. The detailed specifications and terms & conditions are available in the official websites i.e. www.nursingodisha.nic.in. Interested parties may submit their tender in a sealed cover superscribing "Tender for Coding / de-Coding of answer scripts for ON&MEB 2018-19" to the undersigned through Speed Post / Registered Post only which should reach on or before 02.01.2019 of 5PM positively. The quotation will be opened 04.01.2019 at 2.30PM. The undersigned reserves the right to reject any or all the tender without assigning any reason thereof.
*Sd./- Secretary*
*ON&MEB*
10058/11/0024/1819

OFFICE OF THE CHAIRMAN, DLSA, DHENKANAL
ADVERTISEMENT
**Dated, the 11 day of December, 2018**
Applications in the prescribed format are invited from the desirous candidates for recruitment to the 3 Posts of Jr. Clerk of District Legal Services Authority (DLSA)/ Jr. Clerk-cum-Typist of Taluk Legal Services Committee (TLSC) functioning under the territorial jurisdiction of DLSA, Dhenkanal. Such appointment shall be governed by the provisions of Odisha Group-C and Group-D Posts (Contractual Appointment) Rules, 2013.
**CATEGORYWISE VACANCY POSITION:**

| Name of the Post | S.T | S.C | SEBC | UR (w) | S.T | Total | Scale of Pay |
|---|---|---|---|---|---|---|---|
| Jr. Clerk, DLSA/ Jr. Clerk-cum-Typist, TLSC | 01 | 01 | 0 | 01 | 0 | 03 | Rs. 8800/- |

**NOTE:**
1. The number of Posts as indicated above may increase or decrease.
2. Reservation in respect of women, Physically Handicapped persons/Ex-Services-men/ Sports persons shall be as per applicable Rules.

**LAST DATE FOR RECEIPT OF APPLICATIONS:-**
The application along with the required documents and self attested copies of certificates must reach to the Office of the District & Sessions Judge-cum-Chairman, **District Legal Services Authority, Dhenkanal, At-ADR Building, Near Old S.P. Office, PO/Dist- Dhenkanal, Pin-759001** on or before 05.01.2019 either by Post or in person during office hours on each working day. Applications received in the office after the last date by any means shall be summarily rejected.
**N.B.:-** For format of Application, Eligibilities of the candiates, Fees for examination, Scheme of examination, Details of syllabus for each subject, List of documents to be submitted along with the application, kindly visit the below Web Link.
https://districts.ecourts.gov.in/dhenkanal and www.dhenkanal.nic.in
**Sd./- T.P. Rath**
**Chairman, District Legal Services Recruitment Committee, Dhenkanal**

GOVERNMENT OF ODISHA, "e"-PROCUREMENT NOTICE
**Bid Identification No. E.E. GTN(R&B)-07/2018-19**
No.999-B:- **E-mail address: eeghatagaon2015@gmail.com**
**Letter No. 3237** **Dt. 06.12.2018**

| | | | |
|---|---|---|---|
| 1. | Name of the work | : | Bridge Work |
| 2. | Numbers of work | : | 01 (One) |
| 3. | Estimated cost | : | Rs 35.89 Lakhs |
| 4. | Period of completion | : | 1(One) Month |
| 5. | Date & Time of availability of bid document in the portal | : | From 11.45 A.M of dt 13.12.2018 to 04.00 P.M of dt 20.12.2018 |
| 6. | Last Date/ Time for receipt of bids in the portal | : | 04.00 P.M of dt 20.12.2018 |
| 7. | Date of opening of Bid | : | 11.30 A.M of dt 21.12.2018 |
| 8. | Name and address of the officer inviting Bid | : | Ashok Kumar Giri Executive Engineer, Ghatagaon (R&B) Division |

Further details can be seen from the e-procurement portal https://tendersodisha.gov.in.
**Sd./- Executive Engineer,**
**Ghatagaon(R&B)Division**
34140/11/0010/1819

DADLS-216
ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ପ୍ରତିଯୋଗିତା
ତା. ୧୪.୧୨.୨୦୧୮ ସ୍ଥାନ : ଗୀତଗୋବିନ୍ଦ ସଦନ
**ପ୍ରବନ୍ଧ ପ୍ରତିଯୋଗିତା :** **ସମୟ - ମଧ୍ୟାହ୍ନ ୧୨ ଘଟିକା**
୧. ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨. ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩. ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)
- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ ସେମାନେ ନିର୍ଦ୍ଧାରିତ ସମୟର ଏକ ଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ଏକ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ବିଷୟବସ୍ତୁ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ ଉତ୍ତର ଖାତା ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ / ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା. ୧୪.୧୨.୨୦୧୮ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ପ୍ରଦାନ କରାଯିବ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ
15001/13/0488/1819

See Career Appointment on every Wednesday & Saturday

ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006, PHONE – 06854-242001, FAX – 06854242038, E-mail: sgmel_ukhep@ohpcltd.com, CIN:U40101OR1995SGC003963
TENDER CALL NOTICE No.- UKHEP - 25/2018-19, Dated 06.12.2018
**No.CAD-1119:-** Sealed tenders in duplicate are invited from Govt. registered 'C' & 'D' Class Contractors for the following work.

| Sl. No. | Description of Work | Estimated cost in (Rs.) | Cost of Tender Paper (Rs.) | EMD (Rs.) | Date for Sale of Tender Paper | Last date & Time of Receipt of Tenders | Date & Time of Opening of Tender |
|---|---|---|---|---|---|---|---|
| 1 | Supply & Fixing of PVC door shutters along with PVC door frames to "F" type quarters at Power House Colony, UKHEP, Bariniput. | 4,11,942/- | 2360/- (Rs.2000/- +18% GST) | 4120/- | From 10:00 hrs of 14.12.2018 to13:00 hrs of 28.12.2018 | Up to 16.00 hrs of 28.12.2018 | At 16.30 Hours of 28.12.2018 |

For details of tender documents, Terms & conditions, Eligibility criteria and downloading, please refer our website www.ohpcltd.com.
04002/11/0073/1819 Sd./- Unit Head, UKHEP, Bariniput



୪ଟି ପଦାର୍ଥ ଉପରେ ଭରସା କରନାହିଁ-ଜୟ କରାଯାଇ ନ ଥିବା ମନ, ଶତ୍ରୁମାନଙ୍କର ସ୍ନେହ, ସ୍ୱାର୍ଥୀମାନଙ୍କର ତୋଷାମଦ ଏବଂ ବଜାର ଜ୍ୟୋତିଷୀମାନଙ୍କ ଭବିଷ୍ୟବାଣୀ।

- ଗୌତମ ବୁଦ୍ଧ

## ସଂକ୍ଷେପରେ

### ମହିଳା ବକ୍ସିଂ ଦଳ ଚୟନ ପ୍ରକ୍ରିୟା ୧୫ରେ

**ସୁନ୍ଦରଗଡ, ୧୨।୧୨ (ଡି.ଏନ.ଏ)**- ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚଳିତବର୍ଷ ପାଇଁ ଜିଲାସ୍ତରୀୟ ମହିଳା ବକ୍ସିଂ ପ୍ରତିଭା ଚୟନ ପାଇଁ ଚଳିତ ମାସ ୧୫ ତାରିଖ ଶନିବାର ସ୍ଥିରୀକୃତ ହୋଇଛି। ଏହି ଚୟନ ପ୍ରକ୍ରିୟାରେ ଯୋଗ୍ୟ ବିବେଚିତ ଖେଳାଳି ଆସନ୍ତା ୨୩ରେ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଖେଳାଳି ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବେ। ସେହି ପ୍ରତିଯୋଗୀଠାରୁ ଯୋଗ୍ୟ ବିବେଚିତ ଖେଳାଳି କର୍ଣ୍ଣାଟକର ବେଲାରିଠାରେ ହେବାକୁ ଥିବା ଜାତୀୟ ବକ୍ସିଂ ଚାମ୍ପିୟନଶିପ୍‌ରେ ଭାଗନେବେ। ଜିଲାସ୍ତରୀୟ ଚୟନ ପ୍ରକ୍ରିୟା ୧୫ ତାରିଖ ସକାଳ ୮ଟାରେ ଆରମ୍ଭ ହେବ । ଆଶାୟୀପ୍ରାର୍ଥୀଙ୍କ ଜନ୍ମ ତାରିଖ ୧.୧.୧୯୭୮ ରୁ ୩୧.୧୨.୧୯୯୯ ମଧରେ ହୋଇଥିବା ଆବଶ୍ୟକ। ଖେଳାଳିମାନେ ବିଭିନ୍ନ ବର୍ଗରେ ଚୟନ ପାଇଁ ନିଜକୁ ପଞ୍ଜିକୃତ କରାଇବେ। ଏହି ପ୍ରକ୍ରିୟାରେ ଭାଗନେବା ପାଇଁ ଜିଲା ବକ୍ସିଂ ସମ୍ପାଦକ ଅନୀଲ ବହିଦାରଙ୍କୁ ୯୯୩୭୧୮୮୧୫୯ ନମ୍ବରରେ ଯୋଗାଯୋଗ କରିବେ। ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ କୁମାର ଭୋଲ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି।

### ବେରୋଜଗାରି, ପିସି ବନ୍ଦ ଦାବିରେ ଭାଜପା ଯୁବ ମୋର୍ଚ୍ଚାର ହରତାଳ

**ସୁନ୍ଦରଗଡ଼, ୧୨।୧୨ (ଡି.ଏନ୍.ଏ)**
-ଭାଜପା ଯୁବମୋର୍ଚ୍ଚା ସୁନ୍ଦରଗଡ ଶାଖା ତରଫରୁ ବେରୋଜଗାରୀ, ପିସିବନ୍ଦ ଦାବିରେ ସ୍ଥାନୀୟ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଆଶୀଷ ପଟେଲଙ୍କ ନେତୃତ୍ୱରେ ଦଳୀୟ କର୍ମୀ ନାରୀ କଲ୍ୟାଣ କେନ୍ଦ୍ରଠାରୁ ଏକ ଶୋଭାଯାତ୍ରାରେ ବାହାରି ଉଭୟ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବିଭାଗୀୟ ଅଧିକାରୀଙ୍କୁ ପିସି ବନ୍ଦ ପାଇଁ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୁମନମଣି ପଟେଲ, ସାଧାରଣ ସମ୍ପାଦକ ଅମୀୟ ପଟ୍ଟନାୟକ, ଉପସଭାପତି ଶ୍ରୀକାନ୍ତ ଭଞ୍ଜ, ମଣ୍ଡଳସଭାପତି ଦିଲୀପ ସେନାପତି, ଗୋପାଳ ବେଜି, ରିଙ୍କୁ ଦାସ, ଜିତେନ୍ଦ୍ର ପଟେଲ, ବଣ୍ଟି ରାଉତ, ଅମୃତ ବୁଡା, ସାଗର ଶର୍ମା ପ୍ରମୁଖ ସାମିଲ ଥିଲେ।

# ଦୁର୍ବଳ ହେଉଛି ଆହତ ଦନ୍ତାହାତୀ

**ବଡ଼ଗାଁ, ୧୨।୧୨ (ଡି.ଏନ.ଏ)**

**ବଡ଼ଗାଁ ବନଖଣ୍ଡ**
- ଶୁଣ୍ଢ, ଗୋଡରେ ହୋଇଛି କ୍ଷତ, ଆଣ୍ଠେଇ ଖାଦ୍ୟ ଖାଉଛି
- ନଜର ରଖିଛନ୍ତି ବନ କର୍ମଚାରୀ, ଚିକିତ୍ସାରେ ବିଳମ୍ବ ହେଉଛି

ସୁନ୍ଦରଗଡ ଜିଲା ବଡ଼ଗାଁ ବନଖଣ୍ଡ ଅଧିନକୁ ୨ବର୍ଷ ପୂର୍ବେ ଝାଡଖଣ୍ଡ ରାଜ୍ୟ ଜଙ୍ଗଲରୁ ଆସିଥିବା ହାତୀପଲ ମଧ୍ୟରୁ ଗୋଟିଏ ଆହତ ଦନ୍ତାହାତୀ କ୍ରମଶଃ ଦୁର୍ବଳ ଓ ଆକ୍ରମଣାତ୍ମକ ହେଉଥିବା ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀଙ୍କଠାରୁ ଜଣାପଡିଛି। ଦୁର୍ବଳ ହେଉଥିବାରୁ ହାତୀର ଜୀବନ ପ୍ରତି ବିପଦ ରହିଛି। ଆକ୍ରମଣାତ୍ମକ ହେଉଥିବାରୁ ଲୋକଙ୍କ ମଧ୍ୟରେ ଆତଙ୍କ ପ୍ରକାଶ ପାଇଛି। ହାତୀର ଚିକିତ୍ସାରେ ବିଳମ୍ବ ହେଉଥିବା ନେଇ ବଡ଼ଗାଁ ଫରେଷ୍ଟ ରେଞ୍ଜର ବିଜୟ କୁମାର ମହାପାତ୍ରଙ୍କୁ ପଚାରିବାରେ ସେ କହିଲେ, ହାତୀର ଚିକିତ୍ସା ପାଇଁ ପଦକ୍ଷେପ ନିଆଯାଉଛି। ବନ କର୍ମଚାରୀ ହାତୀକୁ ନଜରରେ ରଖିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରାପ୍ତବୟସ୍କ ଏହି ହାତୀର ଶୁଣ୍ଢ ଓ ଗୋଡରେ କ୍ଷତହୋଇ ସଂକ୍ରମିତ ହୋଇଥିବାରୁ ଆଣ୍ଠେଇ ଖାଦ୍ୟ ଖାଉଛି। ଗତ ସପ୍ତାହ କୁତ୍ରା ଅଞ୍ଚଳରେ ଥିବା ଆହତ ଦନ୍ତା ସୋମବାର ବଡ଼ଗାଁ ନିକଟ ମହାବୀର ପର୍ବତରେ ଅବସ୍ଥାନ କରୁଛି। ତେବେ ହାତୀର ଚିକିତ୍ସା କିପରି କରାଯିବ ତାକୁ ନେଇ ବନ୍ୟପ୍ରାଣୀ ଓ ବନ ବିଭାଗ ପଦକ୍ଷେପ ନେଇଥିଲେ ମଧ ଟ୍ରାଙ୍କୋଲାଇଜ୍ କରି ବହୁ ସଂଖ୍ୟକ ହାତୀ ମଧ୍ୟରୁ ଆହତ ହାତୀକୁ ଚିକିତ୍ସା କରିବା ଅତି କଷ୍ଟକର। ଟ୍ରାଙ୍କୋଲାଇଜ୍ କରିବା ମଧ ହାତୀର ସ୍ୱାସ୍ଥ୍ୟ ପ୍ରତି ବିପଦ ହୋଇପାରେ ବୋଲି ସୂତ୍ରରୁ ଜଣାପଡିଛି। ତେବେ ପ୍ରାୟ ଦେଢ଼ବର୍ଷ ହେଲା ଅଞ୍ଚଳରେ ହାତୀ ପଲଙ୍କ ଉପଦ୍ରବ ଜଙ୍ଗଲ ପାର୍ଶ୍ୱ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଦୈନିଦିନ ହାତୀପଲ ଫସଲ ନଷ୍ଟ କରିବା ସହ କିଛି ଦିନ ବ୍ୟବଧାନରେ ଘର ଭାଙ୍ଗି ଖାଦ୍ୟଶସ୍ୟ ଖାଇଯାଉଛନ୍ତି। ବାହାଲ ଜମିର ଧାନ ଫସଲ ଆଉ ଅଳ୍ପ ଦିନ ମଧ୍ୟରେ ଅମଳ ଶେଷ ହୋଇଯିବ। ଏହାପରେ ହାତୀପଲ ଖାଦ୍ୟ ପାଇଁ ଘର ଭାଙ୍ଗିବା ଆଶଙ୍କା ରହୁଛି। ବନବିଭାଗ ସ୍ଥାୟୀ ପ୍ରତିକାର କରିବା ଆବଶ୍ୟକ ହୋଇପଡ଼ିଛି।



ହାତୀପଲ ମଧ୍ୟରେ ଥିବା ଆହତ ଦନ୍ତା।

# ବଡ଼ଗାଁ ଲ୍ୟାମ୍ପ୍ସରେ ଶୁକ୍ରବାରରୁ ଧାନକିଣା

**ବଡ଼ଗାଁ, ୧୨।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଲ୍ୟାମ୍ପ୍ସରେ ଶୁକ୍ରବାର ଠାରୁ ଚାଷୀଙ୍କ ଧାନ କିଣାଯିବ। ଜଣେ ଚାଷୀ ୨ଶହ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିପାରିବେ। ଗୋଟିଏ ଦିନରେ ଜଣେ ଚାଷୀଠାରୁ ୬୦ କୁଇଣ୍ଟାଲ ଧାନ କିଣାଯିବ। ଧାନ କିଣିବା ପାଇଁ ବଡ଼ଗାଁ ଲ୍ୟାମ୍ପ୍ସ, ଜରଙ୍ଗଲୋଇ, ଦାଣ୍ଡଜମରା ଓ ଟିକିଲିପଡା ଗ୍ରାମରେ ମଣ୍ଡି ଖୋଲାଯାଇଛି। ଲ୍ୟାମ୍ପ୍ସ ଅଧିନ ବିଭିନ୍ନ ଗ୍ରାମର ପ୍ରାୟ ୧୪ ଶହ ଚାଷୀ ରେଜିଷ୍ଟ୍ରେସନ କରିଛନ୍ତି। ତେବେ ଅଞ୍ଚଳରେ ମରୁଡି ପରିସ୍ଥିତି ଦେଖାଦେଇଥିଲାବେଳେ ଜଣେ ଚାଷୀଙ୍କ ଠାରୁ ୨ଶହ କୁଇଣ୍ଟାଲ ଧାନ କିଣିବାକୁ କିପରି ସ୍ଥିର କରାଗଲା। ତାକୁ ନେଇ ଚର୍ଚ୍ଚା ଆଲୋଚନା ହେଉଛି। ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ମରୁଡି ହେଉ ବା ସ୍ୱଭାବିକ ସ୍ଥିତି ହେଉ ଯେତେ ପରିମାଣର ଧାନ କିଣାଯାଏ, ତାକୁ ଦେଖିଲେ ମରୁଡି ପରିସ୍ଥିତିରେ କମ୍ ଧାନ ଚାଷୀ ଦେବା କଥା। କିନ୍ତୁ ଭଲ ଅମଳ ହେଲାଭଳି ସ୍ଥିତି ପ୍ରତିବର୍ଷ ରହୁଥିବାରୁ ଏହା ପଛରେ ଯୋଜନାବଦ୍ଧ ଭାବେ ବ୍ୟବସାୟୀଙ୍କ ଧାନ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଥିବା ବୁଝାପଡ଼େ। ଚାଷୀମାନେ ତାଙ୍କ ଧାନ ବିକ୍ରି କାର୍ଡକୁ ଅସାଧୁ ବ୍ୟବସାୟୀଙ୍କୁ ଦେଇ ତାଙ୍କଠାରୁ ୫ଶହରୁ ୨ହଜାର ଟଙ୍କା ନେଇଥାନ୍ତି । ଏହି କାର୍ଡରେ ବ୍ୟବସାୟୀମାନେ ବାହାର ରାଜ୍ୟର ଧାନ ବିକ୍ରି କରିଥାନ୍ତି। ତେଣୁ ମରୁଡି ଯଦି ହୋଇଛି ତା'ହେଲେ ଜମିର ପରିମାଣ ଓ କିସମ ଦେଖି ତାଙ୍କଠାରୁ କାର୍ଡରେ କେତେ ଧାନ କିଣାଯିବ ନିର୍ଦ୍ଧାରିତ କରିବା ଆବଶ୍ୟକ। ଏଭଳି କରାଯାଉ ନ ଥିବାରୁ ଏହି ଅସାଧୁ କାରବାରରେ ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ଆଶଙ୍କା କରାଯାଉଛି ।



ତେଲେନଡିହରେ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

# ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା

**ଲେଫ୍ରିପଡା, ୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ତେଲେନଡିହି ସାଧୁ ଥୋମାସ ହାଇସ୍କୁଲରେ ଗିରିଙ୍ଗକେଲା ବିଜୁ ଯୁବବାହିନୀ ପକ୍ଷରୁ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବିଜୁ ଯୁବବାହିନୀ ସଭାପତି ବିଭୂତି ପଟେଲ ସଭାପତିତ୍ୱ କରିଥିଲେ। ସୁନ୍ଦରଗଡ ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପିତୃଶ ଟପୋ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ କ୍ରୀଡାର ବିଭିନ୍ନ ଦିଗ ଉପରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗିରିଙ୍ଗକେଲା ପଞ୍ଚାୟତର ନାଏବ ସରପଞ୍ଚ ସୁବାସ ମୁଣ୍ଡୁ, ସେଣ୍ଟ ଥୋମାସ୍ ହାଇସ୍କୁଲ ପ୍ରଧାନଶିକ୍ଷକ ସେଲବେସ୍ତର ଡୁଙ୍ଗଡୁଙ୍ଗ, ମିଶନ୍ ଉଚ୍ଚପ୍ରାଇମେରୀ ବିଦ୍ୟାଳୟର ଶିକ୍ଷକ ଶୀକାନ୍ତ ପଟେଲ ଯୋଗଦାନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲଙ୍ଗ୍‌ଜମ୍ପ, ହାଇଜମ୍ପ, ଦୌଡ, ସଟ୍‌ପୁଟ୍, ଜାଭ୍‌ଲିନ୍ ଥ୍ରୋ ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କ୍ରୀଡାଶିକ୍ଷକ ଲଳିତ ଖେସ୍ ଏବଂ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ କ୍ରୀଡା ପରିଚାଳନା କରିଥିଲେ। ବିଜୁ ଯୁବବାହିନୀ ସମ୍ପାଦକ ଘନଶ୍ୟାମ ଭୋଏ, ନିର୍ମଳ ନାଏକ, ସୁଶିତ୍ ଧୂଆ, ଡୋଲାମଣୀ କମାର, ମଦନ ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁରେ ପୋଡି ଗୁରୁତର ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**କୁଆଁରମୁଣ୍ଡା, ୧୨।୧୨(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କଚାରୁ ପଞ୍ଚାୟତର ରାମପୁର ଗ୍ରାମର ରବିନ ଓରାମଙ୍କ ନବ ବିବାହିତା ସ୍ତ୍ରୀ ଆଲ୍‌ମା ଓରାମ(୨୨)ଙ୍କର ବୁଧବାର ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ଏ ନେଇ ଖବରପାଇ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୪୮/୨୦୧୮) ରୁଜୁ କରିଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇ ଫାଣ୍ଡି ପୋଲିସ ମୃତକଙ୍କ ପରିବାରକୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ମୁତାବକ, ଗତ ୩ ତାରିଖରେ ଆଲମା ନିଜ ଘରେ ଷ୍ଟୋଭରେ ରୋଷେଇ କରୁଥିବା ବେଳେ ହଠାତ୍ ଷ୍ଟୋଭ୍ ଫାଟି ନିଆଁ ଛିଟିକି ପଡି ତାଙ୍କ ଶାଢୀରେ ଲାଗି ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ରାଉରକେଲା ଆଇଜିଏଚ୍‌ରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ।

# ବିଭିନ୍ନ ସ୍କୁଲରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ

**ନୂଆଗାଁ, ୧୨।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍କୁଲରେ ବୁଧବାର ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଯୋକେତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସୋରଡା କୋଇଲାଟୋଲି ବହୁଭାଷୀ ପ୍ରାଥମିକ ବିଦ୍ୟାଳୟ ସମେତ ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ପୋଷାକ, ଜୋତା, ମୁଜା ଆଦି ବଣ୍ଟନ କରାଯାଇଛି। ଯୋକେତା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଡମନିକା ଡୁଙ୍ଗଡୁଙ୍ଗ, ସହକାରୀ ଶିକ୍ଷୟିତ୍ରୀ ମିନତି ରାଉତରାୟ, ବନ୍ଧନୁ ବଡାଇକ ତଥା ସ୍କୁଲ କମିଟିର ସମସ୍ତ ସଭ୍ୟାସଭ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସେହିଭଳି କୋଇଲାଟୋଲି ସ୍କୁଲରେ ପୋଷାକ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିଆରସିସି ମଙ୍ଗଲ କେର୍କେଟା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅଗଷ୍ଟିଲା ବାର୍ଲା, ନିର୍ମଳା ତିର୍କି, ଶିକ୍ଷୟିତ୍ରୀ ପୁଷ୍ପା ଓରାମ, ସରୋଜିନୀ ଓରାମ, ସଞ୍ଜିତ ଲାକ୍ରା, ୱାର୍ଡ ମେମ୍ବର ବିରାଜ ଖାଲଖୋ, ସ୍କୁଲ କମିଟିର ସଭାପତି ଓ ସମସ୍ତ ସଭ୍ୟଙ୍କ ସହ ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ ।



ନୂଆଗାଁ ବ୍ଲକର ଏକ ବିଦ୍ୟାଳୟରେ ପୋଷାକ ବଣ୍ଟନ କାର୍ଯ୍ୟକ୍ରମରେ ଅତିଥି, ଛାତ୍ରୀଛାତ୍ର।

### ଦୁର୍ଘଟଣାରେ ଅଚିହ୍ନା ମହିଳାଙ୍କ ମୃତ୍ୟୁ ରହସ୍ୟ ଉନ୍ମୋଚିତ

# ଗାଡ଼ି ମଡ଼ାଇ ସାବତ ମା'ଙ୍କୁ ହତ୍ୟା, ବାପପୁଅ ଗିରଫ



ପୋଲିସ ଦ୍ୱାରା ଗିରଫ ବାପ, ପୁଅ।

**ଲହୁଣୀପଡା, ୧୨।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଗୌଡଣୀପୋଷ ଆମଚାତି ପୋଲ ନିକଟରେ ଗତ ୨୦ ତାରିଖ ବିଳମ୍ବିତ ରାତିରେ ଘଟିଥିବା ଦୁର୍ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଦୁର୍ଘଟଣାରେ ମୃତ ଅଚିହ୍ନା ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ ଆକିଲା ଖାତୁନ (୩୦)। ଏହା ଦୁର୍ଘଟଣା ନୁହେଁ, ଯୋଜନା ବଦ୍ଧ ଭାବେ ସାବତ ପୁଅ ଏମଡି ନଇମ (୨୬) ଟ୍ରକ୍ ଚଢ଼େଇ ସାବତ ମା'ଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଲହୁଣୀପଡା ପୋଲିସ ଘଟଣାର କୋଡିଏ ଦିନପରେ ରହସ୍ୟ ଉନ୍ମୋଚନ କରି ଅଭିଯୁକ୍ତ ପୁଅ ସହ ବାପାଙ୍କୁ ମଧ୍ୟ ଗିରଫ କରିଛି। ବୁଧବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଟ୍ରକ୍‌କୁ ପୋଲିସ ଜବତ କରିଛି।

ଗତ ୨୧ ତାରିଖ ଭୋର ଅଜଣା ଗାଡି ଧକ୍କାରେ ଅଜଣା ମହିଳାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ ଚଳାଇଥିଲା। ଶେଷରେ ଦୁର୍ଘଟଣାର ରହସ୍ୟକୁ ଉନ୍ମୋଚନ କରିବାରେ ସକ୍ଷମ ହୋଇଥିଲା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଏମଡି ଜୟମୁଲ (୪୫) ଝାରସୁଗୁଡା ଗାନ୍ଧୀଛକ ନିକଟସ୍ଥ ୯ନମ୍ବରରେ ପରିବାର ସହିତ ରହୁଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପୁଅ ଏମଡି ନଇମ (୨୬) ଟ୍ରକ ଚାଳକ ଭାବେ କାମ କରନ୍ତି। ଏମଡି ଜୟମୁଲଙ୍କ ପ୍ରଥମ ସ୍ତ୍ରୀ ମରିଗଲା ପରେ ସେ ଆକିଲା ଖାତୁନ (୩୦)ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। କିଛି ଦିନପରେ ଆକିଲାଙ୍କ ଉପରେ କାନ୍ଥ ପଡିଯିବାରୁ ସେ ଛୋଟି ହୋଇଯାଇଥିଲେ। ବାପ ପୁଅ ଟ୍ରକ ଚଳାଇବାକୁ ଗଲା ପରେ ଲୋକେ ଆକିଲା ପାଖକୁ ଆସୁଥିଲେ। ସ୍ୱାମୀ ଓ ପୁଅ ତାଙ୍କୁ ସନ୍ଦେହ କରିଥିଲେ। ସେଥିପାଇଁ ପରିବାରରେ ଅନେକ ସମୟରେ ଝଗଡା ଲାଗି ରହୁଥିଲା। ୧୯ ତାରିଖ ଆକିଲା ଖାତୁନଙ୍କୁ ତାଙ୍କ ସ୍ୱାମୀ ମାଡ ମାରିବାରୁ ସେ ରାଗି ଘରୁ ପଳେଇଯାଇ ସମ୍ପର୍କୀୟଙ୍କ ଘରେ ରହିଥିଲେ। ତାଙ୍କ ସାବତ ପୁଅ ନଇମଙ୍କୁ ଫୋନ କରିଥିଲେ। ପୁଅ ନଇମ ତାଙ୍କୁ ଝାରସୁଗୁଡା ବିଟିଏମ ଛକରୁ ନିଜ ଟ୍ରକ ଓଡି ୨୩ ଜି- ୭୫୭୬ ଯୋଗେ ଲହୁଣୀପଡା ଆଣୁଥିଲେ। ଆସିବା ସମୟରେ ପୁଅ ତାଙ୍କ ବାପାଙ୍କୁ ଫୋନରେ କଥା ହୋଇ ମାରିଦେବାର ଯୋଜନା କରିଥିଲେ। ରାତି ପ୍ରାୟ ତିନିଟା ବେଳେ ଆକିଲା ଖାତୁନ ପରିସ୍ରା ଯିବା ପାଇଁ କହିବାରୁ ପୁଅ ଟ୍ରକରୁ ଓହ୍ଲାଇ ଦେଇଥିଲେ। ପରିସ୍ରା ସାରି ଗାଡିକୁ ଆସିବା ସମୟରେ ଯୋଜନା ବଦ୍ଧ ଭାବେ ପୁଅ ନଇମ ଆକିଲା ଉପରେ ଗାଡି ଚଢ଼େଇ ଦେଇ ଫେରାର ହୋଇଯାଇଥିଲେ। ଅଚିହ୍ନା ମହିଳାଙ୍କ ପରିଚୟ ଖୋଜିବାର ତଦନ୍ତକାଳରେ ପୋଲିସ ରହସ୍ୟ ଉନ୍ମୋଚନ କରିଛି।

# ମାଙ୍ଗାନିଜ ବୋଝେଇ ଟ୍ରକ୍ ଜବତ

**ଟେନ୍‌ସା, ୧୨।୧୨ (ଡି.ଏନ.ଏ)**

କୋଇଡା ଥାନା ଅନ୍ତର୍ଗତ ପାଟମୁଣ୍ଡା ଗ୍ରାମପଞ୍ଚାୟତର ପୁଡାଢ଼ିହି ଜଙ୍ଗଲ ଭିତରେ ଚାଲିଥିଲା ମାଙ୍ଗାନିଜ ଚୋରି। ମଙ୍ଗଳବାର ଏକ ମାଙ୍ଗାନିଜ ବୋଝେଇ ଦଶ ଚକିଆ ଟ୍ରକ ନଂ. ଓଆର୍ ୦୯ଏଫ ୩୯୧୮କୁ ପୋଲିସ ଜବତ କରିଛି। ରାନୁମୁଣ୍ଡା ବସ୍ତି ନିକଟରୁ କୋଇଡାକୁ ଏହି ଟ୍ରକ୍ ଆସିଥିବାବେଳେ ପୋଲିସ ଖବର ପାଇଥିଲା। କୋଇଡା ଥାନା ଅଧିକାରୀ ସୁଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରିଥିଲେ। ଘଟଣାସ୍ଥଳରୁ ଗାଡିର ଡ୍ରାଇଭର ଫେରାର୍ ହୋଇଯାଇଛନ୍ତି। ଖଣି ଚୋରି ହେଉଥିବା ସ୍ଥାନରେ ଗାଇଁଲା, କୁରାଢ଼ୀ ଏବଂ ଶାବଳ ପଡି ରହିଥିବା ଦେଖିବାକୁ ମିଳିଥିଲା। ଖଣି ମାଫିଆ ବେଆଇନ ଭାବେ ଖଣିରୁ ମାଙ୍ଗାନିଜ ଚୋରି କରୁଥିଲେ। ଘଟଣାସ୍ଥଳରେ ବନ ବିଭାଗ ଅଧିକାରୀ ପହଞ୍ଚି ତନାଘନା ଆରମ୍ଭ କରିବା ସହ ଖଣି ଚୋରି ହେଉଥିବା ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ସାରା କୋଇଡା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଖଣି ଚୋରିକୁ ରୋକିବା ପାଇଁ ସରକାର ବିଭିନ୍ନ ପ୍ରଦକ୍ଷେପ ନେଇଥିବା ବେଳେ କୋଇଡା ଅଞ୍ଚଳରେ ହେଉଥିବା ଖଣି ଚୋରିକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।





ମାଙ୍ଗାନିଜ ବୋଝେଇ ଟ୍ରକ୍।

# ବ୍ଲକସ୍ତରୀୟ ନିଯୁକ୍ତି ପରାମର୍ଶ ଶିବିର

**ବାଲିଶଙ୍କରା, ୧୨।୧୨ (ଡି.ଏନ.ଏ)**

ବାଲିଶଙ୍କରା ବ୍ଲକ ପରିସରରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା ଅନ୍ତର୍ଗତ ବ୍ଲକସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ତଳସରା ବିଧାୟକ ଡ. ପ୍ରଫୁଲ୍ଲ ମାଝି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଡିଓ ଅଭିମନ୍ୟୁ ବେହେରା ସଭାପତିତ୍ୱ କରି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ପ୍ରଶାନ୍ତ ପଟେଲ, ଏବିଓ ଅଚ୍ୟୁତାନନ୍ଦ ପଟେଲ, ପିଏ କୁଞ୍ଜବିହାରୀ ପଟେଲ, ଆରଡିଏ କୋଡିନେଟର୍ ସନ୍ତୋଷ ଚୌଧୁରୀ, ବିପିଏମ ଅରବିନ୍ଦ ନାଏକ, ଜିପିଓ ନଗେନ୍ଦ୍ରନାଥ ନାଏକ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇ ନିଯୁକ୍ତି ନେଇ ନିଜେ ନିଜେ ସାମର୍ଥ୍ୟ ହୋଇପାରିବେ ବୋଲି ବିବରଣୀ ପ୍ରଦାନ କରିଥିଲେ। ଏହି ଶିବିରରେ ବିଭିନ୍ନ ୧୬ଟି କମ୍ପାନୀଗୁଡିକ ପ୍ରତିନିଧିତ୍ୱ କରିଥିଲେ। ଗ୍ରାମତରଙ୍ଗ, ସାହାଣୀ ଏକ୍ସପୋର୍ଟ, ଆଇସିଏ, ବ୍ଲାକପ୍ୟାନଅର ଭଳି ଅନେକ କମ୍ପାନୀ ଯୋଗଦେଇଥିଲେ। ଏଥିରେ ସାମିଲ ହେବା ପାଇଁ କୁଶଳି ଶ୍ରମିକମାନଙ୍କୁ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧୯ ପଞ୍ଚାୟତ ଯୁବତୀ ଯୁବକମାନେ ଯୋଗ ଦେଇ ପ୍ରଶିକ୍ଷଣ ନେବା ପାଇଁ ନାମ ପଞ୍ଜିକରଣ କରିଥିଲେ। ବିଭିନ୍ନ ବିଭାଗରେ ୧୮୫ ଜଣ ଯୋଗ୍ୟ ବିବେଚିତ ହୋଇଥିବା ଜଣାପଡିଥିଲା। ଶେଷରେ ବିପିଏମ ଅରବିନ୍ଦ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।

# କଚାରୁ ଯୁଜି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କୁଆଁରମୁଣ୍ଡା, ୧୨।୧୨(ଡି.ଏନ.ଏ)**

ସ୍କୁଲଗୁଡିକରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସହ ବୌଦ୍ଧିକ ବିକାଶରେ ସହାୟକ ହୋଇଥାଏ। ଏହା ସହ ସେମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ କ୍ରୀଡ଼ା ପ୍ରତିଯୋଗିତା ବିଶେଷ ଭୂମିକା ଗ୍ରହଣ କରିଥାଏ ବୋଲି ବୁଧବାର କଚାରୁ ଯୁଜି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ରାଉରକେଲା ଏନ୍‌ଆଇଟିର ଅବସରପ୍ରାପ୍ତ ଅଧ୍ୟକ୍ଷ ଡା.ସୋମନାଥ ମିଶ୍ର, ମୁଖ୍ୟବକ୍ତା ଭାବେ ରାଉରକେଲା ଡିଭାଇନ ଲାଇଫ ଏକାଡେମୀର ପ୍ରଧାନ ଶିକ୍ଷକ ରମାକାନ୍ତ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ନୌସେନା ଅଧିକାରୀ ସାଧବ ଚରଣ ମହାନ୍ତି ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସେହିପରି ଏହି କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଠୁରକା ସିଂ ଓ ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା ସମିତି ସଭାପତି ପଦ୍ମନ ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସ୍କୁଲର ପ୍ରଧାନଶିକ୍ଷକ ଶିବପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ବସନ୍ତ ବାରିକ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ ପ୍ରକାର ସହାୟତା କରିଥିଲେ।



କଚାରୁ ଯୁଜି ହାଇସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।